# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

■ Vol. 10, Issue. 261, Saturday, 13 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୧, ଶନିବାର, ୧୩ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 261, Saturday, 13 January 2024, Puri, Pages- 18, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୧, ଶନିବାର, ୧୩ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 261, Saturday, 13 January 2024, Puri, Pages- 18, Rs. 7/-    ■ ଦଶମ ବର୍ଷ, ସଂଖ୍ୟା-୨୬୧, ଶନିବାର, ୧୩ ଜାନୁଆରୀ ୨୦୨୪, ପୁରୀ, ୧୮ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ଶ୍ରୀନଅରରେ ଗଜପତିଙ୍କ ଆଚାର୍ଯ୍ୟବରଣ ନୀତି ସମ୍ପନ୍ନ

- ୭ ଶହ ବର୍ଷ ପରେ ଶ୍ରୀମନ୍ଦିରର ରୂପାନ୍ତରଣ ସମ୍ଭବ ହୋଇଛି : ମହାରାଜା
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୫ ଥାକିଆ ସୁରକ୍ଷା ବ୍ୟବସ୍ଥା
- ୪୪ ପ୍ଲାଟୁନ୍ ଫୋର୍ସ ସହ K୯ ଟିମ୍ ମୁତୟନ



ପୁରୀ(ବ୍ୟୁରୋ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯଜ୍ଞ କାର୍ଯ୍ୟ ପାଇଁ ଆଚାର୍ଯ୍ୟ ବରଣ ହୋଇଛି। ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଆଚାର୍ଯ୍ୟବରଣ ନୀତି ସମ୍ପନ୍ନ ହୋଇଛି। ଆଚାର୍ଯ୍ୟବରଣ ନୀତି ସମାପନ ପରେ ଗଜପତି ମହାରାଜ କହିଛନ୍ତି, ପ୍ରଶାସନ ଦ୍ୱାରା କରାଯାଇଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଭଲ କାମ। ଜଗନ୍ନାଥ ମହାପ୍ରଭୁ ସବୁ ଅସମ୍ଭବକୁ ସମ୍ଭବ କରିଛନ୍ତି। ଚତୁଃପାର୍ଶ୍ୱରେ କୋଠାବାଡ଼ି ଥିବାରୁ ମନ୍ଦିର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିଲା। ମେଘନାଦ ପାଚେରୀରୁ ୭୫ ମିଟର ଉଚ୍ଛେଦ ହୋଇ ପ୍ରକଳ୍ପ କାମ ହେଲା। ଶ୍ରୀମନ୍ଦିର ସୁରକ୍ଷା ପାଇଁ ପରିକ୍ରମା ପ୍ରକଳ୍ପ ଓ ମନ୍ଦିର ସୁରକ୍ଷା ଏକାନ୍ତ ଜରୁରୀ। ପୂର୍ବରୁ ମେଘନାଦ ପାଚେରୀ କଡ଼ରେ ଅଳିଆ ପଡୁଥିଲା, ଆଉ ପଡ଼ିବନି ବୋଲି ଗଜପତି କହିଛନ୍ତି। ୭ ଶହ ବର୍ଷ ପରେ ଶ୍ରୀମନ୍ଦିରର ରୂପାନ୍ତରଣ ସମ୍ଭବ ହୋଇଛି। ପରିକ୍ରମା ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ ଲାଗି ସବୁସ୍ତରରେ ପଦକ୍ଷେପ ନିଆଯାଇଛି। ୧୭ ତାରିଖ ପୌଷ ଶୁକ୍ଳ ପକ୍ଷ ଶୁଭଦିନରେ ହବ ପୂର୍ଣ୍ଣାହୁତି। ୧୫,୧୬, ୧୭ରେ ହୋମଯଜ୍ଞ ହେବ। ଯଜ୍ଞଶାଳାରେ ୪୮ ବ୍ରାହ୍ମଣ ବରଣ ହେବେ। ଚାରି ଦ୍ୱାରରେ ବେଦପାଠ ହେବ। ୬୦ ପଣ୍ଡିତ ଚାରି ବେଦ ପାଠ କରିବେ। ବିଶ୍ରାମ ଲାଗି ମଧ ବ୍ୟବସ୍ଥା ରହିଥିବା ବେଳେ ବାହାରେ ଭକ୍ତଙ୍କ ଲାଗି ସୁବିଧା କରାଯାଇଛି। ଅଘଟଣ ଘଟିଲେ କୌଣସି ସ୍ଥାନରେ ପହଞ୍ଚିବା ଲାଗି ଅଗ୍ନିଶମ ବାହିନୀ ଲାଗି କଷ୍ଟ ହେବ ନାହିଁ। ପୂର୍ବାପେକ୍ଷା ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇଛି। ଆଗରୁ ସେମାନଙ୍କ ଲାଗି ଅସୁବିଧା ଥିଲା ମାତ୍ର ବର୍ତ୍ତମାନ ଦୂର ହୋଇଛି।ସେପଟେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଚେଲିଛି ବ୍ୟାପକ ପ୍ରସ୍ତୁତି। ଶ୍ରୀସେତୁରୁ ଶ୍ରୀମାର୍ଗ, ଅଠରନଳାଠାରୁ ବଡ଼ଦାଣ୍ଡ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଆଲୋକିକରଣ ସହ ସଜେଇବାରେ ବ୍ୟସ୍ତ ପ୍ରଶାସନ। ଅନ୍ୟପକ୍ଷରେ ଶ୍ରୀସେତୁର କାର୍ଯ୍ୟ ଶେଷ ହୋଇଥିବା ବେଳେ କେବଳ ପ୍ରବେଶ ପଥର ସ୍ୱାଗତ ତୋରଣ କାମ ବାକି ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଶ୍ରୀମାର୍ଗ ରାସ୍ତା କାମ। ଆସନ୍ତାକାଲି ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ ବୋଲି ଜିଲ୍ଲାପାଳ କହିଛନ୍ତି।ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି। ୪୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ୧୨ ତାରିଖରୁ ୧୫ ତାରିଖ ଓ ୧୬ରୁ ୧୭ତାରିଖ ଦୁଇଟି ପର୍ଯ୍ୟାୟରେ ହୋଇଛି ସୁରକ୍ଷା ବ୍ୟବସ୍ଥା। ସାରା ସହରରେ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୁଇଭାଗରେ ବିଭକ୍ତ କରାଯାଇଛି।ଆଜିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ୪୪ ପ୍ଲାଟୁନ ପୋଲିସ ଫୋର୍ସ ସହ କ୯ ଟିମ୍ ମୁତୟନ ▶(ପୃଷ୍ଠା-୧୫)

## ସାଇବର ଅପରାଧକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ(ବ୍ୟୁରୋ)

ରାଜ୍ୟରେ ବଢୁଥିବା ସାଇବର ଅପରାଧକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ । ଏସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ। ବୃଦ୍ଧି ପାଉଥିବା ସାଇବର କ୍ରାଇମକୁ ରୋକିବା ଦିଗରେ ପୋଲିସର ପଦକ୍ଷେପ କାହିଁକି ଯଥେଷ୍ଟ ହେଉନାହିଁ ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ । ଏସବୁ ମାମଲାର ତଦନ୍ତ ନିରୁତ୍ସାହଜନକ ବୋଲି କୋର୍ଟ ମତ ଦେଇଛନ୍ତି । ପେଟିଏମ ଜରିଆରେ ଏକ ଠକେଇ ମାମଲାକୁ ନେଇ ସୁପ୍ରଭା ବେହେରାଙ୍କ ଆବେଦନର ଶୁଣାଣିରେ ହାଇକୋର୍ଟ କ୍ରାଇମ ଉଦେଶ୍ୟରେ ଏହି ମତ ରଖିଛନ୍ତି । ରାଜ୍ୟରେ କ୍ରାଇମର ତଦନ୍ତ କରୁଥିବା କ୍ରାଇମ ବ୍ରାଞ୍ଚ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଅପରାଧୀ ମାନେ ଅଧିକ ଅପରାଧ ଘଟାଇବାକୁ ସାହସ କରୁଛନ୍ତି ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ଏହାକୁ ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ସତ୍ୟପାଠ ଜରିଆରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ଥାନାରେ ପଞ୍ଜିକୃତ ସାଇବର ଅପରାଧ ଗୁଡିକର ତଦନ୍ତର ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ଡିଜି ସତ୍ୟପାଠ ଦାଖଲ କରିବେ ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ।

## ନିର୍ବାଚନ କମିଶନର ନିଯୁକ୍ତିକୁ ନେଇ ଆଇନକୁ ଅଟକାଇ ପାରିବେ ନାହିଁ : ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ

ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ୍ ଦେଇ ଗଠିତ ଏକ ପ୍ୟାନେଲ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଅନ୍ୟ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଏକ ନୂତନ ଆଇନକୁ ଚ୍ୟାଲେଞ୍ଜ କରୁଥିବା ଏକାଧିକ ଆବେଦନର ଏକତ୍ର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନର ନିଯୁକ୍ତି ସଂକ୍ରାନ୍ତ ଆଇନକୁ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି। ନୂଆ ଆଇନ ଉପରେ ରୋକ୍ ଲଗାଇବାକୁ ଆବେଦନ କରିଥିବା କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିକାଶ ସିଂହଙ୍କୁ ଖଣ୍ଡପୀଠ ଏହି ଆବେଦନର ନକଲ କେନ୍ଦ୍ରର ଓକିଲଙ୍କୁ ପ୍ରଦାନ କରିବାକୁ କହିଛନ୍ତି।ତେବେ, ଏହି ଆଇନକୁ ସ୍ଥଗିତ ରଖିବାକୁ କୋର୍ଟ ମନା କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି ଏବଂ କେନ୍ଦ୍ରକୁ ନୋଟିସ୍ ଜାରି କରିବେ ବୋଲି କହିଛନ୍ତି। 'ଆମେ ଆଇନଗତ ସଂଶୋଧନ ଉପରେ ରୋକ୍ ଲଗାଇପାରିବୁ ନାହିଁ' ବୋଲି ଜଷ୍ଟିସ୍ ଖାନ୍ନା କହିଛନ୍ତି। ସିଇସି ଓ ନିର୍ବାଚନ କମିଶନର ଚୟନ ପାଇଁ କ୍ଷମତାପ୍ରାପ୍ତ ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେବା ନେଇ ବିବାଦ ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟରେ ଏକାଧିକ ପିଟିସନ୍ ଦାଖଲ ହୋଇଛି। ସିଇସି ଓ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ଏକ ନିରପେକ୍ଷ ଓ ସ୍ୱାଧୀନ ଚୟନ କମିଟି ଗଠନ କରି ସ୍ୱାଧୀନ ଓ ସ୍ୱଚ୍ଛ ଚୟନ ବ୍ୟବସ୍ଥା ଲାଗୁ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ▶(ପୃଷ୍ଠା-୧୫)

## ଭିଜିଲାନ୍ସ ଜାଲରେ ଟ୍ରାଫିକ ଇନ୍ସପେକ୍ଟର

ଭୁବନେଶ୍ୱର(ବ୍ୟୁରୋ)

ଗାଡ଼ିରେ ବିଡ଼ାବିଡ଼ା ନୋଟ ନେଇ ଘରକୁ ଯାଉଥିଲେ ଟ୍ରାଫିକ ଇନସପେକ୍ଟର। ବାଟରୁ ଟ୍ରାଫିକ ଇନସପେକ୍ଟରଙ୍କୁ ମାଡ଼ି ବସିଲା ଭିଜିଲାନ୍ସ। ତାଳଚେର ଟ୍ରାଫିକ୍ ଇନିସପେକ୍ଟର ଜିତେନ୍ଦ୍ର ବେହେରାଙ୍କ ଗାଡ଼ିରୁ ଭିଜିଲାନ୍ସ ୧୧, ୧୫, ୪୭୦ ଟଙ୍କା ଜବତ କରିବା ସହ ତାଙ୍କ ଘରୁ ପୁଳାପୁଳା ଟଙ୍କାସହ ସୁନା ଅଳଙ୍କାର ଜବତ କରିଛି। ଜିତେନ୍ଦ୍ରଙ୍କ ପାଖରୁ ମୋଟ୍ ୨୫ ଲକ୍ଷ ଟଙ୍କା ଜବତ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।ଗତକାଲି ବିଳମ୍ବିତ ରାତିରେ ଜିତେନ୍ଦ୍ର ନିଜ କାରରେ ତାଳଚେରୁ ଟଙ୍କାବ୍ୟାଗ ଧରି ନିଜ ଘର ଅସ୍ତରଙ୍ଗ ଆସୁଥିବା ଭିଜିଲାନ୍ସ କୌଣସି ସୂତ୍ରରୁ ଖବର ପାଇଥିଲା। ବାଲିଅନ୍ତାରେ ନିକଟରେ ▶(ପୃଷ୍ଠା-୧୫)

# ରାଷ୍ଟ୍ର ଉଦ୍ଦେଶ୍ୟରେ ଅଟଳ ସେତୁ ସମର୍ପିତ

- ପ୍ରଧାନମନ୍ତ୍ରୀ ମୋଦି କଲେ ଉଦ୍‌ଘାଟନ
- ଖର୍ଚ୍ଚ ହୋଇଛି ୧୮ ହଜାର କୋଟି ଟଙ୍କା
- ଏହା ମୁମ୍ବାଇ ଓ ନଭୀ ମୁମ୍ବାଇକୁ ଯୋଡ଼ିବ
- ୨୧.୮ କିଲୋମିଟର ଦୀର୍ଘ ଓ ୬ ଲେନ୍ ବିଶିଷ୍ଟ ସେତୁ




ମୁମ୍ବାଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅଟଳ ସେତୁର ଲୋକାର୍ପଣ କରିଛନ୍ତି। ଏହା ହେଉଛି ଦେଶର ଦୀର୍ଘତମ ସମୁଦ୍ର ସେତୁ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାଁରେ ଏହାକୁ ନାମିତ କରାଯାଇଛି। ଏହା ମୁମ୍ବାଇ ଓ ନଭି ମୁମ୍ବାଇକୁ ସଂଯୋଗ କରୁଛି। ଏହି ସେତୁର ଲମ୍ବ ୨୧.୮ କିଲୋମିଟର। ଏଥିରୁ ୧୬.୫ କିଲୋମିଟର ସମୁଦ୍ର ଉପରେ ରହିଛି। ବାକି ଅଂଶ ଭୂମି ଉପରେ ରହିଛି। ଅଟଳ ସେତୁ ମୁମ୍ବାଇର ସେୱରୀରୁ ବାହାରି ରାୟଗଡ଼ ଜିଲ୍ଲାର ଦହୱା ଶେୱାରେ ଶେଷ ହୋଇଛି। ଏହି ସେତୁରେ ୬ଟି ଲେନ୍ ରହିଛି। ଏହାକୁ ନିର୍ମାଣ କରିବାକୁ ୧୭, ୮୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ସେତୁ ଭାରତୀୟ ଇଞ୍ଜିନିୟରିଂର ଏକ ବଳିଷ୍ଠ ଉଦାହରଣ। ଅଟଳ ସେତୁ ଯୋଗୁ ମୁମ୍ବାଇ-ନଭି ମୁମ୍ବାଇ ମଧ୍ୟରେ ଯା'ଆସ କରିବାର ସମୟ ହ୍ରାସ ପାଇଯିବ। ପୂର୍ବରୁ ମୁମ୍ବାଇରୁ ନଭି ମୁମ୍ବାଇକୁ ୨ ଘଣ୍ଟା ଲାଗୁଥିବା ବେଳେ ଏବେ ୧୫ରୁ ୨୦ ମିନିଟ୍ ଲାଗିବ।ଏହା ସେତୁ ଯୋଗୁ ଟ୍ରାଫିକ୍ ସମସ୍ୟା ଦୂର ହେବ। ଉଭୟ ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯୋଗାଯୋଗକୁ ଏହି ସେତୁ ଉନ୍ନତ କରିବ। ମୁମ୍ବାଇରୁ ପୁନେ, ଗୋଆ ଓ ଦକ୍ଷିଣ ଭାରତକୁ ଯାତ୍ରା କରିବାକୁ ଯେତିକି ସମୟ ଲାଗୁଥିଲା, ତାହା ହ୍ରାସ ପାଇଯିବ। ମୁମ୍ବାଇ ବନ୍ଦର ଓ ଜବାହରଲାଲ ନେହରୁ ବନ୍ଦର ମଧ୍ୟରେ ଯୋଗାଯୋଗକୁ ଉନ୍ନତ କରିବ।୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଟଳ ସେତୁର ଶିଳାନ୍ୟାସ କରିଥିଲେ। ଏହାକୁ ନିର୍ମାଣ କରିବାକୁ ୭ ବର୍ଷ ଲାଗିଗଲା। ଅଟଳ ସେତୁ ଉପରେ ସମସ୍ତ ପ୍ରକାର ଗାଡ଼ି ଚଳାଚଳ କରିପାରିବ ନାହିଁ। ମୋଟର ସାଇକେଲ, ମୋପେଡ୍, ତିନି ଚକିଆ ଯାନ, ଟ୍ରାକ୍ଟର ଓ ପ୍ରାଣୀଧନଙ୍କୁ ନେଇ ଯାଉଥିବା ଗାଡ଼ି ତଥା ଧିମା ଗତିରେ ଚାଲୁଥିବା ଗାଡ଼ିଗୁଡ଼ିକ ଏହା ଉପରେ ଚାଲି ପାରିବ ନାହିଁ।ଅଟଳ ସେତୁ ଉପରେ କାର, ଟ୍ୟାକ୍ସି, ହାଲୁକା ମୋଟର ଯାନ, ମିନି ବସ୍ ଓ ଟୁ ଏକ୍ସେଲ ବସ୍ ଗୁଡ଼ିକ ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାଇପାରିବେ। ସେତୁରେ ପ୍ରବେଶ କରିବା ତଥା ସେତୁରୁ ବାହାରିବା ବେଳେ ଗାଡ଼ିର ବେଗ ଘଣ୍ଟା ପ୍ରତି ୪୦ କିମି ରଖିବାକୁ କୁହାଯାଇଛି। ଏହି ସେତୁରେ ଯାତ୍ରା କରିବା ପାଇଁ ଯେଉଁ ଟୋଲ୍ ଆଦାୟ କରିବାକୁ ସ୍ଥିର ▶(ପୃଷ୍ଠା-୧୫)

# ଏସ୍‌ଆଇ ଚୟନରେ ବ୍ୟାପକ ଅନିୟମିତତା ଅଭିଯୋଗ

## ରିକ୍ରୁଟମେଣ୍ଟ ବୋର୍ଡ ଓ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ (ବ୍ୟୁରୋ)



ପୋଲିସ ସ୍ୱ ଇନ୍ସପେକ୍ଟର ଚୟନରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ । ରିଟିନ ଏଗଜାମ ବେଳେ ଭୁଲ ପ୍ରଶ୍ନପତ୍ର ଦିଆଯାଇଥିଲେବି, ସେ ସଂକ୍ରାନ୍ତରେ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ କୌଣସି ପଦକ୍ଷେପ ନେଲାନାହିଁ । ଏପରିକି ଫାଇନାଲ ମେରିଟ ଲିଷ୍ଟ ପ୍ରକାଶ ପାଇଲା ବେଳକୁ କଟ ଅଫ୍ ମାର୍କରେ ମଧ ଜାଲିଆତି ହୋଇଥିବାର ଅଭିଯୋଗ ହୋଇଛି । ତେବେ ଏସବୁକୁ ଆଧାର କରି ହାଇକୋର୍ଟରେ ଦାୟର ହୋଇଥିବା ମାମଲାର ଆଜି ଶୁଣାଣି ହୋଇଛି । ଓଡିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ଼ ଏବଂ ସରକାରଙ୍କୁ ଆଜି ହାଇକୋର୍ଟ ଜବାବ ତଲବ କରିଛନ୍ତି । ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ୪୭୭ଟି ପୋଲିସ ଏସ୍ ?ଆଇ ପୋଷ୍ଟ ପାଇଁ ୨୦୨୧ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଲିଖିତ ପରୀକ୍ଷା ଚାଲିଥିବା ବେଳେ ପେପର ୧ ବଦଳରେ ଭୁଲରେ ଖୋଲାଯାଇଥିଲା ପେପର ୨ । ଯାହାଦ୍ୱାରା ପ୍ରଶ୍ନପତ୍ର ବିଭ୍ରାଟ ହେବାର ମଧ ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ ସେବାବାଦୀୟ ଉପଯୁକ୍ତ ପଦକ୍ଷେପ ନନେଇ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ରେଜଲ୍ଟ ପ୍ରକାଶ କରିଛି, ଏପରିକି କଟଅପ ମାର୍କ ୧୮୫ ରଖାଯାଇଥିବା ବେଳେ ଫାଇନାଲ ମେରିଟ ଲିଷ୍ଟରେ କଟଅପ ମାର୍କ ୧୭୨ ବୋଲି ଉଲ୍ଲେଖ କରାଯାଇଛି । ଆସନ୍ତା ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆଜି ଦିନ ଧାର୍ଯ୍ୟ ହୋଇଛି ।

## ସେ କହିଲେ...



ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବାର ପୁଣ୍ୟ ଅବସର ମିଳିଥିବାରୁ ପ୍ରଭୁଙ୍କୁ କୃତଜ୍ଞତା ଜଣାଉଛି । ଅଯୋଧ୍ୟାରେ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ଆଉ ମାତ୍ର ୧୧ ଦିନ ରହିଛି। ଏହି ପୁଣ୍ୟ ଅବସରର ସାକ୍ଷୀ ହେବା ପାଇଁ ମୋତେ ସୁଯୋଗ ମିଳିଥିବାରୁ ନିଜକୁ ସୌଭାଗ୍ୟଶାଳୀ ମନେ କରୁଛି। ପ୍ରାଣ ପ୍ରତିଷ୍ଠା ସମୟରେ ସମଗ୍ର ଭାରତବାସୀଙ୍କ ପ୍ରତିନିଧିତ୍ୱ କରିବା ନିମନ୍ତେ ପ୍ରଭୁ ମୋତେ ମାଧ୍ୟମ କରିଛନ୍ତି। ଏହାକୁ ଧ୍ୟାନରେ ରଖି ଆଜିଠୁ ୧୧ ଦିନର ବିଶେଷ ଅନୁଷ୍ଠାନର ଆରମ୍ଭ କରୁଛି। ଏପରି ସମୟରେ ନିଜ ଭାବନାକୁ ଶବ୍ଦରେ ପରିପ୍ରକାଶ କରିବା ଖୁବ୍ କଷ୍ଟକର।

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

## ବଡ଼ ଅକ୍ଷରରେ ଲେଖିବେ ଡାକ୍ତର

# ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମା

ଭୁବନେଶ୍ୱର(ବ୍ୟୁରୋ)



ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପର ହେଲେ ରାଜ୍ୟ ସରକାର। ଡାକ୍ତରମାନଙ୍କୁ ପରିଷ୍କାର ଅକ୍ଷରରେ ଲେଖିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟ ଶାସନ ସଚିବ। ଡାକ୍ତରୀ ଚିଠା, ପିଏମ୍ ରିପୋର୍ଟ ପ୍ରାଞ୍ଜଳ ଭାବେ ଲେଖିବାକୁ ନିର୍ଦ୍ଦେଶ ଦେଲେ। କ୍ୟାପିଟାଲ ଲେଟର, ଟାଇପ୍ କିମ୍ବା ଗୋଲ୍ ଗୋଲ୍ ଲେଖିବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି ନିର୍ଦ୍ଦେଶ। ଲେଖା ଏମିତି ହେବା ଦରକାର ଯେମିତି କିଛି ସଂଶୟ ଉପୁଜୁନଥିବ ବୋଲି ନିର୍ଦ୍ଦେଶନାମାରେ ଲେଖାଯାଇଛି। ଡାକ୍ତରଙ୍କ ହାତ ଲେଖା ପ୍ରେସ୍‌କ୍ରିପ୍‌ସନ୍ କୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଥିଲା। ସେହି ପ୍ରେସକ୍ରିପ୍‌ସନ୍, ଶବ ବ୍ୟବଚ୍ଛେଦ ଓ ଅନ୍ୟାନ୍ୟ ରିପୋର୍ଟ ଗୁଡ଼ିକ ସାଧାରଣ ଲୋକ ପଢ଼ି ପାରୁନଥିଲେ। ଏପରିକି ପ୍ରଶାସନିକ ଅଧିକାରୀମାନେ ପଢ଼ିପାରୁନଥିଲେ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ଓଡିଶା ହାଇକୋର୍ଟ। ପ୍ରେସ୍‌କ୍ରିପ୍‌ସନ୍ ଓ ଅନ୍ୟାନ୍ୟ ରିପୋର୍ଟ ଗୋଡ଼ିକୁ ସ୍ପଷ୍ଟ ଭାବେ ବା କେପିଟାଲ୍ ଅକ୍ଷରରେ(ସମସ୍ତେ ପଢ଼ି ପାରୁଥିଲା ପରି ଅକ୍ଷରରେ) ଲେଖିବାକୁ ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟ ପରାମର୍ଶ ଦେଇଥିଲେ।

## ଲକ୍ଷ୍ୟସ୍ଥଳ ଭେଦ କଲା ନୂଆ ପିଢ଼ି ଆକାଶ କ୍ଷେପଣାସ୍ତ୍ର

ବାଲେଶ୍ୱର(ଅମୃତ ମିଡିଆ)

ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ – ଡିଆରଡିଓ ଆଜି ସଫଳତାର ସହ ଆକାଶ କ୍ଷେପଣାସ୍ତ୍ରର ପରୀକ୍ଷା କରିଛି। ଏହାକୁ ଆକାଶ କ୍ଷେପଣାସ୍ତ୍ର ଏନଜି (ନ୍ୟୁ ଜେନେରେସନ) କୁହାଯାଉଛି। ଓଡିଶାର ଚାନ୍ଦିପୁର ଉପକୂଳବର୍ତ୍ତୀ ସମନ୍ୱିତ ପରୀକ୍ଷଣ ପରିସରରୁ ଅତି କମ ଉଚ୍ଚରୁ ଏହି କ୍ଷେପଣାସ୍ତ୍ର ମାନବବିହୀନ ଲକ୍ଷ୍ୟସ୍ଥଳକୁ ପଠାଯାଇଥିଲା। ଏହି କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ଲକ୍ଷ୍ୟସ୍ଥଳରେ ସଫଳତାର ସହ ପହଂଚି ଥିଲା ଓ ଧ୍ୱଂସ କରିଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ପିଢ଼ିର ଆକାଶ କ୍ଷେପଣାସ୍ତ୍ର କ୍ଷିପ୍ର ବେଗରେ ଆକ୍ରମଣ ପାଇଁ ସକ୍ଷମ। କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣରେ ଏହାର ସମସ୍ତ ଲକ୍ଷ୍ୟ ହାସଲ ହୋଇଥିବା କୁହାଯାଇଛି। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ, ଭାରତୀୟ ବାୟୁସେନା, ପ୍ରତିରକ୍ଷା ଶିଳ୍ପକୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ବ୍ୟବସ୍ଥା ଦେଶର ବାୟୁ ପ୍ରତିରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିବ।

# କୃଷି ଓଡ଼ିଶା ୨୦୨୪ ଉଦ୍‌ଘାଟିତ

## ମା'ମାନଙ୍କ ସଶକ୍ତୀକରଣ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)




ମା'ମାନଙ୍କ ଉନ୍ନତି କେବଳ ଏକ ପରିବାରକୁ ନୁହେଁ, ସାରା ସମାଜକୁ ତାହାର ଲାଭ ମିଳିଥାଏ। ସେମାନଙ୍କ ସଶକ୍ତୀକରଣ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ମିଶନ ଶକ୍ତି ଜରିଆରେ ମା'ମାନେ ବିକାଶର ସବୁ କ୍ଷେତ୍ରରେ ସହଯୋଗୀ ହୋଇପାରିଛନ୍ତି। କୃଷି କ୍ଷେତ୍ରରେ ସେମାନଙ୍କୁ ଆହୁରି ଆଗକୁ ଯିବାର ସମୟ ଆସିଛି। କୃଷି ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ବହୁତ ସୁଯୋଗ ରହିଛି। ମିଶନ ଶକ୍ତି, ମିଲେଟ୍ ମିଶନ, କଫି ମିସନ ଭଳି ବହୁ କାର୍ଯ୍ୟକ୍ରମ ଜାରି ରହିଛି। ଏକ୍ଷେତ୍ରରେ ସେମାନେ ଆଗକୁ ବଢ଼ିବା ଦରକାର। ଚାଷୀମାନଙ୍କ ବିକାଶ ଓ କଲ୍ୟାଣ ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେଉଛୁ। କାଳିଆ ଯୋଜନା ଚାଷୀମାନଙ୍କ ପାଇଁ ବହୁତ ଭଲ କାମ କରୁଛି। ଏହି ଯୋଜନାକୁ ଆହୁରି ବ୍ୟାପକ କରାଯାଇଛି ଯାହା ଦ୍ୱାରା ଆହୁରି ଅଧିକ ଚାଷୀ ପରିବାରର ପିଲାମାନଙ୍କୁ ଶିକ୍ଷା ବୃତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ କୃଷିରେ ମହିଳାମାନଙ୍କ ସଫଳତାର ପାଳନ' ବିଷୟବସ୍ତୁ ଉପରେ ଶୁକ୍ରବାରଠାରୁ ଜନତା ମଇଦାନରେ ସମ୍ପର୍କିତ ଆରମ୍ଭ ହୋଇଥିବା କୃଷି ଓଡ଼ିଶା ୨୦୨୪କୁ ଉଦ୍‌ଘାଟନ କରିବା ଅବସରରେ ସେ କୃଷି କ୍ଷେତ୍ର ପ୍ରତି ମହିଳାମାନଙ୍କ ଯୋଗଦାନକୁ ଉଲ୍ଲେଖନୀୟ ବୋଲି କହିଛନ୍ତି। କୃଷି କ୍ଷେତ୍ରରେ ରହିଥିବା ସୁଯୋଗକୁ ବ୍ୟବହାର କରି ଆଗକୁ ବଢ଼ିବା ଲାଗି ସେ ରାଜ୍ୟର ମହିଳାମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ତମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗତ ୨୨ ବର୍ଷ ଭିତରେ ଓଡ଼ିଶା ଅନାହାରରୁ ଏକ ଖାଦ୍ୟ ବଳକା ▶(ପୃଷ୍ଠା-୧୫)






ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

ଶୁଭ ସକାଳ




# ସୁସ୍ଥ ଜୀବନଶୈଳୀ



ବାର୍ଦ୍ଧକ୍ୟରେ ଅସ୍ଥିମଜାରୁ ଖଣିଜ ଅଂଶ ଓ ତନ୍ତୁର ମାତ୍ରା ହ୍ରାସ ପାଇଲେ ଏହା ଦୁର୍ବଳ ହୋଇଯାଏ ଓ ଅଳ୍ପ ଆଘାତରେ ହାଡ଼ ଭାଙ୍ଗିଯାଏ। ଏହି ରୋଗକୁ 'ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ' କୁହାଯାଏ। ଅନେକ ସମୟରେ କୌଣସି ଲକ୍ଷଣ ପ୍ରକାଶ ପାଇନଥାଏ। କିନ୍ତୁ ବେଳ ହୁଁ ସାବଧାନ ନ ହେଲେ ହାଡ଼ ଭାଙ୍ଗିବାର ଆଶଙ୍କା ବଢ଼ିଯାଏ। ଏନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୨୦ ତାରିଖକୁ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ' ଭାବେ ପାଳନ କରାଯାଏ। ଆଜିକାଲି ପ୍ରାୟ ମହିଳା ଅଷ୍ଟିଓପୋରୋସିସ୍‌ରେ ଆକ୍ରାନ୍ତ। ସାଧାରଣତଃ ଏହି ରୋଗ ମହିଳାମାନଙ୍କଠାରେ ଋତୁସ୍ରାବ ବନ୍ଦ ହେବା ପରେ ଦେଖାଯାଇଥାଏ। ଅସ୍ଥିରୁ ଖଣିଜ ଅଂଶ ଓ ତନ୍ତୁର ମାତ୍ରା ହ୍ରାସ ପାଇବା ଯୋଗୁଁ ଏହି ରୋଗ ହୋଇଥାଏ। ଏହି ରୋଗ ଆରମ୍ଭରୁ କୌଣସି ଲକ୍ଷଣ ପ୍ରକାଶ ପାଇନଥାଏ। କିନ୍ତୁ ଜଣାପଡ଼ିବା ବେଳକୁ ବହୁ ବିଳମ୍ବ ହୋଇସାରିଥାଏ। ତେଣୁ ଠିକ୍ ସମୟରେ ଏହାର ପ୍ରତିକାର ଜରୁରୀ।

## ଏହି ରୋଗର ଲକ୍ଷଣ, କାରଣ

'ଅଷ୍ଟିଓପୋରୋସିସ୍' ମୁଖ୍ୟତଃ ବାର୍ଦ୍ଧକ୍ୟ ଅବସ୍ଥାରେ ଦେଖାଯାଉଥିଲେ ମଧ୍ୟ ଏହାର ଅନ୍ୟ କାରଣ ରହିଛି। ଏଥିପାଇଁ ଏହା ବେଳେ ବେଳେ କମ୍ ବୟସ୍କଙ୍କଠାରେ ମଧ୍ୟ ଦେଖାଯାଇଥାଏ। ବାର୍ଦ୍ଧକ୍ୟ ଛଡ଼ା ଅତ୍ୟଧିକ ମଦ୍ୟପାନ ଓ ଧୂମପାନ, ଭିଟାମିନ୍ ଡି ଓ କ୍ୟାଲ୍‌ସିୟମ୍‌ର ଅଭାବ, ବ୍ୟାୟାମର ଅଭାବ, ଷ୍ଟେରଏଡ୍‌ଯୁକ୍ତ ଔଷଧର ଅଧିକ ସେବନ, ଅତ୍ୟଧିକ କମ୍ ଓଜନ, ବିଭିନ୍ନ ହରମୋନ୍ ଯଥା ଇଷ୍ଟ୍ରୋଜେନ୍‌ର ଅଭାବ, ପାରାଥାଇରଏଡ୍ ହରମୋନ୍‌ର ଆଧିକ୍ୟ, ରୁମାଟଏଡ୍ ଆର୍ଥ୍ରାଇଟିସ୍ ଭଳି ଗଣ୍ଠିବାତ ରୋଗ ଓ ବୃକକ୍ ବା ଯକୃତରେ କୌଣସି ଦୀର୍ଘସ୍ଥାୟୀ ରୋଗ ଏହାର ମୁଖ୍ୟ କାରଣ।

## ଏହି ରୋଗକୁ କେମିତି ଚିହ୍ନଟ କରିବେ ?

ସାଧାରଣତଃ ଅସ୍ଥିକ୍ଷୟତା ବା ଅଷ୍ଟିଓପୋରୋସିସ୍ ପ୍ରଥମ ପର୍ଯ୍ୟାୟରେ ଯନ୍ତ୍ରଣାବିହୀନ ହୋଇଥାଏ। ତେଣୁ ବହୁ ଲୋକଙ୍କ କ୍ଷେତ୍ରରେ ଏହା ଚିହ୍ନିବା ସମ୍ଭବ ହୁଏନାହିଁ। ସାମାନ୍ୟ କୌଣସି ଆଘାତ ବାଜି ହାଡ଼ ଭାଙ୍ଗିଯିବା ପରେ ଏହି ରୋଗର ଚିହ୍ନଟ ହୋଇଥାଏ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥାଏ। ପ୍ରଥମରୁ ଏହି ରୋଗର ଚିହ୍ନଟ ପାଇଁ 'ବୋନ୍ ମିନେରାଲ୍ ଡେନ୍‌ସିଟି' (ବିଏମ୍‌ଡି) ପରୀକ୍ଷା କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପରିଭାଷାରେ ଡେକ୍ସାସ୍କାନ୍ ଟି ସ୍କୋର ୨.୫ରୁ କମ୍ ରହିଲେ ଏହାର 'ଅଷ୍ଟିଓପୋରୋସିସ୍' କୁହାଯାଏ। ଯଦି ଏହା -୧ରୁ -୨.୫ ମଧ୍ୟରେ ରୁହେ, ତେବେ ଏହାକୁ ଅଷ୍ଟିଓପିନିଆ କୁହାଯାଏ।

## ଏଥିପାଇଁ କ'ଣ ସବୁ ଚିକିତ୍ସା ବ୍ୟବସ୍ଥା ରହିଛି ?

ରୋଗ ଚିହ୍ନଟ ପରେ ରୋଗୀମାନେ ନିୟମିତ କ୍ୟାଲ୍‌ସିୟମ୍ ଓ ଭିଟାମିନ୍-ଡି ଖାଇବା ଆବଶ୍ୟକ। ଏହା ଅସ୍ଥି ନିର୍ମାଣରେ ସହାୟକ ହୋଇଥାଏ। ସାଧାରଣତଃ ଅଷ୍ଟିଓପୋରୋସିସ୍‌ରେ ବ୍ୟବହୃତ ଔଷଧ ଦୁଇ ପ୍ରକାରର। ଅସ୍ଥିକ୍ଷୟ ଦୂର କରୁଥିବା ଔଷଧ ଯେପରିକି ବିସ୍‌ଫସ୍‌ଫୋନେଟ୍ (ଆଲେନ୍‌ଡ୍ରେନେଟ୍ ବା ଜୋଲୋନଡ୍ରେନେଟ୍) ଓ ଡେନୋସୁମାବ। ଏଥିସହ ନୂତନ ଅସ୍ଥି ତିଆରି କରୁଥିବା ଔଷଧ ଟେରିପାରାଟାଇଡ୍ ମଧ୍ୟ ଏହି ରୋଗରେ ସେବନ କରାଯାଇପାରେ।

## କିଭଳି ଦୂରେଇ ରହିବା

ସୁଷମ ଖାଦ୍ୟ ଗ୍ରହଣ ବିଶେଷ କରି କ୍ଷୀର, ଦହି, ଛେନା, ପନିର, ଚୁନା ମାଛ ଓ ଶାଗ ଭଳି ଅଧିକ କ୍ୟାଲ୍‌ସିୟମ୍ ଯୁକ୍ତ ଖାଦ୍ୟ ସହ ବାଦାମ, ବିଭିନ୍ନ ଡାଲିଜାତୀୟ ଖାଦ୍ୟ ଅଧିକ ଖାଇବା ଜରୁରୀ। ନିୟମିତ ସକାଳେ ହାଲୁକା ସୂର୍ଯ୍ୟକିରଣରେ ବସିବା ଦ୍ୱାରା ଶରୀର ଭିଟାମିନ୍-ଡି ପାଇଥାଏ। ମଦ୍ୟ ଓ ଧୂମପାନ ବର୍ଜନ କରିବା

# ଡିପ୍ରେସନ



*ଯେଉଁମାନେ ସୋସିଆଲ ମିଡିଆକୁ ଦିନକୁ ୩୦୦ ମିନିଟରୁ ଅଧିକ ସମୟ ବ୍ୟବହାର କରନ୍ତି, ସେମାନେ ଦୁଇଗୁଣ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହୁଛି। ଆହୁରି ମଧ୍ୟ, ସୋସିଆଲ୍ ମିଡିଆ ବ୍ୟବହାର କରୁ ନଥିବା ଲୋକ ଏହାର ଅଧିକ ଉପଯୋଗ କରୁଥିବା ଲୋକଙ୍କ ତୁଳନାରେ ୪୯ ପ୍ରତିଶତ କମ୍ ଉଦାସୀନ ହେବା ଦେଖାଯାଉଛି।*

ସୋସିଆଲ ମିଡିଆର ବହୁଳ ମାତ୍ରାରେ ବ୍ୟବହାର ଏବେ ମାନସିକ ସ୍ତରରେ କୁପ୍ରଭାବ ପକାଉଛି। ଜର୍ଣ୍ଣାଲ୍ ଅଫ୍ ଇଫେକ୍ଟିଭ୍ ଡିସଅର୍ଡର୍ସ ରିପୋର୍ଟରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ସୋସିଆଲ ମିଡିଆକୁ ଅଧିକ ବ୍ୟବହାର କରୁଥିବା ଯୁବପିଢ଼ିମାନେ ଛଅ ମାସ ମଧ୍ୟରେ ଡିପ୍ରେସନ ବା ଅବସାଦର ଶିକାର ହୋଇପାରନ୍ତି। ଯେଉଁମାନେ ସୋସିଆଲ ମିଡିଆକୁ ଦିନକୁ ୩୦୦ ମିନିଟରୁ ଅଧିକ ସମୟ ବ୍ୟବହାର କରନ୍ତି, ସେମାନେ ଦୁଇଗୁଣ ଅବସାଦଗ୍ରସ୍ତ ହେବାର ସମ୍ଭାବନା ରହୁଛି। ଆହୁରି ମଧ୍ୟ, ସୋସିଆଲ୍ ମିଡିଆ ବ୍ୟବହାର କରୁ ନଥିବା ଲୋକ ଏହାର ଅଧିକ ଉପଯୋଗ କରୁଥିବା ଲୋକଙ୍କ ତୁଳନାରେ ୪୯ ପ୍ରତିଶତ କମ୍ ଉଦାସୀନ ହେବା ଦେଖାଯାଉଛି। ଓରେଗନ୍ ଷ୍ଟେଟ୍ ୟୁନିଭର୍ସିଟିର ଜନସ୍ୱାସ୍ଥ୍ୟ ଏବଂ ମାନବ ବିଜ୍ଞାନର ଡିନ୍ ବ୍ରିଆନ୍ ପ୍ରାଇମେକଙ୍କ ସହଯୋଗରେ ୧୮ରୁ ୩୦ ବର୍ଷ ବୟସ୍କ ଯୁବକଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଆମେରିକାରେ ଉପରୋକ୍ତ ଶ୍ରେଣୀର ୧୦୦୦ ଯୁବକଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ସେମାନେ ଦିନରେ କେତେ ସମୟ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏଥିସହ, ବିଗ୍ ଫାଇଭ୍ ଇନଭେଣ୍ଟୋରୀ ବ୍ୟବହାର କରି ସେମାନଙ୍କର ବ୍ୟକ୍ତିତ୍ୱ ମପାଯାଇଥିଲା। ଯେଉଁଥିରୁ ଖୋଲାପଣ, ସ୍ୱଳ୍ପ ଖର୍ଚ୍ଚ, ସହମତି ଏବଂ ସାଇକୋପାଥିର ଆକଳନ କରାଯାଇଥିଲା। ବ୍ରିଟେନର ଜଣେ ୧୪ ବର୍ଷର ଝିଅ ରସେଲଙ୍କ ଆତ୍ମହତ୍ୟା ପାଇଁ ମଧ୍ୟ ସୋସିଆଲ ମିଡିଆ ଦାୟୀ ବୋଲି କୁହାଯାଇଥିଲା। ଆତ୍ମହତ୍ୟାର ଛଅ ମାସ ପୂର୍ବରୁ ଏହି ବାଳିକା ଆତ୍ମହତ୍ୟା ଓ ଉଦାସୀନତା ସମ୍ବନ୍ଧୀୟ ୨୧୦୦ ପୋଷ୍ଟ ଦେଖିଥିବା ଜଣାପଡ଼ିଥିଲା। ଆମେରିକାରେ ମଧ୍ୟ ୧୦ରୁ ୧୪ ବର୍ଷ ବୟସର ପିଲାମାନଙ୍କର ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ଏହି ସୋସିଆଲ ମିଡିଆ।

# ଏକାଠି ଖାଆନ୍ତୁ



*ଏକାଠି ମିଶି ଖାଦ୍ୟ ଖାଇଲେ ଚିନ୍ତା ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ଆତ୍ମସନ୍ତୋଷ ସହ ଅନ୍ୟମାନଙ୍କ ସହ ଏକ ଭାବନା ଜଡିତ ହୋଇ ରହିଥାଏ। ଅଧ୍ୟୟନରେ ସାମିଲ ହୋଇଥିବା ୬୫% ମଧ୍ୟମ ଧରଣର ମାନସିକ ଚିନ୍ତା ଓ ୨୭% ଅଧିକ ମାନସିକ ଦୁଃଶ୍ଚିନ୍ତା ସହ ଜଡିତ। ଏମାନଙ୍କୁ ପରିବାର,ସାଙ୍ଗସାଥି ଓ ଏକୁଟିଆ ଭୋଜନର ଅଭ୍ୟାସକୁ ନେଇ ପ୍ରଶ୍ନ ପଚରା ଯାଇଥିଲା।*



ଏକାଠି ଭୋଜନ ଓ ଏକୁଟିଆ ଭୋଜନର ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ଏକୁଟିଆ ଖାଦ୍ୟ ସେବନ ସ୍ୱାସ୍ଥ୍ୟ ଉପରେ ଅନେକ କୁପ୍ରଭାବ ପକାଇଥାଏ। ଏକୁଟିଆ ଖାଉଥିବା ବ୍ୟକ୍ତିବିଶେଷଙ୍କୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏକ ଅଧ୍ୟୟନ ଅନୁଯାୟୀ ୧୦୦୦ ଲୋକଙ୍କ ଖାଦ୍ୟ ସେବନର ଶୈଳୀକୁ କିଛି ତଥ୍ୟ ସାମ୍ନାକୁ ଆସିଛି। ଜାଣନ୍ତୁ... ଏକୁଟିଆ ଭୋଜନ ଓ ପରିବାର ସଦସ୍ୟ କିମ୍ବା ସାଙ୍ଗମାନଙ୍କ ସହ ଭୋଜନକୁ ନେଇ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଏକୁଟିଆ ଖାଦ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ ଉଚିତ ନୁହେଁ। ଏହାଦ୍ୱାରା ମାନସିକ ଦୁଃଶ୍ଚିନ୍ତା ବୃଦ୍ଧି ପାଇବା ସହ ମନ ଅଶାନ୍ତ ରହିଥାଏ। ସର୍ବଦା ଚିନ୍ତାଗ୍ରସ୍ତ ରହିଲେ ଏହା ହୃଦୟପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଏକୁଟିଆ ଖାଇବାର ଅଭ୍ୟାସକୁ ଯଥାସମ୍ଭବ କମ କରିବାକୁ ଚେଷ୍ଟା କରନ୍ତୁ। ଏକାଠି ମିଶି ଖାଦ୍ୟ ଖାଇଲେ ଚିନ୍ତା ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ଆତ୍ମସନ୍ତୋଷ ସହ ଅନ୍ୟମାନଙ୍କ ସହ ଏକ ଭାବନା ଜଡିତ ହୋଇ ରହିଥାଏ। ଅଧ୍ୟୟନରେ ସାମିଲ ହୋଇଥିବା ୬୫% ମଧ୍ୟମ ଧରଣର ମାନସିକ ଚିନ୍ତା ଓ ୨୭% ଅଧିକ ମାନସିକ ଦୁଃଶ୍ଚିନ୍ତା ସହ ଜଡିତ। ଏମାନଙ୍କୁ ପରିବାର,ସାଙ୍ଗସାଥି ଓ ଏକୁଟିଆ ଭୋଜନର ଅଭ୍ୟାସକୁ ନେଇ ପ୍ରଶ୍ନ ପଚରା ଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ ରୁ ୭ ଜଣଙ୍କ କହିବାନୁଯାୟୀ ଏକାଠି ଖାଇବା ଦ୍ୱାରା ସେମାନଙ୍କ ଚିନ୍ତା ସମସ୍ୟା ଖୁବ ଶୀଘ୍ର ଦୂର ହୋଇଥିଲା। ସେହିପରି ୫୯% ଲୋକଙ୍କ କହିବାନୁଯାୟୀ ସେମାନେ ଏକାଠି ଖାଇବା ସହ ନିଜ ଖାଦ୍ୟକୁ ପରସ୍ପର ସହ ବାଣ୍ଟି ଖାଇ ଥାଆନ୍ତି। ଏହାସହ ସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଆନ୍ତି। କାର୍ଯ୍ୟ ଓ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହିଥିଲେ ମଧ୍ୟ ସେମାନେ ସମୟ ବାହାର କରି ଏକାଠି ଭୋଜନ କରନ୍ତି। ୬୭% ଲୋକେ ଏକାଠି ଖାଇବାର ଉପକାରୀତାକୁ ସ୍ୱୀକାର କରିଛନ୍ତି।

# ଲେମ୍ବୁ ପାଣି ପିଉଥିଲେ ସାବଧାନ



ସାଧାରଣତଃ ଲେମ୍ବୁ ପାଣି ପିଇବା ଅଧିକାଂଶଙ୍କୁ ଭଲ ଲାଗେ। ସ୍ୱାସ୍ଥ୍ୟ ପାଇଁ ଏହା କେତେ ଲାଭଦାୟକ ତାହା ଆମେ ସମସ୍ତେ ଜାଣୁ। ସକାଳୁ ଉଠି ଗରମ ପାଣିରେ ଲେମ୍ବୁ ମିଶାଇ ପିଇବା ଦ୍ୱାରା ଓଜନ କମ୍ ହୋଇଥାଏ। ଏହା ଆମକୁ ଫିଟ୍ ରଖିବାରେ ସହାୟତା କରେ। ଏଥିସହ ଲେମ୍ବୁ ଖାଦ୍ୟ ହଜମ କରିବାରେ ସହାୟତା କରେ। ଯଦ୍ୱାରା ପେଟ ସହ ଜଡିତ ଅନେକ ସମସ୍ୟା ଦୂର ହୋଇଯାଇଥାଏ। ଏତେ ସବୁ ଲାଭ ଥିବା ସତ୍ତ୍ୱେ ବି ଲେମ୍ବୁପାଣି ଆମ ପାଇଁ ବିପଦ ହୋଇପାରେ। ଯେକୌଣସି ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇଥାଏ। ଲେମ୍ବୁ ପାଣିକୁ ମଧ୍ୟ ଆବଶ୍ୟକତା ଠାରୁ ଅଧିକ ପିଇବା ଦ୍ୱାରା ଏହା ଆମ ଶରୀରକୁ ଲାଭ ପହଞ୍ଚାଇବା ବଦଳରେ କ୍ଷତି ପହଞ୍ଚାଇଥାଏ। – ଲେମ୍ବୁ ହେଉଛି ଭିଟାମିନ୍-ସି'ର ଗନ୍ତାଘର। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍-ସି' ରହିଛି। ତେବେ ଲେମ୍ବୁର ଅତ୍ୟଧିକ ପ୍ରୟୋଗ ଦ୍ୱାରା ଆମ ଶରୀରରେ ନ୍ୟୁଟ୍ରିଏଣ୍ଟ ସ୍ତର ବଢ଼ିଯାଏ। ଏହା ଆମକୁ କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା ଅନେକ ଅଙ୍ଗ ଅକାମୀ ହୋଇଯିବା ବିପଦ ରହିଛି। ଏଥିପାଇଁ ଡାକ୍ତରମାନେ ଲେମ୍ବୁକୁ ସୀମିତ ମାତ୍ରାରେ ସେବନ କରିବାକୁ ପରାମର୍ଶ ଦେଇଥା'ନ୍ତି।

# ସୁସ୍ଥ କିଡ଼ନୀ



ଶରୀରକୁ ସୁସ୍ଥ ରଖିବା ନିହାତି ଜରୁରୀ। ଯାହା ପାଇଁ ଭଲ ଖାଦ୍ୟ ଓ ପରିଷ୍କାର ପାଣି ପିଇବା ଆବଶ୍ୟକ। କିନ୍ତୁ ଶରୀରରେ ଭଲ ଭାବେ ରକ୍ତ ସଞ୍ଚାଳନ ହେବା ପାଇଁ ଓ ରକ୍ତ ଶୁଦ୍ଧ ହେବା ପାଇଁ ଡିଟକ୍ସ ୱାଟର ମଧ୍ୟ ନିହାତି ଦରକାର। ଯାହାକି ପ୍ରାୟ ପ୍ରତ୍ୟେକ ଦିନ ଖାଲି ପେଟରେ କିମ୍ବା ଖାଇବା ପରେ ପିଇବା ଉଚିତ୍। ଏହା ଦ୍ୱାରା ଅନ୍ତନଳୀ ପରିଷ୍କାର ହୋଇଥାଏ। ତେବେ ଯଦି ଆମେ ଡିଟକ୍ସ ୱାଟର କଥା କହିବା ଏହା ତାଲିକାରେ ଆସିବ କାକୁଡି ଏବଂ କିୱି ରସ ଠାରୁ ଆରମ୍ଭ କରି ଲେମ୍ବୁ ପାଣି ପର୍ଯ୍ୟନ୍ତ। ଲିଭର ଆମ ଶରୀରର ମହତ୍ୱପୂର୍ଣ୍ଣ ଅଙ୍ଗମାନଙ୍କ ମଧ୍ୟରୁ ଗୋଟିଏ । ଏହା ଆମର ଶରୀରରେ ଖାଦ୍ୟ ହଜମ କରିବା କାର୍ଯ୍ୟ କରିଥାଏ । ଏଥିପାଇଁ ଲିଭର ସଫା ରଖିବା ବହୁତ ଜରୁରୀ ହୋଇଥାଏ । ଯଦି ଆପଣ ଲିଭରକୁ ସଫା ରଖିବାକୁ ଚାହାନ୍ତି ତାହେଲେ କିଛି ହେଲଦି ଜିନିଷ ଖାଆନ୍ତୁ । ଏହି ହେଲଦି ଖାଦ୍ୟ ଖାଇବା ଦ୍ୱାରା ଲିଭରକୁ ଡିଟକ୍ସ କରାଯାଇପାରେ । ଶରୀରକୁ ସୁସ୍ଥ ରଖିବା ନିହାତି ଜରୁରୀ। ଯାହା ପାଇଁ ଭଲ ଖାଦ୍ୟ ଓ ପରିଷ୍କାର ପାଣି ପିଇବା ଆବଶ୍ୟକ। କିନ୍ତୁ ଶରୀରରେ ଭଲ ଭାବେ ରକ୍ତ ସଞ୍ଚାଳନ ହେବା ପାଇଁ ଓ ରକ୍ତ ଶୁଦ୍ଧ ହେବା ପାଇଁ ଡିଟକ୍ସ ୱାଟର ମଧ୍ୟ ନିହାତି ଦରକାର। ଯାହାକି ପ୍ରାୟ ପ୍ରତ୍ୟେକ ଦିନ ଖାଲି ପେଟରେ କିମ୍ବା ଖାଇବା ପରେ ପିଇବା ଉଚିତ୍। ଏହା ଦ୍ୱାରା ଅନ୍ତନଳୀ ପରିଷ୍କାର ହୋଇଥାଏ। ତେବେ ଯଦି ଆମେ ଡିଟକ୍ସ ୱାଟର କଥା କହିବା ଏହା ତାଲିକାରେ ଆସିବ କାକୁଡି ଏବଂ କିୱି ରସ ଠାରୁ ଆରମ୍ଭ କରି ଲେମ୍ବୁ ପାଣି ପର୍ଯ୍ୟନ୍ତ। ତେବେ ଏହି ଡିଟକ୍ସ ୱାଟର ଶୀଘ୍ର ଶରୀରକୁ ଖରାପ ପଦାର୍ଥ ବାହାର କରିଥାଏ। କେବଳ ସେତିକି ନୁହେଁ ଏହା ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରେ। ଏହା ସହିତ ହଜମ ଶକ୍ତି ବଢାଇଥାଏ। ଆପଣ ଲେମ୍ବୁ ପାଣି ସହିତ ଏବଂ ପୋଦିନା ପତ୍ର ମିଶାଇ ଏହାକୁ ପିଇ ପାରିବେ। କେବଳ ସେତିକି ନୁହେଁ ସବୁଠୁ ଭଲ ଡିଟକ୍ସ ୱାଟର ହେଉଛି ନଡିଆ ପାଣି। ଏହା ଏକ ସତେଜ ଏବଂ ସହଜ ଡିଟକ୍ସ ରେସିପି ଯାହାକୁ ଆପଣ ସବୁ ଦିନ ପିଇ ପାରିବେ। ନଡ଼ିଆ ପାଣି ଏକ ପ୍ରାକୃତିକ ସତେଜ ପାନୀୟ, ଯେଉଁଥିରେ ବିଭିନ୍ନ ଖଣିଜ ପଦାର୍ଥ ଏବଂ ଭିଟାମିନ୍ ଥାଏ ଯାହା ଶରୀରରେ ଥିବା ଇଲେକ୍ଟ୍ରୋଲାଇଟ୍ସ ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ ଓ ଏହାକୁ ହାଇଡ୍ରେଟ୍ କରିଥାଏ ଏବଂ ଆମକୁ ଦିନସାରା ସତେଜ ରଖେ। କାକୁଡି ମଧ୍ୟ ଏକ ଭଲ ଡିଟକ୍ସ। ଆପଣ ଏହାକୁ ଖାଇ ପାରିବେ କିମ୍ବା ପାଣିରେ ମିଶାଇ ପିଇ ପାରିବେ। ଲେମ୍ବୁ ପାଇଁ ମଧ୍ୟ ଆପଣ ପ୍ରତ୍ୟେକ ଦିନ ପିଇ ପାରିବେ କାରଣ ଏଥିରେ ମଧ୍ୟ ଅଧିକ ପରିମାଣରେ ପୋଷକ ତତ୍ତ୍ୱ ଭରି ରହିଛି। ଏହା ପରେ ଆସୁଛି ହଳଦୀ ଚା'। ଏହା ସବୁଠାରୁ ଭଲ ଡିଟକ୍ସ ୱାଟର।



ଏହା ଏକ ଆୟୁର୍ବେଦିକ ଚିକିତ୍ସା, ଏହି ଡିଟକ୍ସରେ ଆଣ୍ଟିଅକ୍ସିଡାଣ୍ଟର ମିଶ୍ରଣ ରହିଛି। ଆପଣ ଏହାକୁ ପ୍ରତ୍ୟେକ ଦିନ ଗରମ ପାଣିରେ ମିଶାଇ ପିଇ ପାରିବେ। କାରଣ ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଉପାଦାନଗୁଡ଼ି ଭରି ରହିଛି। ଆଉ ଏକ ଭଲ ଡିଟକ୍ସ ୱାଟର ହେଉଛି ଗାଜର ଜୁସ। ଆମ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ କାଢିବାରେ ଏହା ସାହାଯ୍ୟ କରେ। ତେଣୁ ଏହି ସବୁ ପାନୀୟ ଆପଣଙ୍କୁ ପ୍ରତ୍ୟେକ ଦିନ ପିଇବା ଉଚିତ୍। ଯାହାକି ଡ଼ାକ୍ତର ମଧ୍ୟ ପରାମର୍ଶ ଦିଅନ୍ତି। ଶରୀରକୁ ସୁଚାରୁରୂପେ ଚଲେଇବା ପାଇଁ ଆବଶ୍ୟକ ମୁତାବକ ପାଣି ପିଇବା ନିହାତି ଆବଶ୍ୟକ । ଠିକ ସେହିପରି କିଡ୍ନୀକୁ ବି କୌଣସି ପ୍ରକାର ତରଳ ପଦାର୍ଥର ଆବଶ୍ୟକତା ରହିଛି । ୟୁରିନ ଫର୍ମେଶନ କରିବା ପାଇଁ କିଡ୍ନୀକୁ ପାଣିର ଆବଶ୍ୟକତା ରହିଥାଏ । ଏହା ମାଧ୍ୟମରେ ହିଁ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ । ୟୁରିନ କମ ହେବା ଦ୍ୱାରା ପଥୁରୀ ସମସ୍ୟା ଦେଖାଦିଏ । ତେଣୁ ପ୍ରତିଦିନ ୩ ଲିଟର ପାଣି ପିଇବା ଆବଶ୍ୟକ । ଏହାକୁ ଆପଣ ଖାଲି ପେଟ ରେ ପିଅନ୍ତୁ ।

# ସୋରିଷତେଲ



ସୋରିଷତେଲ ଭଳି ସୋରିଷ ମଧ୍ୟ ତ୍ୱଚା ପାଇଁ ହୋଇଥାଏ ବହୁତ ଉପକାରୀ, ଜାଣନ୍ତୁ କିପରି କରିବେ ବ୍ୟବହାର ସୋରିଷ ତେଲ ଦ୍ୱାରା ହେଉଥିବା ଫାଇଦା ବିଷୟରେ ତ ପ୍ରାୟ ସମସ୍ତେ ଜାଣିଥିବେ । କିନ୍ତୁ ଏହାର ମଞ୍ଜି ଦ୍ୱାରା ହେଉଥିବା ଫାଇଦା ବିଷୟରେ କଣ ଆପଣ ଜାଣିଛନ୍ତି କି ସୋରିଷର ମଞ୍ଜି ବିଷୟରେ ବାଇବେଲ ଏବଂ ହିନ୍ଦୁ ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି। ଅନେକ ବର୍ଷ ଧରି ସୋରିଷ ଆମର ଖାଇବା ପିଇବା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଅଂଶ ହୋଇ ରହି ଆସିଛି । ସୋରିଷ ତେଲ ଦ୍ୱାରା ହେଉଥିବା ଫାଇଦା ବିଷୟରେ ତ ପ୍ରାୟ ସମସ୍ତେ ଜାଣିଥିବେ । କିନ୍ତୁ ଏହାର ମଞ୍ଜି ଦ୍ୱାରା ହେଉଥିବା ଫାଇଦା ବିଷୟରେ କଣ ଆପଣ ଜାଣିଛନ୍ତି କି ସୋରିଷର ମଞ୍ଜି ବିଷୟରେ ବାଇବେଲ ଏବଂ ହିନ୍ଦୁ ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି। ଅନେକ ବର୍ଷ ଧରି ସୋରିଷ ଆମର ଖାଇବା ପିଇବା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଅଂଶ ହୋଇ ରହି ଆସିଛି । ସାଧାରଣତଃ ସୋରିଷକୁ ଆମେ କେବଳ ଖାଇବାରେ ଛୁଙ୍କ ଲଗାଇବା ପାଇଁ ବ୍ୟବହାର କରିଥାଉ । କିନ୍ତୁ କଣ ଆପଣ ଜାଣିଛନ୍ତି ଯେ ସୋରିଷ ଆମର ତ୍ୱଚାକୁ ଗ୍ଲୋ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ସୋରିଷ ତେଲ ସ୍କିନକୁ ସତେଜ ରଖିବା ସହିତ ଗ୍ଲୋଇଙ୍ଗ ମଧ୍ୟ ବନାଇଥାଏ । ଡ୍ରାଏ ସ୍କିନ୍ ପାଇଁ ତ ସୋରିଷର ମଞ୍ଜି ରାମବାଣ ସଦୃଶ । ତାହେଲେ ଆସନ୍ତୁ ଜାଣିବା ସୋରିଷ ମଞ୍ଜିକୁ କିପରି ବନାଇବେ ପ୍ୟାକ୍ ଏବଂ ତାକୁ ଲଗାଇବାର ଉପାୟ ।

**ନାଚୁରାଲ ସ୍କ୍ରବ୍:** ସୋରିଷର ମଞ୍ଜି ଏକ ପ୍ରକାର ନାଚୁରାଲ ସ୍କ୍ରବ୍ ଭଳି କାମ କରିଥାଏ । ଏଥିରେ ଆପଣ ଲାଭେଣ୍ଡର ଓ ଗୋଲାପ ଭଳି ଏସେନ୍ସିଆଲ ତେଲର କିଛି ବୁନ୍ଦା ମଧ୍ୟ ମିଶାଇ ପାରିବେ । ବର୍ତ୍ତମାନ ଏହାକୁ ଭଲଭାବେ ମିଶାଇ ଏକ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ । ଆଉ ତାପରେ ଧୀରେ ଧୀରେ ଏହାକୁ ସାରା ମୁହଁରେ ମାଲିସ୍ କରି ଡେଡ୍ ସ୍କିନ୍ ଗୁଡ଼ିକ ହଟାଇ ଦିଅନ୍ତୁ ।

**ହାଇଡ୍ରେଡ ସ୍କିନ୍:** ସୋରିଷ ମଞ୍ଜିର ପାଉଡରରେ ଆଲୋବେରା ଜେଲ ମିଶାଇ ଚେହେରାରେ ଲଗାନ୍ତୁ । ଏହି ମିଶ୍ରଣ ଦ୍ୱାରା ଆପଣ ନିଜ ଚେହେରାକୁ ହାଇଡ୍ରେଡ ରଖିପାରିବେ । ଏହି ମିଶ୍ରଣ ଚେହେରାରେ ଥିବା ସମସ୍ତ ଅଶୁଦ୍ଧିକୁ ଦୂର କରିବା ସହିତ ଆପଣଙ୍କ ଚେହେରାକୁ ପୋଷଣ ଯୋଗାଇଥାଏ ।

**କେଶ ଘନ ଏବଂ କଳା କରିବା ପାଇଁ:**

ସୋରିଷ ମଞ୍ଜିରୁ ବାହାରୁଥିବା ସୋରିଷ ତେଲରେ ଭିଟାମିନ୍ ଇ ଭରି ରହିଥାଏ ଏବଂ ଭିଟାମିନ ଇ କେଶର ବିକାଶ ପାଇଁ ଏକ ଭଲ ପୋଷକ ତତ୍ତ୍ୱ ଅଟେ । ଏହା ଦ୍ୱାରା କେଶ ମଜବୁତ୍ ରହିବା ସହିତ ଭଲ ଗ୍ରୋଥ୍ ମଧ୍ୟ ହୋଇଥାଏ । ଏହା ସହିତ ଶୋରିସରେ କ୍ୟାରୋଟିନ ଏବଂ ଲ୍ୟୁଟିନ ଭଳି ମଲ୍ଟିଭିଟାମିନସ ରହିଥାଏ । ଯାହାକି ଭିଟାମିନ ଇ, ଉ ଏବଂ କର ମିଶ୍ରଣ ଅଟେ । ଏହି ସବୁ ପୋଷାକ ତତ୍ତ୍ୱ ମିଶି ଆଣ୍ଟିଅକ୍ସିଡାଣ୍ଟ ତିଆରି କରିଥାନ୍ତି ।

# ପ୍ରାଣନାଥ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ

**ଖୋର୍ଦ୍ଧା(ଅମୃତ ମିଡିଆ):** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପରି ପ୍ରସାରର ଉଦ୍‌ଘାଟନ ଉତ୍ସବ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଅଧକ୍ଷା ଅଜନ୍ତା ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ କୂଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ । ମୁଖ୍ୟ ନୋଡ଼ାଲ ଅଧିକାରୀ ଡ଼. ସଦାନନ୍ଦ ମିଶ୍ର ଏହି ଉତ୍ସବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ନୋଡ଼ାଲ ଅଧିକାରୀ ଓଡ଼ିଆ ବିଭାଗ ମୁଖ୍ୟା ଡ଼. ସୁନିତା ତ୍ରିପାଠୀ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଓ ଭାରତୀୟ ଭାଷା ସହିତ ଏହାର ତୁଳନାତ୍ମକ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଓଡ଼ିଆ ସ୍ଲୋଗାନ ଓ ଓଡ଼ିଆ ହସ୍ତାକ୍ଷର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବହୁ ଆଦୃତ ପାଇକ ବିଦ୍ରୋହ ଓ ପୁଷ୍କରା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।



## ଫେରାର ଦୁଇଅଭିଯୁକ୍ତ ଗିରଫ

**ଜୟପୁର(ଅମୃତ ମିଡିଆ):** ଫେରାର ଦୁଇ ଅଭିଯୁକ୍ତକୁ ଆଜି ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ବଡ ଓଜେଇ ଗ୍ରାମର ଛବି ହରିଜନ (୨୫) ଓ ମକାପୁଟର ଡେବିଡ ନାୟକ (୧୯) । ପୋଲିସ ସୂଚନା ଅନୁଯାଇ ବଡ ଓଜେଇ ଗ୍ରାମର ଛବି ହରିଜନ (୨୫) ଓ ମକାପୁଟର ଡେବିଡ ନାୟକ (୧୯) ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହିଦିନ ଠାରୁ ଦୁଇ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ସଦର ପୋଲିସ ଚଢାଉ କରି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ପ୍ରେମ ସମ୍ପର୍କରୁ ଦୁଇ ଯୁବକଙ୍କୁ ଆକ୍ରମଣ

**ନୂଆପଡ଼ା(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା କୋମନା ଥାନା ସିଆଲଲଟି ଗାଁ ନିକଟରେ ପ୍ରେମ ସମ୍ପର୍କକୁ ନେଇ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏଥିରେ ଜଣେ ବୁର୍ଲା ସ୍ଥାନାନ୍ତର ଓ ଅନ୍ୟ ଜଣେ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ତେବେ ଉଭୟ ଯୁବକ ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଦେଉଳି ଗାଁର ଚନ୍ଦନ ସାହୁ(୧୮) ଓ ମନୋଜ ସାହୁ(୩୬) ବୋଲି ଜଣାପଡ଼ିଛି। ଏବେ ପୁଲିସ ମାରଣାସ୍ତ୍ରକୁ ଜବତ କରି ଛାନ୍‌ଭିନ୍ ଜାରି ରଖିଛି।

ପୁଲିସ ସୂଚନା ମୁତାବକ, ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଦେଉଳି ଗାଁର ଚନ୍ଦନଙ୍କ ସହ ସିଆଲଲଟି ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଗତକାଲି ଦେଉଳି ଗାଁର ଚନ୍ଦନ ଓ ସମ୍ପର୍କୀୟ ବଡଭାଇ ମନୋଜ ଯୁବତୀଙ୍କୁ ଭେଟିବାକୁ ଆସିଥିଲେ। ଏହି ଖବର ପାଇ ଗତକାଲି ବିଳମ୍ବିତ ରାତିରେ ଯୁବତୀଙ୍କ ପରିବାର ଲୋକେ ଦୁଇ ଯୁବକଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ

### ମାରଣାସ୍ତ୍ର ଜବତ, ପୋଲିସର ଛାନ୍‌ଭିନ୍ ଜାରୀ

କରିଥିଲେ। ଏଥିରେ ଚନ୍ଦନଙ୍କୁ ମୁଣ୍ଡରେ କଟୁରୀରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଅନ୍ୟପକ୍ଷରେ ମନୋଜଙ୍କୁ ଆକ୍ରମଣ କରିବାରୁ ଫେରାର ହୋଇଥିଲେ। ବିଳମ୍ବିତ ରାତିରେ ଆମ୍ବୁଲାନ୍ସ କର୍ମଚାରୀ ଦୁଇ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚନ୍ଦନଙ୍କ ମୁଣ୍ଡରେ ଗଭୀର କ୍ଷତ ଲାଗିଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ପରିବାର ଲୋକେ ଚନ୍ଦନଙ୍କୁ ରାୟପୁର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏବେ ମନୋଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆଜି ପୂର୍ବାହ୍ନରେ ତରବୋଡ଼ ଫାଣ୍ଡି ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଥିଲା। ମଧ୍ୟାହ୍ନରେ ନୂଆପଡ଼ା ଏସଡିପିଓ ସଞ୍ଜୟ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ଏ ନେଇ ନୂଆପଡ଼ା ଏସଡ଼ିପିଓ ସଂଜୟ ମଣ୍ଡଳ ତଦନ୍ତ ଚାଲିଥିବା କହିଛନ୍ତି।

# ପ୍ରତିଶ୍ରୁତିରେ ଅଟକିଛି କଟକର ବିକାଶ

**କଟକ (ବ୍ୟୁରୋ):** ୪ଶହ କୋଟି ଅଟକଳରେ ଆରମ୍ଭ ହୋଇଥିବା ଯାଇକା ପ୍ରକଳ୍ପ ୪ ହଜାର କୋଟି ପାର ହେବା ପରେ ବି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରନାହିଁ। ଏସସିବିକୁ ଏମ୍ସ ପ୍ଲସର ସ୍ୱପ୍ନ କେବଳ ବଡ଼ ବଡ଼ କୋଠାଘର ଦେଖାଇବା ସହ ସମାନ ହୋଇଛି। ବଡ଼ ମେଡିକାଲରେ ସିଟି ସ୍କାନ ଅଚଳ, ଲିଫ୍ଟ ଅଚଳ , ଡାକ୍ତର ଅଭାବ, ନର୍ସ ଅଭାବକୁ ନେଇ ରୋଗୀ ସେବା ପ୍ରଭାବିତ ହେଉଛି। ଯୋବ୍ରା ଠାରୁ ମାତୃଭବନ ପର୍ଯ୍ୟନ୍ତ ରୂପରେଖରେ ପରିବର୍ତ୍ତନ ହୋଇଛି। କିନ୍ତୁ ତାଳଦଣ୍ଡା କେନାଲ ପାଣି ନ ଆସିବା ଯୋଗୁ କଟକରୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ହେକ୍ଟର ହେକ୍ଟର ଚାଷ ଜମି ଶୁଖିଲା ପଡୁଛି। କେବଳ ବିଜ୍ଞାପନ ମାଧ୍ୟମରେ କୋଟି କୋଟି ଟଙ୍କା ହରିଲୁଟ୍ କରି କଟକ ବିକାଶର ନାରା ଦିଆଯାଉଥିବା ଅଭିଯୋଗ କରିଛନ୍ତି ଉଭୟ କଂଗ୍ରେସ ଓ ବିଜେପି ନେତା। କିଛିଦିନ ପୂର୍ବରୁ ଡିଅର ପାର୍କ ସ୍ଥାନାନ୍ତର ହୋଇଯାଇଛି। ୨୦୦ରୁ ଉର୍ଦ୍ଧ୍ୱ ହରିଣ କଟକରୁ ଚନ୍ଦକା ସ୍ଥାନାନ୍ତର ହେବା ପରେ ମାତ୍ର ୧୦ଟି ହରିଣ ଅଛନ୍ତି। ଯେଉଁ ହରିଣଙ୍କୁ ସ୍ଥାନାନ୍ତର କରାଯାଇଛି ସେମାନଙ୍କ ରକ୍ଷଣାବେକ୍ଷଣରେ ଫେଲ ମାରିଛନ୍ତି ରାଜ୍ୟ ସରକର। ଯାହାଫଳରେ ୨ଟି ନିରୀହ ହରିଣର ମୃତ୍ୟୁ ଘଟିଥିବାବେଳେ ୧୦ଟି ହରିଣ ଅସୁସ୍ଥ ଅଛନ୍ତି। ପୂର୍ବରୁ ବର୍ଷା ଦିନେ ତାଳଦଣ୍ଡା କେନାଲରେ ବୋଟିଂ ଚଳେଇ ସରକାର ଲଲିପପ୍ ଦେଖାଇଥିବା ଅଭିଯୋଗ କରିଛନ୍ତି ସହରବାସୀ। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେବଳ କଟକବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ବିକାଶ ନାଁରେ ସହରକୁ ଶ୍ରୀହୀନ କରାଯାଉଥିବା ଅଭିଯୋଗ ବଢୁଛି।

### ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ନିଯୁକ୍ତି ଅନିୟମିତତା ମାମଲା

# ତଦନ୍ତ ସାରି ରିପୋର୍ଟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ (ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ହୋଇଥିବା ନିଯୁକ୍ତି ଅନିୟମିତତାକୁ ନେଇ ଜବାବ ତଲବ କରିଛନ୍ତି ହାଇକୋର୍ଟ । ମହିଳା ମହାବିଦ୍ୟାଳୟରେ ମୋଟ ୭୦ଟି ପଦବୀ ଥିବା ବେଳେ ୪୮ଟି ପଦବୀ ତତ୍‌କାଳୀନ ଏଡିଏମ ତଥା ଗଭର୍ଣ୍ଣିଂ ବଡି ଚେୟାରମ୍ୟାନଙ୍କ ଜାଲ ଦସ୍ତଖତରେ ହୋଇଥିବା ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା କେନ୍ଦ୍ରାପଡା ବିକାଶ ପରିଷଦ। ତେବେ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କେନ୍ଦ୍ରାପଡା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । ହେଲେ ମାମଲାକୁ ଚାରି ମାସ ବିତିଥିଲେ ମଧ୍ୟ କୌଣସି ତଦନ୍ତ ରିପୋର୍ଟ ଦାଖଲ ହୋଇ ନଥିବାରୁ ପୋଲିସର ନିଷ୍କ୍ରିୟତା ବିରୋଧରେ ପୁଣି ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲା ପରିଷଦ। ତେବେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହି ମାମଲାରେ ଗୃହ ସଚିବ, ଉଚ୍ଚ ଶିକ୍ଷା ବିଭାଗ ସଚିବ, କ୍ରାଇମବ୍ରାଞ୍ଚ, କେନ୍ଦ୍ରାପଡା ଏସ୍‌ପିଙ୍କ ସମେତ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ତିନି ସପ୍ତାହ ପରେ କରାଯିବ ବୋଲି କହିଛନ୍ତି ଆବେଦନକାରୀଙ୍କ ଓକିଲ।

# ଭେଡା ପଞ୍ଚାୟତରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା

**ମାହାଙ୍ଗା (ଅମୃତ ମିଡିଆ):** ଓଡ଼ିଶାବାସୀଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଐତିହାସିକ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଚଳିତ ଜାନୁଆରୀ ମାସ ୧୭ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜନ ସାଧାରଣମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ। ଏହି ଉପଲକ୍ଷେ ଭେଡା ପଞ୍ଚାୟତର ଲକ୍ଷ୍ମୀ ନୃସିଂହଙ୍କ ମନ୍ଦିର ଠାରୁ ଶ୍ରୀଜଗନ୍ନାଥଙ୍କର ଅର୍ପଣ ରଥ ବାହାରି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ଅକ୍ଷତ ଓ ଗୁଆ ସଂଗ୍ରହ କରାଯାଇଥିଲା। ସମାଜସେବୀ ପ୍ରଦୀପ୍ତ କୁମାର ସିଂଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀର ମାମାନଙ୍କ ସହ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ନାୟକ, ପ୍ରସନ୍ନ କୁମାର ସାମଲ, ପ୍ରମୋଦ ସାମଲ, ଦୁଃଶାସନ ସାହୁ, କିଶୋର ସିଂହ, ପ୍ରଦୀପ୍ତ ଓଝା, ଭଗ୍ୟଧର ସ୍ୱାଇଁ, ନୂତନ ମହାରଣା, ଭ୍ରମର ବର ମହାନ୍ତି, ଦମୟନ୍ତୀ ମହାପାତ୍ର, ମନ୍ଦାକିନୀ ରାଉତ, ଗଗନ ରାଉତ, ମିଟୁ ଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ଅର୍ପଣ ରଥରେ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପ ମାଲ୍ୟ, ଧୂପ ଦୀପ, ସହ ଅକ୍ଷତ ଓ ଗୁଆ ମା'ମାନେ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ଶଙ୍ଖ ଧ୍ୱନୀ, ଘଣ୍ଟ, ବାଦ୍ୟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ଅଞ୍ଚଳଟି ଖୁବ୍ ଉତ୍ସବ ମୁଖର ହୋଇଥିଲା। ଶହଶହ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳଟି ଖୁବ୍ ଚିତ୍ତାକର୍ଷକ ହୋଇ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# 'ପ୍ରଭୁ ଶ୍ରୀରାମଙ୍କ ଆଗମନ ସବୁଠି ରାମମୟ ପରିବେଶ ତିଆରି କରିଛି'

**କଟକ (ବ୍ୟୁରୋ):** ପବିତ୍ର ଅଯୋଧ୍ୟା ଧାମରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ କଟକର କଲେଜ ଛକ ମଙ୍ଗଳା ମନ୍ଦିର ପରିସରରେ ଆୟୋଜିତ ଅକ୍ଷତ ବଣ୍ଟନ ଯାତ୍ରାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇ ପ୍ରଭୁ ଶ୍ରୀରାମଙ୍କ ଆଗମନ ସବୁଠି ରାମମୟ ପରିବେଶ ତିଆରି କରିଛି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପବିତ୍ର ଅଯୋଧ୍ୟା ଧାମରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାର ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଠାରୁ ୧୧ ଦିନିଆ ସ୍ୱତନ୍ତ୍ର ରୀତିନୀତି ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଐତିହାସିକ ସହର କଟକରେ ମୁଁ ରାମଭକ୍ତ ମାନଙ୍କ ସହ 'ଅକ୍ଷତ ବଣ୍ଟନ ଯାତ୍ରା'ରେ ସାମିଲ ହେବାର ସୌଭାଗ୍ୟ ଲାଭ କଲି। ଶ୍ରୀରାମ ମନ୍ଦିର ସମସ୍ତ ହିନ୍ଦୁ ଏବଂ ସନାତନୀଙ୍କ ଆସ୍ଥାର କେନ୍ଦ୍ର। ଆସନ୍ତା ଜାନୁଆରୀ ୨୨ ତାରିଖରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ସବୁଠି ରାମମୟ ପରିବେଶ ତିଆରି ହୋଇଛି। ପ୍ରଭୁ ଶ୍ରୀରାମଙ୍କ ଆଗମନରେ ରାମନାମର ପଦଧ୍ୱନୀ ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ଭକ୍ତିମୟ ଓ ଆଧାତ୍ମିକ ପରିବେଶ ତିଆରି କରିଛି। କେନ୍ଦ୍ରମନ୍ତ୍ରୀ 'ସିୟାବର ରାମଚନ୍ଦ୍ର କୀ ଜୟ' ସ୍ଲୋଗାନ ଦେବା ସହ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି।



# ବିଭିନ୍ନ ପଞ୍ଚାୟତରେ ଗଡୁଛି ଶ୍ରୀ ଜଗନ୍ନାଥ ଅର୍ପଣ ରଥ



**କଟକ (ବ୍ୟୁରୋ):** କଟକ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଓ ଗାଁ ଗଣ୍ଡାରେ ପରିକ୍ରମା କରୁଛି ଜୟ ଜଗନ୍ନାଥ ଅର୍ପଣ ରଥ। ଓଡିଆ ପ୍ରାଣର ବଡ ଠାକୁରଙ୍କ ନିମନ୍ତେ ଅଭିପ୍ରେତ ଏହି କାର୍ଯ୍ୟକ୍ରମରେ ସବୁ ଅଂଚଳରୁ ଲୋକେ ସାମିଲ ହେବା ସହ ଭକ୍ତି ନିବେଦନ ସ୍ୱରୂପ ଗୁଆ ଓ ଅରୁଆ ଚାଉଳ ସମର୍ପଣ କରୁଛନ୍ତି। ଅନେକ ସ୍ଥାନରେ ସୃଷ୍ଟି ହେଉଛି ଭବବିହ୍ୱଳ ପରିବେଶ। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ ସମେତ ଜିଲ୍ଲାର ବିଭିନ୍ନ ଗ୍ରାମ ପଂଚାୟତ ପରିଭ୍ରମଣ କରି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଛି ଜୟ ଜଗନ୍ନାଥ ଅର୍ପଣ ରଥ । ଜୟ ଜଗନ୍ନାଥ ଅର୍ପଣ ରଥ ଭ୍ରମଣର ଚତୁର୍ଥ ଦିବସ ସୁଦ୍ଧା ଆଠଗଡ଼ ବ୍ଲକରେ ୧୮ ଗୋଟି , ବଡମ୍ବା ବ୍ଲକରେ ୨୨ଗୋଟି, ବାଙ୍କି ବ୍ଲକରେ ୧୩ଗୋଟି, ବାଙ୍କି-ଡମପଡା ବ୍ଲକ ରେ ୯ଗୋଟି, ବାରଙ୍ଗ ବ୍ଲକ ରେ ୧୨ଗୋଟି, କଟକ ସଦର ବ୍ଲକରେ ୧୨ଗୋଟି, କଣ୍ଟାପଡା ବ୍ଲକରେ ୧୪ଗୋଟି, ମାହାଙ୍ଗା ବ୍ଲକରେ ୩୧ଗୋଟି, ନରସିଂହପୁର ବ୍ଲକ ରେ ୨୨ଗୋଟି, ନିଆଳି ବ୍ଲକରେ ୧୬ଗୋଟି, ନିଶ୍ଚିନ୍ତକୋଇଲି ବ୍ଲକ ରେ ୩୭ଗୋଟି, ସାଲେପୁର ବ୍ଲକର ୨୪ଗୋଟି, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୧୦ଗୋଟି, ତିଗିରିଆ ୧୦ଗୋଟି ଗ୍ରାମପଞ୍ଚାୟତ ମାନଙ୍କରେ ପରିଭ୍ରମଣ କରିଥିବାବେଳେ କଟକ ମହାନଗର ନିଗମରେ ବିଭିନ୍ନ ୱାର୍ଡ ରେ ରଥ ପରିକ୍ରମା କରିଛି। ଉଲ୍ଲେଖଯୋଗ୍ୟ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନରହରୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଟକ ସୁବାସ ଚନ୍ଦ୍ର ରାୟଙ୍କ ପରିଚାଳନାରେ ଜିଲ୍ଲାରେ ଏହି ଅର୍ପଣ ରଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାରିପଦା(ଅମୃତ ମିଡିଆ):** ବୈଶିଙ୍ଗା ଥାନା ଅଧିନ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପକ୍ଷୀ ସୁରକ୍ଷା ପାଇଁ ଏକ ସଚେତନତା ସଭା ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ମୟୁରଭ ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀରେ ଅଫିସର ମନୱାର



ଖାଁ, ଓଡିଶା ଫରେଷ୍ଟ ସେକ୍ଟର ଡେଭଲପମେଂଟ ପ୍ରୋଜେକ୍ଟ କୋ ଅର୍ଡିନେଟର ନିହାର ରଞ୍ଜନ ସାମଲ, ବନରକ୍ଷୀ ପ୍ରଶାନ୍ତ ସିଂ ସାମନ୍ତ, ବନପାଳ ଉତ୍ତମ କୁମାର ଦାସ ପ୍ରମୁଖ ଯୋଗଦାନ କରି ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ। ତେଣୁ ପକ୍ଷୀକୁ ପରିବେଶବାରା ମିଟର ବା ମାପ କାଠି ବୋଲି କୁହାଯାଏ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଜଙ୍ଗଲ ଧ୍ୱଂସ, ପକ୍ଷୀ ବାଣିଜ୍ୟ, ବିଶ୍ୱ ତାପନ, କିଟ ନାଶକ ଔଷଧ, ସାର, ବିଷର ବ୍ୟାପକ ବ୍ୟବହାର ପକ୍ଷୀ ବଂଶ ବିନାଶର ମୁଖ୍ୟକାରଣ ବୋଲି କହି ପକ୍ଷୀମାନଙ୍କର ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବନ ବିଭାଗର ଅଧିକାରୀମାନେ ପ୍ରକାଶ କରିଥିଲେ । ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାଏକ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, କାଂଚନ ମାଳା ଜେନା, ରିତାରାଣୀ ଦାସ ଏବଂ ଶିକ୍ଷକ ଗିରିଜା ଶଙ୍କର ମାହାର୍ଣ୍ଣା, ସୌଭାଗ୍ୟ କୁମାର ସିମନାକିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାଇକୋର୍ଟଙ୍କ ରହିତାଦେଶ ପରେ ବି ବାଲିଉଠାଣ ଲାଗି ବିଜ୍ଞପ୍ତି ପ୍ରକାଶ

**କଟକ (ବ୍ୟୁରୋ):** ବିଜେଡି ସରକାରରେ ସୀମା ଟପିଲାଣି ଦୁର୍ନୀତି। ଖଣିଠୁ ପାଣି ଯାହା ତ ଖାଉଥିଲେ ଏବେ ବାଲିରେ ବି ସାଂଘାତିକ ଦୁର୍ନୀତି କରିଥିବା ଜଣାପଡିଲାଣି। ବାଲିଉଠାଣ ଉପରେ ହାଇକୋର୍ଟଙ୍କ ରହିତାଦେଶ ପରେ ବି ବାଲିଉଠାଣ ଲାଗି ଗତ ୨୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ ସରକାର। ହେଲେ ପୁଣି ଥରେ ରହିତାଦେଶ ଲଗାଇଛନ୍ତି କୋର୍ଟ। ଯାହାକୁ ନେଇ ଏବେ ଚର୍ଚ୍ଚା। ବାଲିଉଠାଣ ଉପରେ ହାଇକୋର୍ଟ ରହିତାଦେଶ ଲଗାଇବା ପରେ ବି ରାଜ୍ୟ ସରକାର ପୂରା ବେଫିକର। ସେଥିଲାଗି ତ ରୋକ ପରେ ବି ବାଲି ଉଠାଣ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ହେଲେ କୋର୍ଟ ଗତ ୨୧ ତାରିଖରେ ଯେଉଁ ବିଜ୍ଞପ୍ତି ଜାରି କରିଥିଲା ଖଣି ବିଭାଗ, ତା'ଉପରେ ବି କ୍ଷୁବ୍ଧ ହେବା ସହ ସ୍ଥଗିତାଦେଶ ଜାରି କରିଛନ୍ତି। ଯାହାକୁ ନେଇ ଏବେ ଚର୍ଚ୍ଚା। ପୂର୍ବରୁ ୨୯ ନଭେମ୍ବର, ୨୦୨୩ରେ ବାଲି ଉଠାଣ ପ୍ରସଙ୍ଗରେ ସ୍ଥଗିତାଦେଶ ଜାରି କରିଥିଲେ ହାଇକୋର୍ଟ । ମେସିନ ସହାୟତାରେ ବାଲି ଉଠାଣ ବନ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତା'ସହ କଟକର ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ପାଇଁ ନୋଟିସ ବି କରିଥିଲେ। ଏହାପରେ ଡିସେମ୍ବର ୨୧ରେ ମାମଲାର ଶୁଣାଣିବେଳେ ୧୪ଟି ବାଲି ଖାଦାନକୁ ବନ୍ଦ କରିବା ସହ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ନେଇ କୋର୍ଟଙ୍କୁ ଅବଗତ କରିଥିଲେ ରାଜ୍ୟ ସରକାର। କିନ୍ତୁ ସେଦିନ ହିଁ ସରକାର ଏକ ବିଜ୍ଞପ୍ତି ଜାରି କରିଥିଲେ। ନିର୍ଦ୍ଦିଷ୍ଟ ବାଲିଘାଟର ଅବସ୍ଥିତି, ସେଠାରେ ବାଲିର ପରିମାଣ, ନଦୀଶଯ୍ୟା ଏବଂ ନିକଟସ୍ଥ ଚାଷପଯୋଗୀ ଜମିକୁ ବିଚାରକୁ ନେଇ ମେସିନ ସାହାଯ୍ୟରେ ବାଲି ଉଠାଯାଇପାରିବ ବୋଲି ବିଜ୍ଞପ୍ତିର ଧାରା-୪, ଉପଧାରା (ଏ)ରେ ଦର୍ଶାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବାଲି ଉଠାଣକୁ ନେଇ ଆବେଦନକାରୀ ବିଜ୍ଞପ୍ତି ବିରୋଧରେ କୋର୍ଟଙ୍କୁ ଯିବା ସହ ୪ ବର୍ଷରେ ୨୪୩ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇଥିଲେ। ତେବେ ଏତେ ଦୁର୍ନୀତି ହୋଇଥିବାରୁ କୋର୍ଟ ବାଲିଉଠାଣ ଉପରେ ରହିତାଦେଶ ଲଗାଇଥିଲେ। କିନ୍ତୁ ବାଲିରେ ମୋଟା ଅଙ୍କର ଟଙ୍କା ମିଳୁଥିବାରୁ କୋର୍ଟଙ୍କ ରହିତାଦେଶ ପରେ ବି ବାଲି ଉଠାଣ ପାଇଁ ସରକାର ବିଜ୍ଞପ୍ତ ପ୍ରକାଶ କରିଥିବା ଜୋର ଧରିଛି ଚର୍ଚ୍ଚା।

## ଶାଳୀକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଭିଣୋଇ ଗିରଫ

**ଜୟପୁର (ଅମୃତ ମିଡିଆ):** ଶାଳିକୁ ଦୁଷ୍କର୍ମ କରିଥିବା ଅଭିଯୋଗ ରେ ଜ୍ୱାଇଁକୁ ଗିରଫ କରିଛି ଜୟପୁର ମହିଳା ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ଖ୍ରିଷ୍ଟିଆନପେଟାର ନମ୍ରଶିଳ ନାଗ (୪୨) । ପୋଲିସ ସୂଚନା ଅନୁଯାୟୀ, ଜୟପୁର ଖ୍ରିଷ୍ଟିଆନପେଟାର ନମ୍ରଶିଳଙ୍କ ଠାରୁ ତାଙ୍କ ଶାଳି ୨୦ ହଜାର ଟଙ୍କା ଉଦ୍ଧାର ନେଇଥିଲେ। ସେହି ଟଙ୍କା ଫେରାଇବାକୁ ଯାଇଥିବା ବେଳେ ତାଙ୍କ ଇଛା ବିରୁଦ୍ଧରେ ତାଙ୍କ ସହ ଦୁଷ୍କର୍ମ କରିଥିବା ନେଇ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭତ୍ତି କରି ଜୟପୁର ମହିଳା ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ନାବାଳିକାକୁ ଅପହରଣ ମାମଲାରେ ଯୁବକ ଗିରଫ

**ଜୟପୁର(ଅମୃତ ମିଡିଆ):** ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାମୁଣି ଗାଁ ସୋନୁ ପରଜା (୧୯) । ପୋଲିସ ସୂଚନା ଅନୁସାରେ ନାବାଳିକା(୧୬)କୁ ଅପହରଣ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ବାମୁଣି ଗାଁରୁ ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ଓ ନାବାଳିକାର ଡାକ୍ତରି ମାଇନା କରାଯାଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ମହିଳା ଥାନା ଅଧିକାରୀ ଅନିତା କୁଜୁର ସୁଚନା ଦେଇଛନ୍ତି ।

# ସ୍ୱାମୀ ଅରୁପାନନ୍ଦ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପିତ

**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବ୍ଲକ୍‌ର କୃର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଅରୁପାନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଶିକ୍ଷା ସହିତ କ୍ରୀଡା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ସେମାନଙ୍କର ପ୍ରତିଭାକୁ ବିକଶିତ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଜଗତ୍‌ସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀମାନେ ମୋବାଇଲ୍ ଛାଡି ପାଠପଢ଼ାରେ ମନୋନିବେଶ କଲେ ସେମାନେ ଦେଶର ଶ୍ରେଷ୍ଠ ନାଗରିକ ହୋଇପାରିବେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ରଘୁନାଥପୁର ବ୍ଲକ୍ ଅଧକ୍ଷ ଲକ୍ଷ୍ମୀ ବେହେରା, ବ୍ଲକ୍ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ୍, ଇତିଶ୍ରୀ ମଲ୍ଲିକ, ତାରପୁର ସମିତି ସଭ୍ୟା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ପାଠପଢ଼ିବା ସହିତ କ୍ରୀଡା କ୍ଷେତ୍ରରେ ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ପ୍ରତିଭାକୁ ବିକଶିତ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ସ୍ୱାମୀ ଅରୁପାନନ୍ଦ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ମହାନ୍ତି ପୌରହିତ୍ୟ କରିଥିଲେ।



ଏଥିରେ ଅଧାପକ ଅଭୟ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧାପକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ଯୋଗାଇ ଦିଆଯାଇଥିବା ୧୧ଲକ୍ଷ ଟଙ୍କାର ଏକ ଶ୍ରେଣୀଗୃହକୁ ବିଧାୟକ ଶ୍ରୀ ଦାସ ଉଦ୍‌ଘାଟନ୍ କରି ମହାବିଦ୍ୟାଳୟର ମୁଖ୍ୟତୋରଣ ଓ ଖେଳପଡିଆରେ ହାଇମାସ୍କେ ଲାଇଟ୍ ଲଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାରିପଦା(ଅମୃତ ମିଡିଆ):** ରାଇକମା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସମବାୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାନିରୀକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ତୋଟାପଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ଶିକ୍ଷା ସହିତ ଖେଳକୁଦ, ଅଭିନୟ, ସଙ୍ଗୀତ ଆଦିରେ ରୁଚି ରଖିବାକୁ ପିଲା ତଥା ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ଛାତ୍ର ତଥା ବର୍ତ୍ତମାନର ଶିକ୍ଷକ ସୀତାରାମ ସୁଣ୍ଡି ନିଜ ଜୀବନ ସଂଗ୍ରାମ ବିଷୟରେ ଆଲୋକପାତ କରିଥିଲେ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଶ୍ୟାମସୁନ୍ଦରପୁରରେ ପଢୁଥିବା ସାତଜଣ



ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଏହି ଅବସରରେ ମୌଳିକ ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ଶ୍ରେଣୀ ପ୍ରକୋଷ୍ଠ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ପିଲାମାନେ ବାଲୁକା କଳା, ଜୀବନ କୌଶଳ ସମ୍ପର୍କିତ ନାଟକ ପରିବେଷଣ କରିଥିଲେ। ସକାଳେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଶ୍ରୀମତୀ ରୂପା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ,ପ୍ରତିମା ପରିଡା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷୀ ଦାସ, ମାଳତୀ ମାଝୀ, ସୀତା ଟୁଡୁ, ଜୁଲୀ ହେମ୍ବ୍ରମ, ମଂଟୁ ମାର୍ଣ୍ଡି ସହଯୋଗ କରିଥିଲେ। ପରିଚାଳନା କମିଟିର ସଭାପତି ଶରତ ଚନ୍ଦ୍ର ବାରିକ ଅତିଥି ଭାବେ ଯୋଗ ଦେଇଥିବାବେଳେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଂଚମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ମହାନ୍ତଙ୍କୁ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବାରୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ସମ୍ପାଦକୀୟ...

# ନିକଟତମ ବିଶେଷ ମୁହୂର୍ତ୍ତ

ଆଉ ମାତ୍ର କିଛି ଦିନର ଅପେକ୍ଷା। ପ୍ରକୃତରେ ଏହି ଅପେକ୍ଷା କେବଳ କିଛିଦିନର ନୁହେଁ, ବହୁ ସମୟର ଅପେକ୍ଷା, ସତେ ଯେମିତି ଏକ ଯୁଗର ଅପେକ୍ଷା। ସେହିଭଳି ଏକ ଦୀର୍ଘ ସମୟର ଏବେ ଅନ୍ତ ହୋଇଛି। ଇତିହାସ କହୁଛି, ପ୍ରାୟ ୫୦୦ ବର୍ଷ ତଳର ସେହି ଘଟଣା ଯେବେ ଅଯୋଧ୍ୟାରେ ଭଙ୍ଗା ଯାଇଥିଲା ରାମ ମନ୍ଦିର,ମୂଳ ରାମ ମନ୍ଦିର ଯାହାକୁ ନିର୍ମାଣ କରିଥିଲେ ତତ୍କାଳୀନ ରାଜା ବିକ୍ରମାଦିତ୍ୟ, ତାଙ୍କ ସମୟରେ ଭାରତବର୍ଷରେ ବେଶ୍ ପ୍ରସିଦ୍ଧ ଥିଲେ ରାଜା ବିକ୍ରମାଦିତ୍ୟ । ଭାରତର କେତେକ ନିର୍ଦ୍ଦିଷ୍ଟ ରାଜାମାନଙ୍କ ମଧ୍ୟରେ ଥିଲେ ରାଜା ବିକ୍ରମାଦିତ୍ୟ ଯେ କି ତତ୍କାଳୀନ ଭାରତୀୟ ରାଜାମାନଙ୍କ ମଧ୍ୟରେ ଥିଲେ ବେଶ୍ ପରିଚିତ, ବେଶ୍ ସଶକ୍ତ। ବେଶ୍ ପ୍ରସିଦ୍ଧ ସେହି ଧାର୍ମିକ ରାଜାମାନଙ୍କ ମଧ୍ୟରେ ବିକ୍ରମାଦିତ୍ୟ ଥିଲେ ଜଣେ ଅନନ୍ୟ ଏବଂ ଅଜେୟ ପ୍ରତିଭା। ଯାହାଙ୍କର ରାଜତ୍ୱ କାଳରେ ହୋଇଥିଲା ରାମ ମନ୍ଦିରର ନିର୍ମାଣ। ହିନ୍ଦୁମାନଙ୍କର ପରମ ଆରାଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ନିର୍ମାଣରେ ସେବେ ନିଜର ଅଭୁତପୂର୍ବ ଯୋଗଦାନ ଦେଇଥିବା ସେତେବେଳର ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଅବଦାନ ପୂରା ମାଟିରେ ମିଶିଯାଇଥିଲା ସେବେ ଯେବେ ଅଯୋଧ୍ୟା ସ୍ଥିତ ରାମ ମନ୍ଦିର ବି ସେବେ ମାଟିରେ ମାଟିରେ ମିଶିଯାଇଥିଲା, ଯେବେ ଭାରତରେ ମୋଗଲ ରାଜ୍ ଚାଲିଥିଲା। ଯେବେ ମୋଗଲ୍ ରାଜ୍ ସମୟରେ ବାବର ବାଦଶାହଙ୍କ ଦ୍ୱାରା ମନ୍ଦିର ଭଙ୍ଗା ପାଇଁ ଆଦେଶ ଦିଆଯାଇଥିଲା । ଯାହାକୁ କିନ୍ତୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ଅନେକ ମୁସଲିମ୍ ସଙ୍ଗଠନ ଯାହାକୁ ନେଇ କେବେ କେବେ କିଛି ବିବାଦ ପରିଲକ୍ଷିତ ହୁଏ, ହେଲେ ଆଜିର ତାରିଖରେ କିନ୍ତୁ ପୂର୍ଣ୍ଣ ରୂପେ ମୂଲ୍ୟହୀନ ହୋଇ ପଡ଼ିଛି ସେହି ବିବାଦ । କିଛି ବି ମୂଲ୍ୟ ନାହିଁ ସେଭଳି ବିବାଦର ଯାହାର ଅନ୍ତ ଏବେ ଘଟି ସାରିଛି । ଅଯୋଧ୍ୟାରେ ବର୍ତ୍ତମାନ ସମୟରେ ରାମ ମନ୍ଦିର ନିର୍ମାଣ କାମ ବହୁ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏବେ ମାତ୍ର କିଛି ଦିନର ଅପେକ୍ଷା । ସେହି ଶୁଭ ମୁହୂର୍ତ୍ତକୁ ଯେବେ ଅଯୋଧ୍ୟାରେ ନିର୍ମାଣ ସରିବ। ଯାହାକୁ ନିର୍ମାଣ କରିଥିଲେ ଅତି ପୂଣ୍ୟବନ୍ତ କୌଣସି ଅତି ଧାର୍ମିକ ରାଜା ଯାହାଙ୍କ ମଧ୍ୟରେ ବିକ୍ରମାଦିତ୍ୟ ଥିଲେ ଜଣେ ଅନନ୍ୟ ଏବଂ ଅଜେୟ ପ୍ରତିଭା। ଯାହାଙ୍କ ସମୟରେ ହୋଇଥିଲା ରାମ ମନ୍ଦିରର ନିର୍ମାଣ। ହିନ୍ଦୁମାନଙ୍କର ପରମ ଆରାଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ନିର୍ମାଣରେ ସେବେ ନିଜର ଅଭୁତପୂର୍ବ ଯୋଗଦାନ ଦେଇଥିବା ସେତେବେଳର ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଅବଦାନ ପୂରା ମାଟିରେ ମିଶିଯାଇଥିଲା ଯେବେ ଅଯୋଧ୍ୟା ସ୍ଥିତ ରାମ ମନ୍ଦିର ବି ସେବେ ମାଟିରେ ମିଶିଯାଇଥିଲା, ଯେବେ ଭାରତରେ ମୋଗଲ ଶାସକ ବାବରଙ୍କ ଭଳି ଜଣେ ଜଣେ ପାୱାରଫୁଲ୍ ଜଣେ ରାଜା ଙ୍କ ରାଜ୍ ଚାଲିଥିଲା। ଯେବେ ମୋଗଲ୍ ରାଜ୍ ସମୟରେ ବାବର ବାଦଶାହଙ୍କ ଦ୍ୱାରା ମନ୍ଦିର ଭଙ୍ଗା ପାଇଁ ଆଦେଶ ଦିଆଯାଇଥିଲା । ଯାହାକୁ କିନ୍ତୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ଅନେକ ମୁସଲିମ୍ ସଙ୍ଗଠନ ଯାହାକୁ ନେଇ କେବେ କେବେ କିଛି ବିବାଦ ପରିଲକ୍ଷିତ ହୁଏ, ହେଲେ ଆଜିର ତାରିଖରେ କିନ୍ତୁ ପୂର୍ଣ୍ଣରୂପେ ମୂଲ୍ୟହୀନ ହୋଇ ପଡ଼ିଛି ସେହି ବିବାଦ । କାରଣ ବିଭିନ୍ନ ପ୍ରକାର ବୁଝାମଣାର ଅନ୍ତ ଘଟିଛି । ଖୁବ୍‌ଶୀଘ୍ର ଅଯୋଧ୍ୟାରେ ନିର୍ମାଣାଧୀନ ରାମ ମନ୍ଦିରର ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଯିବ। ଏବେ ଯଦିଓ ଶେଷ ପର୍ଯ୍ୟାୟରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ତଥାପି ଦିନରାତିକୁ ଏକକରି ପୂରା ଦମ୍‌ରେ ଲାଗି ପଡ଼ିଛନ୍ତି ସେମାନେ , ସେହି କାରିଗରମାନେ ଯେଉଁମାନେ ଆରମ୍ଭରୁ ସେହି ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ନିୟୋଜିତ କରିଅଛନ୍ତି । ଏବେ ମାତ୍ର କିଛି ଦିନର ଅପେକ୍ଷା । ମାତ୍ର କିଛି ସମୟର ଅପେକ୍ଷା । ସେହି ଶୁଭ ମୁହୂର୍ତ୍ତକୁ ଯେବେ ଅଯୋଧ୍ୟାରେ ନିର୍ମାଣ ସରିବ ଅତି ଭବ୍ୟ, ଅତି ବିଶାଳ ରାମ ମନ୍ଦିର ଯାହାକୁ ନିର୍ମାଣ କରିଥିଲେ ଅତି ପୂଣ୍ୟବନ୍ତ କୌଣସି ଅତି ଧାର୍ମିକ ରାଜା ଯାହାଙ୍କ ମଧ୍ୟରେ ବିକ୍ରମାଦିତ୍ୟ ଥିଲେ ଜଣେ ଅନନ୍ୟ ଏବଂ ଅଜେୟ ପ୍ରତିଭା। ଯାହାଙ୍କ ସମୟରେ ହୋଇଥିଲା ରାମ ମନ୍ଦିରର ନିର୍ମାଣ। ହିନ୍ଦୁମାନଙ୍କର ପରମ ଆରାଧ୍ୟ, ଭାରତୀୟ ମାନଙ୍କର ପରମ ଆରାଧ୍ୟ ପ୍ରଭୁ ରାମଚନ୍ଦ୍ରଙ୍କ ମନ୍ଦିର ନିର୍ମାଣରେ ସେବେ ନିଜର ଅଭୁତପୂର୍ବ ଯୋଗଦାନ ଦେଇଥିବା ସେତେବେଳର ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଅବଦାନ ପୂରା ମାଟିରେ ମିଶିଯାଇଥିଲା ଯେବେ ଅଯୋଧ୍ୟା ସ୍ଥିତ ରାମ ମନ୍ଦିର ବି ସେବେ ମାଟିରେ ମିଶିଯାଇଥିଲା, ଯେବେ ଭାରତରେ ମୋଗଲ ଶାସକ ବାବରଙ୍କ ଭଳି ଜଣେ ମୁସ୍ଲିମ୍ ରାଜାଙ୍କ ରାଜ୍ ଚାଲିଥିଲା। ସେବେ ମୋଗଲ୍ ରାଜ୍ ସମୟରେ ବାବର ବାଦଶାହଙ୍କ ଦ୍ୱାରା ମନ୍ଦିର ଭଙ୍ଗା ପାଇଁ ଆଦେଶ ଦିଆଯାଇଥିଲା । ତେବେ ଆଜିର ଦିନରେ ଅଯୋଧ୍ୟା ସ୍ଥିତ ରାମମନ୍ଦିର ଯାହା ଆଗାମୀ ବାଇସିରେ ଉଦ୍ଘାଟନ ହେବାକୁ ଯାଉଛି , ଉତ୍ତରପ୍ରଦେଶରେ ଅଯୋଧ୍ୟାରେ, ଯାହାପାଇଁ କେବଳ ଉତ୍ତରପ୍ରଦେଶ ନୁହେଁ , କି ଭାରତ ନୁହେଁ , ସମଗ୍ର ବିଶ୍ୱରୁ ଆସୁଛି ଦାନ। ପ୍ରଭୁ ରାମଙ୍କ କୃପାରୁ ଆଗାମୀ ୨୨ ତାରିଖ ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ଏକ ଅବିସ୍ମରଣୀୟ ଦିବସ ପାଲଟିଯିବ। ରାମଲଲାଙ୍କ ସୁନ୍ଦର ମୂର୍ତ୍ତି ଯାହା ଚିରସ୍ମରଣୀୟ ତଥା ଅବିସ୍ମରଣୀୟ ହୋଇ ରହିବ ସବୁଦିନ ପାଇଁ ସବୁରୀ ମନରେ । ରାମଲଲାଙ୍କ ନୂତନ ମନ୍ଦିର ସ୍ଥାପନ ଦ୍ୱାରା ଅଯୋଧ୍ୟାରେ ବିଭିନ୍ନ ପ୍ରକାର ବାତାବରଣ ସୃଷ୍ଟି ହେବ। ନିଶ୍ଚିତରୂପେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ, ତାହା ସହିତ ରାଜ୍ୟରେ ଏକ ଉନ୍ନତ ମାନର ପର୍ଯ୍ୟଟନ ଭିତ୍ତିଭୂମି ତିଆରି ହୋଇପାରିବ ଯାହା ରାଜ୍ୟର ଆର୍ଥିକ ବିକାଶରେ ସହଯୋଗ ଦେଇପାରିବ।

## ଜ୍ଞାନାମୃତ

# ନିରାପଦ ଜୀବନ

ବାପା ଶ୍ୟାମଳବାବୁ କିନ୍ତୁ ପୁଅ ପ୍ରତି ଧ୍ୟାନ ନ ଦେଇ ଆଗେଇ ଚାଲିଥିଲେ ତାଙ୍କ ଚଲାବାଟରେ। ତେବେ କିଛିବାଟ ଗଲାପରେ ପଛରେ ପୁଅକୁ ନପାଇ ଭାରି ବ୍ୟସ୍ତ ହୋଇପଡ଼ିଲା । କ'ଣ କରିବ, କେଉଁଆଡ଼େ ଖୋଜିବ ତା'ର ଏକମାତ୍ର ଗେହ୍ଲାପୁଅକୁ। ଖୋଜି ଖୋଜି ନିରାଶ ହୋଇପଡ଼ିଲା। ହେଲେ କେଉଁଠି ବି ତା'ର ପୁଅକୁ ପାଇଲା ନାହିଁ। ବାପାର ଆଉ କାଠକଟାରେ ମନ ଲାଗିଲା ନାହିଁ। ସେ କାଠ କାଟିବ । କ'ଣ , ତା'ର ପୁଅକୁ ଖୋଜିବାରେ ଲାଗିଲା। ଏଣେ ତେଣେ ବହୁତ ଖୋଜିଲା ଏବଂ ବହୁ ସମୟ ଧରି ଖୋଜାଖୋଜି କଲା ପରେ ବି ପୁଅକକୌଣସି ସ୍ଥାନରେ ମଧ୍ୟ ପାଇଲା ନାହିଁ। କ'ଣ କରିବ ଏବଂ କେଉଁଠି ପାଇବ ପୁଅକୁ ଏତେ ବଡ଼ ଜଙ୍ଗଲରେ। ଏହିକଥା ଭାବି ଭାବି ତା'ର ମୁଣ୍ଡ ବିଗିଡ଼ିଗଲା। ଏକାନ୍ତ ଜଙ୍ଗଲରେ ସେ କାନ୍ଦିବାକୁ ଲାଗିଲା। ମନ ଦୁଃଖରେ ଗୋଟିଏ ଗଛ ତଳେ ବସିଗଲା। ସେହି ଗଛ ଉପରେ ବସିରହିଥିଲା ତା'ର ପୁଅ । ତଳେ ବାପାକୁ ଜଙ୍ଗଲରେ ଏକୁଟିଆ ବସି କାନ୍ଦୁଥିବାର ଦେଖି ବିଚରା ପୁଅ ରାମା ତୁରନ୍ତ ତଳକୁ ଆସି ବାପାକୁ ସବୁ କଥା କହିଲା। ବାପା ଆଗରେ ଚାଲିଗଲାପରେ ପଛରେ ରହିଯାଇଥିଲା ପୁଅ ରାମୁ। ଗୋଟିଏ ଭାଲୁ ହାବୁଡ଼ରେ ପଡ଼ିଯାଇ ଅତି ଚତୁରତାର ସହ ଚଢ଼ିଯାଇଥିଲା ଗଛରେ ଏବଂ ନିଜକୁ ସେହି ଭାଲୁ କବଳରୁ ରକ୍ଷା କରିବାରେ ସମର୍ଥ ହୋଇଥିଲା। ପୁଅ ମୁହଁରୁ ନିଜର ଆତ୍ମସୁରକ୍ଷା ବିଷୟ ଶୁଣି ବାପା ମଧ୍ୟ ଖୁସିରେ ଆତ୍ମହରା ହୋଇଗଲା ଯାହାହେଉ ପୁଅର ଚତୁରତା କାରଣରୁ ସେ ଯେ ଭାଲୁ କବଳରୁ ବର୍ତ୍ତିଗଲା, ତାହା ହିଁ ଥିଲା ବଡ଼ କଥା। ଜୀବନରେ ବେଳେ ବେଳେ ଏପରି ଘଟଣା ସବୁ ଘଟିଯାଇଥାଏ ଯେଉଁ ସମୟରେ ମଣିଷର ବୁଦ୍ଧି ହଜିଯାଇଥାଏ । ସେ ଜାଣିପାରେନା ଯେ ସେ କ'ଣ କରିବ ଏବଂ କ'ଣ ନ କରିବ। ହେଲେ ସେ ସମୟରେ ଉପସ୍ଥିତ ବୁଦ୍ଧି ଖଟାଇ କିଛି କରିଯିବା ଉଚିତ। ଯାହା ଫଳରେ ନିଜକୁ ଅନ୍ତତଃ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇପାରିବ। କାରଣ ନିଜକୁ ସୁରକ୍ଷିତ ରଖିଲେ ଆମେ ଅନ୍ୟକୁ ସୁରକ୍ଷିତ ରଖିପାରିବା। ଯଦି ନିଜକୁ ସୁରକ୍ଷିତ ରଖିବାର ଆମ ପାଖରେ କୌଣସି ଉପାୟ ନାହିଁ, ତେବେ ଆମେ ଅନ୍ୟକୁ କିପରି ରଖିବା ସୁରକ୍ଷିତ। ଏଣୁ ଜୀବନରେ ସବୁ କ୍ଷେତ୍ରରେ କୌଣସି ବି ପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି ଯାହା ଜୀବନରେ ଜରୁରୀ କାରଣ ଜୀବନରେ ସୁରକ୍ଷାର ସବୁ କ୍ଷେତ୍ରରେ ଆବଶ୍ୟକତା ରହିଛି। କାରଣ ପ୍ରଥମେ ସୁରକ୍ଷା ଉପରେ ଗୁରୁତ୍ୱ ଦେଲେ ଆମେ ସବୁ କ୍ଷେତ୍ରରେ ନିଜକୁ ସୁରକ୍ଷିତ ତଥା ସୁସ୍ଥ ରଖିପାରିବା।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ

ବିଶ୍ୱବିଜୟୀ ଦାଶ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର, ଶିକ୍ଷାର ପ୍ରସାର ଏବଂ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଯେଉଁ କେତେ ଜଣ ବରପୁତ୍ରଙ୍କର ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କ ମଧ୍ୟରେ ଖଲ୍ଲିକୋଟ ରାଜବଂଶର ତତ୍କାଳୀନ ଯୁବରାଜ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଙ୍କ ଭୂମିକା ଅବର୍ଣ୍ଣନୀୟ।ଓଡ଼ିଶାର ସାମଗ୍ରିକ ବିକାଶ ?ରେ ଖଲ୍ଲିକୋଟ ରାଜବଂଶର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।୧୯୦୦ ମସିହା ଜାନୁଆରୀ ୧୩ ତାରିଖର ଏକ ମାହେନ୍ଦ୍ର ? ମୁହୂର୍ତ୍ତରେ ସ୍ୱଦେଶୀ ପ୍ରେମୀ,ଭାଷା ପ୍ରେମୀ,ଶିକ୍ଷାୟତନ ପ୍ରେମୀ ରାଜା ହରିହର ମର୍ଦ୍ଦରାଜ ଓ ଧର୍ମପ୍ରାଣା ମାତା ?ରାଣୀ କନକ ମଞ୍ଜରୀ ଙ୍କ କୋଳ ମଣ୍ଡନ କରି ଧରାପୃଷ୍ଠ ହୋଇଥିଲେ ଯୋଗଜନ୍ମା ପୁତ୍ର ରାମଚନ୍ଦ୍ର।

ସେ ଓଡ଼ିଶା ବିଧାନସଭାରେ ଜଣେ ବିଧାୟକ ଭାବରେ ସ୍ୱାଧୀନତା ପୂର୍ବରୁ ଏବଂ ପରେ ଚାରିଥର କାର୍ଯ୍ୟ କରିଥିଲେ।୧୯୩୬ ସ୍ୱାଧୀନତା ପୂର୍ବର ପ୍ରଥମ ଓଡ଼ିଶା ବିଧାନ ସଭାକୁ କୋଦଳା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଭାରତ ସ୍ୱାଧୀନ ହେବା ପରେ ୧୯୫୨, ୧୯୫୭ ଓ ୧୯୬୧ ମସିହାରେ ହୋଇଥିବା ଓଡ଼ିଶା ବିଧାନ ସଭା ନିର୍ବାଚନରେ ସେ କୋଦଳା ଓ ଖଲ୍ଲିକୋଟ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୧ମ, ୨ୟ ଓ ୩ୟ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ।ସେ ୧୯୫୭ ମସିହାରୁ ୧୯୫୯ ମସିହା ଯାଏଁ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।ଓଡିଆ ଭାଷା, ସାହିତ୍ୟର ପ୍ରସାର ସହ ଶିକ୍ଷା ଏବଂ ସମାଜ ସଂସ୍କାର କ୍ଷେତ୍ରରେ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅତୁଳନୀୟ ଅବଦାନ ରହିଛି ।ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଓଡ଼ିଶାର ରାଜନୀତି, ସମାଜନୀତି, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାଂସ୍କୃତିକ ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ।ସେ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣର ପ୍ରମୁଖ ବିଧାଣୀ ତଥା ଉତ୍କଳ ସମ୍ମିଳନୀର ଅନ୍ୟତମ କର୍ଣ୍ଣଧାର।୧୯୪୫ ମସିହାରେ ସେ କେନ୍ଦ୍ର ବ୍ୟବସ୍ଥା ସଭାର ମାନ୍ୟବର ସଦସ୍ୟ ଭାବେ ମନୋନୀତ ହୋଇଥିଲେ ଏବଂ ୧୯୫୦ ମସିହା ଯାଏଁ ସେହି ପଦବୀ ରେ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତର ଭାଇସରାୟଙ୍କ ଦ୍ୱାରା ଓଡ଼ିଶାର ମାନ୍ୟବର ପ୍ରତିନିଧି ରୂପେ ରାଜା ରାମଚନ୍ଦ୍ର ଜାତୀୟ ପ୍ରତିରକ୍ଷା ପରିଷଦର ଅନ୍ୟତମ ସମ୍ମାନନୀୟ ସଦସ୍ୟ ୧୯୪୧ ମସିହା? ଠାରୁ ୧୯୪୫ ମସିହା ଯାଏଁ କାର୍ଯ୍ୟରତ ଥିଲେ।୧୯୫୭ ମସିହାରେ ହରେକୃଷ୍ଣ ମହତାବ ଙ୍କ ମୁଖ୍ୟମନ୍ତ୍ରୀତ୍ୱ ରେ ଗଠିତ ମନ୍ତ୍ରୀ ମଣ୍ଡଳରେ ରାଜା ରାମଚନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ସୂଚାରୁରୂପେ ସମ୍ପାଦନା କରିଥିଲେ।ରାଜାବାହାଦୁରଙ୍କର ଗଣତନ୍ତ୍ରରେ ଦୃଢ଼ ବିଶ୍ୱାସ ଥିଲା । ଲୋକଙ୍କ କଲ୍ୟାଣ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା।ନାରୀଶିକ୍ଷା,ଭିତ୍ତିଭୂମିର ବିକାଶ ଓ ଜନତାଙ୍କ ଉନ୍ନତି ପାଇଁ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ।ଜଳସେଚନ, ଗମନାଗମନ, ଆର୍ଥିକ, ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ।

ଲଣ୍ଡନରେ ଆୟୋଜିତ ତୃତୀୟ ଗୋଲଟେବୁଲ୍ ବୈଠକରେ ରାଜା ରାମଚନ୍ଦ୍ର ଯୋଗଦେଇ ଓଡ଼ିଆ ଭାଷାଭାଷୀ ଅଂଚଳର ମିଶ୍ରଣ ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ।ଓଡ଼ିଆ ଭାଷା ଆନ୍ଦୋଳନ ଇତିହାସରେ ଏକ ଅମ୍ଳାନ ଅଧ୍ୟାୟ ସୃଷ୍ଟି କରିଥିବା ଏହି ଉଜ୍ଜ୍ୱଳ ଜ୍ୟୋତିଷ୍କ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଏ ଜାତିର ଗର୍ବ ଓ ଗୌରବ।

ସେହି ଯୁଗପୁରୁଷ ୨୭ ଫେବୃୟାରୀ ୧୯୬୩ ମସିହାରେ ଏ ଦୁନିଆ ଛାଡ଼ି ଚାଲିଯାଇଥିଲେ।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ' । ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ ।କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା,ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ,ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ସେହିପରି ତାଙ୍କର ସମାଜ ସଂସ୍କାର, ରାଜନୈତିକ ପାରଦର୍ଶିତା,ସାହିତ୍ୟ ର ପ୍ରସାର ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଓଡ଼ିଶା ର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚାଲି ଯାଇଛନ୍ତି ସେଥିପାଇଁ ଓଡ଼ିଶାର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ,ଚିହ୍ନ ରହେ।ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚିତ୍ରପଟ,କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ।ସେହି ଯୁଗପୁରୁଷଙ୍କ କର୍ତ୍ତବ୍ୟନିଷ୍ଠା,ଓଡ଼ିଶା ର ରାଜନୀତି,ଶିକ୍ଷା ପ୍ରତି ଅବଦାନ ଏବଂ ଆଦର୍ଶ ଆଜିର ଯୁବ ଓ ଛାତ୍ର ସମାଜ ପାଇଁ ପ୍ରେରଣା ହୋଇ ରହିବ। ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

**ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା**
**ପିନ୍ ନଂ - ୭୫୨୦୩୫**
**ମୋବାଇଲ୍ ନଂ-**
**୬୩୭୦୨୦୮୪୨୮**

# ହେତୁବାଦ ଓ ସଭ୍ୟତା

ଅଧ୍ୟାପକ ଗୋପବନ୍ଧୁ

ହେତୁ କହିଲେ ସାଧାରଣତଃ ମନୁଷ୍ୟର ବୁଦ୍ଧିମତ୍ତାକୁ ବୁଝାଏ। ଏହି ବୁଦ୍ଧିମତ୍ତାକୁ ବିବେକ ବୋଲି ମଧ୍ୟ କୁହାଯାଏ। ମନୁଷ୍ୟର ବୁଦ୍ଧି ବା ବିବେକ ଅନେକ ଗୁଡିଏ ବିଷୟ ଦ୍ୱାରା ନିୟନ୍ତ୍ରିତ ହୁଏ। ଏଗୁଡିକ ମୁଖ୍ୟତଃ କାରଣବାଦ, ତର୍କବାଦ ଓ ଅଭିଜ୍ଞତାବାଦ। ତେବେ ଏ ସମସ୍ତ ବାଦର ମୂଳ ଆଧାର ହେଉଛି କାରଣବାଦ। ହେତୁର ଅନ୍ୟନାମ ହେଉଛି କାରଣ। ତେଣୁ ହେତୁବାଦକୁ କାରଣବାଦ ବା କରଣୀକତାବାଦ କୁହାଯାଇପାରେ। କରଣୀକତାବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ। ଏହା ଏକ ସର୍ବବ୍ୟାପୀ ନିୟମ ଅଟେ। ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ। ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇଆସିଛି। ଏଥିରେ ବ୍ୟତିକ୍ରମ ନାହିଁ। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ। କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ। ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ତତ୍ତ୍ୱ ହିଁ ହେତୁବାଦ। ବିଜ୍ଞାନ କହିଲେ ନିର୍ଦ୍ଦିଷ୍ଟ ଓ ସୁସଂହତ ଜ୍ଞାନକୁ ବୁଝାଏ। ତେଣୁ ହେତୁବାଦ କହିଲେ କରଣୀକତା ଉପରେ ପର୍ଯ୍ୟବେଶିତ ବୈଜ୍ଞାନିକ ସିଦ୍ଧାନ୍ତକୁ ବୁଝାଏ। ବୁଦ୍ଧିର ମୂଳ ଆଧାର ହେଉଛି କାରଣୀକତା। ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କରଣୀକତାର ସଠିକ ନିର୍ଣ୍ଣୟ କରିପାରନ୍ତି। ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ। ତର୍କବାଦ ଓ ଅନୁଭୂତିବାଦ କାରଣବାଦ ବିନା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। କାରଣବାଦକୁ ଉଦଭାସିତ କରିବା ଉଭୟ ତର୍କବାଦ ଓ ଅନୁଭୂତିବାଦର ଲକ୍ଷ୍ୟ। ଅନ୍ୟ ପକ୍ଷରେ ଅନ୍ଧବିଶ୍ୱାସ ହେତୁବାଦର ସମ୍ପୂର୍ଣ୍ଣ ପରିପନ୍ଥୀ। ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ। ଏହା ସଠିକ ଜ୍ଞାନ ମଧ୍ୟ ନୁହେଁ। ଅନେକ ସମୟରେ ବିଶ୍ୱାସ ମିଥ୍ୟା ହୋଇଥାଏ। ଅତୀତରେ ଲୋକମାନେ ବିଶ୍ୱାସ କରୁଥିଲେ ପୃଥିବୀ ସ୍ଲେଟ୍ ଭଳିଆ ସମତଳ, କିନ୍ତୁ ପରେ ଏହା ଭୁଲ ବୋଲି ପ୍ରମାଣିତ ହେଲା। ଏହିପରି ଅନେକ ବିଶ୍ୱାସ ସମାଜରେ ଥିଲା ଯାହା ପରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି ଓ ପ୍ରତ୍ୟାଖ୍ୟାତ ହୋଇଛି। ବିଶ୍ୱାସ ଓ ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ବିଶ୍ୱାସ ବ୍ୟକ୍ତି ସାପେକ୍ଷ। କୌଣସି ବିଷୟ ଉପରେ ଭିନ୍ନ ଭିନ୍ନ ବ୍ୟକ୍ତିର ବିଶ୍ୱାସ ଅଲଗା ଅଲଗା ହୋଇପାରେ। କିନ୍ତୁ ଜ୍ଞାନ ସର୍ବଦା ସତ୍ୟ। ଜ୍ଞାନ ଅନେକ ପ୍ରକାରର ହୋଇପାରେ। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନରେ ବିବିଧତା ନାହିଁ । ଜ୍ଞାନ ଗୋଟିଏ, ବିଶ୍ୱାସ ଅନେକ। ତେଣୁ ବିଶ୍ୱାସକୁ ଜ୍ଞାନ ବୋଲି କୁହାଯାଇ ପାରିବ ନାହିଁ। ଜ୍ଞାନରୁ ବିଜ୍ଞାନ। ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ। ଏହା ନିର୍ଭୁଲ। ବିଶ୍ୱାସ ଓ ଅବିଶ୍ୱାସ ଉପରେ ବିଜ୍ଞାନ ନିର୍ଭର କରେନାହିଁ। ଏହା ପ୍ରମାଣ ଉପରେ ନିର୍ଭର କରେ। ଅନ୍ଧ ହେଉଛି ଦେଖି ପାରୁନଥିବା ବ୍ୟକ୍ତି। ତେଣୁ ଦେଖି ପାରୁନଥିବା ବ୍ୟକ୍ତିର ବିଶ୍ୱାସ ହେଉଛି ଅନ୍ଧବିଶ୍ୱାସ। ସାଧାରଣ ଭାବେ ଯେଉଁ ଜ୍ଞାନ ବିଜ୍ଞାନସମ୍ମତ ନୁହେଁ ତାହାକୁ ଅନ୍ଧବିଶ୍ୱାସ କୁହଯାଏ।ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରୀୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି। କ୍ରମେ ତାର ବୁଦ୍ଧିମତ୍ତାର ବିକାଶ ଘଟିଛି। ଏହି ବିକାଶ ପଛରେ ରହିଛି କରଣୀକତା ସମ୍ବନ୍ଧୀୟ ସଚେତନତା। ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି। ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି। ଅନୁଭୂତି ତାକୁ ପ୍ରେରୀତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯାଥାଯଥ କାରଣ ରହିଛି। ବିନା କାରଣରେ କିଛି ଘଟେ ନାହିଁ। ଏହି ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି। ମାନବ ସଭ୍ୟତାର ବିକାଶ ଦିଗରେ ହେତୁବାଦର ଭୂମିକା ଅତୁଳନୀୟ। ବିଜ୍ଞାନ ବିନା ଆଧୁନିକ ସଭ୍ୟତାର ପରିକଳ୍ପନା କରାଯାଇ ପାରିବ ନାହିଁ। ପୁଣି ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ। ବିଜ୍ଞାନ ନିର୍ଣ୍ଣୟ କରିଛି କାହାକୁ ହେତୁ ବା କାରଣ କୁହାଯିବ। କାରଣ ତାହା ଯାହା ନିକଟରେ କାର୍ଯ୍ୟ ସୃଷ୍ଟି କରିବାର କ୍ଷମତା ଥିବ। ଯେ କୌଣସି ବିଷୟକୁ କାରଣ ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ। ନଦୀର ଉପର ମୁଣ୍ଡରେ ଜୋରରେ ବର୍ଷାହେବା ବା ଅନ୍ୟ କୌଣସି କାରଣରୁ ପ୍ରବଳ ଜଳ ପ୍ରବାହ ନଈ ବଢ଼ିର କାରଣ ହୋଇପାରିବ। କିନ୍ତୁ ଭୂମିକମ୍ପ, କୌଣସିଠାରେ ଯୁଦ୍ଧଲାଗିବା ପରି ଅସଂପୃକ୍ତ ଘଟଣା ନଈ ବଢ଼ିର କାରଣ ହୋଇପାରିବ ନାହିଁ। ଆଦିମ ଅବସ୍ଥାରେ ମନୁଷ୍ୟର ବୌଦ୍ଧିକତାର ବିକାଶ ଘଟିନଥିଲା। ତା ମନରେ ଜିଜ୍ଞାସାଭାବ ପରିପକ୍ୱ ନଥିଲା। ଅନେକ ଘଟଣାର ରହସ୍ୟଭେଦ କରିବାକୁ ସେ ସକ୍ଷମ ନଥିଲା। ଏ ସମସ୍ତ ବିଷୟ କୌଣସି ନା କୌଣସି ଅଦୃଶ୍ୟ ଶକ୍ତିର କାର୍ଯ୍ୟ ବୋଲି ସେ ଭାବି ନେଉଥିଲା। ତାର ବିଶ୍ୱାସ କ୍ରମେ ଲୋକାୟତିକ କାରଣରେ ପରିଣତ ହେଲା। ଅଧିକରୁ ଅଧିକ ଲୋକ ଏହାକୁ ବିଶ୍ୱାସ କଲେ। ଅଦୃଶ୍ୟ ଶକ୍ତିକୁ ସନ୍ତୁଷ୍ଟ କରିବା ପାଇଁ ନାନାପ୍ରକାର ବିଧିବିଧାନ ସୃଷ୍ଟିହେଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହିପ୍ରକାର କର୍ମକାଣ୍ଡ ପରମ୍ପରାର ରୂପନେଲା। ଧର୍ମର ସୃଷ୍ଟି କାଳରେ ଏହି ପରମ୍ପରା ଧାର୍ମିକ କଥନର ମଧ୍ୟ ଅଂଶବିଶେଷ ହୋଇଗଲା। ଏପ୍ରକାର ଅନ୍ଧବିଶ୍ୱାସ ଧର୍ମ ବିଶ୍ୱାସର ଅଂଶ ହୋଇଗଲେ ତାହା ଧାର୍ମିକ ମୌଳବାଦୀଙ୍କ ପାଇଁ ବୌଦ୍ଧିକ ଓ ଶାରୀରିକ ଅତ୍ୟାଚାରର ଅସ୍ତ୍ର ହୋଇଯାଏ। ଧର୍ମ ଓ ଧର୍ମଶାସ୍ତ୍ରର ଦ୍ୱାହିଦେଇ ହେତୁବାଦକୁ ଦଳିଦେବାକୁ ଚେଷ୍ଟା ହୁଏ। ବିଜ୍ଞାନ ଅଳିଆ ଗଦାକୁ ଚାଲିଯାଏ। ଜିଜ୍ଞାସାଭାବ ହଜିଯାଏ। ମନୁଷ୍ୟ କାରଣୀକତାକୁ ଛାଡି ସେହି ଆଦିମ ଯୁଗକୁ ଚାଲିଯାଏ। ସେ ଅନ୍ଧବିଶ୍ୱାସର ଅନ୍ଧାରୀ ରାଜ୍ୟର ବାସିନ୍ଦା ହୋଇଯାଏ। ସେହି ଯୁଗର ବର୍ବରତା ତା ଭିତରେ ଜାଗିଉଠେ। ଯିଏ ତା ସହିତ ଏକମତ ହୁଏନାହିଁ, ସେ ଆକ୍ରୋଶର ଶୀକାର ହୁଏ। ତାକୁ ଗାଳିଗୁଲଜ ହୁଏ, ଧମକଚମକ ଦିଆହୁଏ, ମାଡ ବି ଦିଆହୁଏ, ବେଳେବେଳେ ହତ୍ୟାର ଶୀକାର ମଧ୍ୟ ହେବାକୁ ହୁଏ। ହେତୁବାଦୀ ଓ ଅନ୍ଧବିଶ୍ୱାସୀଙ୍କ ମଧ୍ୟରେ ସଂଘର୍ଷ ନୂଆକଥା ନୁହେଁ। ଏହା ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସିଛି। ଅନେକଙ୍କୁ ଜୀବନ ଦେବାକୁ ପଡ଼ିଛି। ତଥାପି ହେତୁବାଦୀମାନେ ଦବିଯାଇ ନାହାଁନ୍ତି କି ନିଜ ଉଦ୍ୟମକୁ ଛାଡି ନାହାଁନ୍ତି। ଆଜିର ଅବସ୍ଥାରେ କାହିଁକି ଗୋଟିଏ କଥାକୁ ସତ୍ୟ ବୋଲି ଗ୍ରହଣ କରିବା ତାହାର ଉପଯୁକ୍ତ ବିଜ୍ଞାନସମ୍ମତ ବ୍ୟାଖାନ ଅତ୍ୟନ୍ତ ଜରୁରୀ। ଅନ୍ୟଥା ଏହାକୁ ଗ୍ରହଣ କରିବାକୁ ଅନେକ ଲୋକ ଅନିଚ୍ଛା ପ୍ରକାଶ କରିବା ସ୍ୱାଭାବିକ। ପୂର୍ବପୁରୁଷମାନେ ମାନୁଥିଲେ, ଆମ ପରମ୍ପରାରେ ଏହା ଅଛି, ଆମଧର୍ମ ଏହା କହୁଛି, ତେଣୁ ଆମେ ମାନିବା ଉଚିତ୍, ଏପରି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିବାକୁ ଅନେକ ଲୋକ ବାହାରିଲେଣି। ଅନ୍ଧବିଶ୍ୱାସ କଦାପି ଦୀର୍ଘସ୍ଥାୟୀ ହେବନାହିଁ। କୌଣସି ବିଶ୍ୱାସକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ତା ପଛର ବୈଜ୍ଞାନିକ ବ୍ୟାଖାନକୁ ସ୍ୱଷ୍ଟ କରିବାକୁ ହେବ। ଅନ୍ୟଥା ମନୁଷ୍ୟର ବୌଦ୍ଧିକତା ତାକୁ ଗ୍ରହଣ କରିପାରିବ ନାହିଁ। ଅନ୍ଧବିଶ୍ୱାସ ଅନ୍ଧାରରେ ହିଁ ରାଜୁତି କରିବ। ଜ୍ଞାନର ଆଲୋକକୁ ଦେଖିଲେ ଚିହିଁଙ୍କିବ। ସମୟର ଇତିହାସରେ ଜଣେ ଅନ୍ଧବିଶ୍ୱାସୀ ତାର ଅନ୍ଧସାମ୍ରାଜ୍ୟକୁ ନେଇ ପରିଚିତ ହେବ। ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଞ୍ଚିଛି। ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି। ଏହି ସୋପାନରେ ପହଁଞ୍ଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି। ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ। ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ୍ୟ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦ ହିଁ ହେତୁବାଦ। ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ତ୍ୱ। ଏହା ବିନା ବିଜ୍ଞାନ ଅକଳ୍ପନୀୟ। କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ। ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର। କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ। ଏହାହିଁ ହେତୁବାଦ। ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ। କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ। ଏବେ କିନ୍ତୁ ସେ ସମୟ ଆଉ ନାହିଁ।କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ। ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ। ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ। ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ। ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ। ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭାଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ୍ତ ରଖିଛି। ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି। ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି। ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି। ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି। ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ। ଏମାନେ ସଦାସର୍ବଦା ଧର୍ମଭିତ୍ତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି। ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ। ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥାଏ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂର୍ଘଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂର୍ଘଷ ରେନାସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ଏହା ରକ୍ତାକ୍ତ ସଂଘର୍ଷ ନଥିଲା। ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା। ସଂର୍ଘଷ ଭିତରେବି ସହନଶୀଳତା ଥିଲା। ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାଁସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖର ହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ଏ ପରିବର୍ତ୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ। ମନେ ରଖିବାକୁ ହେବ ବିଜ୍ଞାନ ହିଁ ହେତୁବାଦ।

**ବାରିପଦା, ମୟୁରଭଞ୍ଜ, ମୋ.**
**୭୦୦୮୯୭୬୧୮୦**
**ଅବସରପ୍ରାପ୍ତ), ଦର୍ଶନ ବିଭାଗ**

# ଗାଁ କଲ୍ୟାଣ ସମିତି ବୋର୍ଡରେ ସୀମିତ

## ➡ ଡ୍ରେନେଜ ସୁବିଧା ନଥିବାରୁ ପରିବେଶ ଦୁର୍ଗନ୍ଧମୟ
## ➡ ଗାଁ ମୁଣ୍ଡରେ କୁଢ଼କୁଢ଼ ଆବର୍ଜନା ଗଦା



**ନୂଆପଡ଼ା(ଅମୃତ ମିଡିଆ) :** ଗାଁ ପରିବେଶ ସୁଦ୍ଧ, ରହିଲେ ପଞ୍ଚାୟତ ସୁଦ୍ଧ ରହିବ। ପଞ୍ଚାୟତ ସୁସ୍ତ ରହିଲେ ଜିଲ୍ଲା ଓ ରାଜ୍ୟ ସୁସ୍ଥ ରହିବ । ଏହି ଲକ୍ଷ୍ୟ ନେଇ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ତରଫରୁ ଗାଁ କଲ୍ୟାଣ ସମିତି ଭଳି ମହତ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଗାଁର ସ୍ୱାସ୍ଥ୍ୟ, ପରିମଳ, ଅପପୁଷ୍ଟି, ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁହାରରେ ବ୍ରେକ ଲଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ କିନ୍ତୁ ସଚେତନତା ଅଭାବରୁ ଗାଁ କଲ୍ୟାଣ ସମିତି ଲକ୍ଷ୍ୟ ଠାରୁ ଦୂରେଇ ଯାଇଛି ଗାଁ କଲ୍ୟାଣ ପାଇଁ ଗଠନ ହୋଇଥିବା ସମିତି ନିଜର ନୈତିକ ଦାୟିତ୍ୱକୁ ସଠିକ ଢଙ୍ଗରେ କାର୍ଯ୍ୟ କରିବାରେ ବିଫଳ ହୋଇଛି। ନୂଆପଡା ଜିଲ୍ଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ର ଶୁକଲିମୁଣ୍ଡି ଗାଁ ରେ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ନାହିଁନଥିବା ଅବ୍ୟବସ୍ଥା ଦେଖାଦେଇଛି। ଶୁକଲିମୁଣ୍ଡି ଗାଁ କୁ ପ୍ରବେଶ ପୂର୍ବରୁ ପ୍ରାଥମିକ ବିଦ୍ୟାଳୟ ନିକଟରେ ପ୍ରଧାନମନ୍ତ୍ରୀ ସଡ଼କ ବଲାଙ୍ଗୀର ଜିଲ୍ଲା କୁ ସଂଯୋଗ କରୁଛି ପ୍ରଧାନମନ୍ତ୍ରୀ ରାସ୍ତା ପାର୍ଶ୍ୱରେ ଥିବା କୁଢ଼କୁଢ଼ ଆବର୍ଜନା ପଡ଼ିରହିଛି ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ସଫା ନ ହୋଇ ଗାଁ ମୁଣ୍ଡ ରେ ଗଦା ହୋଇଛି ଗାଁ ର ଅଳିଆ ଆବର୍ଜନା ଯୋଗୁଁ ବିଭିନ୍ନ ରୋଗ ସମସ୍ୟା ଦେଖିବାକୁ ମିଳିଥିବା ଅଭିଯୋଗ ହେଉଛି ପ୍ରଧାନମନ୍ତ୍ରୀ ରାସ୍ତା ଦବି ଯିବାରୁ ନଳ କୂପ ପାଣି ଜମା ହୋଇ ରାସ୍ତା ରେ ପଚପଚ୍ ହୋଇ ଦୁର୍ଗନ୍ଧରେ ଫାଟିପଡୁଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା କରିବାରେ ସମସ୍ୟା ସୃଷ୍ଟି ହେଉଛି । ବର୍ଷବର୍ଷ ଧରି ଅଳିଆ ଆବର୍ଜନା ସଫା ନହେବାରୁ ଗାଁ ବାସିନ୍ଦାଙ୍କୁ ମ୍ୟାଲେରିଆ ଜ୍ୱର ଓ ଡାଏରିଆ ବ୍ୟାପୁଥିବା ଅଭିଯୋଗ ହେଉଛି । ରାସ୍ତାରେ ବାସନ କୁସନ ମାଜିବା ସହିତ ନଳକୂପ, ପାଇପ ପାଣି, ଅଳିଆ ଆବର୍ଜନା ପାଣି ଜମା ହୋଇ ରାସ୍ତା ପାର୍ଶ୍ୱରେ ରହିଯାଉଛି ଓ ଡ୍ରେନ ନଥିବାରୁ ପାଣି ନିଷ୍କାସନ ନ ହୋଇ ଏପରି ପରିସ୍ଥିତି ସୃଷ୍ଟି ହେଉଛି ଏ ନେଇ ବାରମ୍ବାର ଆବର୍ଜନା ସଫା କରିବା ନିମନ୍ତେ ଗୁହାରି କଲେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ଶୁଣୁନଥିବା କହିଛନ୍ତି ଗ୍ରାମବାସୀ । ସେହିପରି ଠିକପାଲି ପଞ୍ଚାୟତର ବିଭିନ୍ନ ଗାଁ ରେ ମଧ୍ୟ ଡ୍ରେନ ନାହିଁ ନଥିବା ଅବସ୍ଥା ସମାନ। ଅଳିଆ ଆବର୍ଜନାରେ ପୋତି ହୋଇ ଅତି ଶୋଚନୀୟ ହୋଇପଡିଛି । ଦୀର୍ଘ ଦିନ ହେଲା ଡ୍ରେନ ନିର୍ମାଣ ହୋଇନାହିଁ ଯାହା ଫଳରେ ଅଳିଆ ଆବର୍ଜନା ଗଦା ହୋଇ ପଡିରହୁଛି । ଏଥିପ୍ରତି କାହାର ଶୁଭ ଦୃଷ୍ଟି ପଡୁନାହିଁ ଦୀର୍ଘ ଦିନ ହେଲା ଅଳିଆ ସଫା ହେଉନଥିବାରୁ ଶୁକଲିମୁଣ୍ଡି ଗାଁ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ଓ ଦୁଃଖର ବିଷୟ ବର୍ଷ ବର୍ଷ ଧରି ଅଳିଆ ଆବର୍ଜନା ସହ କାଦୁଅ ପାଣି ଜମି ରହୁଥିଲେ ମଧ୍ୟ ସଫା ସୁତୁରା କରାଯାଉ ନାହିଁ । ପଞ୍ଚାୟତରେ ଗାଁ କଲ୍ୟାଣ ସମିତି କେବଳ ବୋର୍ଡ ରେ ହିଁ ସୀମିତ ରହିଯାଇଛି ଓ ଏଠି ସରକାରଙ୍କ ଏହି ମହତ୍ ଯୋଜନା ଫେଲ୍ ମାରିଛି ।

# ବ୍ରହ୍ମପୁର ସିଟି ହସ୍ପିଟାଲରେ ମିଳୁନାହିଁ ଜରୁରୀ ସେବା

## ଚିକିତ୍ସା ସେବା ସଜାଡ଼ିବାପାଇଁ ଏମଏଏସଏମର ବିକ୍ଷୋଭ



**ବ୍ରହ୍ମପୁର(ଅମୃତ ମିଡିଆ) :** ବ୍ରହ୍ମପୁର ସିଟି ହସ୍ପିଟାଲରେ ଚିକିତ୍ସା ଜନିତ ଅବହେଳା ସମାଧାନ ଦାବିନେଇ ସହରର ଅଗ୍ରଣୀ ସଂଗ୍ରାମୀ ସଂଗଠନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ସିଟି ହସ୍ପିଟାଲ ମୁଖ୍ୟ ଗେଟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହେବାସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଧେଶ୍ୟରେ ପାଞ୍ଚ ଦଫା ଦାବିନେଇ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । କାଜୁଆଲିଟି ଜରୁରୀ ବିଭାଗରେ ଆବଶ୍ୟକ ସ୍ଥଳେ ଅମ୍ଳଜାନ ବ୍ୟବସ୍ଥା କରିବା, ଔଷଧ ଦେବା, ଶ୍ୱାସ ରୋଗୀଙ୍କୁ ଇନହେଲର ଯୋଗାଇବା, ଇସିଜି କରିବା, ଆମ୍ବୁଲାନ୍ସ ଯୋଗାଇବା ଭଳି ସାମାନ୍ୟ ଓ ଜରୁରୀ ସେବା ମଧ୍ୟ ରାତ୍ରି ସମୟରେ ସିଟି ହସ୍ପିଟାଲରେ ଉପଲବ୍ଧ ହୋଇପାରୁନାହିଁ । ଏତଦସହ ରୋଗୀଦେଖା ସମୟ ସକାଳ ୮ଘଣ୍ଟାରୁ ଆରମ୍ଭ ହେଉଥିବା ବେଳେ ଦିବା ୧୦ଘଣ୍ଟାରେ ଅଧିକାଂଶ ଡାକ୍ତର ଡିଉଟିକୁ ଆସୁଥିବା ଓ ଅପରାହ୍ନରେ ରୋଗୀ ଦେଖା ସମ୍ପୂର୍ଣ ଭାବେ ବନ୍ଦ କରିବା, ସମସ୍ତ ଆବଶ୍ୟକ ସରଞ୍ଜାମ ଥିବା ଓ ଡାକ୍ତର ନିୟୋଜିତ ଥିବା ସତ୍ୱେ ଜରୁରୀ ସେବାପାଇଁ ଆସୁଥିବା ରୋଗୀଙ୍କୁ ଏମକେସିଜି ମେଡିକାଲକୁ ଚାଲିଯିବା ପାଇଁ ବାଧ କରୁଛନ୍ତି । ଅଲଟ୍ରା ସାଉଣ୍ଡ ମେସିନ ଅଧିକାଂଶ ସମୟରେ ଅଚଳ ରଖି ରୋଗୀଙ୍କୁ ବିଭିନ୍ନ ଘରୋଇ କ୍ଲିନିକକୁ ଯିବାପାଇଁ ବାଧ କରାଯାଉଛି । କିଡ଼ନୀ ରୋଗୀଙ୍କ ପାଇଁ ଡାଇଲିସିସ ବିଭାଗ ଖୋଲିବା ଆଦି ଦାବୀ କରାଯାଇଛି । ସୂଚନା ଯେ, ସିଟି ହସ୍ପିଟାଲକୁ ଦୁଇ ଦୁଇ ଥର ରାଜ୍ୟ ସରକାର ଉତ୍ତମ ସେବା ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରିଥିଲେ ବି ଜରୁରୀ ସେବା ପାଇବାରୁ ରୋଗୀ ବଂଚିତ ହେଉଛନ୍ତି ଓ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଥଚ ଏଠାରେ କୋଟି କୋଟି ଟଙ୍କାରେ ସୁନ୍ଦର ସୁନ୍ଦର କୋଠା ନାମକୁ ମାତ୍ର ଶୋଭା ପାଉଛି । ଖୁବଶୀଘ୍ର ସମସ୍ତ ସମସ୍ୟାର ସମାଧାନ ନହେଲେ ରାଜ୍ୟ ସରକାର ଆନ୍ଦୋଳନକ୍ଷମ୍ୟକ ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା ଦୃଢ଼ ଚେତାବନୀ ଦେଇଛନ୍ତି । ମଞ୍ଚର ଉପଦେଷ୍ଟା ବଂଶୀଧର ଭୂୟାଁ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବି ରଥ, ରାମ ଚନ୍ଦ୍ର ବକ୍ଷତତ୍ୟା, ଆର.ସତ୍ୟ ନାରାୟଣ ରାଓ, ଏସ. ସକ୍ଷମ୍ୟକ୍ଷଶିବା ରାଓ, ପୂର୍ଣ୍ଣ ଚନ୍ଦ୍ର ମହାରଣା, କବିରାଜ ସାହୁ,ସନ୍ତୋଷ କୁମାର ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ହୃଷିକେଶ ପାତ୍ର, ବିଜୟ ଚନ୍ଦ୍ର ବିଶୋଇ, ମନୋଜ କୁମାର ତରାଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଗୋକୁଳାନନ୍ଦ ପୀଠରେ ବକୁଳ ଅମାବାସ୍ୟା ପାଳିତ



**ଖଣ୍ଡପଡ଼ା(ଅମୃତ ମିଡିଆ) :** ଖଣ୍ଡପଡ଼ା ବ୍ଲକ୍‌ର ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ଗୋକୁଳାନନ୍ଦ ପୀଠରେ ପ୍ରଭୋ ଶ୍ରୀ ଗୋକୁଳାନନ୍ଦଙ୍କୁ ବକୁଳ ଲାଗି ସହିତ ବକୁଳ ଅମାବାସ୍ୟା ପର୍ବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଥିବା ଜଣାଯାଇଛି। ସିଧାମୂଳା ଗ୍ରାମପଂଚାୟତର ମଧୁକର୍ଣ୍ଣିକା ପାହାଡ଼ର ମଧ୍ୟ ଭାଗରେ ବିରାଜିତ ପ୍ରଭୋ ଶ୍ରୀ ଗୋକୁଳାନନ୍ଦଙ୍କୁ ଏହି ତିଥିରେ ଶ୍ରେଷ୍ଠ ଫଳ (ଚ୍ୟୁତ) ଆମ୍ରବୃକ୍ଷର ବଉଳକୁ ସମର୍ପଣ କରାଯାଇଥିଲା। ଏଥିସହିତ ସମସ୍ତ ପାର୍ଶ୍ୱ ଦେବାଦେବୀ ବିଗ୍ରହ ମାନଙ୍କୁ ବକୁଳଲାଗି ସହ ଦୂଧ ଗଇଁଠା ସମର୍ପଣ କରାଯାଇଥିଲା। ସିଧାମୂଳା ଗ୍ରାମସହ ଆଖପାଖ ଅଞ୍ଚଳର ଶହ ଶହ ଦର୍ଶକ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ପ୍ରଭୁ ଶ୍ରୀ ଗୋକୁଳାନନ୍ଦଙ୍କ ପାଖରେ ପ୍ରସାଦ ସେବନର ଆସର ମଧ୍ୟରେ ଏହି ପୁଣ୍ୟ ଦିବସର ଆନନ୍ଦକୁ ସମ୍ପୁର୍ଣ୍ଣ ଉପଭୋଗ କରିଥିବା ସ୍ଥାନୀୟ ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ ଗଙ୍ଗାଧର ଷଡଙ୍ଗୀଙ୍କ ଠାରୁ ଜଣାଯାଇଛି।

# ବିଭିନ୍ନ ୱାର୍ଡରେ ବୁଲିଲା ଜଗନ୍ନାଥ ଅର୍ପଣ ରଥ



**ବାଲିଗୁଡ଼ା(ଅମୃତ ମିଡିଆ) :** ଜାନୁଆରି ୧୭ ତାରିଖରେ ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବ । ଏହାକୁ ସ୍ମରଣୀୟ କରିବା ପାଇଁ ରାଜ୍ୟବ୍ୟାପୀ ପ୍ରତି ପରିବାରରୁ ଅରୁଆ ଚାଉଳ, ଗୁଆ ଆଦି ସଂଗ୍ରହ କରାଯାଇ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଫୁଲବାଣୀ ପୌର ପରିଷଦ ପ୍ରଶାସନ ପକ୍ଷରୁ ଜଗନ୍ନାଥ ଅର୍ପଣ ରଥର ଉଦ୍‌ଘାଟନ କରାଯାଇଛି। ଫୁଲବାଣୀ ପୌର ପରିଷଦ ଅନ୍ତର୍ଗତ ଦାମୀ ଗାଁ କାମନା ମନ୍ଦିର ଠାରେ ଏହାର ଶୁଭାରମ୍ଭ କରାଯାଇଛି। ବିହନ ନିଗମ ଅଧକ୍ଷ ବିଜୟ ନାୟକ ଉପସ୍ଥିତ ରହି ଶୁଭ ଉଦ୍ଘାଟନ କରିଥିଲେ । ରଥ ଆଜି ୱାର୍ଡ ନମ୍ବର ଦୁଇ ଓ ତିନି ବୁଲିଥିଲା । ଏହି ରଥ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି ଓ ପୌର ପରିଷଦର ଅଧିକାରୀ କାର୍ଯ୍ୟନିର୍ବାହୀ ଅଜିତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ନଗର ସଭାପତି ବିମଳେନ୍ଦୁ ପାଢୀ, କାଉନ୍ସିଲର ମାଧବୀ ମିଶ୍ର,ମୃତ୍ୟୁଞ୍ଜୟ ପେରା, ଶ୍ରୀବସ୍ତ୍ଛ ବେହେରା, ସ୍ନେହଲତା ପ୍ରଧାନ, ପଞ୍ଚାନନ କହଁର, ସହରାଞ୍ଚଳ ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ରାଜେନ୍ଦ୍ର କୁମାର ପାଢ଼ୀ,ବିକ୍ରମ ବେହେରା, ବିରଜା କହଁରଙ୍କ ସମେତ ପ୍ରତ୍ୟେକ ୱାର୍ଡ଼ର ଜଗନ୍ନାଥ ପ୍ରେମୀ ମାନେ ଉପସ୍ଥିତ ଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜନ୍ମ ଦିବସ ପାଳନ

**ଚାନ୍ଦବାଲି(ଅମୃତ ମିଡିଆ) :** ଜାତିୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କର ୧୬୨ ତମ ଜନ୍ମ ଦିବସ ଅବସରରେ ଚାନ୍ଦବାଲି ବିବେକାନନ୍ଦ ଯୁବ ମହାମଣ୍ଡଳ ଅନୁକୂଲ୍ୟରେ ଚାନ୍ଦବାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ପରି ଏବର୍ଷ ମହାମଣ୍ଡଳ ପକ୍ଷରୁ ଗରିବ ଦୁସ୍ଥ ରୋଗୀଙ୍କର ରକ୍ତ ବିନା କାହାର ଜୀବନ ହାନି ନହେଉ ବୋଲି ମହାମଣ୍ଡଳରର ସହ ସମ୍ପାଦକ ଶ୍ରୀ ସାହୁ ପ୍ରକାଶ କରିଥିଲେ । ଏହି ଶିବିରକୁ ମହାମଣ୍ଡଳର ବରିଷ୍ଠ ସଦସ୍ୟ ଗୋପିରାମ ଅଗ୍ରୱାଲ ଉଦ୍‌ଘାଟାନ କରିଥିବାବେଳେ ମହାମଣ୍ଡର ସଭାପତି ଲକ୍ଷ୍ମୀକାନ୍ତ ପାଢ଼ି, ଉପସଭାପତି ସୁବ୍ରତ କୁମାର ପାଢ଼ୀ, ସମ୍ପାଦକ ଅଜିତ କୁମାର ସାହୁ, ସହ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ ଏକ ଶହରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା ।

# ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**ଦଶପଲ୍ଲା(ଅମୃତ ମିଡିଆ) :** ୨୦୨୩ ରିଖରୁ ଦଶପଲ୍ଲା ସହରରୁ ଗାଁ ସବୁ ଆଡେ ଶ୍ରୀ ଜଗନ୍ନାଥ ଅର୍ପଣ ରଥକୁ ପ୍ରତିଦୁଆରେ ନାମକୀର୍ତ୍ତନ ସହ ପ୍ରତିଘର ଦୁଆରେ ଝୋଟି,ଚିତା ସହ ପୂର୍ଣ୍ଣକୁମ୍ଭ ଦିପ ଥୋଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଗାଁରୁ ସହର ସବୁଆଡେ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରସାଦ ସେବନ ।ଆଜ ଦଶପଲ୍ଲାର ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର ୫ ଓ ୭ନଂମ୍ବର ୱାର୍ଡ ରଥ ଭ୍ରମଣକରି ୭ନଭେମ୍ବର ୱାର୍ଡର ମା ଡୁମାଲୁଣୀ ମନ୍ଦିର ଠାରେ ପ୍ରସାଦ କରାଯାଇଥିଲା ।ସେହିଭଳି ଅଧିବାସୀ ବହୁଳ ଚଡେୟାପଲୀ ପଞ୍ଚାୟତ ଜଗନ୍ନାଥ ଅର୍ପଣ ରଥକୁ ପ୍ରତିଗାଁ ଭ୍ରମଣ ଚାଲିଥିବାର ଶୁଚନା।

# ଗଞ୍ଜେଇ ଚାଲାଣ ବେଳେ ଜବତ କଲା ପୋଲିସ



**ବାଲିଗୁଡ଼ା(ଅମୃତ ମିଡିଆ) :** ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୋଲିସ୍ । କାର୍ ସହ ୭୮ କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଚାଲାଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଧିକାରୀ ହରିଶଙ୍କର ମାଠିଆ ନିଜ ଟିମ୍ ସହ ବାରଖମା ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଭର୍ତ୍ତି ଏକ କାର୍ ଦୃତ ଗତିରେ ଯାଉଥିଲା । ପିଛା କରି କାରକୁ କାବୁ କରିଥିଲା ଟିମ୍ । ବାଲିଗୁଡ଼ା ଅଞ୍ଚଳରୁ ବରଗଡ଼ ଅଞ୍ଚଳକୁ ଏହି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ଜଣକ ବରଗଡ଼ର ଅକୁର ମାଝୀ ହୋଇଥିବା ବାଲିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି ।

# ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ପକ୍ଷରୁ ୫ ଦିନିଆ ଆଞ୍ଚଳିକ ହର୍ବାଲ ମେଳା



**ଫୁଲବାଣୀ(ଅମୃତ ମିଡିଆ) :** ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ଓଡ଼ିଶା ଏସ ଏମ ପି ବି ଏବଂ ଫୁଲବାଣୀ ବନଖଣ୍ଡ ର ମିଳିତ ସହଯୋଗରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ଙ୍କର ଅଧକ୍ଷତାରେ ଆୟୁର୍ବେଦ ଔଷଧ ଖାଇ ଲୋକମାନେ କିପରି ରୋଗ ମୁକ୍ତ ହୋଇପାରିବେ ଏବଂ ଚେର ମୁଳି ଚାରା ରୋପଣ କରି ଲାଭବାନ ହୋଇପାରିବେ ଏହି ମହତ ଉଦେଶ୍ୟ ନେଇ ଫୁଲବାଣୀ କରନେସନ ପଡ଼ିଆ ଠାରେ ତା ୧୦/୧/୨୦୨୪ ଠାରୁ ୧୪/୧/୨୦୨୪ ରିଖ ପର୍ଯ୍ୟନ୍ତ ୫ ଦିନ ଧରି ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ ହୋଇଯାଇଛି। ଏହି ମେଳାର ମୁଖ୍ୟ ଅତିଥି ଭାବେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ଚିଫ୍ ଏକଯ୍ୟୁଟିଭ ଆଇ ଏଫ ଏସ ସୁଦୀପ୍ତ ନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଔଷଧୀୟ ମେଳା ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସର୍କଲ ରିଜନାଲ ଚିଫ୍ କଞ୍ଜର ଭେଟେର ଡ଼ ସଞ୍ଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା,ବୌଦ୍ଧ ଜିଲ୍ଲା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ,ଫୁଲବାଣୀ କେନ୍ଦୁଲିଫ ଅଧିକାରୀ ସୁଦର୍ଶନ ବାଦୀ ଏବଂ ବନବିଭାଗ ଡେପ୍ୟୁଟି କଞ୍ଜର ଭେଟର ତଥା ଜି ଉଦୟଗିରି ଫରେଷ୍ଟ ଟ୍ରେନିଂ ମୁଖ୍ୟ ଦିବାକର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ବୈଦ୍ୟ ମାନେ ଅନେକ ରୋଗର ସଫଳ ଚିକିତ୍ସା କରୁଛନ୍ତି ଏବଂ ସେମାନେ ଉପକୃତ ହେଉଛନ୍ତି। ବୈଦ୍ୟ ମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତ୍ୟେକ ବର୍ଷ ରାଜ୍ୟ ବିଭିନ୍ନ ସ୍ଥାନରେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡ ଦ୍ୱାରା ଆଞ୍ଚଳିକ ହର୍ବାଲ ମେଳା ଆୟୋଜନ କରାଯାଇଥାଏ। ତତ ସହିତ ଜନସାଧାରଣ ମାନେ ଏହି ପାରମ୍ପରିକ ଚିକିତ୍ସା ପଦ୍ଧତି ରେ ଉପକାରିତା ପାଉଛନ୍ତି। ଯେଉଁ ରୋଗ ସବୁ ଏହି ଚିକିତ୍ସା ପଦ୍ଧତି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇପାରୁଛି ସେହି ବିଷୟରେ ଅବଗତ କରାଇବା ପାଇଁ ଏହି ମେଳା ର ମୁଖ୍ୟ ଉଦେଶ୍ୟ ଅନ୍ୟ ଏକ ଉଦେଶ୍ୟ ହେଉଛି ଏହି ପାରମ୍ପରିକ ପଦ୍ଧତି ରେ ଯେଉଁ ଔଷଧ ପ୍ରସ୍ତୁତ ହେଉଛି ସେହି ଗୁଡ଼ିକ ସାଧାରଣତଃ ଆମ ଜଙ୍ଗଲରେ ମିଳୁଥିବା ଗୁଳ୍ମ ଲତା ଚେର ମୁଳି ସଂଗ୍ରହ କରି ଔଷଧ ତିଆରି କରି ଲାଭବାନ ହୋଇପାରିବେ,ନିଜେ ନିଜର ବାଡ଼ି ବଗିଚାରେ ଔଷଧୀୟ ଚାରା ରୋପଣ କରିବା ସରକାର ସେହି ଚାଷୀ ମାନଙ୍କୁ ଋଣ ପ୍ରଦାନ କରିବା ସହ ବିଭିନ୍ନ ସରକାରୀ ପ୍ରସାହନ ଦେଉଛନ୍ତି । ଜନ ସାଧାରଣ ଚାରା ରୋପଣ କରିବା ହେଉଛି ଏହି ଔଷଧୀୟ ମେଳା ର ମୁଖ୍ୟ ଉଦେଶ୍ୟ ବୋଲି କହିଥିଲେ। ଉକ୍ତ ଔଷଧୀୟ ମେଳା ୫ ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାର ଏବଂ ବନବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ରୋଗର ନିରାକରଣ ନିମନ୍ତେ ୫୦ ଗୋଟି ଔଷଧୀୟ ଷ୍ଟଲ ଖୋଲା ଯାଇରହିଥିବା ସୂଚନା ଦେଇଛନ୍ତି। ଏହି ଷ୍ଟଲ ଗୁଡ଼ିକ ମୁଖ୍ୟ ଅତିଥି ଅନ୍ୟ ଅତିଥି ମାନଙ୍କ ସହ ପରିଦର୍ଶନ କରିଥିଲେ। ଶହ ଶହ ଲୋକ ଏହି ଦୁର୍ଲ୍ଲଭ ଔଷଧ କିଣିବା ନିମନ୍ତେ ମେଳାରେ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି।

# ଅର୍ପଣ ରଥ ପରିକ୍ରମା ଶୁଭାରମ୍ଭ ପାଇଁ ସାମ୍ବାଦିକ ସମ୍ମିଳନୀ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ) :** ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନୀ ଉତ୍ସବ ଆସନ୍ତା ୧୭ତାରିଖ ବୁଧବାର ଦିନ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରାଜ୍ୟର ପ୍ରତ୍ୟେକ ଘରେ ଅର୍ପଣ ରଥ ପହଞ୍ଚି ସେମାନଙ୍କ ଠାରୁ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରାଯାଇ ପୁରୀକୁ ପଠାଯିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ତରଫରୁ ୧୯ଟି ୱାର୍ଡ଼ରେ ଦୁଇଟି ଅର୍ପଣ ରଥ ବୁଲିବା ପାଇଁ ସ୍ଥିରୀକୃତ ହୋଇଥିବା ଜଣାପଡ଼ିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ପୌର ପାଳିକର ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଥିବା ବେଳେ ୧୨ତାରିଖ ସକାଳ ୮ଘଟିକା ସମୟରେ ଗାନ୍ଧିଛକ ସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖରେ ୨ଟି ଅର୍ପଣ ରଥର ହୋମ ଓ ପୂଜାର୍ଚ୍ଚନା କରଯିବା ପରେ ପରିକ୍ରମାର ଶୁଭାରମ୍ଭ ସହ ୱାର୍ଡ଼ ନଂ.୧,୨,୩,୪,୫, ୬,୭ ଓ ୮ରେ ରଥ ପରିକ୍ରମା କରାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୧୩ତାରିଖରେ ୱାର୍ଡ଼ ନଂ.୯, ୧୧, ୧୨, ୧୩, ୧୪, ୧୭ ଓ ୧୮, ୧୪ ତାରିଖରେ ୱାର୍ଡ଼ ନଂ.୧୦, ୧୫, ୧୬ ଓ ୧୯ ଏବଂ ୧୫ ତାରିଖ ସଂଧ୍ୟାରେ ଚାରବାଟିଆ ହାଉସିଂବୋର୍ଡ଼ କଲୋନୀ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସଂଧ୍ୟାର କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି । ଏହାପରେ ୧୭ତାରିଖ ଦିନ ପୁରୀରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଶୁଭଉଦ୍‌ଘାଟନୀ ଉତ୍ସବ ଅବସରରେ ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଅପରାହ୍ନ ୪ ଘଟିକାରୁ ବିଶାଳ ଜଗନ୍ନାଥ ସମାବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତ୍ର ୮ଟାରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ରଖାଯାଇଥିବା ବେଳେ ଏଲ୍‌ସିଡ଼ି ମାଧ୍ୟମରେ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଲାଇଭ୍ ସୋ ଟେଲିକାଷ୍ଟ ମଧ୍ୟ ପୌରପାଳିକା ତରଫରୁ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଅର୍ପଣ ରଥ ସହିତ ସଂକୀର୍ତ୍ତନ ମଣ୍ଡଳୀମାନେ ବୁଲିବା ସହ ପ୍ରତି ୱାର୍ଡ଼ରେ ରଥଗୁଡ଼ିକ ପର୍ଯ୍ୟାକ୍ରମେ ପରିକ୍ରମା କରିବା ସହ ଘରୁ ଘରୁ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରାଯିବା ନେଇ ପୌରପାଳିକା ତରଫରୁ ଏକ ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ାଙ୍କ ସମେତ କନିଷ୍ଠ ଯନ୍ତ୍ରୀ, ପୌର କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ବନାଞ୍ଚଳ ପକ୍ଷରୁ ପକ୍ଷୀଗଣନା କାର୍ଯ୍ୟ ସମାପ୍ତ



**ଖଣ୍ଡପଡ଼ା(ଅମୃତ ମିଡିଆ) :** ଖଣ୍ଡପଡ଼ା ବନାଂଚଳ ଅଧିନ ୪ଗୋଟି ସ୍ଥାନରେ ଥିବା ଜଳାଶୟରେ ପକ୍ଷୀଗଣନା କାର୍ଯ୍ୟ ସମାପ୍ତ ହୋଇଥିବା ଜଣାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ନୟାଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବନାଂଚଳ ଅଧିକାରୀ ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବନାଞ୍ଚଳ ଅଧିନ ବୋରଗାଁ ପାଟରେ ମୋଟ ୭୨୪, ସିଧାମୂଳା ପଞ୍ଚାୟତ ଅଧିନ ବଳରାମ ପ୍ରସାଦର ଅର୍ଜ୍ଜୁନସରରେ ୨୦୫, ବେଣାଗାଡ଼ିଆ ପଞ୍ଚାୟତ ଅଧିନ ତେନ୍ତୁଳିଆ ପଲ୍ଲୀ ପାଟରେ ୨୧୬, ସହରାଂଚଳ ଉପକଣ୍ଠରେ ଥିବା ସୁନାମୁହିଁ କ୍ଷୁଦ୍ରଜଳସେଚନ ଜଳଭଣ୍ଡାରରେ ୨୪୨ ଏଭଳି ସମୁଦାୟ ୧୩୮୭ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ଥିବା ଗଣନା କରାଯାଇଛି। ପାଣିକୁଆ, ହଂସରାଳି ଓ ଧଳାବଗ ଆଦି ପକ୍ଷୀ ସହ ବିଦେଶାଗତ ପକ୍ଷୀ ଜଳାଶୟ ଗୁଡ଼ିକରେ ବିଚରଣ କରୁଥିବା ଓ ସେମାନଙ୍କର ସୁରକ୍ଷା ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବାର ବନାଂଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ଉକ୍ତ ଟିମ୍‌ରେ ସଦର ବନପାଳ ସନାତନ ସ୍ୱାଇଁ, ଭାପୁର ବନପାଳ ବନମାଳୀ ରାଉତ ଓ କଂଟିଲୋ ବନପାଳ ବିଜୟ ପ୍ରଧାନଙ୍କ ସମେତ ବନରକ୍ଷୀମାନେ ଏହି ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ଜଣାଯାଇଛି।

# ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ସହରରେ ପରିକ୍ରମା ରଥ



**ଖଣ୍ଡପଡ଼ା(ଅମୃତ ମିଡିଆ) :** ଖଣ୍ଡପଡ଼ା ସହରାଞ୍ଚଳର ସମସ୍ତ ୧୩ ଗୋଟି ୱାର୍ଡ଼ରେ ହୁଳହୁଳୀ, କିର୍ତନ ସହ ଅର୍ପଣରଥ ପରିକ୍ରମା କରୁଥିବା ବେଳେ ପ୍ରତିଘରୁ ଗୁଆ, ଚାଉଳ, ନଡ଼ିଆ ଆଦି ସଂଗ୍ରହ କରାଯାଉଥିବା ଦେଖାଯାଇଛି। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିର୍ମିତ ରାଜ୍ୟ ସରକାର ସମଗ୍ର ରାଜ୍ୟବାସୀଙ୍କୁ ନିମନ୍ତ୍ରଣ କରିଥିବା ସମୟରେ ଏହି କାର୍ଯ୍ୟପାଇଁ ପାରମ୍ପରିକ ରୀତିନୀତି ଅନୁଯାୟୀ ଜାଗଯଜ୍ଞ କରାଯିବା ସହ ରାଜ୍ୟର ପ୍ରତିଟି ପରିବାର ଏହି ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ପ୍ରତି ପରିବାର ପାଇଁ ଗୁଆ, ନଡ଼ିଆ, ଚାଉଳ ଆଦି ସଂଗ୍ରହ କାର୍ଯ୍ୟ ସ୍ଥାନୀୟ ପ୍ରଶାସନ ଉପରେ ନ୍ୟସ୍ତ କରିଛନ୍ତି। ଖଣ୍ଡପଡ଼ା ଏନ୍ଏସି ନିର୍ବାହୀ ଅଧିକାରୀ ନିରନ ଧଳ ଏହି କାର୍ଯ୍ୟର ନୋଡ଼ାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ବେଳେ ଏନ୍ଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ସମେତ ସମସ୍ତ ୧୩ଜଣ କାଉନ୍ସିଲର, ଏନ୍ଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଅର୍ପଣରଥ ପରିକ୍ରମା କାର୍ଯ୍ୟରେ ଭାଗନେଇ ଆନୁସଙ୍ଗିକ କାର୍ଯ୍ୟ କରୁଥିବା ଦେଖାଯାଇଛି। ଅଂଚଳରେ ଥିବା କିର୍ତନମଣ୍ଡଳୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ମହିଳା ସଂକୀର୍ତନ ମଣ୍ଡଳୀ ଝାଂ, ମୃଦଙ୍ଗ ସହ ପ୍ରତ୍ୟେକ ସାହି ବସ୍ତିରେ ହୁଳହୁଳୀ, ହରିବୋଲ, ଜୟଜଗନ୍ନାଥ ଧ୍ୱନୀ ମଧ୍ୟରେ ଅର୍ପଣରଥ ପରିକ୍ରମା କରୁଥିବା ବେଳେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ୯ ତାରିଖ ଠାରୁ ସହରାଂଚଳର ରଥଗଡ଼ା ଛକଠାରେ ଭଜନ ସମାରୋହ, ଓଡ଼ିଶୀ, ସଂକୀର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ୧୫ ତାରିଖରେ ସମାପ୍ତ ହେବ ବୋଲି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ପ୍ରତ୍ୟେକ ୱାର୍ଡ଼କୁ ଏହି କାର୍ଯ୍ୟ ନିମିତ ୧ଲକ୍ଷ ଆର୍ଥିକ ସହାୟତା ସରକାର ପ୍ରଦାନ କରିଥିବା ବେଳେ ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ୱାର୍ଡ଼ର ଅଧିବାସୀଙ୍କ ନିମିତ ପ୍ରସାଦ ସେବନର ବ୍ୟବସ୍ଥା ସ୍ଥାନୀୟ ରଘୁନାଥ ମନ୍ଦିରରେ କରାଯାଇଥିବା ଓ ସଂଗୃହୀତ ଗୁଆ, ଚାଉଳକୁ ପୁରୀ ପଠାଯିବାର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି।

# ୪ଗୋଟି ପଂଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥ

**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବ୍ଲକର ପଂଚମ ଦିନରେ ଶ୍ରୀ ଜଗନ୍ନାଥ ପରିକ୍ରମା ଅର୍ପଣ ରଥ ତାରପୁର, ଚିକିଣିଆ, ଛପଡା, ରାଢଙ୍ଗ ଗ୍ରାମପଞ୍ଚାୟତରେ ଶୁଭାରମ୍ଭ ହୋଇଛି । ଛପଡା ପଂଚାୟତରେ ରଘୁନାଥପୁର ବିଡିଓ ନମିତା ବାରିକ ପହଂଚି ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛପଡା ପଞ୍ଚାୟତର ସରପଂଚ ଅମିତା ଖୁଂଟିଆ, ସମିତିସଭ୍ୟା ରଞ୍ଜନ କୁମାର ସ୍ୱାଇଁ, ଜିପିଓ ସ୍ମାରକ ମହାନ୍ତି, ବ୍ଲକ କ୍ୟାସିୟର ଭବେଶ କୁମାର ବେହେରା, ବୈଭବ ଦାସ, ନିରଞ୍ଜନ ମହାରଣା, ରାଜେଶ କୁମାର ସାହୁ ଯୋଗଦେଇ ସଂକୀର୍ତନ ମାଧ୍ୟମରେ ରଥକୁ ଗାଁକୁ ଗାଁ ପରିଭ୍ରମଣ କରିଥିଲେ । ଏହି ଅବସରରେ ସରପଂଚ ଶ୍ରୀମତି ଖୁଂଟିଆ ବିଡିଓ ଶ୍ରୀମତି ବାରିକ, ଜିପିଓ ଶ୍ରୀ ମହାନ୍ତି



ଏବଂ ଭବେଶ ବେହେରାଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ତାରପୁର ପଂଚାୟତର ସରପଞ୍ଚ ସୁଷମା ମଲ୍ଲିକ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତିସଭ୍ୟ ସରୋଜ କୁମାର ଦାଶ, ବିଜେଡିନେତା ଅର୍ନ୍ତଯ୍ୟାମୀ ରାଉତ, ପ୍ରଭାକର ମଲ୍ଲିକ, ବିପିସି ସ୍ନେହପ୍ରିୟା ସ୍ୱାଇଁ, ସସ୍ମିତା ମଲ୍ଲିକ, ବିଜେଡିନେତା ପ୍ରଫେସର ରମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ଏହି ଅର୍ପଣ ରଥ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସେହିପରି ଚିକିଣିଆଁ ପଂଚାୟତରେ ସରପଞ୍ଚ ବିଷ୍ଣୁଚରଣ ସେଠୀ ଏହି ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏଥିରେ ବିଏଲସି ମିନାରାଣୀ ଦାସ, ସମିତିସଭ୍ୟ ବିଚିତ୍ର ସ୍ୱାଇଁ, ଦିପକ ସ୍ୱାଇଁ, ମାନସ କୁମାର ନାୟକ, ଚତୁର୍ଭୁଜ ସ୍ୱାଇଁ, ଶେଷଦେବ ବାରିକ, ଲକ୍ଷ୍ମୀଧର ସେଠୀ, ପଂଚାୟତ ନିର୍ବାହୀ ଅଧିକାରୀ ମନୋଜ ଦାସ ସମସ୍ତ ଓ୍ୱାର୍ଡସଭ୍ୟ ଓ ଶହ ଶହ ମା ଝିଅମାନେ ଯୋଗଦେଇ ବନ୍ଦାପନା କରିବା ସହିତ ଶଙ୍ଖ ହୁଳହୁଳି ପକାଇ ସ୍ୱାଗତ କରିଥିଲେ। ସେହିପରି ରାଢଙ୍ଗ ପଂଚାୟତର ସରପଞ୍ଚ ସୁଶିଲ କୁମାର ବାରିକ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସମିତିସଭ୍ୟ ପ୍ରାନ୍ତରଶ୍ମୀ ପାଲ, କାଳନ୍ଦୀ ଚରଣ ସ୍ୱାଇଁ, ଦିଲ୍ଲିପ କୁମାର ସ୍ୱାଇଁ, ସୁବ୍ରତ କୁମାର ରାଉତ, ଦେବାନନ୍ଦ ରାଉତ, ଭାସ୍କର ଦାସ, ପ୍ରଶାନ୍ତ ଜେନା, ସୁଶାନ୍ତ ଜେନା, ଗଗନ ପାଲ ଏବଂ ସମେତ ଏସଏଚଜି ଶହ ଶହ ମହିଳା ମାନେ ଏହି ରଥ ପରିକ୍ରମା କରିଥିଲେ । ରଥ ଆସିବା କ୍ଷଣି ଗୃହ କର୍ତ୍ତା ଓ କର୍ତ୍ତୀମାନେ ରଥରେ ଦୁବ, ବରକୋଳି ପତ୍ର ଓ ଆଳତି କରି ସ୍ୱାଗତ କରିବା ସହିତ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ, ଅରୁଆଚାଉଳ ଅର୍ପଣ କରିଥିଲେ। ସଂକୀର୍ତନ ସହ ଜୟ ଜଗନ୍ନାଥ ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ରଥ ଘରକୁ ଘର ବୁଲି ଭକ୍ତି ଅର୍ଘ୍ୟ ଓ ଅକ୍ଷତ ସଂଗ୍ରହ କରିଥିଲେ। ଉପରୋକ୍ତ ୪ଗୋଟି ପଂଚାୟତର ପ୍ରତ୍ୟେକ ଗ୍ରାମ ରାସ୍ତାରେ ମା ମାନେ ଚିତାକର୍ଷକ ଝୋଟି ଓ ମୁରୁଜ ପକାଇ ଗ୍ରାମ ପରିବେଶକୁ ଜଗନ୍ନାଥମୟ କରିଥିଲେ।

# ନୂଆ- ଓ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନି ଉପଲକ୍ଷେ ନୂଆ -ଓ ସାହିତ୍ୟ ପ୍ରତିଯୋଗିତାର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆ -ଓ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଧିକାରୀ ରୀନା ମୁର୍ମୁ ସ୍ୱାଗତ ଅଭିଭାଷଣ ରଖିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ଭାବେ ଭୂତତ୍ୱବିଭାଗ ମୁଖ୍ୟ ଡ଼. ପ୍ରମୋଦ ଚନ୍ଦ୍ର ସାହୁ, ନୂଆ- ଓ ଜିଲ୍ଲା ନୋଡାଲ ଅଧିକାରୀ ଡ଼. କୈଳାସ ମିଶ୍ର, ଦର୍ଶନ ବିଭାଗ ମୁଖ୍ୟ ଡ଼. ଦୀପକ ବେହେରା, ବାଣିଜ୍ୟ ବିଭାଗ ମୁଖ୍ୟ ଡ଼. ଆଶୁତୋଷ ଦାଶ କାର୍ଯ୍ୟକ୍ରମ ସୁପରିଚାଳନା ନେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ଛନ୍ଦିତା ବିଶ୍ୱାଳ ସଂଯୋଜନା କରିଥିବା ବେଳେ, ଅଧାପକ ଡ଼. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅଧାପକ-ଅଧାପିକା, ଛାତ୍ରଛାତ୍ରୀ ଯୋଗ ଦେଇ ଥିବା ବେଳେ, ପିଲାମାନଙ୍କୁ ନେଇ ଓଡ଼ିଆ କବିତା ଲିଖନ, ଗଳ୍ପ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଭକ୍ତି ସଂଗୀତ ପ୍ରତିଯୋଗିତା, ଓଡ଼ିଆ ଲୋକ ନୃତ୍ୟ, କୁଇଜ, ବିତର୍କ, ଜଗନ୍ନାଥ ସଂସ୍କୃତି ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

# ଅସନପୁର ପଂଚାୟତରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ

**ଦଶରଥପୁର(ଅମୃତ ମିଡିଆ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବାକୁ ଥିବାବେଳେ ଏଥି ନିମନ୍ତେ ସାରା ରାଜ୍ୟରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ଏହି ଅବସରରେ ଆଜି ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁର ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥର ଶୁଭରମ୍ଭ ହୋଇଛି । ସରପଞ୍ଚ କାଞ୍ଚନ ମଲ୍ଲିକ ଓ ଦଶରଥପୁର ବ୍ଲକ ଉପାଧ୍ୟକ୍ଷା ଝିଲି ମଲ୍ଲିକଙ୍କ ନେତୃତ୍ୱରେ ଯୁବନେତା ପ୍ରଭାତ ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ରଥ କାଣ୍ଡିସାହି ସ୍ଥିତ ବୁଧେଶ୍ୱର ମନ୍ଦିରରୁ ବାହାରି ପଞ୍ଚୁପୁର, ବନ୍ଧସାହି ଦେଇ ଚଣ୍ଡୀପୁର ଠାରେ ବାହାରିଥିଲା । ଏହି ଅର୍ପଣ ରଥ ପରିକ୍ରମା ସମୟରେ ପ୍ରତି ପରିବାରର ମହିଳାମାନେ ସ୍ୱତଃପୂର୍ତ୍ତ ଭାବେ ଅରୁଆ ଚାଉଳ ଓ ଗୋଟାଗୁଆ ପ୍ରଦାନ କରୁଥିବାର ଦେଖାଦେଇଥିଲା । ରଥ ପରିକ୍ରମା ସମୟରେ ମହିଳାମାନଙ୍କ ଦ୍ୱାରା ଶଙ୍ଖ ଓ ହୁଳହୁଳି ଶବ୍ଦ ଗ୍ରାମରେ ଅଧମ୍ରିକ ପରିବେଶ ସୃଷ୍ଟି କରିଥିଲା ।



# ଅର୍ପଣ ରଥ ପରିକ୍ରମା ଉଦ୍ଦେଶ୍ୟରେ ପୌରପାଳିକାର ସାମ୍ବାଦିକ ସମ୍ମିଳନୀ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ବିଶ୍ୱ ପ୍ରସିଦ୍ଧ ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ଧାମ ପୁରୀରେ ‘‘ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ‘ ର ଶୁଭ ଉଦଘାଟନୀ ଉତ୍ସବ ଜାନୁଆରୀ ମାସ ୧୭ ତାରିଖ ରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ସାରା ଓଡିଶାରେ ଘରେ ଘରେ ଅର୍ପଣ ରଥ ପହଂଚିବା ସହିତ ଅକ୍ଷତ ଚାଉଳ ଏବଂ ଗୁଆ ସଂଗ୍ରହ କରି ପୁରୀ ପଠାଇବାର ବ୍ୟବସ୍ଥା ରହିଛି । ଆଜି ଏହି ଉଦେଶ୍ୟରେ ଚୌଦ୍ୱାର ପୌରପାଳିକାର ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀର



ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀ ରେ ଚୌଦ୍ୱାର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଂଜୀବ ମହାପାତ୍ର ଅର୍ପଣ ରଥର ପରିକ୍ରମା ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ରଥ ର ସମ୍ପୂର୍ଣ କାର୍ଯ୍ୟସୂଚୀ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟ ପକ୍ଷରେ ଚୌଦ୍ୱାର ନଗର ବିଜେଡି ସଭାପତି ତାଙ୍କ ଅଭିଭାଷଣ ରେ ରଥ ଆସନ୍ତା କାଲି ସକାଳ ଆଠ ଘଟିକା ସମୟରେ ଗାନ୍ଧୀଛକ ସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖରେ ହୋମ ଓ ପୂଜାର୍ଚ୍ଚନା ହେବା ସହିତ ଦୁଇଟି ଅର୍ପଣ ରଥ ପୌରପାଳିକା ର ୧୯ ଗୋଟି ଓ୍ୱାର୍ଡକୁ ପରିକ୍ରମା କରିବାର ବ୍ୟବସ୍ଥା ରହିଛି ବୋଲି ପ୍ରକାଶ କରିଥିଲେ। ଚୌଦ୍ୱାର ର ବିଭିନ୍ନ ଅଂଚଳରେ ବିଶାଳ ଜଗନ୍ନାଥ ସମାବେଶ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ହେବାର କାର୍ଯ୍ୟକ୍ରମ ରହିଛି ବୋଲି ପୌରପାଳିକା ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ,ଉପାଧକ୍ଷ ଶୁଭେନ୍ଦୁ ସାମଲ,ପରିଷଦ ଅଜୟ କୁମାର ବେହେରା, ଆଶୁତୋଷ ଦାସ ଙ୍କ ସମେତ ପୌର କର୍ମଚାରୀ ଙ୍କ ସମେତ ବହୁ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ପକ୍ଷୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ



**ବେତନଟୀ(ଅମୃତ ମିଡିଆ):** କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପକ୍ଷୀ ସୁରକ୍ଷା ପାଇଁ ଏକ ସଚେତନତା ସଭା ଜାତୀୟ ସବୁଜ ବାହିନୀ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବେତନଟୀ ରେଞ୍ଜି ଅଫିସର ମନଓ୍ୱାର ଖାଁ,ଓଡିଶା ଫରେଷ୍ଟ ସେକ୍ଟର ଡେଭଲପମେଣ୍ଟ ପ୍ରଜେକ୍ଟ କୋ ଅର୍ଡିନେଟର ନିହାର ରଞ୍ଜନ ସାମଲ,ବନରକ୍ଷୀ ପ୍ରଶାନ୍ତ ସିଂ ସାମନ୍ତ,ବନପାଳ ଉତ୍ତମ କୁମାର ଦାସ ପ୍ରମୁଖ ଯୋଗଦାନ କରି ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ ତେଣୁ,ପକ୍ଷୀକୁ ପରିବେଶବାରାମିଟର ବା ମାପ କାଠି ବୋଲି କୁହାଯାଏ ବୋଲି ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଜଙ୍ଗଲ ଧ୍ୱଂସ,ପକ୍ଷୀ ବାଣିଜ୍ୟ, ବିଶ୍ୱ ତାପନ, କିଟ ନାଶକ ଔଷଧ, ସାର, ବିଷର ବ୍ୟାପକ ବ୍ୟବହାର ପକ୍ଷୀ ବଂଶ ବିନାଶର ମୁଖ୍ୟ କାରଣ ବୋଲି କହି ପକ୍ଷୀ ମାନଙ୍କର ସୁରକ୍ଷା ପାଇଁ ଛାତ୍ର ଛାତ୍ରୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି ବନ ବିଭାଗର ଅଧିକାରୀ ମାନେ ପ୍ରକାଶ କରିଥିଲେ । ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାଏକ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ଶିକ୍ଷକ ଚତୁର୍ଭୁଜ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, କାଞ୍ଚନ ମାଳା ଜେନା, ରିତାରାଣୀ ଦାସ ଏବଂ ଶିକ୍ଷକ ଗିରିଜା ଶଙ୍କର ମାହାର୍ଣା, ସୌଭାଗ୍ୟ କୁମାର ସିମନାକିଆ ପ୍ରମୁଖ ସହଯୋଗ କରିଥିଲେ ।

## ଉଦଳା ରାଜନୀତି ପାଣିପାଗ

# ବିଜେଡିକୁ ଡ଼େଇଁବେ କି ପ୍ରମିଳା ?

**ବାରିପଦା/ଉଦଳା(ଅମୃତ ମିଡିଆ);** ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ କାର୍ଯ୍ୟକଳାପକୁ କେନ୍ଦ୍ର କରି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏପରିକି ଉଭୟ ବିଜେପି ଓ ବିଜେଡ଼ି ଶିବିରରେ ଏଥିପାଇଁ ଛନକା ପଶିଯାଇଥିବାର ପରିଲକ୍ଷିତ ହେଉଛି। ବିଜେପିର ଜଣେ ଶୃଙ୍ଖଳିତ ସଦସ୍ୟା ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ପ୍ରମିଳା ପଣ୍ଡା ବିଜେଡ଼ିକୁ ଡ଼େଇଁବେ ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ଅତିତରେ ବିଜେପିରୁ ନଗରପାଳ ପଦ ପାଇଥିବା ସମସ୍ତ ବ୍ୟକ୍ତି ବିଶେଷ ନିଜର କାର୍ଯ୍ୟକାଳ ସରିଯିବା ପରେ ବିଜେଡ଼ିକୁ ଚାଲିଯାଇଛନ୍ତି । ତେବେ ପ୍ରମିଳାଙ୍କ କ୍ଷେତ୍ରରେ ଏହାକିଛି ନୂଆ କଥା ନୁହେଁ ବୋଲି ଅନେକେ ମତ ଦେଇଛନ୍ତି। ନିକଟରେ ସେ ଯେଉଁ ଭଳି ଭାବରେ ବିଜୁ ଜନତା ଦଳର ଆଗଧାଡ଼ିର ନେତାଙ୍କ ସହିତ ଉଦଳା ସହର ପରିକ୍ରମା କଲେ ଏହା ଦେଖି ଚର୍ଚ୍ଚା ଜୋର ଧରିଥିବାର ଜଣାଯାଇଛି । ସେ ବିଜେଡ଼ିକୁ ଚାଲିଯିବା ଉଚିତ ବୋଲି କେତେକ ମତ



ଦେଇଛନ୍ତି। କାରଣ ବିଜେଡ଼ିରେ ମିଶିଲେ ତାଙ୍କ ବିରୁଦ୍ଧରେ ଅନାସ୍ଥା ଆସିବ ନାହିଁ। ପୁରା ୫ ବର୍ଷ କାଳ ନଗରପାଳ ପଦ ସୁରକ୍ଷିତ ରହିବ। ଆଉ କେତେକ ବିଜୁ ଜନତା ଦଳର ଟିକଟରୁ ସେ ଆଗାମି ନିର୍ବାଚନରେ କୌଣସି ଆସନରୁ ବିଧାୟିକା ପ୍ରାର୍ଥି ହେବାର ସମ୍ଭାବନା ରହିଛି । ଏଥିପାଇଁ ଭିତିରି ବୁଝାମଣା ସରି ଯାଇଛି । ସେଥିପାଇଁ ଏଭଳି ରୁପ ଦେଖିବାକୁ ମିଳୁଛି ବୋଲି ମତ ଦେଇଛନ୍ତି । ତେବେ ଏ ବାବଦରେ ସିଧାସଳଖ ପ୍ରମିଳା ପଣ୍ଡାଙ୍କୁ ପଚାରିବାରୁ ସେ ଏହା ଜଗନ୍ନାଥଙ୍କ କାର୍ଯ୍ୟକ୍ରମ ଥିଲା ବୋଲି କହି ମୁଳ କଥାକୁ ଏଡ଼ାଇ ଦେଇ ଚାଲି ଯାଇଥିଲେ।

# ଜାତୀୟ ପ୍ରସାର କାର୍ଯ୍ୟକ୍ରମ

**ବାରିପଦା(ଅମୃତ ମିଡିଆ):** ଆଗାମୀ ଜାନୁୟାରୀ ୧୫ ତାରିଖରେ ପିଏମ ଜନମନ ଯୋଜନା ପାଇଁ ବାରିପଦା ଠାରେ ଜାତୀୟ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ବାରିପଦା ସହିଦ ସ୍ମୃତି ଭବନ ଠାରେ ୫୦୦ ଜଣ ବିଶେଷ ଭାବରେ ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ ହିତାଧିକାରୀ ମାନଙ୍କୁ ନେଇ ଏକ ସଭା ଆୟୋଜନ କରାଯିବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ବାରିପଦା ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥାଙ୍କୁ ଦାୟିତ୍ୱ ଦିଆ ଯାଇଥିବା ବେଳେ, ଜିଲ୍ଲାର ସମସ୍ତ ପ୍ରକଳ୍ପ ପ୍ରଶାସକ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଉପସ୍ଥିତ ରହି ସମସ୍ତ ସମନ୍ୱୟ କମିଟିର ସଦସ୍ୟ ମାନଙ୍କୁ ଜିଲ୍ଲାରେ ଆଦିବାସୀ ଉନ୍ନୟନର ସମସ୍ତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜାନୁଆରୀ ୧୫ ତାରିଖ ଦିନ ଆଭାସୀ ଜରିଆରେ କେତେକ ଜିଲ୍ଲାପାଳଙ୍କ ସହିତ ଏହି ବିଷୟରେ ଆଲୋଚନା କରିବେ।

# ଦିଶମଗୁରୁ ଶିବୁସୋରେନଙ୍କ ୮୦ ତମ ଜନ୍ମ ତିଥି ପାଳିତ

**ବାରିପଦା(ଅମୃତ ମିଡିଆ) :** ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ର କେନ୍ଦ୍ରୀୟ ସଭାପତି, ଦିଶମ ଗୁରୁ ଶିବୁ ସୋରେନଙ୍କ ୮୦ ତମ ଜନ୍ମ ଜୟନ୍ତୀ ଅବସର



ରେ ଜେଏମଏମ ର ଓଡିଶା ରାଜ୍ୟ ସଭାପତି ତଥା ତାଙ୍କ ଝିଅ ଅଞ୍ଜନୀ ସୋରେନ ସାରସକଣା ନିର୍ବାଚନ ମଣ୍ଡଳୀ ର ତିନୋଟି ବ୍ଲକ, ମଣଦା, ବିଜାତଳା, ଓ ସାରସକଣା ବ୍ଲକ ରେ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ବାଣ୍ଟିବା ସହିତ ଖାଦ୍ୟ ପେୟ ମଧ୍ୟ ଦେଇଥିଲେ ।ଏଥିରେ ରାଜ୍ୟ ସମ୍ପାଦକ ଦୁବରାଜ ନାଗ ଓଡ଼ିଶା ପ୍ରଭାରୀ ଓ ପ୍ରବକ୍ତା ଶିବାଜୀ ମୌଳିକ,ଜିଲ୍ଲାପରିଷଦ ର ସଦସ୍ୟ ଓ ପଶ୍ଚିମ ଓ ପୂର୍ବ ଜେ ଏମ ଏମ ସଭାପତି ଓ ବ୍ଲକ ସଭାପତି ମାନେ ସହଯୋଗ କରି ଶାନ୍ତି ଶୃଙ୍ଖଳା ର ସହିତ ଟାଟା ରୁ ବଡ଼ ବଡ଼ ଡାକ୍ତର ମାନଂକୁ ନେଇ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରେ ୫ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ତାଙ୍କୁ ମାଗଣା ଔଷଧ ବିତରଣ କରିଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ସ୍ତରୀୟ ସେମିନାର ଉଦ୍‌ଯାପିତ

**ଜୟପୁର (ଅମୃତ ମିଡିଆ):** ଭାରତର ସଂସ୍କୃତି ଓ ଜୀବନଶୈଳୀକୁ ସମୃଦ୍ଧ କରିବାରେ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀର ଅବଦାନ ଉପରେ ଜାତୀୟ ସେମିନାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଉଦ୍‌ଯାପିତ ଭାରତର ସଂସ୍କୃତି ଓ ଜୀବନଶୈଳୀକୁ ସମୃଦ୍ଧ କରିବାରେ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀର ଅବଦାନ ଉପରେ ଦୁଇ ଦିନିଆ ଜାତୀୟ ସେମିନାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଗତ ୧୦ ଜାନୁୟାରୀ ୨୦୨୪ ରେ ଉଦ୍ ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ଜାତୀୟ ଜନଜାତି କମିଶନର ମାନ୍ୟବର ସଦସ୍ୟ ତଥା ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀ ଦେବିପ୍ରସାଦ ପୃଷ୍ଟି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଟିକେଆରସିର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ ଡ. ବିନୋଦ କୁମାର, ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମର ବରିଷ୍ଠ ସଦସ୍ୟ ଗିରିଶ କୁବେର, ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ତଥା ସେମିନାରର ଆୟୋଜକ ଡ. କପିଳା ଖେମୁଣ୍ଡୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସେମିନାର ନୂଆଦିଲ୍ଲୀସ୍ଥିତ ଆଦିବାସୀ ଜ୍ଞାନ ଗବେଷଣା କେନ୍ଦ୍ର (ଟିକେଆରସି) ଓ ଓଡ଼ିଶାର ବନବାସୀ କଲ୍ୟାଣ ଆଶ୍ରମର ମିଳିତ ସହଯୋଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ “ଭାରତର ଜନଜାତିଙ୍କ ସଂସ୍କୃତି ଓ ଜୀବନଶୈଳୀ ଅନନ୍ୟ ଏବଂ ଅତୁଳନୀୟ । ଭାରତର ସଂସ୍କୃତି ହେଉଛି ଜନଜାତିଙ୍କ ସମୃଦ୍ଧହ ସଂସ୍କୃତି। ତେଣୁ ଭାରତର ସଂସ୍କୃତି ଜୀବନଶୈଳୀକୁ ସମୃଦ୍ଧ କରିବାରେ ଆଦିବାସୀ ସଂସ୍କୃତି ଓ ଜୀବନଶୈଳୀର ଅବଦାନ ଅତୁଳନୀୟ । ଜନଜାତିର ଲୋକମାନେ ପ୍ରକୃତିର ଉପାସକ, ପ୍ରକୃତିର ସଂରକ୍ଷକ ଓ ଅମୃତର ସନ୍ତାନ । ପ୍ରକୃତିକୁ ବଞ୍ଚାଇବାକୁ ହେଲେ ଜନଜାତିର ପ୍ରକୃତି ବିଷୟରେ ଜନବକୁ ପଡିବ ଓ ଜନଜାତିର



ସଂସ୍କୃତିକୁ ବଞ୍ଚାଇବାକୁ ପଡିବ । ଜନଜାତି ସଂସ୍କୃତି ଅଛି ତ ଭାରତର ସଂସ୍କୃତି ଅଛି ଏବଂ ଜନଜାତି ସଂସ୍କୃତି ନାହିଁ ଭାରତର ସଂସ୍କୃତି ନାହିଁ” । ବାସସ୍ଥାନ କୁ ନେଇ ଭାରତର ଲୋକମାନଙ୍କୁ ବନବାସୀ, ଗ୍ରାମବାସୀ ଓ ସହରବାସୀଙ୍କ ଜୀବନଶୈଳୀ ଓ ମାନସିକତା ଉପରେ ଆଲୋକପାତ କଲାବେଳେ ସେ କହିଥିଲେ ଯେ ବନବାସୀଙ୍କ ପାଖରେ ଶାନ୍ତି ଅଛି, ଗ୍ରାମବାସୀଙ୍କ ପାଖରେ ସୁଖ ଅଛି ଓ ସହରବାସୀ ତଥା ତଥାକଥିତ ଶିକ୍ଷିତ ମାନଙ୍କ ପାଖରେ ସବୁବେଳେ ଅଭାବ ଓ ବିଷାଦ ଲାଗିରହିଛି । ତେଣୁ ଆମେ ଯଦି ଏହି ଦୁନିଆରେ ସୁଖ ଓ ଶାନ୍ତି ଚାହୁଁଛୁ ତେବେ ଜନଜାତି ସଂସ୍କୃତିକୁ ଅନୁସରଣ କରିବା ଉଚିତ୍ ବୋଲି ସେ ଉପସ୍ଥିତ ଥିବା ଜନସାଧାରଣ, କର୍ମକର୍ତ୍ତା, ଶିକ୍ଷକ ଓ ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜାତୀୟ ଜନଜାତି କମିଶନ ର ମାନ୍ୟବର ସଦସ୍ୟ ତଥା ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜନଜାତି ସଂସ୍କୃତିକୁ ଓ ଜୀବନଶୈଳୀ ଉପରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ଭାରତୀୟ ସଂସ୍କୃତିକୁ ବିଭିଧତା ମଧ୍ୟରେ ଏକତା, ପାରସ୍ପରିକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଅନ୍ୟର ଅଧିକାରକୁ ସମ୍ମାନ ଦେବା, ମହିଳା ଶଶକ୍ତିକରଣ ହେଉଛି ଜନଜାତି ସଂସ୍କୃତିର ଅବଦାନ। ସେହିପରି ଭାରତୀୟ ସଂସ୍କୃତିରେ ଥିବା ଗୋତ୍ର ଓ ଦେବୀ ଉପାସନା ମଧ୍ୟ ଜନଜାତି ସଂସ୍କୃତିର ଅବଦାନ । ଜନଜାତି ସଂସ୍କୃତି ଓ ଅନ୍ତର୍ନିହିତ ଜୀବନ ଶୈଳୀ ଉପରେ ଅଧିକ ଜାଣିବା ପାଇଁ ଗବେଷଣାର ଆବଶ୍ୟକତାକୁ ଗୁରୁତ୍ୱାରୋପ କରି ସ୍ୱତନ୍ତ୍ର ଗବେଷଣା ପାଇଁ ସେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ ଦେଇଥିଲେ । ସେମିନାରର ଏହି ଉଦ୍‌ଯାପନୀ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ବିଶିଷ୍ଟ ବ୍ୟକ୍ତି ଶ୍ରୀ ଦେବିପ୍ରସାଦ ପୃଷ୍ଟି ଯୋଗଦେଇ ଜଗନ୍ନାଥ ହେଉଛନ୍ତି ମୂଳତଃ ଜନଜାତିର ଦେବତା ଓ ଜଗନ୍ନାଥ ସଂସ୍କୃତି ହେଉଛି ଜନଜାତିର ସଂସ୍କୃତି ବୋଲି ମତ ଦେଇଥିଲେ। ଜନଜାତିଙ୍କ ହର୍ବାଲ ମେଡିସିନ, ଜନଜାତିର ଖାଦ୍ୟ (ମଣ୍ଡିଆ), ବେଶଭୁସା, ଜୀବନ ଶୈଳୀ, ବାସଗୃହର ଚାହିଦା ଆଜି ବିଶ୍ୱର ସବୁ ସହରରେ ବୃଦ୍ଧି ପାଉଛି । ଭାରତର ସାହିତ୍ୟ ଜନଜାତିର ସଂସ୍କୃତି ଓ ଜୀବନ ଶୈଳୀକୁ ନେଇ ସମୃଦ୍ଧ ହୋଇଛି ବୋଲି ସେ କହିଥିଲେ । ଡ. କପିଳା ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେଇ ସେମିନାରର ନିଷ୍କର୍ଷ ବିଷୟରେ ବର୍ଣ୍ଣନା କରିବା ସହ ଉପସ୍ଥିତ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଖରୁ ଆଦିବାସୀ ସଂସ୍କୃତି ଓ ଜୀବନ ଶୈଳୀର ଅବଦାନ ସମ୍ପର୍କରେ ଅନେକ କିଛି ଜ୍ଞାନ ପାଇବା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ଆଦିବାସୀ ସଂସ୍କୃତି ଓ ବିକାଶ ଦିଗରେ ଅବଦାନ ପାଇଁ କିଛି ସାମାଜିକ କର୍ମୀଙ୍କୁ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ଉଦ୍‌ଯାପନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟର ବହୁ ବିଶିଷ୍ଟ ବ୍ୟକ୍ତି, ଅଧ୍ୟାପକ, କର୍ମଚାରୀ, ବନବାସୀ କଲ୍ୟାଣ ଆଶ୍ରମ ଓ ଅନ୍ୟାନ୍ୟ ଆଦିବାସୀ ସଂଗଠନର ସଦସ୍ୟ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗବେଷକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନବାସୀ କଲ୍ୟାଣ ଆଶ୍ରମର ସଂଗଠନ ସମ୍ପାଦକ ଜୟଶଙ୍କର ପ୍ରସାଦ ଖଡ଼ଙ୍ଗା, ଶିକ୍ଷା ବିଭାଗର ପ୍ରଫେସର ଭରତ କୁମାର ପଣ୍ଡା, ବିଶିଷ୍ଟ ପ୍ରଫେସର ଶିବ ରାମକୃଷ୍ଣ, ଏସନ୍ଟୁ ବିଶ୍ୱମିତ୍ର, ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।





# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ପରେ ସ୍ଥିର ହେଲା ଯେ, ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପୌରାଂଚଳରେ ରାମଧୂନ୍ ପ୍ରଚାର କରାଯିବ । ସକାଳ ୭.୩୦ମିନିଟ୍ ସମୟରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବାଣିଜ୍ୟାନୁଷ୍ଠାନ ଓ ନିଜସ୍ୱ ଗୃହମାନଙ୍କରେ ଜାତୀୟ ପତାକା ଉତୋଳନ କରି ସନ୍ଧ୍ୟା ପୂର୍ବରୁ ସମ୍ମାନର ସହ ପତାକା ଅବତରଣ କରାଯିବ । ସକାଳ ୮.୩୦ମିନିଟ୍ ସମୟରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ, ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ, ଅଭିଭାଷଣ ପ୍ରଦାନ କରାଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ । ଏହି ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ଆରକ୍ଷୀ ବାହିନୀ ବ୍ୟାଣ୍ଡ୍ ପାର୍ଟି ପରିବେଷଣ




କରିବେ ଜାତୀୟ ସଙ୍ଗୀତ । ପ୍ରତିଯୋଗିତାର ଶ୍ରେଷ୍ଠ ୩ଟି ଦଳ, ଦଳଗତ ଦେଶଭକ୍ତି ନୃତ୍ୟ ପରିବେଷଣ କରିବେ । ମୁଖ୍ୟ ଅତିଥି ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ କଏଦୀମାନଙ୍କୁ ମିଷ୍ଟାନ୍ନ ବଂଟନ କରିବା ପାଇଁ ଯିବେ ଏବଂ ପରେପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଂଟନ କରିବେ । ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ୍ କଲେଜ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଦେଶଭକ୍ତି ସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତା କରାଇବେ । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଇବା ପାଇଁ ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଜିଲ୍ଲାର ବିଭିନ୍ନ ବିଭାଗ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ ଓ ଜନକଲ୍ୟାଣକାରୀ ଯୋଜନାକୁ ପ୍ରଜ୍ଞାପନ ମେଢରେ ପ୍ରଦର୍ଶିତ କରାଇବେ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ପ୍ୟାରେଡ୍‌ରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ଟ୍ରଫିର ପ୍ରାୟୋଜକ ହେଉଛନ୍ତି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ବରୋଦା, ୟୁନିଅନ୍ ବ୍ୟାଙ୍କ, କେନ୍ଦ୍ରାପଡ଼ା ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଆରଟିଓ ଧୀରେନ୍ଦ୍ର କୁମାର ନାୟକ, ଡକ୍ଟର ପିକେ ପ୍ରହରାଜ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ରଂଜିତ ଦାସ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଜାମୁଦ୍ଦିନ୍ ଖାନ୍, ଆର୍‌ଆଇ ପ୍ରସାନ୍ତ କୁମାର ରଣସିଂହ, ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ରମଣ କୁମାର ଦାଶ, ଅଗ୍ନିଶମ ବିଭାଗର ଶଶିଶେଖର ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶନୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଓ ସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଯାଜପୁରରେ ଖୋଲିଲା ଆପୋଲୋ କ୍ଲିନିକ୍

**ଯାଜପୁର(ଅମୃତ ମିଡିଆ):** ଯାଜପୁରସହରର କିଅନାଳିକୂଳ ଠାରେ ଆପୋଲୋ କ୍ଲିନିକ୍ ଉଦ୍‌ଘାଟନ ହୋଇଯାଇଛି । ଯାଜପୁରର ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିଥିଲେ । ଏହି ଅତ୍ୟାଧୁନିକ କ୍ଲିନିକ୍‌ରେ ଡିଜିଟାଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ଦନ୍ତ ଚିକିତ୍ସା, ଚର୍ମରୋଗ ଆଦି ଚିକିତ୍ସା କରାଯିବା ସହ ସଂପୂର୍ଣ୍ଣ ଅଟୋମେଟିକ୍ ମେସିନ୍ ଦ୍ୱାରା ବିଭିନ୍ନ ରକ୍ତ ପରୀକ୍ଷା କରାଯାଇପାରିବ ବୋଲି ସମାଜସେବୀ ତଥା ଯୁବ ବ୍ୟବସାୟୀ ଧରଣୀଧର ସାହୁ ପ୍ରକାଶ କରିଛନ୍ତି । ଏହା ଛଡା ଇକୋ, ଇ.ଇମ୍.ଟି, ପରୀକ୍ଷା ଅତ୍ୟାଧୁନିକ ପଦ୍ଧତିରେ କରାଯାଇପାରିବ । ଏହି କ୍ଲିନିକ୍‌ରେ ରେଡିଓଲୋଜିଷ୍ଟ ଭାବେ ଡାକ୍ତର ବିଶ୍ୱଜିତ୍ ବିଶ୍ୱରଂଜନ ସାହୁ , ସ୍ନାୟୁରୋଗ ବିଶେଷଜ୍ଞ ଭାବେ ଡାକ୍ତର ବିନୟ ଜୟସ୍ୱାଲ୍, ଡାକ୍ତର କାର୍ତିକ ଚନ୍ଦ୍ର ରାଉତ, ଡାକ୍ତର ଲଲାଟେନ୍ଦୁ ଦାସ, ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡାକ୍ତର ଅନୁସୟା ଜେନା, ଡାକ୍ତର ହେମନ୍ତ କୁମାର ମହାରଣା, ବରୁଣେଶ୍ୱର



ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ବଟକୃଷ୍ଣ ମହାପାତ୍ର, ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଯାଜପୁର ପୌରପାଳିକାର କାଉନସିଲର ହେମାଙ୍ଗିନୀ ମହାନ୍ତି, ମାନଗୋବିନ୍ଦ ପତି, ସୁରେନ୍ଦ୍ର କୁମାର ରଣା, ସରିତା ଖୁଂଟିଆ, ତିଳୋତମା ରାୟ, ମିନାକ୍ଷୀ ନନ୍ଦ, ରିନାବାଳା ସାମନ୍ତ, ପ୍ରମୁଖ ଉପସ୍ଥିତ ଥିଲେ । ଯାଜପୁର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସିବାଶିଷ ମହାରଣା ଯୋଗଦେଇ ଯାଜପୁରରେ ଏଭଳି ଏକ ଅତ୍ୟାଧୁନିକ କ୍ଲିନିକ୍ ର ଆବଶ୍ୟକତା ରହିଥିଲା ବୋଲି ପ୍ରକାଶ କରିଥିଲେ । ଏହି ଉଦ୍‌ଘାଟନ ଉତ୍ସବରେ ଯାଜପୁରସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଜିଲ୍ଲା ବିଜେଡି ଉପସଭାପତିଙ୍କ ବିୟୋଗ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡା ଜିଲ୍ଲା ବିଜେଡି ଉପସଭାପତି ତଥା ପୂର୍ବତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ଦେବଦାସ ମହାନ୍ତିଙ୍କ ୬୪ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ସେ କିଛିଦିନ ହେବ ସେଠାରେ ଚିକିତ୍ସାଧୀନ ଥିବା ବେଳେ ଆଜି ଅପରାହ୍ନରେ ତାଙ୍କର ଦେହାନ୍ତ ହୋଇଯାଇଛି । ସେ ଜଣେ ଦକ୍ଷ ଆଇନଜୀବୀ ଓ ରାଜନେତା ଭାବେ ସୁନାମ ଅର୍ଜନ କରିଥିଲେ । ପୌରପରିଷଦକୁ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଏତଦଭିନ୍ନ ସେ ଜଣେ ମେଳାପି ଓ ସ୍ନେହୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ । ତାଙ୍କ ମର ଶରୀର ଆଜି ରାତିରେ ଜନ୍ମସ୍ଥାନ ମାଧପୁରରେ ପହଞ୍ଚିବା ପରେ ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶେଷଦର୍ଶନ କରିଥିଲେ । ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ବିଧାୟକ ଧ୍ରୁବ ସାହୁ, ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କିଶୋର ଚନ୍ଦ୍ର ତରାଇ, ସିପ୍ରା ମଲ୍ଲିକ, ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ଭୀମସେନ ଭୂୟାଁ, ଧ୍ରୁବ ଜେନା, ସରୋଜରାଜ ସିଂହ, ସୌମେନ୍ଦ୍ର ପୃଷ୍ଟି, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ,ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ରଞ୍ଜିତ ସାହୁ, ପ୍ରଦୀପ୍ତ ମହାନ୍ତି, ସରୋଜ ସାହୁ, ଇଂ ଅଜୟ ବେହେରା, ସାମ୍ବାଦିକ ପରେଶ ଦାସ, ରାଜେଶ ପଣ୍ଡା, ହିରଣ୍ୟ ପଣ୍ଡା, କାଉନସିଲର ରଶ୍ମିତା ସିଂହ, ପ୍ରଶାନ୍ତ ସିଂହ, ସେକ ଇନାୟତ, ମହମ୍ମଦ ଆକବର ଅଲ୍ଲୀ, ମୁକ୍ତାର ଖାଁ, ପ୍ରତାପ ଦାସ, ବିଜୟ ପତି ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଆସନ୍ତା କାଲି ତାଙ୍କ ମର ଶରୀରକୁ ଜିଲ୍ଲା ଓକିଲ ସଙ୍ଘ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ ଓ ୟୁନିଅନ କ୍ଲବକୁ ନିଆଯିବା ପରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡିଛି ।

## ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ପଲ୍ଲିଶ୍ରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଚଚଂଳା ଟ୍ରଫି ଚଳିତ ମାସ ୨୧ତାରିଖରୁ ଆରମ୍ଭ ହୋଇ ୨୮ତାରିଖ ଦିନ ଶେଷ ହେବ । ସଭାପତି ଅଭିମନ୍ୟୁ ପ୍ରଧାନ, ସଂପାଦକ ଅଭିମନ୍ୟୁ ପ୍ରତିହାରୀ, କୋଷାଧ୍ୟକ୍ଷ ତପନକୁମାର ପରିଡାଙ୍କ ସହ ସମସ୍ତ ସଦସ୍ୟମାନେ ବସି ନିଷ୍ପତି ନେଇଥିବା ଜଣାପଡିଛି । ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟରେ ପିସିସି ପରାଦୀପ, ଜିମଖାନା ରାଉରେକେଲା, ଜବ୍ଲେନାଇଲ କଟକ, ବିଏମସିସି ଯାଜପୁର, ଏମସିସି ଭୁବେନଶ୍ୱର, ଷ୍ଟଡ ଖୋର୍ଦ୍ଧା, ଡିଆରେକ ବାରିପଦା, ଭଦ୍ରକ ପୋଲିସ ଭଦ୍ରକ ଭାଗ ନେବ ଏହାଛଡା ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ମ୍ୟାଚ ପାରାଦୀପ ଓ ରାଉରେକଲା ମଧ୍ୟେର ଅନୁଷ୍ଠିତ ହେବ । ଫାଇନାଲ ମ୍ୟାଚ ୨୮ତାରିଖ ଦିନ ଅନୁଷ୍ଠିତ ହେବ । ଚମ୍ପିୟନ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଓ ରନର୍ସ ଅଫ ଦଳକୁ ୨୫ହଜାର ଟଙ୍କା ଦିଆଯିବା ପାଇଁ ଘୋଷଣା କରାଯାଇଛି । ଧଳା ବଲ ଓ ରଙ୍ଗିନ ଚିଅରଗାଲର୍ଙ୍କ ଅତ୍ୟାଧୁନିକ ନାଚ ଅଧିକ ରୋଚକ କରିଛନ୍ତି ବୋଲି ଉପେଦଷ୍ଟା ଶଶଧର ରାଉତ ସୂଚନା ଦେଇଛନ୍ତି ।

# ବିଜେପିର ମିଶ୍ରଣ ପର୍ବ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଜରିମୂଳସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲର ପ୍ରାକ୍ତନ ଛାତ୍ରଙ୍କ ବନ୍ଧୁମିଳନ ଅବସରେର ବଜିେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବଜିେପି ନେତା ଅଜୟକୁମାର ବେହେରାଙ୍କ ନେତୃତ୍ୱେର ୧୯୯୦ ମାର୍ଟ୍ରିକ ବ୍ୟାଚର ଅଭୟକୁମାର ମହାନ୍ତି, ନବକିଶୋର ନାୟକ, ବିଚିତ୍ର ବିଶ୍ୱାଳ, ନିମାଇଁ ବିଶ୍ୱାଳ, ନିରାକାର ଷଡଙ୍ଗୀ ପ୍ରମୁଖ ବଜିେପିରେ ସାମିଲ ହୋଇଥିେଲ । ଶ୍ରୀ ବେହେରା ସେମାନଙ୍କୁ ଟୋପି, ପୁଷ୍ପଗୁଛ ଓ




ଦଳୀୟ ପତକା ଦେଇ ଦଳକୁ ସ୍ୱାଗତ କରିଥିେଲ । ଏହି କାର୍ଯ୍ୟକ୍ରମେର ଆଇନଜିବୀ ଦେବଦତ ରାଉଳ, ମଙ୍ଗୁଳିଚରଣ ମହାନ୍ତି ଉପସ୍ଥିତ ଥିେଲ ।

# ଗହୀରମଥାରୁ ଟ୍ରଲର ଜବତ, ୧୧ମତ୍ସ୍ୟଜୀବୀ ଗିରଫ



**ରାଜନଗର(ଅମୃତ ମିଡିଆ):** ଗହୀରମଥା ସାମୁଦ୍ରିକ ଅଭାୟାରଣ୍ୟର ସାତଭାୟାଠାରୁ ୪କି.ମି. ଦୂରେର ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପଟ୍ରୋଲିଂ ଦଳ ଏଫବି ମା ଦେବୀ ନାମକ ଟ୍ରଲରକୁ ଜବତ କରିଛି । ସେଥିରେ ଥିବା ୧୧ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି । ଜବତ ଟ୍ରଲରରୁ ଦୁଇଟି ଭିଏଚଏଫ, ଗୋଟିଏ ଲେଖାଏଁ ଜିପିଏସ ଓ ଫିସଫାଇଣ୍ଡର, ୧୭ଟି ଜାଲ ସହ ୫୦କି.ଗ୍ରା. ମାଛ ଜବତ କରିଛି । ଗିରଫ ମତ୍ସ୍ୟଜିବୀମାନେ ଚୈତନ୍ୟ ବର, ଗୋବିନ୍ଦ ବର, ଗୌତମ ବର, ରବିନ୍ଦ୍ର ଗାରୁ, ନାଲଟୁଗୋପାଳ ଦାସ, ଖୁଦିରାମ ବାଗ, ଦୈତାରୀ ବେହେରା, ନେଗନ ମାଝି, ରତନ ଦାସ, ଶଶାଙ୍କ ବାଗ ଓ ରଜେନ୍ଦ୍ର ମାଇତି । ୯ଜଣ ମତ୍ସ୍ୟଜିବୀ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲାର ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ଦୁଇଜଣ ମତ୍ସ୍ୟଜିବୀଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଗୋପାଳପୁର ପାକ୍ସରେ ମଣ୍ଡି ଉଦ୍‌ଘାଟିତ



**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଗୁପ୍ତି ପଚାଂୟତ ଗୋପାଳପୁର ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସଭାପତି ବସନ୍ତକୁମାର ହାତିଙ୍କ ପୌରହିତ୍ୟେର ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବେର ପୂଜାପାଠ ପେର ପରିଚାଳନା ନିର୍ଦ୍ଦେଶକ ସୁଦଶର୍ନ ରାଉତ ମଣ୍ଡିକୁ ଉଦ୍‌ଘାଟନ କରିଥିେଲ । ଏହି କାର୍ଯ୍ୟକ୍ରମେର ସମିତିର ପରିଚାଳନା ନିର୍ଦ୍ଦେଶକ ନଳିନୀକାନ୍ତ ବିଶ୍ୱାଳ, ରେମଶଚନ୍ଦ୍ର ମିଶ୍ରୀ, ମାନସରଂଜନ ରାଉତ, ଗୟାଧର ଦାସ, ସୁବାଷ ପରିଡା, ଅେଲଖ ନାୟକ, ଚରଣ ଦାସଙ୍କ ସହ ଚାଷୀମାନେ ଉପସ୍ଥିତ ଥିେଲ । ସମିତି କାର୍ଯ୍ୟାଳୟ ସମ୍ମୁଖେର ଧାନମଣ୍ଡି ଖୋଲିବାକୁ ନିଷ୍ପତି ନିଆଯାଇଥିଲା । ସଂପାଦକ ଅନ୍ତର୍ଯ୍ୟାମୀ ରାଉତ, ସହ-ସଂପାଦକ ଭୀଷ୍ମଚରଣ ନାୟକଙ୍କ ସହ କମର୍ଚାରୀମାନେ ପରିଚାଳନାେର ସହେଯାଗ କରିଥିେଲ ।

## ପୂର୍ବତନ ସାଂସଦ ସୁଶ୍ରୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ଦେବୀଙ୍କୁ କେନ୍ଦ୍ରାପଡାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ତାଙ୍କର ବୁଧବାର ଦିନ କଟକସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଥିଲା । ତାଙ୍କ ପୁତ୍ର ମନ୍ତ୍ରୀ ପ୍ରତାପ ଦେବ ଶେଷକୃତ୍ୟ ସମ୍ପନ୍ନ କରିବା ନିମନ୍ତେ ଆଜି ଆଳି ଆଣୁଥିବା ବେଳେ କେନ୍ଦ୍ରାପଡା ସହରସ୍ଥ ତିନିମୁହାଣି ଛକ ନିକଟରେ ହଜାର ହଜାର ବୁଦ୍ଧିଜୀବୀ ଓ ରାଜନେତା ଓ କର୍ମୀମାନେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେଡି ସଭାପତି ଉତ୍କଳ ପରିଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ରଞ୍ଜିତ ସାହୁ, ଛାତ୍ର ସଭାପତି ପ୍ରଦିପ ସାହୁ, ଦୁଷ୍ମନ୍ତ ମଳିକ, ବିଜୟ ପତି, ଯଯାତି ମହାନ୍ତି, ସେକ ଇନାୟତ, କାଳି ପ୍ରସାଦ ମିଶ୍ର ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

# ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟାଙ୍କ ଅଚାନକ ଗସ୍ତ

**ଦଶରଥପୁର(ଅମୃତ ମିଡିଆ):** ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଦସ୍ୟା ଶ୍ରୀମତୀ ସଂଯୁକ୍ତା ମହାନ୍ତି ଆଜି ଅଚାନକ ଦଶରଥପୁର ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଅଚାନକ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିବା ସହିତ ଖାଦ୍ୟ ସୁରକ୍ଷା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତଦାରଖ କରିଥିଲେ । ଏହି ଗସ୍ତ ସମୟରେ ଦଶରଥପୁର ବ୍ଲକ ନିକଟସ୍ଥ ଇଶ୍ୱରପୁର ୟୁଜିଏମଇ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଦଶରଥପୁର ସରକାରୀ ହାଇସ୍କୁଲ, କସ୍ତୁରିବା ସରକାରୀ ବାଳିକା ବିଦ୍ୟାଳୟ , ପାଟଣା ସେଠୀ ସାହୀ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଜୟନ୍ତରା ବାଳାଶ୍ରମ, ଜୟନ୍ତରା ସରକାରୀ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ଭୋଜନ ତଦାରଖ କରିଥିଲେ ଏହା



ବ୍ୟାତିତ ବିଭିନ୍ନ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ବୁଲି ତଦାରଖ କରିବା ସହିତ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ, ସିଡିପିଓ ଶାନ୍ତିଲତା ସେଠୀ ଓ ଯୋଗାଣ ଅଧିକାରୀ ତପଶ୍ୱିନୀ ରାୟଙ୍କ ସହିତ ଆଲୋଚନା କରିଥିଲେ ।

# ବ୍ଲକରେ ଅର୍ପଣ ରଥ ଜଗନ୍ନାଥଙ୍କୁ ଏମିତି ସମ୍ମାନ

**ରାଜନଗର(ଅମୃତ ମିଡିଆ):** କୋଟି ଓଡିଆର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ । ଯାହାଙ୍କ ନାମ ଓ ଶୁଖିଲା ନିର୍ମାଲ୍ୟକୁ ସାକ୍ଷି ରଖି ବିନା ବନ୍ଧା ଓ ବିନା ଲେଖାରେ ଲକ୍ଷଲକ୍ଷ ଟଙ୍କା ଏବଂ ସୁନା କାରବାର କରିଥାଏ । ବିବାହ ସମୟେର ଶାଳପତ୍ର ଗୁଡା ହୋଇଥିବା ନିର୍ମାଲ୍ୟ(ମହାପ୍ରସାଦ)କୁ ଓଡିଆ ବିଶ୍ୱାସ ଓ ଭରଷା କରିଆସିଛି । ସରକାର ବିଳମ୍ୱେର ହେଲ ମଧ ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ କରି ମନ୍ଦିରର ବାହ୍ୟ ପରିବେଶକୁ ସରସ ସୁନ୍ଦର କରିବା ସହ ସମଗ୍ର ରାଜ୍ୟେର ଅପର୍ଣ ରଥ ମାଧମେର ଜଗନ୍ନାଥଙ୍କ ଭାବାବେଗ ସୃଷ୍ଟି କରିଛନ୍ତି । ଗାଁଠୁ ସହର ସବୁଆଡେ ଜଗନ୍ନାଥ ମୟ ହୋଇଯାଇଛି । ଏହି ଅପର୍ଣ ରଥକୁ ଦେଖି ଲୋକମାନେ ରାସ୍ତାରେ ଗୋବର ପାଣି ଓ ଝୋଟି ପକାଇ ସଂକୀତର୍ନ ମଣ୍ଡଳୀ ମାଧମେର ସ୍ୱାଗତ କରୁଛନ୍ତି । ଏପରିକି ମହିଳାମାନେ ହୁଳହୁଳି ମାଧମେର ବନ୍ଦାପନା କରିବା ସହ ପ୍ରଭୁ ଜଗନ୍ନାଥ କୃପା ଲାଭ କରିବା ପାଇଁ ଗୁଆ ଓ ଅରୁଆ ଚାଉଳ ଦେଉଛନ୍ତି । ଏପରି ସ୍ଥିତରେ ଏହି ଅପର୍ଣ ରଥ ସହିତ ଯାଉଥିବା ସଂକୀତର୍ନ ମଣ୍ଡଳରେ



ରାଜେନୈତିକ ନେତାମାନେ ନିଜର ପତିଆରା ଦେଖାଇବା ପାଇଁ ଯାଉଥିବା ନେଇ ଚର୍ଚ୍ଚା ହେଉଛି । ରାଜନଗର ବ୍ଲକ ବନ୍ଧପଡା ପଚାଂୟତେର ଅପର୍ଣ ରଥ ବୁଲିବା ସମୟେର ଜୋତା ପିନ୍ଧି ନେତା କରୁଛନ୍ତି ନାମସଂକୀତର୍ନ ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହି ପଚାଂୟତର ଚକିବାଙ୍କ, ଦକ୍ଷିଣଦାଣ୍ଡି, ଫିରିକିଦାଣ୍ଡି, ବନ୍ଧପଡା, ଜେନାସାହି, ମଧପଡା, ଟାଙ୍ଗଣେଟିଳା, ସନ୍ତପଡା, ଗୋବିନ୍ଦପୁର ଓ କଣ୍ଡିଆ ପ୍ରଭୃତି ଗାଁରେ ପରିକ୍ରମା କରୁଥିଲା । ବିଜୁ ଜନତା ଦଳର ମିଡିଆ ପ୍ରଭାରୀ ବିଜୟକୁମାର ନାୟକ ଅପର୍ଣ ରଥ ନିକଟେର ଜୋତା ପିନ୍ଧି ସଂକୀତର୍ନ କରିବା ସହ ପ୍ରଭୁ ଜଗନ୍ନାଥଙ୍କୁ ପ୍ରଣାମ କରୁଥିବା ଦୃଶ୍ୟ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓ ଭାଇରାଲ ହେବା ପେର ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି । ଯାହାକୁ ନେଇ ବିଭିନ୍ନ ମହଲେର ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏେନଇ ବ୍ଲକ କଂେଗ୍ରସ ସଭାପତି ଦେବେନ୍ଦ୍ରକୁମାର ଜେନା ନିଜ ପ୍ରତିକ୍ରିୟାେର ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଘୋର ଅପମାନ । ଏଭଳି ଘଟଣାକୁ ନିନ୍ଦା କରୁଛୁ । ଜୋତା ପିନ୍ଧି ପ୍ରଭୁ ଜଗନ୍ନାଥଙ୍କ ରଥ(ଅପର୍ଣ ରଥ) ସମ୍ମୁଖେର ସଂକୀତର୍ନ କରିବା ଅପରାଧ । ଏେନଇ ବିଜୟ ନାୟକ ଓ ତାଙ୍କ ନେତା ସବର୍ସାଧାରଣେର କ୍ଷମା ପ୍ରାଥର୍ନା କରିବା ଉଚିତ୍ ବୋଲି କହିଛନ୍ତି ।

# ଅଶୋକ ସାମଲ ଜିଲ୍ଲା ଓବିସି ସେଲ୍ ସଭାପତି ମନୋନୀତ

**ଚଣ୍ଡିଖୋଲ(ଅମୃତ ମିଡିଆ):** ନିଖିଳ ଭାରତ କଂଗ୍ରେସ କମିଟି ଓବିସି ଅଧକ୍ଷ ଅଜୟ ସିଂ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ କୁମାର ପଟ୍ଟନାୟକଙ୍କ ଅନୁମୋଦିତ କ୍ରମେ ବଡ଼ଚଣା ବ୍ଲକ୍ କଂଗ୍ରେସ ଉପସଭାପତି ଅଶୋକ କୁମାର ସାମଲଙ୍କୁ ଯାଜପୁର ଓବିସି ସେଲର ସଭାପତି ଭାବେ ମନୋନୀତ କରିଛନ୍ତି ।

### ପାରିବାରିକ ଝଗଡାରୁ ଆତ୍ମହତ୍ୟା କଲା ସ୍ତ୍ରୀ

# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ, ସ୍ୱାମୀ ଗିରଫ



**ନୀଳଗିରି(ଅମୃତ ମିଡିଆ):** ବେଳେବେଳେ ସ୍ୱାମୀ ସ୍ତ୍ରୀ ଙ୍କ ପବିତ୍ର ସମ୍ପର୍କରେ ଭଟ୍ଟା ପଡେ । ସେହି ସମ୍ପର୍କ ଦିନେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ଥାଏ । ହୋଇପାରେ ବିଚ୍ଛେଦ କିମ୍ବା ଆତ୍ମହତ୍ୟା । ଏଭଳି ଏକ ନିର୍ଣ୍ଣାୟକ ନିଷ୍ପତି ନେଇଛନ୍ତି ନୀଳଗିରି ବ୍ଲକ୍ ବରହମପୁର ଥାନା ଅଧୀନସ୍ଥ ପିଠାହତା ପଞ୍ଚାୟତ ସାନ ନୂଆଗାଁ ଗ୍ରାମର ଜାନକୀ ନାୟକ ଙ୍କ ଠାରେ । ସୂଚନାଥାଉକି ବୁଧବାର ଦିନ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ଝଗଡ଼ା ହୋଇଥିଲା । ସ୍ୱାମୀ ବ୍ରହ୍ମାନନ୍ଦ ନାୟକ ଆଜି ସକାଳେ ଟେଣ୍ଟକାମ କରିବାଲାଗି କର୍ମ କ୍ଷେତ୍ର ବରହମପୁରକୁ ଆସିଥିଲେ । ସ୍ୱାମୀ ସ୍ତ୍ରୀ ଙ୍କ ଝଗଡ଼ା ପାଇଁ ମନ ଭଲ ନଥିବାରୁ ଅଧା କାମରୁ ଘରକୁ ଫେରି ଯାଇଥିଲେ । ଦାଣ୍ଡ ଦୁଆରେ ଝିଅ କାନ୍ଦୁଥିବାର ଦେଖି ଘଟଣାର କାରଣ ପଚାରିବାରୁ ମା ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା କଥା ବାପାଙ୍କୁ କାନ୍ଦି କାନ୍ଦି କହିଥିଲା । ଖବର ପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଜାନକୀଙ୍କ ବାପଘର ଲୋକଙ୍କୁ ଖବର ଦେଇଥିଲେ । ବାପଘର ଲୋକ ପହଞ୍ଚି ତାଙ୍କ ଜ୍ୱାଇଁ ବ୍ରହ୍ମାନନ୍ଦ ଝିଅକୁ ହତ୍ୟାକରିଛି ବୋଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବ୍ରହ୍ମାନନ୍ଦକୁ ଗିରଫ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନା ପଠାଇଥିବା ସୂଚନା ମିଳିଛି ।

# ବୁଲିଲା ଜଗନ୍ନାଥ ପରିକ୍ରମା ଅର୍ପଣ ରଥ



**ଚୌଦ୍ୱାର (ଅମୃତ ମିଡିଆ):** ମହାପ୍ରଭୁ ଜଗତରନାଥ ଜଗନ୍ନାଥ ଙ୍କ ପରିକ୍ରମା ପକଳ୍ପର ଅର୍ପଣ ରଥ ଆଜି ଆଠଗଡ ନିର୍ବାଚନ ମଣ୍ଡଳୀ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡି ଗ୍ରାମପଞ୍ଚାୟତ ରେ ପରିକ୍ରମା କରିଛି । ସିଆରିଆ ବାବା ସଦାନନ୍ଦ ବାବା ଓ ଆଠଗଡ ୩ ନମ୍ବର ଜୋନର ଜିଲ୍ଲାପରିଷଦ ଶ୍ରୀଯୁକ୍ତ ବଳଭଦ୍ର ବାଘ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥଲେ । ପଞ୍ଚାୟତର ପ୍ରତେକ ଲୋକ ନିଜ ନିଜ ଘରୁ ଅରୁଆ ଚାଉଳ ଓ ଗୁଆ ଦେବା ସହ ମହାପ୍ରଭୁ ଜଗନ୍ନାଥ ଙ୍କୁ ଅର୍ପଣ କରିଥିଲେ । ପଞ୍ଚାୟତର ସଂକ୍ରିତନ , ନଦିଆ ମଣ୍ଡଳୀ ଦ୍ୱାରା ଜୟ ଜଗନ୍ନାଥ ଓ ହରିବୋଲ ହୁଳହୁଳି ରେ ପଞ୍ଚାୟତ କମ୍ପି ଉଠିଥିଲା । ପ୍ରଥମେ କଖଡି ଜଗନ୍ନାଥ ମନ୍ଦିର ଲକ୍ଷ୍ମୀନାରାୟଣ ଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ବିଦ୍ୟାଧରପୁର ଗ୍ରାମ ପରିକ୍ରମା କରି କଖଡି , ମହାଳପଡ଼ା , କାପ୍ତାବରେଇ , ଗୋପିନାଥ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଥିଲା । କଖଡି ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ କଳ୍ପନା ଛତାର , ବିଜୁ ଜନତା ଦଳର ସଭାପତି ରଞ୍ଜନ କୁମାର ମୁଦୁଲି , କଟକ ଜିଲ୍ଲା ବିଜୁ ଜନତା ଦଳର ସମ୍ପାଦକ ନରେନ୍ଦ୍ର କୁମାର ସାହୁ , କଖଡି ଗ୍ରାମ୍ୟ କମିଟି ସଭାପତି ଦିଲ୍ଲିପ କୁମାର ଛତାର , ନୀଳମଣି ବାରିକ , ମାୟାଧର ଦଳେଇ , ରଞ୍ଜନ କୁମାର ମୁଦୁଲି , ସନାତନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ।

# ଅସନପୁର ପଂଚାୟତରେ ଗଡ଼ିଲା ଜଗନ୍ନାଥ ଅର୍ପଣ ରଥ

**ଦଶରଥପୁର(ଅମୃତ ମିଡିଆ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବାକୁ ଥିବାବେଳେ ଏଥି ନିମନ୍ତେ ସାରା ରାଜ୍ୟରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ଏହି ଅବସରରେ ଆଜି ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁର ପଞ୍ଚାୟତରେ ଜଗନ୍ନାଥଙ୍କ ଅର୍ପଣ ରଥର ଶୁଭରମ୍ଭ ହୋଇଛି । ସରପଞ୍ଚ କାଞ୍ଚନ ମଲ୍ଲିକ ଓ ଦଶରଥପୁର ବ୍ଲକ ଉପାଧ୍ୟକ୍ଷା ଝିଲି ମଲ୍ଲିକଙ୍କ ନେତୃତ୍ୱରେ ଯୁବନେତା ପ୍ରଭାତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥ କାଣ୍ଡିସାହି ସ୍ଥିତ ବୁଧେଶ୍ୱର ମନ୍ଦିରରୁ ବାହାରି ପଞ୍ଚୁପୁର, ବନ୍ଧସାହି ଦେଇ ଚଣ୍ଡୀପୁର ଠାରେ ବାହାରିଥିଲା । ଏହି ଅର୍ପଣ ରଥ ପରିକ୍ରମା ସମୟରେ ପ୍ରତି ପରିବାରର ମହିଳାମାନେ ସ୍ୱତଃପୂର୍ତ୍ତ ଭାବେ ଅରୁଆ ଚାଉଳ ଓ ଗୋଟାଗୁଆ ପ୍ରଦାନ କରୁଥିବାର ଦେଖାଦେଇଥିଲା । ରଥ ପରିକ୍ରମା ସମୟରେ ମହିଳାମାନଙ୍କ ଦ୍ୱାରା ଶଙ୍ଖ ଓ ହୁଳହୁଳି ଶବ୍ଦ ଗ୍ରାମରେ ଅଧିମ୍ବିକ ପରିବେଶ ସୃଷ୍ଟି କରିଥିଲା ।

# ନୂଆ -ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ



**ଚୌଦ୍ୱାର (ଅମୃତ ମିଡିଆ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଷାନାହାକାଣୀ କଲେଜରେ ଆଜି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସହିତ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଗରୁଡ଼ଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରୁ କଲେଜ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ଆଧୁନିକ ଗୀତରେ କଲେଜରେ ନୃତ୍ୟ ପରିବେଷଣ ହୋଇଥିଲା । କଲେଜର ପ୍ରିନସିପାଲ ଡ଼ ସଚ୍ଚିଦାନନ୍ଦ ପ୍ରଧାନଙ୍କ ନେତୃତ୍ୱ ରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରୁ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ମୁଖ୍ୟବକ୍ତା ଶ୍ରୀମତି ବେହେରା ପିଲାମାନେ କିପରି ଭାବେ ନିଜର ଭବିଷ୍ୟତକୁ ନିଜେ ଗଢିବେ ଏବଂ ପ୍ରତେକ ଜଣେ ଜଣେ ଭଲ ମଣିଷ ଟିଏ ହେବେ ତାହା ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । ଅନ୍ୟ ପକ୍ଷରେ ଘୋଡାନାଚ ବିଶାରଦ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ଦ୍ୱାରା ଘୋଡାନାଚ ମାଧ୍ୟମରେ ଛାତ୍ରଛାତ୍ରୀ ମାନଂକର ମନୋରଞ୍ଜନ କରିଥିଲେ । ଏଥିସହିତ କଲେଜରେ ହୋଇଥିବା ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଟାଙ୍ଗୀ ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଏବିଡ଼ିଓ ଶାଶ୍ୱତ କୁମାର ଜେନା, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ମିନାକ୍ଷୀ ଦାସ, ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ ଙ୍କ ସମେତ ବହୁ ବିଜେଡି କର୍ମୀ ଓ କଲେଜର ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷାନିକେତନର ବାର୍ଷିକ ଉତ୍ସବ ପାଳନ

**ବାରିପଦା/ଉଦଳା(ଅମୃତ ମିଡିଆ);** ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ ମାତୃସାଧନା କେନ୍ଦ୍ର ଉଦଳା ର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଏଥିପାଇଁ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଥିଲା । ଉପଖଣ୍ଡ ପୋଲିସ ଅଧିକାରି ସାର୍ଥକ ରାୟ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ଅରବିନ୍ଦ କିପରି ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



ଅନ୍ୟ ମାନଙ୍କ ମଧ୍ୟରେ ପୂର୍ଣ୍ଣାଙ୍ଗ ଶିକ୍ଷା ସଂଗଠନର ସଭାପତି ପ୍ରଫୁଲ ଚନ୍ଦ୍ର ମହାଳିକ, ଜିଲ୍ଲା ସଂଗଠନ ଟ୍ରଷ୍ଟି ଗଣେଶ ପ୍ରସାଦ ମହାପାତ୍ର, ପାଠ ଚକ୍ର ସଦସ୍ୟ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ବିଭିନ୍ନ ଦିଗ ସଂପର୍କରେ ଅବଗତ କରାଇଥିଲେ । ଶିକ୍ଷା କେନ୍ଦ୍ରର ସଭାପତି ଗୋପିନାଥ ଶା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଶିକ୍ଷା କେନ୍ଦ୍ରର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ସଂପାଦିକା ସୁଜାତା ମହାଳିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧକ୍ଷା ସନ୍ତୋଷିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ପିଲା ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଶୁଆ ଶାବକ ଚୋରା ଚାଲାଣ ବେଳେ ଜଣେ ଗିରଫ

## ୫୦ଟି ଶୁଆ ଶାବକ ବନବିଭାଗ ଦ୍ୱାରା ଉଦ୍ଧାର



**ବାରିପଦା(ଅମୃତ ମିଡିଆ):** ଓଡ଼ିଶାରେ ଚାଲିଛି ପକ୍ଷୀ ଗଣନା । ଜୀବଜନ୍ତୁ ସୁରକ୍ଷା, ସଂଖ୍ୟା,ପରିବେଶ ଉପରେ ତର୍ଜମା କରୁଛି ବନ୍ୟପ୍ରାଣୀ ବିଭାଗ ଓ ପରିବେଶ ବିଭାଗ । ବନ୍ୟଜନ୍ତୁ ସୁରକ୍ଷା ପାଇଁ ମାଫିଆଙ୍କ ଉପରେ କଠୋର ନିୟମ ଲାଗୁ କରାଯାଇଥିଲେ ମଧ ବନ ବିଭାଗକୁ ଚାଲେ ଦେଉଛନ୍ତି ବନ୍ୟପ୍ରାଣୀ ରାକେଟ । ସୂଚନାମୁତାବକ ରାଇରଙ୍ଗପୁର ବନାଂଚଳ, ଗୋରୁମହିଷାଣୀ ବିଟ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ସୋମବାର ଦିନ ଭୋର ସମୟରେ ୫୦ ଟି ଶୁଆ ଶାବକ ଚୋରା ଚାଲାଣ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଂଚି ପକ୍ଷୀ ଚାଲାଣ କାରି ଗୋରୁମହିଷାଣୀ ଥାନା ଅନ୍ତର୍ଗତ କୁଲେଇଶିଳା ଗ୍ରାମର ମହମ୍ମଦ ସାହାଜାଦ୍ (୩୦)ଙ୍କୁ ଗିରଫ କରିବା ସହିତ ତାଙ୍କ ପାଖରୁ ବନ ବିଭାଗ ଟିଭିଏସ ବାଇକ୍ ଓଡି ୧୧ ଏମ ୬୯୨୫ ଜବତ କରିବା ସହ ଦୁଇଟି ପେଟିରେ ରଖିଥିବା ୫୦ ଟି ଶୁଆ ଶାବକକୁ ଉଦ୍ଧାର କରି ରାଇରଙ୍ଗପୁର ବନାଂଚଳକୁ ଆଣିଥିଲେ । ଶାବକମାନଙ୍କୁ ବନ ବିଭାଗ ତରଫରୁ ଯତ୍ନ ନିଆଯାଉଥିବା ବେଳେ, ବନ ବିଭାଗ ମହମ୍ମଦ ଶାହାଜାଦ ନାମରେ ଏକ ମାମଲା କେଶ ନମ୍ବର ୧୨୭/୨୪ ମୂଳେ ରୁଜୁ କରି କୋର୍ଟ ଚାଲାଣ କରିଛି । ଏହି ରାକେଟରେ ଆହୁରି ୨/୩ ଜଣ ସଂପୃକ୍ତ ଥିବା ବନ ମାଫିଆ ମହମ୍ମଦ ସାହାଜାଦ ସ୍ୱୀକାର କରିଛି । କିଛି ଦିନ ପୂର୍ବରୁ ମଧ ୨୦ ଟି ଶୁଆ ଶାବକ ବିକ୍ରି କରିଛି ଏହି ଶାବକକୁ ରାଇରଙ୍ଗପୁର ଅଂଚଳରେ ବିକିଲେ ୭୦୦/୮୦୦ ଟଙ୍କା ପାଆନ୍ତି ଏବଂ ଯେଉଁ ଦଲାଲମାନେ ଏହାକୁ କିଣନ୍ତି ସେମାନେ ଭୁବନେଶ୍ୱର ସମେତ ବଡ଼ ବଡ଼ ସହରର ୩୦୦୦ ରୁ ୪୦୦୦ ଟଙ୍କାରେ ବିକ୍ରି କରନ୍ତି ବୋଲି ଜଣାଯାଇଛି । ଚଢ଼ାଉରେ ବନାଂଚଳ ଅଧିକାରୀ ଜ୍ୟୋତିରଂଜନ ସେନାପତି, ଫରେଷ୍ଟର କାଶୀନାଥ ହାଁସଦା, ଫରେଷ୍ଟର ଆଲୋକ ସେଠୀ, ଫରେଷ୍ଟର ଯଶୋବନ୍ତ ମହାକୁଡ଼ ଏବଂ ଅନ୍ୟମାନେ ସାମିଲଥିଲେ ।

# ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନୀରେ କମ୍ପିଲା ରାସ୍ତାଘାଟ



**ବାଲୁଗାଁ(ଅମୃତ ମିଡିଆ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ସାରା ରାଜ୍ୟରେ ଅର୍ପଣ ରଥ ବୁଲିବା ସହ ଘରୁ ଘରୁ ଗୁଆ ଚାଉଳ ସଂଗ୍ରହ କରାଯାଉଛି ।ଏହିପରିପ୍ରେକ୍ଷୀରେ ଆଜି ଏହି ଶୋଭାଯାତ୍ରାରେ ବାଲୁଗାଁ ଏନଏସି ନଗରପାଳିକା ଶ୍ରୀମତୀ ସୁକାନ୍ତି ପାଇକରାୟ,ଉପନଗରପାଳ ଭଗବାନ ପ୍ରଧାନ,ଯୁବ ନେତା ସନ୍ତୋଷ ପାଇକରାୟ,ବିଜେଡି ସଭାପତି ଶ୍ରୀ ଜୟନ୍ତ ସ୍ୱାଇଁ,ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ,ଖୋର୍ଦ୍ଧା ଜିଲ୍ଲା ମହିଳା ସହ ସମ୍ପାଦିକା ବନିତା ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର ଛାତ୍ର ବିଜେଡି ସଭାପତି ଶଶିକାନ୍ତ ପାଇକରାୟ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ମିଶନଶକ୍ତି ନାରୀନେତ୍ରୀ, ଜଳସାଥୀ,ସ୍ୱଚ୍ଛ ସାଥି ଓ ଜଗନ୍ନାଥ ପ୍ରେମୀଙ୍କ ସହଯୋଗରେ ଜେନା କଲୋନୀ,ରାମପୁର, କେକେନୂଆଗାଁ, ଉମାମହେଶ୍ୱର ରୋଡ ଆଦି ଗ୍ରାମରୁ ଗୁଆ,ଚାଉଳ ଗ୍ରହଣ କରିବା ସହ ହୁଳହୁଳି,ଜୟ ଜଗନ୍ନାଥ ନାମରେ ସାରା ଅଞ୍ଚଳ ଭକ୍ତି ଭାବରେ ପରିପୂର୍ଣ ହୋଇଥିଲା ।ସଂକୀର୍ତ୍ତନ ମଣ୍ଡଳୀ ତାଳେ ତାଳେ ସମସ୍ତ ଜଗନ୍ନାଥ ପ୍ରେମୀ ଭାବ ବିହୋର ହୋଇଥିବା ବେଳେ ସାହି ବାସିନ୍ଦା ମାନେ ଅତି ଆଗ୍ରହ ସହକାରେ ଗୁଆ,ଚାଉଳ ଦେଉଥିବା ଦେଖିବାକୁ ମିଳିଥିଲା ।

## ମହାସମାରୋହରେ ପାଳନ ହେଲା ସମ୍ବର୍ଦ୍ଧନା ଉତ୍ସବ

**ବେତନଟୀ(ଅମୃତ ମିଡିଆ):** ପଟିସାରୀଉନ୍ନୀତ ଉ : ପ୍ରା:ବିଦ୍ୟାଳୟ ପରିସରରେ ଉକ୍ତ ବିଦ୍ୟାଳୟରୁ ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତରେଇଙ୍କ ବିଦାୟ ସମ୍ବର୍ଦ୍ଧନା ଓ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି । ଗତ ୧୦ ତାରିଖ ଦିନ ଏଥିନିମନ୍ତେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନାସମିତିର ଚେଆରପରଶନ ଅଭୟ କୁମାର ବେହେରା ସଭାପତିତ୍ୱ କରିଥିଲେ । ବିଶେଷ ଅତିଥି ରୂପେ ବଡ଼ ସାହି ବିଧାୟକ ସନାତନ ବିଜୁଳି ଓ ମୁଖ୍ୟ ଅତିଥିଭାବେ ବଡସାହି ଗୋଷ୍ଠୀ ଶିକ୍ଷାଧିକାରୀ ମିସ୍ ମଧୁସ୍ମିତା । ଗିରି ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ସମ୍ବଳ ସଂଯୋଜକ ଦୀନବନ୍ଧୁ ଦାସ, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି , ବ୍ଲକ୍ ଓଲଷ୍ଟ । ସଂପାଦକ ରତିକାନ୍ତ ବେହେରା ପ୍ରମୁଖ ବିଦାୟୀ ଶିକ୍ଷକ ଶ୍ରୀ ତରାଇଙ୍କ କାର୍ଯ୍ୟଶୈଳୀ ତଥା ଶିକ୍ଷଣଶୈଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ସଭାରେ ଉପସ୍ଥିତ ତିନିଜଣ ଏବିଇଓ ପଦ୍ମଲୋଚନ ଦାସ, ବସନ୍ତ ମଞ୍ଜିରୀ ପଟ୍ଟନାୟକ ଓ ରାଧିଆ ମୁଣ୍ଡ । ମଧ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସୁଗୁଣାବଳୀ ଓ ଛାତ୍ର ବତ୍ସଳତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସହସ୍ରାଧିକ ଗ୍ରାମବାସୀ, ଅଭିଭାବକ ପାର୍ଶ୍ୱସ୍ଥ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷିକା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ବାର୍ଷିକ ଉତ୍ସବର ପୁରସ୍କାର ମାନ ବଣ୍ଟନ କରାଯାଇଥିଲା । ସିଆରସିସି ଦେବରଂଜନ ମୁଖି ମଧ ମଞ୍ଚରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ନିରଂଜନ ପଲେଇ, ରାମକୃଷ୍ଣ ଜୀଉ, ସୁକାନ୍ତ ନାଏକ ସହଯୋଗ କରିଥିଲେ । ସଂଯୋଜନା କରିଥିଲେ କାହ୍ନୁଚରଣ ବାରିକ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଶିକ୍ଷୟିତ୍ରୀ କବିତା ସ୍ୱାଇଂ ।

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ

**ବାରିପଦା(ଅମୃତ ମିଡିଆ):** ଶ୍ୟାମାଖୁଂଟା ବ୍ଲକ ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଭାଲୁକି ସ୍ଥିତ କ୍ଷୀରୋଦ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସସ୍ମିତା ଗିରି ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଧାନଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ, ପ୍ରଧାନଶିକ୍ଷକ ରାଖାଲ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ । ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ଦୃଷ୍ଟିରେ ରଖି ସମସ୍ତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଭା ଓ ସୃଜନସୀଳତାକୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟ ସ୍ତରରେ ଏକ ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।



# ଯୁବ କ୍ରୀଡା ଉତ୍ସବ ଉଦ୍‌ଯାପିତ



**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ନୂଆ - ଓ ଆନୁକୂଲ୍ୟରେ ବାରିପଦା ମ୍ୟୁନିସିପାଲିଟି ସ୍ତରୀୟ ଯୁବ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି ଓ ପ୍ରକାଶ ଥାଉକି କିଛି ଦିନ ପୂର୍ବରୁ ୧୪ ରୁ ୩୫ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ଦଳ ଗଠନ କରାଯାଇ କ୍ରିକେଟ, ଫୁଟବଲ, ଭଲିବଲ, କବାଡି ଓ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥି ମଧ୍ୟରୁ ପ୍ରତ୍ୟେକ ଖେଳର ଶ୍ରେଷ୍ଠ ୪ ଟି ଦଳକୁ ଆଜି ପୁରସ୍କୃତ କରାଯାଇଛି ଓ ଚାମ୍ପିୟନ ଦଳକୁ ୨୦ ହଜାର, ଟ୍ରଫି, ୧ମ ରନର୍ସ ଅପ ଦଳକୁ ୧୫ ହଜାର, ୨ୟ ରନର୍ସ ଅପ (୧) ଓ ୨ୟ ରନର୍ସ ଅପ (୨) କୁ ୧୦ ହଜାର ଲେଖାଏଁ ନଗଦ ରାଶି ପ୍ରଦାନ କରାଯିବା ସହ ସମସ୍ତ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରାଯାଇଛି ଓ ସମସ୍ତ ଅଫିସିଆଲସ ଓ ସଂଯୋଜକ ମାନଙ୍କୁ ମଧ ପ୍ରଶଂସା ପତ୍ର ଦିଆଯାଇଛି ଓ ତତସହିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅଂଶଗ୍ରହଣକାରି ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପ୍ରକାଶ କରିଥିଲେ ଓ ନଗରପାଳ ଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠି ଓ ସମସ୍ତ କାଉନସିଲ ସଭ୍ୟ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ ଓ ସୋମନାଥ ସିଂହ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ ଓ ପୁରୁଷ ବିଭାଗ କ୍ରିକେଟରେ ଫ୍ରେଣ୍ଡସ ଉଇନିୟନ ଡି ଆର କେ ଟାଇଗର୍ସ, ମୟୁରଭଞ୍ଜ ରୟାଲସ, ବି ଜେ ଏମ ସି ସି, ମହିଳା ବିଭାଗରେ ମୟୁରଭଞ୍ଜ ହିଟ, ଏମ କେ ସି ଗାର୍ଲସ, ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ପୁରୁଷ ବିଭାଗ ଫୁଟବଲରେ ପି ସି ଆଇ ଟି ଆଇ ଟପ ସ୍କିଲସ, ଏମ ପି ସି ଅଟନମାସ କଲେଜ, ଆଇମେନ କାଜୋଲ ଏଫ ସି, ଲେଡି ହେମିଲଟନ ୱାରିଅର, ପୁରୁଷ ଭଲିବଲରେ ମା କିଚକେଶରୀ ଭଲିବଲ ଏକାଡେମୀ, ମୁସକାନ, ଏମ ପି ସି ଅଟନମାସ କଲେଜ, ବାରିପଦା ହାଇଆର ସେକଣ୍ଡାରୀ ସ୍କୁଲ, ମହିଳା ବିଭାଗରେ ସରକାରୀ ମହିଳା ମହାବିଦ୍ୟାଳୟ, କ୍ରାଉନ ୱାରିଆର, ବାରିପଦା ହାଇଆର ସେକଣ୍ଡାରୀ ସ୍କୁଲ, ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଷ କବାଡିରେ ଏମ ମହାବୀର, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ, କେ ଭି ଲେଜିଆନ୍ସ, ବୋଏଜ କବାଡି, ମହିଳା ବିଭାଗରେ ଏମ ପି ସି (ଅଟ) ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଏମ କେ ସି ଉଚ୍ଚ ବିଦ୍ୟାଳୟ, ବଳାଙ୍ଗୀ ୱାରିଆର, ପୁରୁଷ ଖୋ ଖୋ ରେ ପ୍ରତିଭା ହଷ୍ଟେଲ, ବାରିପଦା ଏମ ପି ଏଲ, ଟି ଟି ଆଇ ତକତପୁର, ରୁରାଲ ଇଲେଭେନ କେ କେ ଟିମ, ମହିଳା ବିଭାଗରେ ଟିମ ବାରିପଦା, ମୟୁରଭଞ୍ଜ ଟାଇଗର୍ସ, ସରକାରୀ ମହିଳା ମହାବିଦ୍ୟାଳୟ, ବଳାଙ୍ଗୀ ୱାରିଆର ଯଥାକ୍ରମେ ୧ମ, ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ ।

# ବୁଦା ମୂଳରୁ ମିଳିଲା ମୃତ ଶିଶୁକନ୍ୟା, ଦାୟୀ କିଏ ?



**ନୀଳଗିରି(ଅମୃତ ମିଡିଆ):** ସରକାର ଶିଶୁକନ୍ୟାକୁ କନ୍ୟାରତ୍ନ କହି ବିଭିନ୍ନ ମାଧ୍ୟମରେ ସଚେତନ କରାଉଥିବା ବେଳେ ଏହି ସଚେତନ ଜନସାଧାରଣଙ୍କ ଠାରେ କେତେ କାର୍ଯ୍ୟକାରୀ ହେଉଛି ଏହି ନୀଳଗିରି ଅଞ୍ଚଳରେ ଆଖିରେ ନାଦେଖିଲେ ବୁଝିହେବ ନାହିଁ । ନୀଳଗିରି ଅଞ୍ଚଳରେ କନ୍ୟା ଭୃଣହତ୍ୟା କରାଯାଉଥିବା ବେଳେ ଶିଶୁକନ୍ୟା ଜନ୍ମକୁ ନେଇ ପ୍ରଶ୍ନବଚୀ ସୃଷ୍ଟିକରିଛି । ଶିଶୁକନ୍ୟା ଜନ୍ମ ହେବା କ୍ଷଣି ପିତା ମାତା ଶିଶୁକନ୍ୟାକୁ ହତ୍ୟା କରିବାକୁ ପଛାଉନାହାନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ପରିତ୍ୟକ୍ତ ସିଟି ସ୍କୁଲ ଓ ଏଏନଏମ ସେଣ୍ଟର୍ ନିକଟ ରାସ୍ତା କଡ଼ରେ ଗୋଟିଏ ନବଜାତକ ମୃତ ଶିଶୁକନ୍ୟା ଠାବ ହୋଇଛି । ଶିଶୁଟିକୁ କେହି ଦୁର୍ବୃତ୍ତ କପଡ଼ାରେ ଗୋଡ଼ାଇ ଏକ ସଲାଇନ୍ ପେଟି ଭିତରେ ଭର୍ତ୍ତି କରି ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଏହା କୌଣସି ପ୍ରେମ ଜନିତ ଅବୈଧ ସନ୍ତାନ ହୋଇଥାଇ ପାରେ ବୋଲି ଅଞ୍ଚଳବାସୀ ଅନୁମାନ କରିଛନ୍ତି । ତଦନ୍ତ ହେଲେ ଏହାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ।ତେବେ ରାଜ୍ୟ ତଥା କେନ୍ଦ୍ର ସରକାର କନ୍ୟା ସନ୍ତାନର ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ବାରମ୍ବାର କନ୍ୟାସନ୍ତାନ ମାନଙ୍କୁ ଏକ ଅଭିଶାପ ଭାବି ଡଷ୍ଟବିନ୍ ରେ ପକାଇବା ଭଳି ଘଟଣା ଦିନକୁ ଦିନ ବଢି ଚାଲିଛି । ନାରୀକୁ ସମ୍ମାନ, ନାରୀଶକ୍ତିର ଅଭ୍ୟୁଦୟ ସତରେ କଣ ହୋଇଛି । ତାହେଲେ କନ୍ୟା ସନ୍ତାନ କ୍ଷେତ୍ରରେ ଏଭଳି ହୀନମନ୍ୟତା କାହିଁକି ? ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି ।

# ବିଦ୍ୟାଳୟ ପରିସରରେ ବିବେକାନନ୍ଦ ଜୟନ୍ତୀ ପାଳିତ



**ପୁରୀ(ବ୍ୟୁରୋ):** ବାଲିଘାଟ ସ୍ଥିତ ରାମକୃଷ୍ଣ ବିଦ୍ୟା ନିକେତନ ପରିସରରେ ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଧୁମ୍ ଧାମରେ ପାଳିତ ହୋଇ ଯାଇଛି ।ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ତୈଳ ଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରାଯାଇଥିଲା ।ଏହାପରେ ସ୍ୱାମୀ ବିବେକାନନ୍ଦ ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ପ୍ରତିଯୋଗିତାରେ ତୃତୀୟ ଶ୍ରେଣୀ ର ସୁନ୍ଦର ଦୀପ ପଟନାୟକ,ଦୀପକ କୁମାର ସ୍ୱାଇଁ ଏବଂ ସାଇ ପ୍ରକାଶ ସାହୁ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀର ଶ୍ରେୟାଂଶୁ ମହାପାତ୍ର,ଶିବାନୀ ପାଣ୍ଡେ,ଏସପି ସମ୍ଭାବନା ଚମ୍ପତିରାୟ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହିପରି ଷଷ୍ଠ ଓ ସପ୍ତମ ଶ୍ରେଣୀରେ ସନ୍ତୋଷ କୁମାର ମୁଦୁଲି,ଶୁଭମ୍ ଘଡ଼େଇ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।ବିଦ୍ୟାଳୟର ଛାତ୍ର ସାଇ ସ୍ୱରୂପ ନାୟକ ବିବେକାନନ୍ଦଙ୍କ ବେଶ ଧାରଣ କରି ବକ୍ତୃତା ମାଧ୍ୟମରେ ସମସ୍ତଙ୍କୁ ବିବେକାନନ୍ଦ ଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ମଞ୍ଜୁଲତା ବେହେରା, ପ୍ରମୋଦିନୀ ସାହୁ, ସୁରେନ୍ଦ୍ର କୁମାର ନାୟକ, ରଜନୀକାନ୍ତ ଜୟସିଂହ, ଶୁଭେନ୍ଦୁ କୁମାର ମାନସିଂହ, ସସ୍ମିତା ମିଶ୍ର, ନିଳୀମା ଦାସ, ଲିଜା ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସସ୍ମିତା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

# ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କ କ୍ଷେତ୍ର ସମୀକ୍ଷା

**ପୁରୀ(ବ୍ୟୁରୋ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଓ ତତ ସଲଗ୍ନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଚେଷ୍ଟିତ ଅଛି ।ଦୂରଦର୍ଶନ ଓ କାର୍ଯ୍ୟକ୍ରମର ଆୟୋଜନ ଦାୟିତ୍ୱ ନେଇଥିବା ସଂସ୍ଥା ସହ ସମନ୍ୱୟ ରଖି ବିଭିନ୍ନ ଚାନେଲକୁ ପ୍ରସାରଣ ସୁବିଧା ଦେବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ସୂଚନା ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ।ଗତକାଲି ସଂଧ୍ୟାରେ ଏ ସମ୍ପର୍କରେ ଏକ ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବୃନ୍ଦ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର



ସାହୁ,ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସୂଚନା ବିଭାଗର ସହକାରୀ ନିର୍ଦ୍ଦେଶକ ଫିଲ୍ମ ଓ ଇଭେଣ୍ଟ ମ୍ୟାନେଜମେଣ୍ଟର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ର ନିଷ୍ପତ୍ତି ଓ କର୍ମକାଣ୍ଡ କାର୍ଯ୍ୟକ୍ରମ ଆଧାର ରେ ଜାନୁଆରୀ ୧୨ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତତ୍ତ୍ୱାବଧାନରେ ଦୂରଦର୍ଶନ ମାଧ୍ୟମରେ ସିଧା ପ୍ରସାରଣ ସହ ସମସ୍ତ ଚାନେଲ ମାନଙ୍କୁ ଫିଡ୍ ଦିଆଯିବ ।ଏହା ସହ ବିଶିଷ୍ଟ ଭାଷ୍ୟକାର ମାନେ ଶ୍ରୀଜଗନ୍ନାଥ ତତ୍ତ୍ୱ, ପରିକ୍ରମା ପ୍ରକଳ୍ପ ଇତ୍ୟାଦି ସମ୍ବନ୍ଧ ରେ ବର୍ଣ୍ଣନା କରିବେ ।ସେହିପରି ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ,ବେଦପାଠ,ଇତ୍ୟାଦିର ମଧ୍ୟ ପ୍ରସାରଣ କରାଯିବ ।ଏହା ପରେ ନିର୍ଦ୍ଦେଶକ ଶ୍ରୀ ସାମଲ ମନ୍ଦିର ନିକଟରେ ହୋଇ ଥିବା ପ୍ରସାରଣ କେନ୍ଦ୍ର ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରିବା ସହ ଦୂରଦର୍ଶନ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ ।

## ରେଡ୍ କ୍ରସ ଅନୁଷ୍ଠାନରେ ଗୋଷ୍ଠୀ କନ୍ଦଳ

**ପୁରୀ(ବ୍ୟୁରୋ):** ରେଡ୍ କ୍ରସ ଅନୁଷ୍ଠାନରେ ଗୋଷ୍ଠୀ କନ୍ଦଳ । ରକ୍ତଦାନ ଚାଲିଥିବା ବେଳେ ହାତାହାତି ହେଲେ ଦୁଇ କର୍ମୀ ।ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ।ଖବର ନେବାରେ ଜଣାପଡିଛି ଯେ ଆଜି ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ।ସେଠାରେ ରେଡକ୍ରସ ପକ୍ଷରୁ ବ୍ୟାନର ଲଗାଯାଇ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ରେଡକ୍ରସ ରେ କାର୍ଯ୍ୟ କରୁଥିବା ଗାୟତ୍ରୀ ଦାସ ଏବଂ ଜୟନ୍ତୀ ମହାପାତ୍ର ଙ୍କ ମଧ୍ୟରେ ବ୍ୟାନର ସହ ଅନ୍ୟ ବ୍ୟାନର ଲଗାଇବାକୁ ନେଇ ବଚସା ହୋଇଥିଲା ଏବଂ ଏଥିରେ ଜୟନ୍ତୀ ଉତ୍ୟକ୍ତ ହୋଇ ଗାୟତ୍ରୀଙ୍କୁ ମାଡ଼ମାରି ରକ୍ତାକ୍ତ କରିଦେଇଥିଲେ ବୋଲି କହିଛନ୍ତି ଗାୟତ୍ରୀ ଦାସ ।ଏହାପରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା



,ଗାୟତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକାରୀ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ।ସେଠାରେ ଗାୟତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି ।ଗାୟତ୍ରୀଙ୍କ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି ବୋଲି ସୂଚନା ମିଳିଛି ।

# ଉତ୍କଳ ବଚପନ୍ ସ୍କୁଲର ୧୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ







**ପୁରୀ(ବ୍ୟୁରୋ):** ପୁରୀ ଦତତୋଟା ସ୍ଥିତ ଉତ୍କଳ ବଚପନ୍ ସ୍କୁଲର ୧୬ ତମ ବାର୍ଷିକ କ୍ରୀଡା ଉତ୍ସବ ଝାଡେଶ୍ୱରି କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବିଦ୍ୟାଳୟର ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦାନ କରି କ୍ରୀଡା ପତାକା ଦେଖାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚକୋଲେଟ୍ ଦୌଡ,ଗଣ ଦୌଡ଼,ଗଣିତ ଦୌଡ,ଥ୍ରୋ ବଲ,ଆଳୁ ଚାମଚ୍ କ୍ୟାପ ରେସ ଭଳି ଅନେକ କ୍ରୀଡା ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଦେବସ୍ମିତ୍ ନାୟକ, ରିଧାଂଶି ପୃଷ୍ଟି, ଶିବାଶ୍ରୀତ ନାୟକ, ରୋତକ ମହାନ୍ତି, ଅନବି ଆୟେଂଶା ମହାନ୍ତି, ଦିବ୍ୟାଂଶି ପ୍ରଧାନ,ଆଦ୍ୟାଂଶ ମିତ୍ର,ପ୍ରୀୟାଂଶୀ ବେହେରା,ଶ୍ରିନିକା ଧାନ୍ୱିକା ରଥ,ଏମ ପୂର୍ବି, ଅନ୍ୱିତା ସାହୁ, ଦେବଶ୍ରିତ, ଶୁଭଶ୍ରୀତ,ଏସ କେ ନୁରେନ୍ ଅଲି, ଅପୂର୍ବା ସାମନ୍ତରାୟ,ଶ୍ରିନିଧି ପଟନାୟକ,ସୁପ୍ରିୟା ଚକ୍ରବର୍ତ୍ତୀ,ସମୀକ୍ଷା ପ୍ରିୟଦର୍ଶିନୀ, ଯଶରାଜ ଓ୍ୱାଲିଆ,ଗୌରବ ସାହୁ ଶର୍ମା, ଦେବାଂଶୁ ମହାପାତ୍ର,ଆତିଥ୍ୟ ଅଭିନବ ପ୍ରମୁଖ କୃତିତ୍ୱ ହାସଲ କରିଥିଲେ । ଏହାପରେ ଅଭିଭାବକ ମାନଙ୍କ ମଧ୍ୟରେ ବାସ୍କେଟ ବଲ,ଅଖା ଦୌଡ,ବାଟି ଚାମଚ, ଥ୍ରୋ ବଲ କ୍ରୀଡା ଅନୁଷ୍ଠିତ ହୋଇଥିଲା ।ଏଥିରେ ସୌର ପ୍ରକାଶ ସାହୁ,ଦେବାଶିଷ ମହାପାତ୍ର,ଦିନେଶ ପ୍ରଧାନ,ଅନୁପ ମିତ୍ର,ରାଜଲକ୍ଷ୍ମୀ ପାତ୍ର,ମୌସୁମୀ ମିତ୍ର,ସଙ୍ଗୀତା ମହାପାତ୍ର,ବିଜୟଲକ୍ଷ୍ମୀ ପଟ୍ଟନାୟକ,ଜ୍ୟୋତିର୍ମୟୀ ଦାଶ,କବିତା ପଟନାୟକ,ସୁଜାତା ସାହୁ ଶର୍ମା ପ୍ରମୁଖ ଯୋଗଦାନ କରି କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିଲେ ।ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ରିନା ରାୟ, ରାଜକୁମାରୀ କୁଣ୍ଡୁ, କବିତା ଦାସ, ସୁପ୍ରଭା ମହାନ୍ତି, ମନସ୍ୱିନୀ ନନ୍ଦ, ସ୍ୱାତୀ ସ୍ୱାଗତିକା ଜେନା ପରିଚାଳନା କରିଥିଲେ ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ପୁରୀ(ବ୍ୟୁରୋ):** ଭାରତ ବିକାଶ ପରିଷଦ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜୟନ୍ତୀ ସମୁଦ୍ର କୂଳ ସ୍ଥିତ ବିବେକା ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୁରୀରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗ ଦେଇ ସ୍ୱାମୀ ଜି ଙ୍କ ଜୀବନାଦର୍ଶ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ଭ୍ୱତାରଣ ସାହୁ,ମୁନିସିପାଲଟି ଏକଜୁଟିଭି ଅଫିସର ସରୋଜ କୁମାର ସ୍ୱାଇଁ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁ ସେଠି,ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ମହା ସଚିବ ପୂର୍ଣ ଚନ୍ଦ୍ର ଖୁଣ୍ଟିଆ ,ପ୍ରାନ୍ତ ସଂଗଠନ ସଚିବ ସୌମେନ୍ଦ୍ର ଦାସ ଯୋଗ ଦେଇ ସ୍ୱାମୀ ଜିଙ୍କ ବିଶ୍ୱଭାତୃତ୍ୱ ଏବଂ ପ୍ରତେକ କ୍ଷେତ୍ରରେ ଭାରତର ପ୍ରଭୁତ୍ୱ ପ୍ରତିଷ୍ଠା ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥଃଧାମ ଶାଖା ଅଧକ୍ଷ ପ୍ୟାରୀ ମୋହନ



ପଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ସନ୍ତୋଷ କୁ ମହାନ୍ତି,ପତିତପାବନ ସାମନ୍ତରାୟ,ନିମେଇ ଚରଣ ସାହୁ,ପିତାମ୍ବର ମହାପାତ୍ର,ସୁପ୍ରିତି ରଥ,ଜୟନ୍ତୀ ମହାପାତ୍ର,ସସ୍ମିତା ବନ୍ଦର ନାୟକ,ବୁଧ ଦେବ ମହାପାତ୍ର,କିଶୋର ପାତ୍ର,ତାରା ପ୍ରସାଦ ଦାସ,ସିବାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।ସଭା ପ୍ରାରମ୍ଭ ରେ ସମୂହ ବନ୍ଦେ ମାତରଂ ଏବଂ ଶେଷ ରେ ରାଷ୍ଟ୍ର ଗାନ କରାଯାଇଥିଲା ।

## ଏସ୍‌ସିଏସ୍ କଲେଜର ଏମ୍‌ବିଏ ଓ ଏମ୍‌ଏଫ୍‌ସି ଛାତ୍ରଛାତ୍ରୀଙ୍କର ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ




**ପୁରୀ(ବ୍ୟୁରୋ):** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍.ବି.ଏ. ଏବଂ ଏମ୍.କମ୍. (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗର ଛାତ୍ରଛାତ୍ରୀମାନଙ୍କର ଶିଳ୍ପାନୁଷ୍ଠାନ ପରିଦର୍ଶନ କାର୍ଯ୍ୟକ୍ରମ ୮.୧.୨୦୨୪ ଠାରୁ ୧୧.୦୧.୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀମାନେ କୋରାପୁଟର ସୁନାବେଡ଼ାସ୍ଥିତ 'ହିନ୍ଦୁସ୍ତାନ ଏରୋନଟିକସ୍ ଲିମିଟେଡ୍' (ଐଇଖ) ଏବଂ ଦାମନଯୋଡ଼ିସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ଘଇଖଉଙ) ଇତ୍ୟାଦି ଶିଳ୍ପାନୁଷ୍ଠାନ ପରିଦର୍ଶନ କରିବା ସହିତ ନିକଟବର୍ତ୍ତୀ ଐତିହାସିକ ଓ ? ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ଲାଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏମ୍.ବି.ଏ. ଛାତ୍ରଛାତ୍ରୀମାନେ, ଶିଳ୍ପାନୁଷ୍ଠାନ ମାନଙ୍କର ମାନବ ସମ୍ବଳ ପରିଚାଳନା, ବ୍ୟବସାୟିକ ଓ ବିତ୍ତୀୟ ପରିଚାଳନା ଏବଂ ଉକ୍ଟକ୍ସ-କ୍ରକ୍ଟକ୍ସବବସ୍ପର ଝକ୍ଟମସବକ୍ଷ ଜରସ୍ପକ୍ରକ୍ଟଭସ୍ପସଭସକ୍ଷସସ୍ପଇ ଅଧିନରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଜ୍ଞାନ ଆହରଣ କରିପାରିଛନ୍ତି । ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ ଓ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବାରେ,ଏମ୍.ବି.ଏ. ଓ ଏମ୍.ଏଫ୍.ସି. ବିଭାଗର ମୁଖ୍ୟ ଡଃ ସତ୍ୟ ପ୍ରକାଶ ମିଶ୍ର ପ୍ରଚ୍ଛଦପଟରେ ପ୍ରମୁଖ ସହଯୋଗିତା ପ୍ରଦାନ କରିଥିଲେ ।

## ଜିଲ୍ଲା ସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ

**ପୁରୀ(ବ୍ୟୁରୋ):** ନୂଆ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ଜିଲ୍ଲା ସ୍ତରୀୟ କ୍ରୀଡା ଉତ୍ସବ ଆଜି ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ




ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପିଲାମାନଙ୍କ ପ୍ରତିଭା ପ୍ରଦର୍ଶନ ଓ ଦକ୍ଷତା ପ୍ରଦର୍ଶନ ପାଇଁ ଯୁବ ଓଡ଼ିଶା ନବୀନ ଓଡିଶା ଏକ ଉପଯୁକ୍ତ ପ୍ଲାଟଫର୍ମ । ପ୍ରତିଟି ପିଲା ନିଜ ଦକ୍ଷତା ର ଉପଯୋଗ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବେ ବୋଲି ସେ ମତ ଦେଇଥିଲେ ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି ଉତ୍ସବ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡିଆଇସିର ଜି ଏମ ଅମୂଲ୍ୟ କୁମାର ପଣ୍ଡା,ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ବରିଷ୍ଠ କ୍ରୀଡା ଶିକ୍ଷକ ନିହାର ରଞ୍ଜନ ପଲାଇ ପ୍ରମୁଖ ଯୋଗ ଦେଇ କ୍ରୀଡା ପ୍ରତିଭାର ଉନ୍ମେଷ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇ ପାରିବ ବୋଲି ମତ ଦେଇଥିଲେ ।ସୂଚନାଯୋଗ୍ୟ ଯେ ବିଭିନ୍ନ ବ୍ଲକ ରୁ ଖୋ ଖୋ, ଭଲିବଲ, ଫୁଟବଲ, କବାଡି,ହକି ଓ କ୍ରିକେଟ ଭଳି ୬ ଗୋଟି କ୍ରୀଡା ରୁ ଚୟନ ହୋଇ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କ ମଧ୍ୟରେ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

# ଖୋଲା ଆକାଶ ତଳେ ଗଙ୍ଗା ସାଗର ଯାତ୍ରୀ

**ପୁରୀ(ବ୍ୟୁରୋ):** ପୌଷ୍ୟ ପୂର୍ଣ୍ଣିମାରୁ ହଜାର ହଜାର ଚାରିଧାମ ତୀର୍ଥଯାତ୍ରୀ ଶ୍ରୀକ୍ଷେତ୍ର ମୁହାଁ ହୋଇଛନ୍ତି । ମାତ୍ର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ତୀର୍ଥଯାତ୍ରୀମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଐତିହ୍ୟ କରିଡର ଲୋକାର୍ପଣ ଉତ୍ସବକୁ ଆସୁଥିବା ସାଧୁସନ୍ଥଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଶହଶହ ଗଙ୍ଗାସାଗର ତୀର୍ଥଯାତ୍ରୀ ଖୋଲା ଆକାଶ ତଳେ ଆଶ୍ରୟ ନେଉଥିବା ଦେଖାଯାଉଛି ।ଚାରିଧାମ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ଧାମ ଶ୍ରୀକ୍ଷେତ୍ରରେ ତୀର୍ଥଯାତ୍ରୀଙ୍କୁ ଏଭଳି ଦୁର୍ଦଶା ଭୋଗ କରିବାକୁ ପଡୁଛି । ଦେଶର ବିଭିନ୍ନ ପ୍ରାନ୍ତରୁ ବସ୍ ଓ ରେଳ ଯୋଗେ ଆସୁଥିବା ତୀର୍ଥଯାତ୍ରୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ମିଳୁନଥିବାରୁ ଶୀତ କାକରରେ ହଜାର ହଜାର ଗଙ୍ଗାସାଗର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମାଳତୀପାଟପୁର ବସ୍ ଟର୍ମିନାଲରେ ତୀର୍ଥଯାତ୍ରୀଙ୍କ ପାଇଁ ଆବଶ୍ୟକ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯାଇନଥିବାରୁ ଏବେ ଷ୍ଟେସନ ନିକଟ ପରିତ୍ୟକ୍ତ ଟୁରିଷ୍ଟ କମ୍ପ୍ଲେକ୍ସ ଓ ଖୋଲାସ୍ଥାନ ସେମାନଙ୍କ ପାଇଁ ସାହାରା ପାଲଟିଛି । ସେଠାକାର ଅସ୍ୱାସ୍ଥ୍ୟକର ପରିବେଶ ସହ





ଅସାମାଜିକଙ୍କ ଆଡୁଆଳେ ମଧ୍ୟରେ ଯାତ୍ରୀମାନେ ରହିବା ପାଇଁ ବାଧ ହେଉଛନ୍ତି ।ତିନିଧାମ ସହ ଶ୍ରୀକ୍ଷେତ୍ର ଧାମରେ ମହାପ୍ରଭୁଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ କରିବାର ତୀର୍ଥ ଯାତ୍ରୀମାନଙ୍କ ବିଶ୍ୱାସ ରହିଛି । ଏଥିପାଇଁ ପୁରୀକୁ ପ୍ରତିବର୍ଷ ପୌଷ୍ୟ ପୂର୍ଣ୍ଣିମାରୁ ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ତୀର୍ଥଯାତ୍ରୀ ଆସିଥାନ୍ତି । ବିଶେଷକରି ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରାଖଣ୍ଡ ଏବଂ ବିହାର ତୀର୍ଥଯାତ୍ରୀମାନଙ୍କ ଶ୍ରୀକ୍ଷେତ୍ରରେ ଭିଡ ଜମିଥାଏ । ସେମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସମୁଦ୍ର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବା ପରେ ଯାତ୍ରା ଶେଷ କରି ନିଜ ନିଜ ଅଞ୍ଚଳକୁ ଯାତ୍ରା କରିଥାନ୍ତି । ରାଜ୍ୟ ବାହାରୁ ପର୍ଯ୍ୟାୟକ୍ରମେ ପୁରୀ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ବସ ଗୁଡିକୁ ମାଳତୀପାଟପୁର ବସ ଟର୍ମିନାଲରେ ପାର୍କିଂ ବ୍ୟବସ୍ଥା କରାଯିବା ସହ ଅଧିକ ବସଗୁଡିକ ତାଳବଣିଆ ଖୋଲା ପଡିଆରେ ପାର୍କିଂ ହୋଇଥାଏ । ମାତ୍ର ଅସ୍ଥାୟୀ ବସ ପାର୍କିଂସ୍ଥଳରେ ଗଙ୍ଗା ସାଗର ଯାତ୍ରୀଙ୍କ ପାଇଁ ଅସ୍ଥାୟୀ ବିଶ୍ରାମସ୍ଥଳ କରାଯାଇନାହିଁ ।କେତେକ ଯାତ୍ରୀ ଚାଲିଚାଲି ସେଠାରୁ ସହର ଭିତରକୁ ଆସୁଥିବା ଦେଖାଯାଉଛି । ଏପରିକି ଆଉ କିଛି ଯାତ୍ରୀ ପୁରୀ-ଭୁବନେଶ୍ୱର ରାସ୍ତାର ଉଭୟପାର୍ଶ୍ୱରେ ବସ୍ ରଖି ସେଠାରେ ରୋଷେଇ ପ୍ରସ୍ତୁତ କରି ଖାଉଥିବା ଦେଖା ଯାଉଛି ।ସେଠାରୁ ଅଟୋରିକ୍ସାରେ ଶ୍ରୀମନ୍ଦିର ଦର୍ଶନ କରି ପୁଣି ରହଣୀସ୍ଥଳକୁ [illegible] । ସେମାନଙ୍କ ପାଇଁ ରାସ୍ତା ପାର୍ଶ୍ୱ ଅଞ୍ଚଳ ଖୋଲା ଶୌଚାଳୟ ପାଲଟିଛି । ଅନେକ ବସ୍ ଯାତ୍ରୀମାନେ ବସ୍ ଟର୍ମିନାଲରେ ଗାଡି ପାର୍କିଂ କରି ମାଳତିପାଟପୁରଠାରୁ ରେଳରେ ପୁରୀ ଆସି ଷ୍ଟେସନ ନିକଟରେ ଡେରା ପକାଉଛନ୍ତି । ଏଥିସହିତ ରେଳରେ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଷ୍ଟେସନ ଅଞ୍ଚଳ ଏବେ ଆଶ୍ରୟସ୍ଥଳରେ ପରିଣତ ହୋଇଛି । ସ୍ଥାନ ଅଭାବରୁ ଆଉ କେତେକ ଯାତ୍ରୀ ମାଳତୀପାଟପୁର ବସ ଟର୍ମିନାଲ, ତାଳବଣିଆ ଓ ରେଳଷ୍ଟେସନ ସମ୍ମୁଖ ଖୋଲା ପଡିଆରେ ଶୀତକାକରରେ ପଡିରହିଥିବା ଦେଖାଯାଉଛି । ତୀର୍ଥଯାତ୍ରୀଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ । ଷ୍ଟେସନ ନିକଟ ଟୁରିଷ୍ଟ କମ୍ପ୍ଲେକ୍ସରେ ତୀର୍ଥଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଳିଆ ଆବର୍ଜନା ମଧ୍ୟରେ ରୋଷେଇକରି ଖାଉଥିବା ଦେଖାଯାଇଛି । କମ୍ପ୍ଲେକ୍ସ ଚାରିପଟ ଖୋଲା ରହିଥିବାରୁ ପ୍ରବଳ ଶୀତରେ ଯାତ୍ରୀମାନେ ଆକ୍ରାନ୍ତ ହେଉଛନ୍ତି । ସେଠାରେ ପାନୀୟ ଜଳ, ଶୌଚାଳୟ ଓ ସୁରକ୍ଷା ବ୍ୟବସ୍ଥା ନଥିବାରୁ ତୀର୍ଥଯାତ୍ରୀମାନେ ଲୁଟେରାଙ୍କ ଶୀକାର ହେଉଛନ୍ତି । ସମୁଦ୍ରକୂଳରେ ମଧ୍ୟ ଅନୁରୂପ ଭାବେ - ଶହଶହ ଯାତ୍ରୀ ଖୋଲା ଆକାଶ ତଳେ ଆଶ୍ରୟ ନେଉଥିବା ଦେଖାଯାଉଛି । ଏପରିକି ରାତ୍ରିରେ ବହୁ ଗଙ୍ଗାସାଗର ଯାତ୍ରୀ ରାସ୍ତାରେ ଶୋଇ ରହୁଛନ୍ତି । ତୀର୍ଥକ୍ଷେତ୍ରରେ ତୀର୍ଥଯାତ୍ରୀମାନଙ୍କ ନିମନ୍ତେ ସାଧାରଣ ବ୍ୟବସ୍ଥା ନଥିବାରୁ ସେମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ପୁରୀରେ ଲୋକକଳା କର୍ମଶାଳା




**ପୁରୀ(ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା,ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ସଂପର୍କିତ ଏକଦିବସୀୟ କର୍ମଶାଳା ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇଥିଲେ । ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନା ସଂପର୍କରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ,ଲିଡ୍ ବ୍ୟାଙ୍କର ଜିଲ୍ଲା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର କଳାକାରମାନଙ୍କୁ ସୂଚନା ଓ ଶିକ୍ଷା ଦେଇଥିବା ବେଳେ,ରାଜ୍ୟ ସାଧନ ପୁରୁଷ୍ ଦ୍ରି ମିଶ୍ର ଓ ଜିଲ୍ଲା କଳାକାର ମଞ୍ଚର ଉପସଭାପତି ବସନ୍ତ ପ୍ରଧାନ ଲୋକକଳା ପରିବେଷଣ ସଂପର୍କ ରେ କଳାକାରମାନଙ୍କୁ ତାଲିମ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଯୋଜନା କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ।

# ସାହିତ୍ୟିକଟେ ହେବି



ଧ୍ରୁବଚରଣ ବେହେରା

ସାହିତ୍ୟିକ ତୁମେ ସାହିତ୍ୟିକ ହୋଇ
ସାହିତ୍ୟକୁ କରି ଜୀବନ ଧାରା
ଲେଖି ଯାଉଥିବ ସାମାଜିକ ବାର୍ତ୍ତା
ସମାଜ ମଙ୍ଗଳେ ଲେଖା ନିଆରା ।
କାବ୍ୟ କବିତାକୁ ଲେଖନୀ ମୁନରେ
ସଜାଇବି ଦେଇ ଶବ୍ଦର ଗୁଚ୍ଛ
ସମାଜ କଲ୍ୟାଣେ ପାଠକ ମନରେ
ପଢିଲେ ଲାଗିବ ପବିତ୍ର ସ୍ୱଚ୍ଛ ।।
କେବେ ଲେଖି ଦେବି ଭୋକର ଭୂଗୋଳ
ଭୋକିଲା ପେଟର ଦରଦ ବ୍ୟଥା
ମାଆ କୋଳ ଶିଶୁ ସୁରକ୍ଷା ଭବିଷ୍ୟ
ଶୋଷଣ ବିରୋଧି ସଂସ୍କାର ପ୍ରଥା ।।
ପ୍ରକୃତିକୁ ନିତି ସଜାଇବି ବସି
ସବୁଜିମା ରଙ୍ଗ ଶ୍ୟାମଳ ଶେଯେ
ଫୁଟାଇବି ଫୁଲ ନାନା ଜାତିର ମୁଁ
ଭାବନା ରାଇଜ ସୁଗନ୍ଧ ବାସେ ।।
କରିବିନି ପର ବାପା ମାଆ ଗୁରୁ
ସମ୍ମାନରେ ବାନ୍ଧି ପଦେ ନମିବି
କରୁଥିବି ପୂଜା ଭକ୍ତିର ନୈବେଦ୍ୟ
ସତ୍ୟ ପଥେ ରହି ପ୍ରଣମୁ ଥିବି ।।
ଦେଶ ଜାତି ପାଇଁ କାର୍ଯ୍ୟ କରଯିବା
ଯେଉଁଠି ରହିବ ଦେଶର ମାନ
ହେଉ ବା ସୈନିକ କେ ଅବା କୃଷକ
ଶିକ୍ଷକ, ଶ୍ରମିକ ସେବାର ଦାନ ।।
ସାହିତ୍ୟିକ ଭାବେ ବଞ୍ଚିଲେ ଜୀବନ
ଥିବ ଆତ୍ମୀୟତା ମାନ ସମ୍ମାନ
ସମାଜ ସଂସ୍କାରେ ଚଳିବ ଲେଖନୀ
ହେ କବି/କବୀ ପୁଣ୍ୟମ୍ବା ତୁମେ ମହାନ୍ ।।
ହୃଦୟର ଭାଷା କଳ୍ପନା ପୃଷ୍ଠାରେ
ଲେଖି ଚାଲୁଥିବି ଉନ୍ନତି କଳ୍ପ
ଶୀଳା ବି ସାଜିବ ଶାଳଗ୍ରାମ ସତ୍ୟ
ଏହି ମୋ ଜୀବନ ଶ୍ରେଷ୍ଠ ସଂକଳ୍ପ ।।
ମଧୁର ମୁର୍ଚ୍ଛନା ତାଳେ ସୁରେ ଛନ୍ଦେ
ବାଉଁଶ ସାଜିବ ପ୍ରୀତିର ବଂଶୀ
ହେ ସମୟ ତୋର ଆଶିଷ ବଳେ
ହେବି କି ଦିନେ ମୁଁ ସରଳ କବି ?
ଭାରତୀୟ ସାମରିକ ସେବା
ଖୋର୍ଦ୍ଧା-ମୋ-୮୩୨୮୯୩୦୫୫୪



# ଅନ୍ତିମ ଇଚ୍ଛା



ସନ୍ତୋଷ ସେଠୀ

କବିଙ୍କୁ ମିଳିଲା ମୃତ୍ୟୁଦଣ୍ଡ
ଶେଷ ଇଛା ଯେବେ ପଚାରିଲେ ଜଜ୍
ଶୁଣି ବୁଲାଇଲା ତାଙ୍କ ମୁଣ୍ଡ ।
ମାମଲା ଟି ଥିଲା ଏହିପରି
କବି ଗାଇଥିଲେ କବିତା ଗୋଟିଏ
ସମ୍ମିଳନୀ ଆୟୋଜନ କରି ।
କବିତାଟି ଥିଲା ଦୀର୍ଘ କ୍ଲିଷ୍ଟ
ଶ୍ରୋତା ଜଣେ ତାହା ଅଧେ ଶୁଣିଛନ୍ତି
ହୋଇଗଲା ତାଙ୍କ ପ୍ରାଣ ନଷ୍ଟ ।
ଦୁଖୀ ହୋଇଥିଲେ କବିବର
ତଥାପି ମାମଲା ଚାଲିଥିଲା ଦୀର୍ଘ
ଫଳ ବାହାରିଲା ଏବେ ତା'ର ।
'ମାଇଁ ଲର୍ଡ ମୋର ଶେଷ ଇଚ୍ଛା
କବିତା ତ ଥିଲା ଜୀବନ ମୋହର
କେମିତି କରିବି ଅଣଦେଖା ?
ଅଧେ ଶୁଣି ଶ୍ରୋତା ଗଲେ ମରି
ମା' ମୃତ୍ୟୁ ପୂର୍ବରୁ କବିତା ଅର୍ଦ୍ଧକ
ଶୁଣାଇବା ଇଚ୍ଛା ଯାଉପୂରି
ଏଇଠି ପଢୁଛି ଅଧାତକ
ଆପଣ ଶୁଣିଲେ ଧନ୍ୟ ହେବ ପ୍ରାଣ
ରହିବନି ମୋର ଅବଶୋଷ ।
ଶୁଭିଲାଣି ଆମ୍ବୁଲାନ୍ସ ଶବ୍ଦ
ଶେଷ ଇଚ୍ଛା ଶୁଣି ମୁର୍ଚ୍ଛା ଗଲେ ଜଜ୍
କୋର୍ଟ ପରିସର ହେଲା ସ୍ତବ୍ଧ ।
ସାହିତ୍ୟ ହେଉ ବା ଆଉ କିଛି
ମନଛୁଆଁ କରି ଅନ୍ୟକୁ ପରଶ ସେଥିରେ
ହୋଇବେ ଲୋକେ ଖୁସି ।
ପାଲଟି ନ ଯାଉ ନିର୍ଯାତନା
ପ୍ରେମ ଶାନ୍ତି ମୈତ୍ରୀ ଖୁସି ବାର୍ତ୍ତା ରହୁ
ବାଣ୍ଟି ଚାଲୁଥାଉ ସଦଭାବନା ।
ପୁରୀ-୯୪୩୭୩୦୨୬୧୮



# ଆକାଶସ୍ପର୍ଶୀ ଆହ୍ୱାନ



ସୁଧାକର ରାଉତ

ତୁମେ ମୋର ଆପଣାର ହେଲନାହିଁ
ନିଜ ଲୋକେ କଲ ପର
ତରଙ୍ଗର ବାହୁ ତୁମେ ତୋଳିଦେଲ
ଦୂର ହୋଇଗଲା ତୀର ।
ଦିବା ରାତ୍ରି ଏବେ ବିଷାଦର ଘନ
ଘୋଟି ଅଛି ତୁମ ମନେ
ଅଶାନ୍ତ ହୃଦର ବ୍ୟଥା କେ ବୁଝିବ
କୁହ କିଏ ନିଜ ଧନେ ।
ଯା ପ୍ରଶସ୍ତ ବୁକେ ଆଶ୍ରୟ ଆଶାରେ
କରିଥିଲ କେତେ ଆଶା
ଅସ୍ତଗାମୀ ତା'ର କିରଣ ରାଜିରେ
ସେ ଖେଳ ଅର୍ଥରେ ପଶା ।
ନିଆରା ମଣିଷ ଜୀବନ ଶୈଳୀରେ
ପରିବର୍ତ୍ତନର ସ୍ରୋତ
ନ ବହିବା ଦେଖି ଉତ୍ସାହର ଢେଉ
ମୃତ ହୋଇଯାଏ ସ୍ୱତଃ ।
ନୀତି ଆଦର୍ଶକୁ ଭିତ୍ତିଭୂମି କରି
ଯନ୍ତ୍ରଣା କଷଣ ଦାଉ
କେତେ ଯେ ସହୁଛ ଛନ୍ଦହୋଇ ଜାଲେ
ମଥା ପାତି ଏବେ ଢେଉ ।
ଗୋଟିଏ ଜୀବନୁ ନାବ ଜନ୍ମ ପାଇ
ଧରିଅଛ ଯେଉଁ ରୂପ
ସେ ରୂପ ସିଏ ପୂଜାରୀ ନୁହଁନ୍ତି
କରିବି ନାହାନ୍ତି ତପ ।
ତୁମ ଭାଗ୍ୟରେଖା ବଦଳେଇ ଦେଇ
କଲେ ଯେ ଅଲିଭା କ୍ଷତ
ଦୁଃଖର ନିର୍ଯାସ ଲଭିବେ ସେମାନେ
ତାହାହିଁ ନିରାଟ ସତ ।
କୁନି ପ୍ରାଣ ତୁମ ଭାଙ୍ଗି ବାର ବାର
ଉଡାଣ ବି ପାଏ ବାଧା
ମିଥ୍ୟା ପ୍ରତିଶ୍ରୁତି ଅପସରି ଯାଏ
ମେଣ୍ଟେନା ବି ତୁମ କ୍ଷୁଧା ।
ଛଳନାର ଇନ୍ଦ୍ରଧନୁର ରଙ୍ଗଟା
ନିଶ୍ଚେ ହରାଇବ ଶୋଭା
ଆହ୍ଲାଦର ସୁବାସିତ ଫୁଲ ଗନ୍ଧେ
ଉକୁଟିବ ତୁମ ଆଭା ।
ପ୍ରତାପ ନଗରୀ, କଟକ
ମୋ -୮୨୪୯୯୩୨୭୯୨



# ଚତୁର କାହ୍ନା



ଅର୍ଜୁନୀ ବେହେରା

ଚତୁର ପଣରେ ଚାତୁରୀ ଦେଖାନ୍ତି
ତାଟକା ଯଶୋଦା ମାତ
ମାଟିଖାଇ ପାଟି ମେଲି ଦେଖାଇଲେ
ଭିତରେ ସାରା ଜଗତ ।
ଅନେକ ଜନମ ତପ କରିଥିଲା
ବାନ୍ଧିଲା ନନ୍ଦ ଘରଣୀ
ତ୍ରିଗୁଣ ରଜ୍ଜୁରେ ବାନ୍ଧିଛି ଜଗତ
ମାତା ପାରିଛି କି ଜାଣି
ଶରତର ଅନ୍ତେ ହେମନ୍ତ ପ୍ରବେଶ
ଗୋପିକା ମନ ଉସତ
କୃଷ୍ଣ ପତି ରୂପେ ପାଇବାକୁ ପୂଜା
କଲେ କାତ୍ୟାୟନୀ ମାତ ।
ଯମୁନା କୂଳରେ ବାଲୁକା ପୂଜିଲେ
ଯମୁନା ଜଳରେ ସ୍ନାନ
ଉଲଗନ ହୋଇ ଜଳେ ପ୍ରବେଶିଲେ
ବ୍ୟତିକ୍ରମ ଏ ବିଧାନ
ଗୋପବାଳ ମେଳେ କଦମ୍ବର ମୂଳେ
ଉଭା ସେ କାଳିଆଟୋକା
ବସ୍ତ୍ର ଚୋରି କରି କଦମ୍ବ ଡାଳରେ
ବାନ୍ଧିଲେ କେଳି ପତାକା
କୃଷ୍ଣ ସମର୍ପିତା ଗୋପ ଗୋପାଳୁଣୀ
ପାଇଲେ ବହୁତ ଲାଜ
କି ବୁଦ୍ଧି କରିବୁ କହଲୋ ସଜନୀ
ମରଣୁ ବଳିଲା ଲାଜ ।
ଗୋପୀ ବସ୍ତ୍ର ଚୋର ସେ ନଟନାଗର
ଶିକ୍ଷା ଦେଲେ ଗୋପବାଳୀ
କୋଟି ବସ୍ତ୍ର ଦେଇ ପାତାଳୀର ଲଜ୍ଜା
ନିବାରିଲେ ବନମାଳୀ
ଗୋପିକା, ପାଂଚାଳୀ ଭାବେ ବନମାଳୀ
ଧାୟେ ତୋର ପଦ କଞ୍ଜ
ପାରି କର କଳା କାହ୍ନୁ ଏ ସାଗରୁ
ମାଡ଼ି ଆସେ କାଳ ସଞ୍ଜ
ମାଡ଼ିଆସେ କାଳସଞ୍ଜ ।
ମୋ - ୭୬୯୩୦୯୧୯୭୧







# ସମ୍ପର୍କର ସୂତାଖିଅ





ସନ୍ତୋଷ ସେଠୀ

ମୋ: ୯୪୩୭୩୦୨୬୧୮

ପ୍ରୟାଗ ବାବୁଙ୍କ ସହ ସାକ୍ଷାତ ଏକ ଅଦ୍ଭୁତ ପରିସ୍ଥିତିରେ । ମୋ ଘର ପୁରୀ ଓ ସେ ପୁରୀ ଠାକୁର ଦର୍ଶନରେ ଯାଇ ଫେରୁଥିଲେ । ଭାଗ୍ୟକୁ ମୋ ଚାକିରିସ୍ଥଳ ହିଁ ତାଙ୍କ ଜିଲ୍ଲାରେ । ପୁରୀରେ ପିଲାମାନେ ରହୁଥିବାରୁ ମୁଁ ବିନା ପରିବାରରେ ଏଠାରେ ରହେ । ଗାଡିରେ ଆସିବା ବେଳେ ଖୁଚୁରା ନ ଥିବା କାରଣରୁ ସହଯାତ୍ରୀ ଭାବେ ପରସ୍ପରକୁ ସାହାଯ୍ୟ ହିଁ ଆମ ବନ୍ଧୁତ୍ୱର ମୂଳଦୁଆ ଥିଲା । ପରେ ତାଙ୍କ ସହ ସରକାରୀ କାର୍ଯ୍ୟ ଆଧାରରେ ସମ୍ପର୍କ ବୃଦ୍ଧି ପାଇଲା । ସେ ଯଦିଓ ଅଶୀତି ପରର ମଣିଷ କିନ୍ତୁ ଆମ ମଧ୍ୟରେ ବୟସର ତାରତମ୍ୟ ସତ୍ତ୍ୱେ ସଂପର୍କ ପ୍ରଭାବିତ ହୋଇନାହିଁ । ସେ ଜଣେ ସମାଜସେବୀ ଓ ସଂଗଠକ ହିସାବରେ ବେଶ ସକ୍ରୀୟ ଥିଲେ ଆଉ ମୁଁ ଜଣେ ସରକାରୀ କର୍ମଚାରୀ । ଭଲ ଲାଗନ୍ତି ମୋତେ ସେ କିନ୍ତୁ ତାଙ୍କର ଯେ ଏତେ ସମସ୍ୟା ରହିଛି ଓ ଏହା ସତ୍ତ୍ୱେ ସେ ସ୍ୱାଭାବିକ ଭାବରେ କାମ କରୁଛନ୍ତି ତାହା ଜାଣିବା ପରେ ତାଙ୍କ ପ୍ରତି ମୋର ସମ୍ମାନ ଦ୍ୱିଗୁଣିତ ହୋଇଯାଇଥିଲା । ପ୍ରକୃତ ରେ ତାଙ୍କ ସମସ୍ୟା ଟି ସଂପୂର୍ଣ୍ଣ ବ୍ୟକ୍ତିଗତ ଥିଲା । ତାଙ୍କ ଏକମାତ୍ର ପୁଅ ଓ ବୋହୂ ଙ୍କର ତାଙ୍କ ପ୍ରତି ବୈରୀ ଭାବ ତାଙ୍କୁ ଯନ୍ତ୍ରଣା ଦେଉଥିଲା । କଥା ପ୍ରସଙ୍ଗରେ ଦିନେ ସେ ଖୁଲାସା କଲେ ତାଙ୍କ ଅଗେଂନିଭା କଥା ସବୁ । ଗୋଟିଏ ପୁଅ ବୋଲି ସ୍ତ୍ରୀ ବିଶିକେଶନକୁ ଅତି ଗେହ୍ଲା କରିଥିଲେ । ସେ ଯୋଗୁ ସେ ଅବାଟରେ ଗଲା । କାହାକୁ ମାନେ ନାହିଁ । ନିଜ ଇଚ୍ଛାରେ ବାହା ହୋଇ ଯାହାକୁ ଆଣିଲା ସେ ଆହୁରି ଉଦଣ୍ଡୀ । ନାଁ ଟି ସିନା ତୁଳସୀ ହେଲେ ତୁଛା ବିଛୁଆତି ଟାଏ । ସବୁବେଳେ ଝଗଡ଼ା ଝାଟିରେ ସମୟ କାଟେ ବୋହୂ । କ'ଣ କରିବା ପୁଅ ତ ଆଣିଛି, ଯେମିତି ହେଲେ ବି ସମ୍ଭାଳି ରହିବାକୁ ପଡିଲା । ପୁଅଟି ଦୋକାନଟି କରି ଦି ପଇସା ରୋଜଗାର କରେ । ଜମି ରୁ ଧାନ,ବିରି,ମୁଗ ଯାହା ଭାଗ ମିଳେ ଚଳିବାରେ ସମସ୍ୟା ହୁଏ ନାହିଁ । ପ୍ରୟାଗ ବାବୁ ମଧ୍ୟ କୋଉଠୁ କେମିତି କିଛି ରୋଜଗାର କରନ୍ତି । କଣ ଗୋଟେ କାରଣ ନେଇ ଦିନେ ବିଶିକେଶନ ଜେଜେକୁ ଆକ୍ରମଣ କଲା । ସେଥିରେ ବୋହୂ ମଧ୍ୟ ସହଯୋଗ କଲା । ଅଶୀ ବର୍ଷ ର ବୁଢ଼ା ତଳେ ପଡି ଗଁ ଗଁ ହେଉଥାନ୍ତି । ପ୍ରୟାଗ ବାବୁ ଙ୍କ ସ୍ତ୍ରୀ ଆସି ତାଙ୍କୁ ରକ୍ଷା କରନ୍ତେ ପୁଅ ବୋହୂ ଙ୍କ ଠାରୁ ସେ ବି କିଛି ଖାଇଲେ । ପ୍ରୟାଗ ବାବୁ ଆସି ବୁଢା ଙ୍କୁ ହସ୍ପିଟାଲ ନେଲେ । ଚିକିତ୍ସା କରେଇଲେ । ହେଲେ ଦିନ କେଇଟା ରେ ବୁଢ଼ା ଆଖି ବୁଜିଲେ ନାତିକୁ ଅଭିସମ୍ପାତ ଦେଇ । ସେଇ ଘଟଣା କୁ ନେଇ ପ୍ରୟାଗ ବାବୁଙ୍କ ସ୍ତ୍ରୀ ଅତି ମର୍ମାହତ ହୋଇ ଜୀବନ ହାରିଲେ । ଜେଜେଙ୍କ ଅଭିଶାପ ହେଉ ବା ଶାରୀରିକ ସମସ୍ୟା, ବିଶିକେଶନ କିନ୍ତୁ ବାପା ହେଇପାରିଲାନି । ନିଜ ବାପା ଓ ସ୍ତ୍ରୀ ଙ୍କ ମୃତ୍ୟୁ ପରେ ପ୍ରୟାଗ ବାବୁ ଭାଂଗି ପଡ଼ିଲେ ଓ ନୀରବି ଗଲେ । ଏଇ ଘଟଣା ପରେ ପୁଅ ବୋହୂ ଙ୍କ ର କିଛି ପରିବର୍ତ୍ତନ ଆଶା କରାଯାଉଥିଲା କିନ୍ତୁ ତାହା ଘଟିଲା ନାହିଁ । ବରଂ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ବୋହୂ ଆହୁରି ଉଗ୍ର ବ୍ୟବହାର କଲା । ନିଜର ସମ୍ମାନ କୁ ଜଗି ପ୍ରୟାଗ ବାବୁ ଚୁପ୍ ରହିଲେ । ଯା ଭିତରେ ଦୁଇ ତିନି ଥର ବୋହୂ ତାଙ୍କୁ ଜୀବନ ରୁ ମାରିବା ଉଦ୍ୟମ କରିଥିବା କୁହନ୍ତି ପ୍ରୟାଗ ବାବୁ । ବୟସ ବଢ଼ିବା ପରେ ପ୍ରୟାଗ ବାବୁ ଯେମିତି ବୋଝ ପାଲଟି ଗଲେ ପୁଅ ବୋହୂ ଙ୍କ ପାଇଁ । ଅସୁସ୍ଥତା ପାଇଁ ଥରେ ଚିକିତ୍ସା କରିବା ନାଁ ରେ ଆଣି ସେମାନେ ତାଙ୍କୁ ହସ୍ପିଟାଲରେ ଛାଡି ପଳେଇଲେ । ଘଟଣାଟି ମୋ ନଜରକୁ ଆସିବା ପରେ ଆମେ କେତେ ଜଣ ତାଙ୍କର ଚିକିତ୍ସା କରେଇଲୁ । ସୁସ୍ଥ ହେବା ପରେ ସେ ଆଉ ଘରକୁ ନ ଫେରି ଜରାନିବାସ ରେ ଦାଖଲ ହେଲେ । ବେଶ୍ କିଛି ବର୍ଷ ସେ କଟେଇଲେଣି ଜରାନିବାସରେ । ଆସ୍ତେ ଆସ୍ତେ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତା ଓ ଅସୁସ୍ଥତାରେ ବାରମ୍ବାର ପୀଡ଼ିତ ହେଲେଣି ମଧ୍ୟ । ମୁଁ ପିତୃ ତୂଲ୍ୟ ତାଙ୍କୁ ମନେ କରୁଥିଲେ ମଧ୍ୟ ପୁରା ସମୟ ଦେଇ ତାଙ୍କର ସେବା କରିବା ସମ୍ଭବ ନ ଥିଲା । ପଇସା ପତ୍ର, ପଦାର୍ଥ ଆକାରରେ ମଝିରେ ମଝିରେ ମୁଁ ନେଇଯାଏ ଜରାଶ୍ରମକୁ । ଗଛ ମୂଳ ପିଣ୍ଡିରେ ବସି ଆମେ ଢେର ଗପସପ ହେଉ । ସେଇ ସମୟରେ ସେ ଭାରି ଖୁସି ହୋଇ ପଡନ୍ତି । ମୋର ଯଦିଓ ଚାକିରି ଭିତରେ କୁଆଡେ କେମିତି ଟୁର ପଡ଼ିଲେ ମୁଁ ଯାଏ, ନଚେତ ତାଙ୍କ ପାଖକୁ ଧାଇଁ ଆସେ । ବାସ୍ତବ ରେ ବାପା କେତେ ବର୍ଷ ତଳୁ ଓ ବୋଉ କିଛି ବର୍ଷ ତଳେ ଚାଲି ଯାଇଥିବାରୁ ପ୍ରୟାଗ ବାବୁଙ୍କ ଭିତରେ ମୁଁ ତାଙ୍କ ଛବି ଖୋଜେ । ଆସ୍ତେ ଆସ୍ତେ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବା ଆରମ୍ଭ ହେଲା । ଏ ଅବସ୍ଥା ରେ ନିଜର ଲୋକ ମାନଙ୍କର ସେବା ସମସ୍ତେ ଚାହାଁନ୍ତି । ମୁଁ ଆଗରୁ ଥରେ ଦୁଇ ଥର ବିଶିକେଶନ ପାଖକୁ ଯାଇ ବାପାର ଦାୟିତ୍ୱ କଥା ବୁଝେଇଥିଲି । ହେଲେ ତା ସ୍ତ୍ରୀ ଏତେ ଉଦଣ୍ଡି ଓ ଅହଂକାରୀ ଯେ ଅତି ଅଶ୍ଳିଳ ଶବ୍ଦ ରେ ମୋର ଅଭ୍ୟର୍ଥନା କରି ମୋତେ ତଡି ଦେଇଥିଲା । ଏପରିକି ପାଖ ପଡିଶାଙ୍କ ସହ ତା'ର ସମ୍ପର୍କ ଖରାପ ଥିବାରୁ ଭଲ ବୁଦ୍ଧି କେହି ଦେବାକୁ ସାହାସ କରୁନଥିଲେ । ମଝିରେ ପ୍ରୟାଗ ବାବୁ କହୁଥିଲେ ବିଶି କହୁଛି ବୋହୂ ର ଗୋଡ଼ ଧରି ସର୍ବସମ୍ମୁଖରେ କ୍ଷମା ମାଗିଲେ ସେ ମୋତେ ଘରକୁ ନେବ । ଯୋଉଠି ଘରକୁ ଯିବାକୁ ବୋହୂ ର ଗୋଡ଼ ଧରିବାକୁ ପଡ଼ିବ ସେଠାରେ କି ସେବା ମିଳିବ ଯେ ମୁଁ ଯିବି ? ଏଥରର ଅବସ୍ଥା ଗୁରୁତର ଲକ୍ଷ୍ୟ କରି ମୁଁ ଫୋନ୍ କଲି ବିଶିକୁ । ହେଲେ ତା'ର ସେହି ଚିରାଚରିତ ଉତ୍ତର । ସେଦିନ ଜରାଶ୍ରମରୁ ଫୋନ୍ ପାଇ ମୁଁ ଗଲି । ବିଷାଦଗ୍ରସ୍ତ ତାଙ୍କ ମୁହଁଟିକୁ ଦେଖି ଭାରି ଦୁଃଖ ଲାଗିଲା । ତାଙ୍କ ମୁଣ୍ଡକୁ ମୋ କୋଳରେ ରଖି ନେଇଥିବା ଫଳରସ ଟିକେ ପେଇଦେଲି । ସେ ଆବେଗରେ ମୋ ମଥା ଓ ମୁହଁକୁ ଆଉଁସି ପକେଇଲେ । ଧୀର କଣ୍ଠରେ କହିଲେ ମୁଁ ଆପଣଙ୍କୁ ବହୁତ କଷ୍ଟ ଦେଲିଣି । ମୋ ପାଇଁ ଆପଣ ବହୁତ କରିଛନ୍ତି । କୋଉ ଜନ୍ମ ରେ ଆପଣ ମୋ ବାପା ଥିଲେ । ସେହିଭଳି ସେବା ଦେଇଛନ୍ତି । ଆପଣଙ୍କ ଠାରୁ ମୁଁ ବଡ଼, ବ୍ରାହ୍ମଣ ଲୋକ । ଆଶୀର୍ବାଦ କରୁଛି ଇଶ୍ୱର ଆପଣ ଙ୍କୁ ସବୁବେଳେ ଖୁସି ରେ ରଖନ୍ତୁ । ଆଉ କ'ଣ କହିଲେ ଶୁଣାଗଲା ନାହି । ସେମିତି ମୋ କୋଳରେ ଗୋଟେ ପଟକୁ ତାଙ୍କ ମୁଣ୍ଡ ନଇଁପଡ଼ିଲା । ହିନ୍ଦୁ ଧର୍ମ ଅନୁସାରେ ଯଦି ପୁତ୍ର ଅଛି ପିତାକୁ ମୁଖାଗ୍ନି ନ ଦେଲେ ତାଙ୍କ ଆତ୍ମା ଶାନ୍ତି ପାଇବ ନାହିଁ । ତେଣୁ ମୁଁ ବିଶିକୁ ଜଣେଇଲି । ପୂର୍ବରୁ ଅପମାନ ପାଇଥିଲେ ବି ପୁନଶ୍ଚ ତାଙ୍କ ଦ୍ୱାରସ୍ଥ ହେଲି । ସେଠାରେ ଆଉ ଏକ ମହାଭାରତ ଅପେକ୍ଷା କରିଥିଲା ମୋ ପାଇଁ । ବିଶିକୁ ଆଗରୁ ଫୋନ୍‌ରେ ପ୍ରୟାଗ ବାବୁଙ୍କ ମୃତ୍ୟୁ ସୂଚନା ଦେଇଥିଲି । ଏ କଥାଟା ଜଣାପଡିବା ପରେ ଗାଁ ର ଜନୈକ ଓକିଲ ବାବୁ ଗୋଟିଏ ଉଇଲ ବିଶିକୁ ଦେଖାଇଲେ । ବାବୁ ରେ ବାପା କୁ ଯେଉଁ ସ୍ନେହ ଆଦର କରିଥିଲ ତା'ର ଫଳ ସ୍ୱରୂପ ସେ ସମସ୍ତ ସଂପତ୍ତି କୁ ଜଗ ବାବୁଙ୍କ ନାମରେ କରି ଦେଇଛନ୍ତି । ମୁଁ ପହଂଚିଲା ବେଳକୁ ସେ ରାଗିପାଚି ନିଆଁ । ତା ସ୍ତ୍ରୀ ମୋତେ ଦେଖୁ ଦେଖୁ ଅଶ୍ରାବ୍ୟ ଶବ୍ଦ ରେ ସ୍ୱାଗତ କଲା । ଓକିଲଙ୍କ ଠାରୁ ମୋ ନାମରେ ଉଇଲ କଥା ଶୁଣି ମୁଁ ତ ଆଶ୍ଚର୍ଯ୍ୟ ହେଲି । ବିଶିକୁ ବୁଝେଇଲି ବାପା ରାଗି ଏମିତି କରିଛନ୍ତି, ସେ ସଂପତ୍ତି ରେ ମୋର ଟିକେ ବି ଲାଳସା ନାହିଁ । ତଥାପି ସେ ସେମିତି ଫଁ ଫଁ ହେଉଥାଏ । ତା ସ୍ତ୍ରୀ ର ଉଗ୍ର ରୂପ ଦେଖି ମତେ କଠୋର ହେବାକୁ ପଡ଼ିଲା । ପାଖରେ ଆମ୍ବ ଗଛକୁ ପିଲାମାନେ ଟେକା ମାରୁଥିବା ଦେଖାଇ ତାକୁ କଟାକ୍ଷ କଲି । ଫଳନ୍ତି ବୃକ୍ଷ ଟେକାମାଡ଼ ସହେ । ହେଲେ ଫଳ ନ ହେଲେ ବି ଗଛ ଛାଇ ଦିଏ, ଜାଳ ଦିଏ, ଅମ୍ଳଜାନ ଦିଏ । ତମେ ସେମିତି ଗୋଟେ ନାରୀ,ଗଛ ଭଳି । ଦାୟିତ୍ୱ ଥିଲା ତୁମର ପରିବାର କୁ ପିଲା ଟିଏ ଦେବା, ବଂଶ କୁ ଆଗେଇ ନେବା, ସମସ୍ତ ଙ୍କୁ ଭଲ ବ୍ୟବହାର ଦେଖେଇବା । କୋଉଟା କରିଛ ତୁମେ ? ତୁମ ଅନ୍ତେ ଏଇଠି ବଂଶ ନାଶ ଯିବ । ଜେଜେ ଶଶୁର, ଶଶୁର, ଶାଶୂଙ୍କ ଅଭିଶାପ ମୁଣ୍ଡରେ ବୋହି ଯିବ ସିନା । କ'ଣ ତୁମେ ଦେଲ ତମ ପରିବାର କୁ ? ତମକୁ ତ ପିଣ୍ଡ ଦେବା ଦୂରର କଥା ମୁହଁ ରେ ନିଆଁ ଦେବାକୁ କେହି ନାହିଁ । ଏତେ ସବୁ ଗୁଣକୁ ଧରି ପରିବାର,ସାହି, ପଡିଶା ସମସ୍ତଙ୍କୁ ତମେ କେବଳ ଅପମାନ ଦେଇ ଚାଲିଛ ! ଜୀବନରେ ତୁଳସୀ ବୋଧହୁଏ କେବଳ କହି ଚାଲିଥିଲା । ତା' ଠାରୁ ଆହୁରି କଠିନ ଓ ମରମ ଭେଦା କଥା କିଏ କହେ ଏହା ସେ ଶୁଣି ନ ଥିଲା ଆଜି ଯାଏଁ । ମୋ କଥା ଶୁଣି ସେ ତା ମୁଣ୍ଡକୁ ଜାବୁଡି ଧରି ବସି ପଡ଼ିଲା । ଗାଁ ସାରା ଲୋକ ରୁଣ୍ଡ । ଛି ଛାକରାରେ ପୋତି ପକଉଛନ୍ତି ବିଶି ଓ ତୁଳସୀ କୁ ମୋ ଗାଳି ଶୁଣିବା ପରେ । ବୋଧହୁଏ ତୁଳସୀର ଜ୍ଞାନୋଦୟ ହେଲା । ସେ ବିକଳ ହୋଇ କାନ୍ଦି ଉଠିଲା । ମୋ ଗୋଡ଼ ଧରି କ୍ଷମା କର କ୍ଷମା କର ବୋଲି ବାହୁନି ହେଲା । ତା' ଦେଖାଦେଖି ବିଶି ମଧ୍ୟ । ତାଙ୍କ ଠାରୁ ଦୂରେଇ ଯାଇ କହିଲି ଆପଣ ମାନେ ମୋ ଠାରୁ ବୟସ୍କ, ବ୍ରାହ୍ମଣ ଲୋକ, ମୋ ପାଦ ଧରିବା ମୋର ଆୟୁଷ ହାନି । ଚାଲ ବିଶି ବାବୁ ବାପା ର ସତ୍କାର କର । ଡେରି ହେଉଛି । ମୁଁ ସର୍ବସମ୍ମୁଖରେ ଘୋଷଣା କରୁଛି,ତୁମ ସଂପତ୍ତି ତୁମର ହୋଇ ରହିବ । ସେଥିରେ ମୋର ସାମାନ୍ୟତମ ଲୋଭ ନାହିଁ । ବିଶି ସହ ଗ୍ରାମବାସୀ ମଧ୍ୟ ସାମିଲ ହୋଇ ସତ୍କାର କଲେ । ଜୁଇ ଜଳୁଥିବା ବେଳେ ଭାବୁଥିଲି ଏଇ ବୁଝାମଣା ଯଦି ଆଗରୁ ହୋଇଥାନ୍ତା ତେବେ ପ୍ରୟାଗ ବାବୁ ଖୁସିରେ ମରି ପାରିଥାନ୍ତେ । ବିଶି କିନ୍ତୁ ପ୍ରକୃତରେ କାନ୍ଦୁଥିଲା ଗୋଟେ ବାପ ଛେଉଣ୍ଡ ପୁଅର ମନ ନେଇ ।



ବୟସ ବଢ଼ିବା ପରେ ପ୍ରୟାଗ ବାବୁ ଯେମିତି ବୋଝ ପାଲଟି ଗଲେ ପୁଅ ବୋହୂ ଙ୍କ ପାଇଁ । ଅସୁସ୍ଥତା ପାଇଁ ଥରେ ଚିକିତ୍ସା କରିବା ନାଁ ରେ ଆଣି ସେମାନେ ତାଙ୍କୁ ହସ୍ପିଟାଲରେ ଛାଡି ପଳେଇଲେ । ଘଟଣାଟି ମୋ ନଜରକୁ ଆସିବା ପରେ ଆମେ କେତେ ଜଣ ତାଙ୍କର ଚିକିତ୍ସା କରେଇଲୁ ।

# ହାତିଆଶୁଣୀ ବ୍ୟବସାୟୀ ଟ୍ରଷ୍ଟର ବନ୍ଧୁମିଳନ ଉତ୍ସବ



**ଭୁବନେଶ୍ୱର,(ବ୍ୟୁରୋ):** ସାଲିଆ ସାହି ସ୍ଥିତ ହାତିଆଶୁଣୀ ବ୍ୟବସାୟୀ ଟ୍ରଷ୍ଟର ବନ୍ଧୁ ମିଳନ ଉତ୍ସବ ମା ଶିଖରଚଣ୍ଡୀ ପିଠରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ତ୍ରିନାଥ ନାଥଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨୦ ନମ୍ବର ୱାର୍ଡର କର୍ପୋରେଟର ତଥା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରେମାନନ୍ଦ ଜେନା ଯୋଗଦେଇ ବ୍ୟବସାୟୀ ସଂଘର ଭାଇଚାରାକୁ ପ୍ରଶଂସା କରିବା ସହିତ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ରଜନୀ ପ୍ରଧାନ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ବେହେରା ଓ ଅମିତ ସାସମଲ, ଅକ୍ଷୟ ମଲ୍ଲିକ, ଭାବଗ୍ରାହୀ ନାହାକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।

# ୪୩ ତମ ରିଜିଓନାଲ କଷ୍ଟ କନଫେରେନ୍ସ-୨୦୨୪

**ଭୁବନେଶ୍ୱର,(ବ୍ୟୁରୋ):** ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ)-ଇଷ୍ଟର୍ଣ୍ଣ ଇଣ୍ଡିଆ ରିଜିଓନାଲ କାଉନ୍‌ସିଲ ଏବଂ ଭୁବନେଶ୍ୱର ଚାପ୍ଟର ପକ୍ଷରୁ " ରୁପାନ୍ତର: ନୂତନ ଭାରତ-ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ-ଆହ୍ୱାନ ଏବଂ ସୁଯୋଗ" ବିଷୟ ସମ୍ପର୍କୀତ ୪୩ ତମ ରିଜିଓନାଲ କଷ୍ଟ କନ୍‌ଫେରେନ୍ସ ପୁରୀ ଜିଲ୍ଲା ବଳିଆପଣ୍ଡାସ୍ଥିତ ବ୍ଲୁ ଲିଲି ବିଚ୍ ରିସୋର୍ଟ ଠାରେ ଅନୁଷ୍ଠିତ ହେବ। ତୁଷାରକାନ୍ତି ବେହେରା, ରାଜ୍ୟ ମନ୍ତ୍ରୀ (ସ୍ୱାଧିନ ଚାର୍ଜ) , ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, କ୍ରୀଡା ଏବଂ ଯୁବ ସେବା ବିଭାଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବେ। ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀମାନେ ମଧ୍ୟ ସମ୍ମାନୀତ ଅତିଥି ରୂପେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସିଏମ୍ଏ



ପ୍ରଦୀପ କୁମାର ଦାସ୍, ସିଏମ୍‌ଡି, ଆଇଆରଇଡିଏ, ପଙ୍କଜ ଲୋଚନ ମହାନ୍ତି, ସିଏମ୍‌ଡି, ଏମ୍‌ଜିଏମ୍ ମିନେରାଲ୍‌ସ ଲିଃ., ସିଏମ୍ଏ ଗଗନ ବିହାରୀ ସ୍ୱାଇଁ, ନିର୍ଦ୍ଦେଶକ (ଫାଇନାନ୍ସ ଏବଂ କର୍ପୋରେଟ୍ ଆଫେୟାର୍ସ), ଗ୍ରିଡ୍‌କୋ ଲିଃ., ଆହୁତି ସ୍ୱାଇଁ, ନିର୍ଦ୍ଦେଶକ (ପର୍ସନାଲ), ଇଷ୍ଟର୍ଣ୍ଣ କୋଲ ଫିଲ୍ଡ ଲିଃ , ସିଏମ୍ଏ ବିଭୂତି ଭୂଷଣ ନାୟକ, ଭାଇସ୍ ପ୍ରେସିଡେଣ୍ଟ, ଆଇସିଏମ୍ଏଆଇ, ସିଏମ୍ଏ (ଡଃ) ଭି ମୁରଲୀ, କାଉନ୍‌ସିଲ ସଦସ୍ୟ, ଆଇସିଏମ୍ଏଆଇ, ସିଏମ୍ଏ ଅଭିଜିତ ଗୋସ୍ୱାମୀ, କାଉନ୍‌ସିଲ ସଦସ୍ୟ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ରହିବେ। ଆଇସିଏମ୍ଏଆଇର ଅନ୍ୟାନ୍ୟ ପରିଷଦ ସଦସ୍ୟ ସିଏମ୍ଏ ଉତ୍ତମ କୁମାର ନାୟକ, ଚେୟାରମ୍ୟାନ୍, ସିଏମ୍ଏ ଦାମୋଦର ମିଶ୍ର, କୋଷାଧ୍ୟକ୍ଷ ଏବଂ ଆଇସିଏମ୍ଏଆଇଆଇଆରସିର ଅନ୍ୟାନ୍ୟ ଆଞ୍ଚଳିକ ପରିଷଦ ସଦସ୍ୟ, ସିଏମ୍ଏ ସୂର୍ଯ୍ୟନାରାୟଣ ତ୍ରିପାଠୀ, ଚେୟାରମ୍ୟାନ, ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର, ସିଏମ୍ଏ ଶରତ କୁମାର ବେହେରା, ସିଏମ୍ଏ ସୌମ୍ୟ ରଞ୍ଜନ ଜେନା ଏବଂ ଆଇସିଏମ୍ଏଆଇ-ଭୁବନେଶ୍ୱର ଚାପ୍ଟରର ଅନ୍ୟାନ୍ୟ ପରିଚାଳନା ସଦସ୍ୟ ମାନେ ଏହି ସମ୍ମିଳନୀରେ ଯୋଗ ଦେବେ। ଏଥିରେ ପ୍ୟାନ୍ ଇଣ୍ଡିଆର ଜାତୀୟ ସ୍ତରୀୟ ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନେ ବିଭିନ୍ନ ଟେକ୍ନିକାଲ ସେସନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବେ। ଏହି ଅବସରରେ ଶିଳ୍ପ ଉଦ୍ୟୋଗୀ ମାନଙ୍କ ସହ ସିଏଫ୍ଓ ବୈଠକ ମଧ୍ୟ ଅନୁଷ୍ଠିତ ହେବ।

# ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତା ପୀକରଣ ତାରିଖ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର,(ବ୍ୟୁରୋ):** ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍ଏସଡିଇ)ଙ୍କ ତ ାବଧାନରେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ଇଣ୍ଡିଆ ସ୍କିଲ୍ସ ୨୦୨୩-୨୪ ଆୟୋଜନ କରୁଛି। ଲକ୍ଷ ଲକ୍ଷ ଆଶାକର୍ମୀଙ୍କ ଅଂଶଗ୍ରହଣକୁ ନେଇ ଏକ ଦେଶବ୍ୟାପୀ ପ୍ରତିଯୋଗିତା। ଏହି ସମ୍ମାନଜନକ ଇଭେଣ୍ଟ କୌଶଳ ବିକାଶ ସହିତ ଭବିଷ୍ୟତକୁ କଳ୍ପନା କରିବାରେ ସହାୟକ ହୋଇଥାଏ। ଅଧିକ ପ୍ରତିକ୍ରିୟା ଏବଂ ରାଜ୍ୟ / ୟୁଟି ରେ ଅଂଶଗ୍ରହଣକାରୀଙ୍କ ଠାରୁ ବଢୁଥିବା ଆଗ୍ରହକୁ ଦେଖି ପ୍ରତିଯୋଗିତା ପାଇଁ ପୀକରଣ ସମୟସୀମା ୧୫ ଜାନୁୟାରୀ ୨୦୨୪ପର୍ଯ୍ୟ' ବୃଦ୍ଧି ପାଇଛି। ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହିତ ମିଳିତ ହୋଇ ଏହି ପ୍ରତିଯୋଗିତା 'ଅମୃତ ପିଢ଼ି'କୁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରିଥାଏ, ଯେଉଁଥିରେ ପାରମ୍ପାରିକ / ନୂତନ ଚାକିରି ଭୂମିକାରେ ନିଯୁକ୍ତି ଏବଂ ଡୋମେନ ଦକ୍ଷତା ରହିଛି। ବିଶ୍ୱସ୍ତରରେ ସେମାନଙ୍କର ଦକ୍ଷତା କୌଶଳ ଏବଂ କାରିଗରର ଏକ ଉତ୍ସାହଜନକ କାର୍ଯ୍ୟକ୍ରମ ଭାବେ ଏହା ଅନୁଷ୍ଠିତ ହେଉଛି। ଏହା ଏକ ଦୃଢ଼ ପ୍ଲାଟଫର୍ମ ଦକ୍ଷତା ବ୍ୟବଧାନକୁ ଦୂର କରିଥାଏ ଏବଂ ଯୁବବର୍ଗମାନଙ୍କୁ ଦକ୍ଷତା, ଉତ୍କର୍ଷ ଏବଂ ଉତ୍ପାଦନର ବିଶ୍ୱ ସ୍ତରୀୟ ମାନ୍ୟତା ହାସଲ କରିବାରେ ସାହାଯ୍ୟ କରିଥାଏ। ବର୍ଦ୍ଧିତ ସମୟସୀମା ପ୍ରାର୍ଥୀଙ୍କର ବୃଦ୍ଧି ପାଉଥିବା ଆଗ୍ରହକୁ ଦୃଷ୍ଟିରେ ରଖି କରାଯାଇଛି। ସ୍କିଲ ଇଣ୍ଡିଆ ଡିଜିଟାଲ ୱେବସାଇଟରେ ଏହି ଗ୍ରାଣ୍ଡ ଇଭେଣ୍ଟ ପାଇଁ ପୀକରଣ ଆରମ୍ଭ ହୋଇଛି। ସାରା ଦେଶରୁ ଆଶାୟୀ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପ୍ରତିଭା ଏବଂ କୌଶଳ ପ୍ରଦର୍ଶନ କରିବାକୁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରତିଯୋଗିତା ଜିଲ୍ଲା, ରାଜ୍ୟ, ଜୋନାଲ ଏବଂ ଜାତୀୟ ସ୍ତରରେ ଏକ ପର୍ଯ୍ୟାୟ ସେଟ ମାଧ୍ୟମରେ ଉନ୍ମୋଚିତ ହୋଇଛି। ୨୦୨୪ ମସିହାରେ ଫ୍ରାନ୍ସର ଲିଅନ ଠାରେ ୱାଲର୍ଡ ସ୍କିଲ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପ୍ରାର୍ଥୀମାନେ ଲାଭ କରିବେ। ଏହି ଅବସରରେ ଏନଏସଡିସିର ସିଇଓ ତଥା ଏନଏସଡିସି ଇଣ୍ଟରନ୍ୟାଶନାଲର ଏମଡି, ବେଦ ମଣି ତିୱାରୀ କହିଲେ, ଉଦୀୟମାନ ବୃତ୍ତିଗତଙ୍କ କ୍ୟାରିଅରକୁ ଆଗକୁ ନେବାରେ ଇଣ୍ଡିଆ ସ୍କିଲ୍ସର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଅଂଶଗ୍ରହଣକାରୀମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଏହା ଦ୍ୱାରା ପାଇ ପାରୁଛନ୍ତି। ଏହି ପ୍ରତିଯୋଗିତାରେ ନିର୍ମାଣ ଏବଂ ବିଲଡିଂ ଟେକ୍ନୋଲୋଜି, ଅଟୋମୋବାଇଲ ଟେକ୍ନୋଲୋଜି, ଫ୍ୟାଶନ ଡିଜାଇନ, ହେୟାର ଡ୍ରେସିଂ, ବେକିଂ, ଇଣ୍ଡଷ୍ଟ୍ରି ୪.୦, ସାଇବର ସିକ୍ୟୁରିଟି ଏବଂ ଅନ୍ୟାନ୍ୟ ସହିତ ୬୦ ରୁ ଅଧିକ ବର୍ଗ ଅଛି। ଇଣ୍ଡିଆ ସ୍କିଲ୍ସ ହେଉଛି ଏକ ପ୍ଲାଟଫର୍ମ ଯାହା ବିଭିନ୍ନ କୌଶଳକୁ ବିକଶିତ କରିଥାଏ ଯାହା ଆମ ଦେଶକୁ ବାସ୍ତବରେ ସ୍ୱତନ୍ତ୍ର କରିଥାଏ ଏବଂ ଆମର ଦକ୍ଷତା ଚାମ୍ପିୟନମାନଙ୍କୁ ଏକ ମଞ୍ଚ ପ୍ରଦାନ କରିଥାଏ। ଏହି ପ୍ରତିଯୋଗିତା 'କୁଶଳ ଭାରତ ବିକଶିତ ଭାରତ'ର ଏକ ସହକାରୀ।

# ୟୁରୋଲୋଜି ଓ ନେଫ୍ରୋଲୋଜି କେୟାରରେ ରୋବୋଟିକ୍ ସର୍ଜରୀ ସଫଳତା

**ଭୁବନେଶ୍ୱର,(ବ୍ୟୁରୋ):** ଏଏଚ୍‌ଏଚ୍ ମାଲିକାନାରେ ପରିଚାଳିତ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ୍ ୟୁରୋଲୋଜି (ଏଆଇଏନୟୁ) ପକ୍ଷରୁ ୟୁରୋଲୋଜି ଓ ୟୁରୋ-ଅଙ୍କୋଲୋଜି ଏବଂ ନେଫ୍ରୋଲୋଜି କେୟାରରେ ୧୦୦୦ ରୋବୋଟିକ୍ ସର୍ଜରୀ ମାଇଲଖୁଂଟ ହାସଲ କରାଯାଇଥିବା ଘୋଷଣା କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ଏଆଇଏନ୍‌ୟୁକୁ ୟୁରୋ-ନେଫ୍ରୋ କେୟାରରେ ଏକ ଅଗ୍ରଣୀ ସଂସ୍ଥା ଭାବେ ଉପସ୍ଥାପିତ କରିଛି। କିଡ୍‌ନି କେୟାର, ପ୍ରୋଷ୍ଟ୍ରେଟ୍ କେୟାର, ବ୍ଲାଡର କ୍ୟାନସର ଏବଂ କନଷ୍ଟ୍ରକ୍ଟିଭ୍ ୟୁରୋଲୋଜି ଚିକିତ୍ସାରେ ଏହି ରୋବୋଟିକ୍ ସର୍ଜରିଗୁଡ଼ିକୁ ସମ୍ପାଦିତ କରାଯାଇଛି। ରୋବୋଟିକ୍ ସର୍ଜରିର ଲାଭଗୁଡ଼ିକ ସମ୍ପର୍କରେ ଏୟାଇଏନ୍‌ୟୁର ପରିଚାଳନା ନିର୍ଦ୍ଦେଶକ ତଥା ଚିଫ୍ କନ୍‌ସଲଟାଂଟ୍ ୟୁରୋଲୋଜିଷ୍ଟ ଡକ୍ଟର ସି ମଲ୍ଲିକାର୍ଜୁନ କହିଛନ୍ତି ଯେ, 'ପାରମ୍ପରିକ ପଦ୍ଧତି ତୁଳନାରେ ରୋବୋଟିକ୍ ସର୍ଜରିର ଲାଭ ରୋଗୀଙ୍କ ପାଇଁ ଅସ୍ତ୍ରୋପଚାର ପରବର୍ତ୍ତୀ ଅନୁଭୂତିରେ ପ୍ରତିଫଳିତ ହୋଇଥାଏ। ସମ୍ପୂର୍ଣ୍ଣ ପ୍ରୋଷ୍ଟେଟେକ୍ଟୋମି ପରେ ରୋବୋଟିକ୍ ସର୍ଜରି ହୋଇଥିବା ବ୍ୟକ୍ତି ଜଣକ ପରିଶ୍ରାରେ ଅଧିକ ନିରନ୍ତରତା ହାସଲ କରିଥାନ୍ତି, ଏଥିରେ ବ୍ଲାଡର୍‌କୁ



ନିୟନ୍ତ୍ରଣ କରିବାର ଅସୁବିଧା ଭୋଗିବାକୁ ପଡ଼ିନଥାଏ ଏବଂ କୋମଳ ପ୍ରଶୀରାଗୁଡ଼ିକ ସଂରକ୍ଷିତ ରହିବା କାରଣରୁ ସେମାନଙ୍କ ଉତେଜନା ମଧ୍ୟ ସ୍ୱାଭାବିକ ସ୍ତରରେ ରହିଥାଏ। କିଡନି କ୍ୟାନସର ରୋବୋଟିକ୍ ସର୍ଜରିରେ ମଧ୍ୟ ଉଲ୍ଲେଖନୀୟ ଫଳାଫଳ ମିଳିଛି। କିଡ୍‌ନି କ୍ୟାନସରର ପ୍ରାରମ୍ଭିକ ପର୍ଯ୍ୟାୟରେ ରୋବୋଟିକ୍ ସର୍ଜରି ଦ୍ୱାରା ଟ୍ୟୁମରକୁ ବାହାର କରାଯାଉଥିବା ବେଳେ କିଡ୍‌ନିର ଅଧିକାଂଶ ଅଂଶ ସଂରକ୍ଷିତ ରହିଥାଏ। ପାରମ୍ପରିକ ପଦ୍ଧତିରେ କିଡ୍‌ନିକୁ ସମ୍ପୂର୍ଣ୍ଣ ହଟାଇବାକୁ ପଡୁଥିବା ବେଳେ ତାହା ତୁଳନାରେ ଏହା ଭିନ୍ନ ଅଟେ।'' ସାଧାରଣ ସର୍ଜରିରେ ରୋଗୀଙ୍କୁ ହସ୍ପିଟାଲରେ ଅଧିକ ଦିନ ରହିବା ଏବଂ ସ୍ୱାଭାବିକ ଭାବେ କାମ କରିବାରେ ଅଧିକ ସମୟ ଦରକାର। ମାତ୍ର ରୋବୋଟିକ୍ ସର୍ଜରିରେ ଶୀଘ୍ର ଉପଶମ ମିଳେ ଯାହା ଦ୍ୱାରା କାର୍ଯ୍ୟ କ୍ଷେତ୍ରକୁ ଶୀଘ୍ର ଫେରିହୁଏ। ଶୀଘ୍ର ଉପଶମ ଦ୍ୱାରା ରୋଗୀ କଲ୍ୟାଣରେ ଉନ୍ନତି ହେବା ସହ ଉତ୍ପାଦକତା ବଢ଼ିଥାଏ ବୋଲି ଡକ୍ଟର ମଲ୍ଲିକାର୍ଜୁନ କହିଛନ୍ତି। ଏଆଇଏନ୍‌ୟୁର ସିନିଅର ୟୁରୋଲୋଜିଷ୍ଟ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ପି ସି ରେଡ୍ଡି କହିଛନ୍ତି ଯେ, 'ଜଟିଳ ସର୍ଜରି ମାମଲାଗୁଡ଼ିକରେ ରୋବୋଟିକ୍ ସର୍ଜରି ବେଶ ଗୁରୁତ୍ୱପୂର୍ଣ୍ଣ।

# ଖେଲୋ ଇଣ୍ଡିଆ ମହିଳା ରଗ୍‌ବି ଲିଗରେ କିଟ୍ ଓ କିସ୍‌ର ବଡ ସଫଳତା

**ଭୁବନେଶ୍ୱର,(ବ୍ୟୁରୋ):** ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ, ସ୍ପୋର୍ଟସ ଅଥୋରିଟି ଅଫ୍ ଇଣ୍ଡିଆ, ରଗ୍‌ବି ଇଣ୍ଡିଆ ଅଧିନରେ ପୁରୀରେ ଖେଲୋ ଇଣ୍ଡିଆ ୱମେନ୍ସ ରଗ୍‌ବି ଲିଗର ପ୍ରାରମ୍ଭିକ ସଂସ୍କରଣର ୭ମ ପର୍ଯ୍ୟାୟ ପରିଚାଳିତ ହୋଇଛି। ଲକ୍ଷ୍ନୌ, ପୁନେ, ଶ୍ରୀନଗର, ସିକନ୍ଦରାବାଦ, କୁରନୁଲ୍, ଚେନ୍ନାଇରେ ସଫଳ ଇଭେଂଟ୍ ପରେ ଓଡିଶାର ପୁରୀଠାରେ ଏହି ଲିଗ୍‌ର ୭ମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଗତ ଜାନୁଆରୀ ୯ରୁ ୧୧ ତାରିଖ ୨୦୨୪ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲରେ ଆୟୋଜିତ ଏହି ଇଭେଂଟରେ ୪୦ଟି ଟିମ ଓ ୫୦୦ ମହିଳା



ଖେଳାଳି ଅଂଶଗ୍ରହଣ କରିଥିଲେ। ନିକଟରେ ଉଦ୍‌ଯାପିତ ଖେଲୋ ଇଣ୍ଡିଆ ୱମେନ୍‌ସ ରଗ୍‌ବି ଲିଗରେ ସିନିୟର ୱମେନ୍‌ସ ଫାଇନାଲରେ କିଟ୍, ଫ୍ୟୁଚର ଷ୍ଟାର ସ୍ପୋର୍ଟସ୍ ଏକାଡେମିକୁ ପରାଜିତ କରିଥିଲା। ସେହିପରି ଇଭେଂଟ୍‌ର ଆରମ୍ଭରେ କିସ୍ ଉଭୟ ୟୁ୧୮ ଓ ୟୁ୧୪ ବର୍ଗରେ ବିଜୟ ହାସଲ କରି ବଡ ସମ୍ମାନ ହାସଲ କରିଛି। ଏହି ଲିଗ୍ ସମ୍ପର୍କରେ ଓଡିଶା ରଗ୍‌ବି ଫୁଟବଲ ଆସୋସିଏଶନର ସଚିବ ଉପେନ୍ଦ୍ର କୁମାର ମହାନ୍ତି କହିଛନ୍ତି, 'ଖେଲୋ ଇଣ୍ଡିଆ ୱମେନ୍‌ସ ରଗ୍‌ବି ଲିଗ ହେଉଛି ଏକ ଅଭିଯାନ ଯାହା ନିଶ୍ଚିତ ରୂପେ ଯୁବପିଢିଙ୍କୁ ସଶକ୍ତ କରିବ। ଓଡିଶା ନିଜକୁ କ୍ରୀଡାର ଏକ ଚାମ୍ପିଅନ ଭାବେ ପରିଭାଷିତ କରିଛି ଏବଂ ଏଠାରେ ଲିଗ୍‌ର ୭ମ ପର୍ଯ୍ୟାୟ ପରିଚାଳନା କରିବା ଖୁବ ଭଲ ଥିଲା। ଓଡିଶା ଦେଶ ପାଇଁ ରଗ୍‌ବି କ୍ରୀଡା କ୍ଷେତ୍ରରେ ମହାନ ପ୍ରତିଭାମାନଙ୍କୁ ସାମ୍ନାକୁ ଆଣିଛି ଏବଂ ଏଭଳି ଏକ ଲିଗ ଅଧିକ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆସିବା ପାଇଁ ପ୍ରୋତ୍ସାହିତ କରିବ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଏହି ପଦକ୍ଷେପ ପଛର ଲକ୍ଷ୍ୟ ହେଉଛି ମହିଳାମାନଙ୍କୁ କ୍ରୀଡାକୁ ନିଜ ପରିଚୟର ଏକ ଅଂଶ କରିବା ପାଇଁ ପ୍ରୋତ୍ସାହିତ କରିବା। ଦେଶର ଝିଅ ଓ ମହିଳାଙ୍କ ପାଇଁ ଏହି ଲିଗର ଆୟୋଜନ କରିବାକୁ ସକ୍ଷମ ହୋଇଥିବାରୁ ଆମେ ଖୁବ୍ ଆନନ୍ଦିତ ଏବଂ ଆମେ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟକୁ ଆମର କ୍ରୀଡା ପ୍ରତି ବିଶ୍ୱାସ ପ୍ରଦର୍ଶିତ କରିଥିବାରୁ ଧନ୍ୟବାଦ ଜଣାଉଛୁ' । ଏହି ଲିଗ୍‌ରେ ଇଣ୍ଡିଆନ୍ ରଗ୍‌ବି ୱମେନ୍ସ ଟିମ୍‌ର ଷ୍ଟାର ଖେଳାଳିଙ୍କ ସମେତ ଓଡିଶାର ନୂଆ ପ୍ରତିଭା ହୁପି ମାଝି, ଡୁମୁନି ମାର୍ଣ୍ଡି, ମାମା ନାୟକ, ତରୁଲତା ନାୟକ, ନିର୍ମାଲ୍ୟ ରାଉତ ଓ ରିତୁ ମାଝି ପ୍ରମୁଖ ସାମିଲ ଥିଲେ। ସେହିପରି ନିଜର ବିଜୟ ସମ୍ପର୍କରେ ଇଣ୍ଡିଆନ ୱମେନ୍‌ସ ରଗ୍‌ବି ଟିମ୍‌ର ସଦସ୍ୟ ଏବଂ ବିଜୟୀ ଟିମ୍ କିଟ୍‌ର କ୍ୟାପ୍ଟେନ ହୁପି ମାଝି କହିଛନ୍ତି, 'ଖେଲୋ ଇଣ୍ଡିଆ ୱମେନ୍ସ ଲିଗ୍ ଏହି କ୍ରୀଡାକୁ ଆହୁରି ବ୍ୟାପକ କରିବାରେ ସହାୟକ ହେବ। ମହିଳାଙ୍କ ନିକଟରେ ଖେଳିବା ପାଇଁ ଅଧିକ ସୁଯୋଗ ରହିବ। ସ୍ଥାନୀୟ ଲିଗ୍ ଥିବା ଅନ୍ୟ କ୍ରୀଡା ଭଳି ଏହା ଏହି ଖେଳକୁ ଅଧିକ ଲୋକପ୍ରିୟ ଓ ପହଂଚଯୋଗ୍ୟ କରିବ। ଆମେ ସିନିୟର ୱମେନ୍ସ ଇଭେଂଟ୍ ଜିତି ଅତ୍ୟଧିକ ଖୁସି ଅନୁଭବ କରୁଛୁ ଏବଂ ଏଥିପାଇଁ କିଟ୍, ରଗ୍‌ବି ଇଣ୍ଡିଆ ଓ ଖେଲୋ ଇଣ୍ଡିଆକୁ ସେମାନଙ୍କର ସମର୍ଥନ ପାଇଁ ଧନ୍ୟବାଦ ଜଣାଉଛୁ।'

# ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତର ହାର୍ଭେଷ୍ଟ ଫେଷ୍ଟିଭାଲ୍ ଅଫରର ଶୁଭାରମ୍ଭ

**ଭୁବନେଶ୍ୱର,(ବ୍ୟୁରୋ):** ସାରା ଦେଶରେ ଅମଳ ପର୍ବ ଆରମ୍ଭ ଅବସରରେ ଓଲା ଇଲେକ୍ଟ୍ରିକ୍ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର ଘୋଷଣା କରିଛି। ୨୦୨୪ ଜାନୁଆରୀ ୧୫ ତାରିଖ ପର୍ଯ୍ୟ' ଲାଗୁ ହୋଇଥିବା ଏହି ଅଫରଗୁଡ଼ିକ ମଧ୍ୟରେ ଏସ୍୧ ପ୍ରୋ ଓ ଏସ୍୧ ଏୟାର କିଣିଲେ ୬,୯୯୯ ଟଙ୍କା ପର୍ଯ୍ୟନ୍ତମାଗଣା ବର୍ଦ୍ଧିତ ବ୍ୟାଟେରି ୱାରେଂଟି, ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେ ବୋନସ୍ ଏବଂ ଆକର୍ଷଣୀୟ ଫାଇନାନ୍ସ ଡିଲ୍ ରହିଛି। ଏହାବ୍ୟତୀତ ଏସ୍୧ ଏକ୍ସ+ ୨୦,୦୦୦ ଟଙ୍କାର ରିହାତି ସହ ତାହା ୮୯,୯୯୯ ଟଙ୍କାରେ ଉପଲବ୍ଧ ହେବ। ଗ୍ରାହକମାନେ ଚୟନ କରାଯାଇଥିବା କ୍ରେଡିଟ୍ କାର୍ଡ ଇଏମ୍ଆଇ ଉପରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ଏବଂ ଅନ୍ୟାନ୍ୟ ଫାଇନାନ୍ସ ଅଫରରେ ଜିରୋ ଡାଉନ ପେମେଂଟ୍, ନୋ-କଷ୍ଟ ଇଏମ୍ଆଇ, ଜିରୋ-ପ୍ରୋସେସିଂ ଫି ଏବଂ ୭.୯୯% ପର୍ଯ୍ୟନ୍ତ ସୁଧ ହାର ଭଳି ଅନ୍ୟାନ୍ୟ ଡିଲ୍ ସାମିଲ ରହିଛି। ନିକଟରେ ଓଲା ଇଲେକ୍ଟ୍ରିକ୍ ଏହାର ସ୍କୁଟର ପୋର୍ଟଫୋଲିଓକୁ ୫ଟି ଉତ୍ପାଦ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏସ୍୧ ପ୍ରୋ (ଦ୍ୱିତୀୟ ପିଢ଼ି)ର ମୂଲ୍ୟ ୧,୪୭,୪୯୯ ଟଙ୍କା ଥିବା ବେଳେ ଏସ୍୧ ଏୟାରର ମୂଲ୍ୟ ୧,୧୯,୯୯୯ ଟଙ୍କା ରହିଛି। ଏହାବ୍ୟତୀତ ଗ୍ରାହକମାନଙ୍କ ବିଭିନ୍ନ ପସନ୍ଦର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହା ଏସ୧ଏକ୍ସକୁ ୩ଟି ଭାରିଆଂଟ୍- ଏସ୧ ଏକ୍ସ+, ଏସ୧ ଏକ୍ସ (୩କେଡବ୍ଲୁଏଚ୍) ଏବଂ ଏସ୧ ଏକ୍ସ (୨ କିଲୋୱାଟ) ଉପସ୍ଥାପନ କରିଛି। ଏସ୍୧ ଏକ୍ସ (୩ କିଲୋ ଆୱାର), ଏସ୧ଏକ୍ସ (୨ କିଲୋଆୱାର) ପାଇଁ ସଂରକ୍ଷଣ ୱିଣ୍ଡୋ କେବଳ ୯୯୯ ଟଙ୍କାରେ ଖୋଲା ଅଛି ଏବଂ ଏହା ଯଥାକ୍ରମେ ୯୯,୯୯୯ ଟଙ୍କା ଏବଂ ୮୯,୯୯୯ ଟଙ୍କା ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ।

# ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ 'ଆକ୍ଟିଭ୍ ୱାନ୍' ଉନ୍ମୋଚିତ

**ଭୁବନେଶ୍ୱର,(ବ୍ୟୁରୋ):** ଆଦିତ୍ୟ ବିର୍ଲା କ୍ୟାପିଟାଲ୍‌ର ଏକ ଅଂଶ ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସରଳ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ବୀମା ଯୋଜନାର ଶୁଭାରମ୍ଭ କରାଯାଇଛି ଯାହା ପଲିସିଧାରକଙ୍କ ସ୍ୱାସ୍ଥ୍ୟ ବୀମା ଆବଶ୍ୟକତା ସହିତ ସେମାନଙ୍କୁ ସୁସ୍ଥକର ରଖିବାରେ ସଶକ୍ତ କରିବ। ୧୦୦% ହେଲଥ୍ ରିଟର୍ଣ୍ଣ, କ୍ଲେମ୍ ପ୍ରୋଟେକ୍ଟ, ନୋ ସବ୍-ଲିମିଟ୍ସ, ସୁପର ରିଲୋଡ୍ ଏବଂ ସୁପର କ୍ରେଡିଟ୍ ଭଳି ଶିଳ୍ପର ଅଗ୍ରଣୀ ବୈଶିଷ୍ଟ୍ୟରେ ଭରପୂର ଆକ୍ଟିଭ୍ ୱାନ୍ କଂପାନିର ଏପର୍ଯ୍ୟ' ସବୁଠାରୁ ବ୍ୟାପକ ଉତ୍ପାଦ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ଆବଶ୍ୟକତା ପୂରଣ କରିବ। ଆଦିତ୍ୟ ବିର୍ଲା ହେଲ୍ଥ ଇନସ୍ୟୁରାନ୍ସର ସିଇଓ ମୟଙ୍କ ବାଥୱାଲ କହିଛନ୍ତି ଯେ, 'ଆକ୍ଟିଭ୍ ୱାନ୍ ହେଉଛି ଆମର ଅଂଶୀଦାର ଯଥା ଗ୍ରାହକ, ପରାମର୍ଶଦାତା, ବିତରକମାନଙ୍କୁ ଭଲ ଭାବେ ଶୁଣିବାର ଫଳ। ସେମାନଙ୍କ ସୂଚନା ଏବଂ ବୁଝାମଣା ଆଧାରରେ, ଆମେ ଆକ୍ଟିଭ୍ ୱାନ୍ ବିକଶିତ କରିଛୁ ଯାହା ପ୍ରତ୍ୟେକ ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ କିମ୍ବା ଜୀବନ ସ୍ତରରେ, ଏବଂ ଦୀର୍ଘକାଳୀନ ରୋଗ ସହିତ ସଂଘର୍ଷ କରିବାର ପର୍ଯ୍ୟାୟରେ ଏହା ସେମାନଙ୍କ ସହିତ ରହିବ। ଗୋଟିଏ ଉତ୍ପାଦରେ ୭ଟି ଭାରିଆଂଟ୍ ସୃଷ୍ଟି କରି ଆମେ ସମସ୍ତଙ୍କୁ ଏକର ଶକ୍ତି ପ୍ରଦାନ କରୁଛୁ।କଂପାନିରେ ଆମର ଲକ୍ଷ୍ୟ ସର୍ବଦା ସୁସ୍ଥତାକୁ ପ୍ରୋତ୍ସାହିତ କରିବା, ପଲିସିଧାରୀମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଏବଂ ସାମଗ୍ରିକ କଲ୍ୟାଣ ଗ୍ରହଣ କରିବାକୁ ଉତ୍ସାହିତ କରିବା। ଆକ୍ଟିଭ୍ ୱାନ୍ ମାଧ୍ୟମରେ, ଆମେ ସୁନିଶ୍ଚିତ କରିବାକୁ ଚାହୁଁଛୁ ଯେ ଆମର ପଲିସିଧାରୀମାନେ ଏକ ସରଳ ଏବଂ ବ୍ୟାପକ ସ୍ୱାସ୍ଥ୍ୟସେବା ସମାଧାନ ଅନୁଭବ କରିବେ ଯାହା ବ୍ୟକ୍ତିଗତ ସୁହାଇବା ଭଳି, ଲାଭଦାୟକ ଏବଂ ଚିନ୍ତାମୁକ୍ତ।'' ଆକ୍ଟିଭ୍ ୱାନ୍ ଏହାର ବ୍ୟାପକ ବିଲ୍ଟ-ଇନ୍ ବୈଶିଷ୍ଟ୍ୟ ପାଇଁ ପରିଚିତ ଯେଉଁଥିରେ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେବା ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଏବଂ ପରବର୍ତ୍ତୀ ଖର୍ଚ୍ଚ ୯୦ ଏବଂ ୧୮୦ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ପ୍ରଥମ ଥର ପାଇଁ ଆଦିତ୍ୟ ବିର୍ଲା ହେଲ୍‌ଥ ଏହି ପଲିସି ଅଧୀନରେ ଲିଭ୍-ଇନ୍ ପାର୍ଟନର (ସମାନ କିମ୍ବା ବିପରୀତ ଲିଙ୍ଗ)ଙ୍କୁ ସୁରକ୍ଷା ପ୍ରଦାନ କରିବ। ଏହା ବ୍ୟତୀତ ପଲିସିରେ କ୍ରୋନିକ୍ କେୟାର କଭର ରହିଛି ଯାହା ଶ୍ୱାସରୋଗ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ଦୀର୍ଘସ୍ଥାୟୀ ଅବଷ୍ଟ୍ରକ୍ଟିଭ୍ ପଲମୋନାରି ରୋଗ୍, ମୋଟାପଣ ଏବଂ କୋରୋନାରୀ ଆର୍ଟେରୀ ଡିଜିଜ୍ (ପିଟିସିଏ) ଭଳି ସାତଟି କ୍ରନିକ ରୋଗରେ ପୀଡ଼ିତ ଲୋକଙ୍କୁ ପ୍ରଥମ ଦିନ କଭର (ଶୂନ୍ୟ ପ୍ରତୀକ୍ଷା ଅବଧି) ପ୍ରଦାନ କରୁଛି। ଏହି ପ୍ରବେଶର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ। ଆକ୍ଟିଭ୍ ୱାନ୍‌ରେ ଡ୍ୟୁରେବଲ୍ ଉପକରଣ, ଦ୍ୱିତୀୟ ମେଡିକାଲ୍ ପରାମର୍ଶ, ବ୍ୟକ୍ତିଗତ ଦୁର୍ଘଟଣା, ଜଟିଳ ଅସୁସ୍ଥତା ଏବଂ କ୍ୟାନସର ବୁଷ୍ଟର ଭଳି ବିକଳ୍ପ ସୁବିଧା ରହିଛି।

# ପିଏମ୍ ଜନ ଔଷଧୀ କେନ୍ଦ୍ରଗୁଡିକରେ ଉପଲବ୍ଧ ପାକ୍ସ୍ ଜରିଆରେ ପହଞ୍ଚିବ: ଅମିତ ଶାହ

**ଭୁବନେଶ୍ୱର,(ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ଭାରତୀୟ ଜନ ଔଷଧି କେନ୍ଦ୍ରଗୁଡିକର ପ୍ରାଥମିକ କୃଷି ଋଣ ସମବାୟ ସଂସ୍ଥା (ପାକ୍ସ୍) ଗୁଡିକ ଜରିଆରେ ପରିଚାଳନା ନିମନ୍ତେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଅମିତ ଶାହ ଷ୍ଟୋର କୋଡ୍‌ଗୁଡିକ ସୋମବାର ପାଞ୍ଚଟି ରାଜ୍ୟରେ ଆବଣ୍ଟନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହ କହିଥିଲେ, 'ସମ୍ପ୍ରତି ପିଏମ୍ ଜନ ଔଷଧି କେନ୍ଦ୍ରଗୁଡିକରେ ଉପଲବ୍ଧ ସୁଲଭ ଏବଂ ଉଚ୍ଚ ମାନର ଔଷଧଗୁଡିକ ପାକ୍ସ୍ ଜରିଆରେ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କ ନିକଟରେ ପହଞ୍ଚିବ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ଓ ସହକାରିତା ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପାକ୍ସ୍‌ଗୁଡିକର ରୂପାନ୍ତରଣ ପ୍ରକ୍ରିୟା ଚାଲିଛି ଯଦ୍ୱାରା ସେଗୁଡିକ ବହୁଧା କାର୍ଯ୍ୟ କରିପାରିବ। ସମବାୟ ଆନ୍ଦୋଳକୁ ସୁଦୃଢ କରିବା ନିମନ୍ତେ ପରିଚିତ ଶ୍ରୀ ଶାହ ଦେଶବ୍ୟାପୀ ୨,୩୭୩ ପାକ୍ସ୍‌ରେ ଜନ ଔଷଧି କେନ୍ଦ୍ର ସ୍ଥାପନ କାର୍ଯ୍ୟ ତଦାରଖ କରୁଛନ୍ତ। ଶାହଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଏହା ସୁନିଶ୍ଚିତ କରୁଛି ଯେ ସୁଲଭ ମୂଲ୍ୟ ଔଷଧର ଫାଇଦା ଗ୍ରାମାଞ୍ଚଳ ଦରିଦ୍ର ପରିବାର ଏବଂ କୃଷକମାନଙ୍କ ପାଇଁ ପାକ୍ସ୍ ଜରିଆରେ ସମ୍ପ୍ରସାରିତ କରାଯିବ। ପୂର୍ବରୁ ସହରାଞ୍ଚଳ ଦରିଦ୍ର ଲୋକମାନେ ଜନ ଔଷଧି କେନ୍ଦ୍ରଗୁଡିକର ପ୍ରାଥମିକ ହିତାଧିକାରୀ ଥିଲେ, ଯେଉଁଗୁଡିକ ମୁଖ୍ୟତଃ ସହରାଞ୍ଚଳରେ ଅବସ୍ଥିତ। ଗତ ଦଶନ୍ଧିରେ ମୋଦୀ ସରକାରଙ୍କ ଅଧୀନରେ ଉଲ୍ଲେଖନୀୟ ସଂସ୍କାରମୂଳକ ପଦକ୍ଷେପଗୁଡିକ ଭାରତର ଫାର୍ମା କ୍ଷେତ୍ରକୁ ଏକ ବିଶ୍ୱସ୍ତରୀୟ ନେତୃତ୍ୱ ସ୍ଥାନକୁ ଉନ୍ନୀତ କରିଛି। ଭାରତ ସମଗ୍ର ବିଶ୍ୱକୁ ଔଷଧ ପଠାଇ ଏହାର ଅତୀତର ବିପରୀତରେ ମଜଭୁତ ଭାବରେ ଛିଡାହୋଇଛି, ଯେତେବେଳେ ଆମ ରାଷ୍ଟ୍ର ଏହାର ଜନସଂଖ୍ୟାକୁ ଔଷଧ ଯୋଗାଇବାକୁ ସଂଗ୍ରାମ କରୁଥିଲା। ଅମିତ ଶାହଙ୍କର ନୀତିସମୂହ ଜେନେରିକ ଔଷଧ ଆବଣ୍ଟନକୁ ଶାଣିତ କରିବା ଦିଗରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛି, ଯାହା ଭାରତୀୟ ଜନ ଔଷଧି କେନ୍ଦ୍ରଗୁଡିକ ଜରିଆରେ ୬୦ କୋଟିରୁ ଅଧିକ ଅନୁନ୍ନତ ବ୍ୟକ୍ତିବିଶେଷଙ୍କ ନିକଟରେ ପହଞ୍ଚିପାରୁଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋଦୀଙ୍କ ନେତୃତ୍ୱରେ ଉଲ୍ଲେଖନୀୟ ଭାବରେ ଉନ୍ନତି ଆସିଛି, ଯେଉଁଠାରେ ସମବାୟଭିତ୍ତିକ ପ୍ରୟାସ ଉପରେ ଦୃଢ ଭାବରେ ଦୃଷ୍ଟିନିବଦ୍ଧ କରାଯାଉଛି। ଶାହଙ୍କ ବିଶ୍ୱାସ ଯେ ସହଯୋଗ ଏବଂ ସ୍ୱାସ୍ଥ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଦ୍ୱାରା ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର ସଙ୍ଗମ ହୋଇପାରିବ। ସମ୍ପ୍ରତି ଗୁଜରାଟ, ଜମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକର ଗ୍ରାମାଞ୍ଚଳରେ ପ୍ରାୟ ୨୩୦୦ ପାକ୍ସ୍ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦେଉଛନ୍ତି। ସହକାରିତା ମନ୍ତ୍ରଣାଳୟ ସହିତ ମିଶି ପାକ୍ସ୍‌ଗୁଡିକ ଜରିଆରେ ଜନ ଔଷଧି କେନ୍ଦ୍ରର ପହଞ୍ଚକୁ ପରିବ୍ୟାପ୍ତ କରିବା ଦିଗରେ ନିଜ ପ୍ରତିବଦ୍ଧତାରେ ଅଟଳ ରହିଥିବା ଶ୍ରୀ ଶାହ ୨ ଲକ୍ଷ ନୂଆ ପାକ୍ସ୍ ସ୍ଥାପନ ଏବଂ ପ୍ରତି ପଞ୍ଚାୟତରେ ସେଗୁଡିକର ଉପସ୍ଥିତିକୁ ସୁନିଶ୍ଚିତ କରିବା ନିମନ୍ତେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତ। ବିଗତ ନଅ ବର୍ଷର ଆକାଂକ୍ଷୀ ସ୍ୱାସ୍ଥ୍ୟସେବା ସଂସ୍କାର କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଯୋଜନା, ପିଏମ୍ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ନ୍ୟାସନାଲ ହେଲ୍‌ଥ ମିଶନ, ମେଲେରିଆ ମୁକ୍ତ ଭାରତ, ମିଶନ ଇନ୍ଦ୍ରଧନୁଷ ଫର୍ ୟୁନିଭରସାଲ ଭାକ୍‌ସିନେସନ, ଟିବି ଏଲିମିନେସନ ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ଜନନୀ ସୁରକ୍ଷା ଯୋଜନା, ନ୍ୟାସନାଲ ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ, ଫିଟ୍ ଇଣ୍ଡିଆ, ଖେଲୋ ଇଣ୍ଡିଆ ଏବଂ ପ୍ରଧାନମନ୍ତ୍ରୀ ନ୍ୟାସନାଲ ଡାଏଲିସିସ୍ ପ୍ରୋଗ୍ରାମ ଆଦି ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସମ୍ପ୍ରତି ୧୦,୦୦୦ରୁ ଅଧିକ ଜନ ଔଷଧି କେନ୍ଦ୍ର ୨୨୬୦ରୁ ଅଧିକ ଔଷଧ ଯୋଗାଇ ଦେଉଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅକ୍ଳାନ୍ତ ପ୍ରୟାସ ଏହା ସୁନିଶ୍ଚିତ କରୁଛି ଯେ ସମବାୟ ପ୍ରୟାସସମୂହ ଦରିଦ୍ରରୁ ଦରିଦ୍ରତମ ଲୋକଙ୍କୁ ମଧ୍ୟ ଉପରକୁ ଉଠାଉଛି। ସହଯୋଗିତା ଜରିଆରେ ସମୃଦ୍ଧି ଆଣିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱପ୍ନ ସାକାର କରିବାକୁ ଶ୍ରୀ ଶାହଙ୍କ ଉତ୍ସର୍ଗୀକୃତ ପ୍ରୟାସ ଆଗାମୀ ବର୍ଷଗୁଡିକରେ ରାଷ୍ଟ୍ରରୁ ଦାରିଦ୍ର୍ୟର ଛାୟା ସମ୍ପୂର୍ଣ୍ଣ ଦୂର କରିବାକୁ ଉଦ୍ୟତ ହେଉଛି।

# ବୁଲା ଗୋରୁଙ୍କ ଉପରେ ଫାଇନ୍ ସ୍ଥଗିତ ନ ହେଲେ ବିଏମ୍‌ସି ଅଫିସ୍‌ରେ ଗାଈ ପଶିବ- ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର, ତା ୧୧।୧ : 'ମାର ମାର୍ ଭଣ୍ଡାରିଆକୁ ମାର୍' ନ୍ୟାୟରେ ବିଏମ୍‌ସି କମିଶନର ଗରିବ ଲୋକଙ୍କ ଆଖି ଦେଖାଇବା ଆରମ୍ଭ କରିଦେଇଛନ୍ତି । ରାଜଧାନୀରେ ଦୁଗ୍ଧ ଉତ୍ପାଦନକାରୀ ଜୀବିକା ନିର୍ବାହ କରୁଥିବା ଗରିବ ଗୋପାଳମାନଙ୍କୁ ଥଇଥାନ ନ କରି ଓଲଟି ରାସ୍ତାରେ ତାଙ୍କର ଗାଈ ଗୋରୁ ବୁଲିଲେ ଆସ'। ୧୫ ତାରିଖରୁ ବିଏମ୍‌ସି ତାକୁ ଜବରଦସ୍ତି ଉଠାଇ ନେବବୋଲି ବିଏମ୍‌ସି କମିଶନର ଘୋଷଣା କରିଛନ୍ତି । ଉଠାଇ ନେଇଥିବା ଗାଈ ଗୋରୁଙ୍କୁ ଉପଯୁକ୍ତ ପ୍ରମାଣ ଦେଇ ତାଙ୍କର ମାଲିକମାନେ ଦୁଇଗୁଣା ଫାଇନ୍ ବିଏମ୍‌ସିକୁ ଦେଇ ନିଜ ଖର୍ଚ୍ଚରେ ଗୋସାଳାରୁ ଗାଈ ଗୋରୁ ଆଣିବେ ବୋଲି ବିଏମ୍‌ସି ପକ୍ଷରୁ କମିଶନର ଘୋଷଣା କରିଛନ୍ତି । ରାଜଧାନୀରେ ଗାଈ ଗୋରୁ ରଖି ଜୀବିକା ନିର୍ବାହ ହକରୁଥିବା କେତେଜଣ ଦୁଗ୍ଧଚାଷୀଙ୍କୁ ଗୁହାଳ ଯୋଗାଇଦେଇ ବିଏମ୍‌ସି ଥଇଥାନ କରିପାରିଛି ବୋଲି ଦୁଗ୍ଧଚାଷୀ ମହାସଂଘ ଓଡ଼ିଶା ରାଜ୍ୟସଭାପତି ରବି ବେହେରା ପ୍ରଶ୍ନ କରିଛନ୍ତି । ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ, ରାଜଧାନୀରେ ବସବାସ କରୁଥିବା ଏବଂ ଗାଈଗୋରୁ ପାଳନ କରି ଦୁଗ୍ଧ ଉତ୍ପାଦନ ଜରିଆରେ ରାଜଧାନୀ ବାସୀଙ୍କର ସେବା କରିଆସୁଥିବା ପାଖାପାଖି ୩ ହଜାର ଗୋପାଳକଙ୍କୁ ଅତୀତରେ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର ୧୯୯୦ ରୁ ୯୫ ମସିହା ଭିତରେ ଜମି ଯୋଗାଇ ଦେଇ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ସେଥିପାଇଁ ବିଡିଏ ପକ୍ଷରୁ ସେମାନଙ୍କୁ ଜମି ଯୋଗାଇ ଦିଆଯିବ ବୋଲି ରାଜଧାନୀ ଉପକଣ୍ଠ ୩/୪ ଟି ଜାଗାରେ ଜମି ଚିହ୍ନଟ କାର୍ଯ୍ୟ ମଧ୍ୟ କରାଯାଇଥିଲା । କିନ୍ତୁ ଦୁଃଖର କଥା ସେ ସରକାର ଚାଲିଯିବା ପରେ ପରେ ବିଡିଏ ପକ୍ଷରୁ ଏହି ଥଇଥାନ ଯୋଜନାକୁ ବନ୍ଦ କରିଦିଆଗଲା । ପରବର୍ତ୍ତୀ ସମୟରେ କଂଗ୍ରେସ ସରକାର ଏବଂ ବର୍ତ୍ତମାନର ନବୀନ ପଟ୍ଟନାୟକ ସରକାର ମଧ୍ୟ ଏହି ଦୁଗ୍ଧ ଉତ୍ପାଦନମାନଙ୍କୁ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଥିଲେ । ବିଏମ୍‌ସି ପକ୍ଷରୁ ମଧ୍ୟ ଅତୀତରେ ରାଜଧାନୀ ବାସ କରୁଥିବା ଗୋପାଳକମାନଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା । କିନ୍ତୁ ଦୁଃଖର କଥା ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ । ଫଳରେ ଗୋପାଳନ କରି ଦୁଗ୍ଧ ଉତ୍ପାଦନ କରୁଥିବା ଏହି ଉତ୍ପାଦକ କରୁଥିବା ଏହି ଲୋକମାନେ ବହୁ ଅସୁବିଧା ସହିତ ରାଜଧାନୀବାସୀଙ୍କୁ ସେବା ଯୋଗାଉଛନ୍ତି । ରାଜଧାନୀରେ ଥିବା ଗୋଚର ଜମି ସବୁ ଆସ୍ତେ ଆସ୍ତେ ସଙ୍କୁଚିତ ହୋଇଗଲାଣି । ଏଭଳିକି ନଦୀପଠା, ଅନାବାଦୀ ଜମି ସବୁ ନିର୍ମାଣକାରୀଙ୍କ କବ୍‌ଜାରେ । ତେଣୁ ଏହି ଗୋପାଳକମାନେ ଚାରଣଭୂମିର ଅଭାବରୁ ରାସ୍ତା ଉପରକୁ ନିଜ ଗାଈ ଗୋରୁ ଛାଡିବାକୁ ବାଧ ହେଉଛନ୍ତି। ବିଏମ୍‌ସି ପକ୍ଷରୁ ସେମାନଙ୍କର ଜୀବନ ଜୀବିକାର ସୁରକ୍ଷା ପାଇଁ ଉଚିତ୍ ପଦକ୍ଷେପ ନିଆନଯାଇ ସେମାନଙ୍କୁ ଥଇଥାନ ଓ ତାଙ୍କର ଗାଈ ଗୋରୁଙ୍କର ସୁକ୍ଷା ପାଇଁ ଯଦି ପଦକ୍ଷେପ ନିଆ ନଯାଇ ଜବରଦସ୍ତି ରାସ୍ତା ଉପରେ ତାଙ୍କର ଗାଈ ଗୋରୁଙ୍କୁ ଉଠାଇ ନିଆଯାଏ, ତାହେଲେ ସେହି ଗୋପାଳକମାନଙ୍କ ପକ୍ଷରୁ ବିଏମ୍‌ସି ଅଫିସ୍ ଭିତରେ ଗାଈ ପୁରାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି। ସେଥିପାଇଁ ଯଦି କୌଣସି ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହୁଏ, ବିଏମ୍‌ସି କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଜାରୀ କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ମହାସଂଘର ସଭାପତି ରବି ବେହେରା, ସାଧାରଣ ସମ୍ପାଦକ ନାରାୟଣ ଡାଲୁଆ, ଗୋପାଳକମାନଙ୍କ ପକ୍ଷରୁ ଶ୍ରୀ ସନାତନ ବେହେରା, ଦେଶପ୍ରିୟ ଦାସ ଓ ବିଜୟ ବେହେରା ଓ ଲକ୍ଷ୍ମୀଧର ମହାଭୋଇ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତ । ରାଜଧାନୀରେ ବସବାସ କରୁଥିବା ଗୋପାଳକମାନଙ୍କୁ ତୁରନ୍ତ ରାଜୀବ ଗାନ୍ଧୀ ଯୋଜନା ଜରିଆରେ ଗୃହ ଯୋଗାଇ ଦେବାପାଇଁ ସଂଗେ ସଂଗେ ପକ୍କା ଗୁହାଳ ନିର୍ମାଣ ପାଇଁ ତାଙ୍କର ଜୀବନ ଜୀବିକାର ସୁରକ୍ଷାକୁ ଦୃଷ୍ଟି ଦେଇ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି ।

# ଆଜି ବସିବ ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ

**⊙ ଯୋଗଦେବେ ୧୪ ଦଳର ନେତା**
**⊙ ନୀତିଶଙ୍କୁ ମିଳିପାରେ ବଡ଼ ଦାୟିତ୍ୱ**

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଶନିବାର ଦିନ ଇଣ୍ଡିଆ ମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ମେଣ୍ଟର ସାଂଗଠନିକ ସ୍ତରରେ କେତେକ ନିଷ୍ପତ୍ତି ନିଆଯାଇପାରେ। ବିଶେଷ କରି ନୀତୀଶ କୁମାରଙ୍କୁ ମେଣ୍ଟର ଆବାହକ କରାଯାଇପାରେ। ସେହିପରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଏହି ମେଣ୍ଟର ଅଧକ୍ଷ କରାଯାଇପାରେ। ସୂତ୍ରରୁ ପ୍ରକାଶ ଯେ, ବିରୋଧୀ ମେଣ୍ଟ ଭାରତରେ ସଂପୃକ୍ତ ଅଧିକାଂଶ ଦଳ ନୀତୀଶ କୁମାରଙ୍କୁ ଆବାହକ କରିବାକୁ ରାଜି ହୋଇଥିଲେ ମଧ୍ୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ସମ୍ପର୍କରେ କିଛି କହିନାହାନ୍ତି।



ଶନିବାର ବିରୋଧୀ ମେଣ୍ଟ ଭାରତରେ ହେବାକୁ ଥିବା ବୈଠକକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। କାରଣ ମେଣ୍ଟକୁ ଆସନ ବଣ୍ଟନ ଚୂଡ଼ାନ୍ତ କରିବାକୁ ପଡ଼ିବ। କଂଗ୍ରେସର ଜାତୀୟ ମେଣ୍ଟ କମିଟି ଆସନ ବଣ୍ଟନ ନେଇ ରାଜ୍ୟସ୍ତରୀୟ ଆଲୋଚନା କରୁଛି। ଏହି ମେଣ୍ଟ କମିଟି ବର୍ତ୍ତମାନ ସୁଦ୍ଧା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ଶିବସେନା, ଶରଦ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି), ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ ଠାକରେଙ୍କ ଶିବସେନା ସହ ଆସନ ବୁଝାମଣା ସଂପର୍କରେ ଆଲୋଚନା କରିସାରିଛି। ତେବେ ଟିଏମସି ସହ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ। ପଶ୍ଚିମବଙ୍ଗରେ ମୋଟ ୪୨ଟି ଲୋକସଭା ଆସନ ଥିବାବେଳେ କଂଗ୍ରେସକୁ ମାତ୍ର ୨ଟି ଆସନ ଦେବାକୁ ଟିଏମସି କହୁଛି, ଯାହାକୁ କଂଗ୍ରେସ ଖାରଜ କରିଦେଇଛି।

# ପଶ୍ଚିମବଙ୍ଗର ନାମ ପରିବର୍ତ୍ତନ କରିବାକୁ ପୁଣି ଉଠିଲା ଦାବି

**କୋଲକାତା:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣି ଥରେ ରାଜ୍ୟର ନାମ ବଦଳାଇବା ଦାବି ଉଠାଇଛନ୍ତି। ଏ ନେଇ ସେ କେନ୍ଦ୍ର ସରକାରଙ୍କୁ ଏକ ପତ୍ର ମଧ୍ୟ ଲେଖିଛନ୍ତି। ପତ୍ରରେ ମମତା ରାଜ୍ୟର ନୂଆ ନାମ ପରାମର୍ଶ କରି ପଶ୍ଚିମବଙ୍ଗକୁ 'ବାଂଲା' କରିଦେବା ଉଚିତ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଯଦି 'ବମ୍ବେ'ର ନାମ ମୁମ୍ବାଇ ହୋଇପାରୁଛି, ଓଡିଶାର ନାମ 'ଓଡ଼ିଶା' ହୋଇପାରୁଛି, ଏଥିରେ ଆମ ପାଇଁ ଭୁଲ କାହିଁକି ବୋଲି ପ୍ରଶ୍ନ କରିଛନ୍ତି।

କୋଲକାତାରେ ମମତା କହିଛନ୍ତି ଯେ, 'ଆମେ ରାଜ୍ୟ ବିଧାନସଭାରେ ଏ ସମ୍ପର୍କିତ ପ୍ରସ୍ତାବ ଗୃହୀତ କରି ଦେଇଥିଲୁ। ଏ ନେଇ ଆମେ ସେମାନଙ୍କ ଆଗରେ ପୁରା କଥା ମଧ୍ୟ ରଖିଥିଲୁ। ହେଲେ ଦୀର୍ଘ ସମୟ ପରେ ବି ସେମାନେ ଆମ ରାଜ୍ୟର ନାମ ବାଂଲା କରି ନାହାନ୍ତି।' ମମତା ବାନାର୍ଜୀ ରାଜ୍ୟର ନାମ ପରିବର୍ତ୍ତନ ହେଲେ ମିଳିବାକୁ ଥିବା ଲାଭ ସମ୍ପର୍କରେ ମଧ୍ୟ କହିଛନ୍ତି। ସେ କହିଛନ୍ତି ଯେ, ଯଦି ଏପରି ହୁଏ ଆମକୁ ଅନେକ ଲାଭ ମିଳିବ। କାରଣ ଆଲଫାବେଟିକାଲୀ ଆମେ ଟିକେ ଉପରକୁ ଉଠିଯିବୁ ଓ ଆମ ରାଜ୍ୟ ନାମରୁ 'ୱେଷ୍ଟ' ହଟିଯିବ। ଏହା ଦ୍ୱାରା ପ୍ରତିଯୋଗିତା ମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ଲାଭ ମିଳିବ। କାରଣ ମିଟିଂରେ ଆମ ଛାତ୍ରଛାତ୍ରୀଙ୍କୁ ସଭା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ସେ କହିଛନ୍ତି ଯେ ଏବେ 'ୱେଷ୍ଟ'ର ଆବଶ୍ୟକତା ପଡୁନାହିଁ, କାରଣ ଏହା ସେତେବେଳେ ଥିଲା, ଯେତେବେଳେ ଇଷ୍ଟ ବି ଭାରତରେ ଥିଲା। ଏବେ ଯେହେତୁ ଇଷ୍ଟ ବେଙ୍ଗଲ ଭାରତରେ ନାହିଁ ତେଣୁ ୱେଷ୍ଟର ମଧ୍ୟ ଆବଶ୍ୟକତା ପଡୁନାହିଁ। ଏବେ କେବଳ ଗୋଟିଏ ବେଙ୍ଗଲ ଥିବା ବେଳେ ଏହାକୁ 'ବାଂଲା' ନାମକରଣ କରାଯାଉ ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥି ପାଇଁ ମମତା ପଞ୍ଜାବର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନରେ ମଧ୍ୟ ଏକ ପଞ୍ଜାବ ଅଛି। ଏଥିରୁ ଯଦି ବାଂଲାଦେଶ ଅନ୍ତର୍ଜାତୀୟସ୍ତରରେ ବାଂଲାଦେଶ ହେଉଛି, ଏଥିରେ ଆମକୁ ୱେଷ୍ଟବେଙ୍ଗଲ କରି ରଖିବାର ଆବଶ୍ୟକତା କ'ଣ ବୋଲି ମମତା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୧୧ ମସିହାରେ ଯେତେବେଳେ ତୃଣମୂଳ କଂଗ୍ରେସ ସରକାର ହୋଇଥିଲା ସେତେବେଳେ ରାଜ୍ୟର ନାମ ବଦଳାଇ ପଶ୍ଚିମବଙ୍ଗ ବା ପଶ୍ଚିମବଙ୍ଗୋ ନଚେତ ବାଂଲା କରିବାକୁ ଦାବି କରାଯାଇଥିଲା। ପତ୍ରରେ ମମତା ବାନାର୍ଜୀ କେବଳ ରାଜ୍ୟର ନାମ ନୁହେଁ, ଗଙ୍ଗାସାଗର ମେଳାକୁ ଜାତୀୟ ମେଳା ଘୋଷଣା କରିବାକୁ ମଧ୍ୟ ଦାବି କରିଛନ୍ତି। ମମତା ବାନାର୍ଜୀ କହିଛନ୍ତି ଯେ, ଏ ସମ୍ପର୍କରେ ଆମେ ପୂର୍ବରୁ ମଧ୍ୟ ଦାବି କରିଥିଲୁ ଓ ଏବେ ପୁଣି ଥରେ ମଧ୍ୟ ଦାବି କରୁଛୁ ବୋଲି କହିଛନ୍ତି। ଏଥର ମେଳାରେ ମଧ୍ୟ ଆମେ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବୁ ବୋଲି ସେ କହିଥିବା ବେଳେ କୁମ୍ଭମେଳା ପ୍ରତିବର୍ଷ ଆୟୋଜିତ ହେଉ ନଥିଲେ ମଧ୍ୟ ଏହାକୁ ଜାତୀୟ ମାନ୍ୟତା ଦିଆଯାଇଛି ବୋଲି କହିଛନ୍ତି। ଏଥିରେ ଗଙ୍ଗାସାଗର ମେଳା ପ୍ରତିବର୍ଷ ଅନୁଷ୍ଠିତ ହେଉଥିଲେ ବି ଏହାକୁ ଜାତୀୟ ମାନ୍ୟତା କାହିଁକି ମିଳିବନି ବୋଲି ମମତା ତର୍କ କରିଛନ୍ତି।



# ମନ୍ଦିରରେ ପୋଛା ମାରିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମହାରାଷ୍ଟ୍ର ଗସ୍ତରେ ଯାଇ ନାସିକର କାଲାରାମ୍ ମନ୍ଦିରରେ ହେଉଥିବା 'ସ୍ୱଚ୍ଛତା ଅଭିଯାନ'ରେ ଅଂଶଗ୍ରହଣ କରିଛନ୍ତି। ସେ ସେଠାରେ ଏକ ମପ୍ ଧରି ମନ୍ଦିର ପରିସରକୁ ପୋଛା ମାରୁଥିବାର ନଜର ଆସିଛନ୍ତି। ମୋଦିଙ୍କର ଏହି ସମୟର ଅନେକ ଫଟୋ ଓ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ସମସ୍ତେ ପ୍ରଧାନମନ୍ତ୍ରୀଙ୍କର ଭୂରି ଭୂରି ପ୍ରଶଂସା କରୁଛନ୍ତି।

କେବଳ ସେତିକି ନୁହେଁ, ସେ ନିଜେ ପୋଛା ମାରିବା ସହ ଅନ୍ୟମାନଙ୍କୁ ମଧ୍ୟ ସ୍ୱଚ୍ଛତା କାର୍ଯ୍ୟକଳାପ କରିବାକୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ସାରା ଦେଶରେ ମନ୍ଦିରଗୁଡ଼ିକରେ ସ୍ୱଚ୍ଛତା ଉପରେ ଗୁରତ୍ୱାରୋପ କରିଛନ୍ତି। ସେ ଶୁକ୍ରବାର କାଲାରାମ ମନ୍ଦିର ଏବଂ ରାମକୁଣ୍ଡ ପରିଦର୍ଶନ କରିଥିଲେ। ରାମ କୁଣ୍ଡରେ ସେ ପୂଜାର୍ଚ୍ଚନା କରିବା ସହ 'ଝାଞ୍ଜ' ବଜାଉଥିବାର ନଜର ଆସିଥିଲେ। ତାଙ୍କ ସହ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଓ ଅଜିତ ପାୱାର ମଧ୍ୟ ପ୍ରାର୍ଥନା କରିଥିବାର ନଜର ଆସିଥିଲେ। ମନ୍ଦିରରେ ବସି ପ୍ରଧାନମନ୍ତ୍ରୀ ଝାଞ୍ଜ ବଜାଉଥିବା ବେଳେ ଅନେକ ପୁରୋହିତ ରାମ ଭଜନ ଗାଇଥିବାର ନଜର ଆସିଥିଲେ। ମନ୍ଦିର ପୁରୋହିତମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ମୁଖରେ ରାମାୟଣର 'ଯୁଦ୍ଧ୍ କାଣ୍ଡ' ଭାଗ ମଧ୍ୟ ଗାଇଥିଲେ, ଯେଉଁଥିରେ ଭଗବାନ ରାମଙ୍କ ଅଯୋଧ୍ୟାକୁ ଫେରିବାର କଥା ରହିଛି।



# ବିସ୍ଫୋରଣରେ ୨ ମୃତ

**କାବୁଲ:** ଆଫଗାନିସ୍ତାନ ନ୍ୟୁଜ ଏଜେନ୍ସି ଖାମା ପ୍ରେସ ଅଧିକାରୀଙ୍କ ଉଦ୍ଦେଶ୍ୟରେ କହିଛି ଯେ ଗୁରୁବାର କାବୁଲରେ ବିସ୍ଫୋରଣ ପରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଆହତ ହୋଇଛନ୍ତି। ତାଲିବାନ ଦ୍ୱାରା ନିଯୁକ୍ତ କାବୁଲ ସୁରକ୍ଷା ବିଭାଗର ମୁଖପାତ୍ର ଖାଲିଦ ଜାଦରାନ କହିଛନ୍ତି ଯେ କାବୁଲରେ ଏହି ବିସ୍ଫୋରଣ ଘଟିଛି। ପିଡି ୧୮ରେ ଗ୍ରେନେଡ ବିସ୍ଫୋରଣ ଦ୍ୱାରା ଅପରାଧୀଙ୍କୁ ଖୋଜିବା ପାଇଁ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ଏକ ପୃଥକ ଘଟଣାରେ ଉତ୍ତର ମଜାର-ଇ-ସରିଫରେ ଆଉ ଏକ ବିସ୍ଫୋରଣ ଘଟିଥିବାର ସୂଚନା ମିଳିଛି। ଖାମା ପ୍ରେସ ରିପୋର୍ଟ କରିଛି ଯେ ସମ୍ଭାବ୍ୟ ଆହତଙ୍କ ସମ୍ପର୍କରେ ଅଧିକାରୀମାନେ କୌଣସି ସୂଚନା ଦେଇନାହାଁନ୍ତି। ମଙ୍ଗଳବାର କାବୁଲରେ ହୋଇଥିବା ଏକ ବୋମା ବିସ୍ଫୋରଣରେ ଅତି କମରେ ୩ଜଣଙ୍କର ମୃତ୍ୟୁ ଘଟିଛି। ଆଫଗାନିସ୍ତାନରେ ମିଳିତ ଜାତିସଂଘ ମିଶନ ସୂଚାଇ ଦେଇଛି ଯେ ଏହି ବିସ୍ଫୋରଣ କାବୁଲର ପଶ୍ଚିମ ଦସ୍ତ-ଇ-ବାରଚି ଅଞ୍ଚଳରେ ଥିବା ଜାତିଗତ ହାଜାରୀ ସମ୍ପ୍ରଦାୟକୁ ଟାର୍ଗେଟ କରିଛି।

# ଆମେରିକାର ନୌସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

**ନୂଆଦିଲ୍ଲୀ:** ଦକ୍ଷିଣ କାଲିଫର୍ଣ୍ଣିଆରେ ଆମେରିକାର ନୌସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ସମସ୍ତ କ୍ରିଉ ସଦସ୍ୟ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆମେରିକାର ସେନା ମୁଖପାତ୍ର ଏହା ନିଶ୍ଚିତ କରିଛନ୍ତି। ମୁଖପାତ୍ରଙ୍କ ଅନୁଯାୟୀ, ଆମେରିକାର ନୌସେନା ହେଲିକପ୍ଟର ଗୁରୁବାର ରାତିରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ହେଲିକପ୍ଟରରେ ସମୁଦାୟ ୬ ଜଣ ଲୋକ ଥିଲେ, ଯେଉଁମାନେ ଆଶ୍ଚର୍ଯ୍ୟଜନ ଭାବେ ବଞ୍ଚିଯାଇଛନ୍ତି। ନୌସେନା କମାଣ୍ଡର କହିଛନ୍ତି ଯେ MH-60R ହେଲିକପ୍ଟରଟି ଦକ୍ଷିଣ କାଲିଫର୍ଣ୍ଣିଆରେ ରାତି ପ୍ରାୟ ୬.୪୦ ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା। ନିୟମିତ ପ୍ରାକ୍ଟିସ ସମୟରେ ହେଲିକପ୍ଟର ଖସିପଡିଥିଲା। ଏହାପୂର୍ବରୁ ନଭେମ୍ବରରେ ମଧ୍ୟ ଆମେରିକାର ସେନା ହେଲିକପ୍ଟର ତାଲିମ ଅଭ୍ୟାସ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଜଣେ ଆମେରିକୀୟ ସେନାଙ୍କର ମୃତ୍ୟୁ ହୋଇଥିଲା। ସାମରିକ ମୁଖପାତ୍ର କହିଛନ୍ତି ଯେ, ହେଲିକପ୍ଟରରେ ଥିବା କ୍ରିଉ ସଦସ୍ୟମାନେ ଆହତ ହୋଇଛନ୍ତି, କିନ୍ତୁ ବର୍ତ୍ତମାନ ସେମାନଙ୍କର ଅବସ୍ଥା କ'ଣ? ଏ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ଆସିନାହିଁ। ଆମେରିକାର କୋଷ୍ଟଗାର୍ଡ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ବିଭାଗ ବର୍ତ୍ତମାନ ଦୁର୍ଘଟଣାର ତଦନ୍ତ କରୁଛି। ସେ କହିଛନ୍ତି ଯେ ହେଲିକପ୍ଟରରେ ଥିବା ସମସ୍ତେ ସୁରକ୍ଷିତ ସହ ଚାଲିଆସିଛନ୍ତି। ତେବେ ହେଲିକେପ୍ଟରରେ ସେଫ୍ଟି ବୋଟ୍ ମହଜୁଦ ଥଲା। ଏହାକୁ କିପରି ବ୍ୟବହାର କରାଯାଇ ପାରିବ, ତାହା ମଧ୍ୟ ତାଲିମ ଦିଆଯାଇଥିଲା। ଯେଉଁଥିପାଇଁ ୬ ଜଣ ନୂଆ ଜୀବନ ପାଇଛନ୍ତି।



# ୟୁକ୍ରେନ ଗସ୍ତରେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ

କିଭ୍: ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ସାମରିକ ପାଣ୍ଠି ବୃଦ୍ଧି ସହିତ ସମର୍ଥନର ଏକ ନୂତନ ପ୍ୟାକେଜ ଘୋଷଣା କରିବା ପାଇଁ ଶୁକ୍ରବାର କିଭ୍ ଗସ୍ତରେ ଯାଇଛନ୍ତି। ତାଙ୍କ କାର୍ଯ୍ୟାଳୟ ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ବିବୃତ୍ତିରେ କୁହାଯାଇଛି ଯେ, ସୁନକ ଆସନ୍ତା ଆର୍ଥିକ ବର୍ଷ ପାଇଁ ସାମରିକ ପାଣ୍ଠିକୁ ୨.୫ ବିଲିୟନ ପାଉଣ୍ଡ (୩.୨ ବିଲିୟନ ଡଲାର) କରିବାକୁ ଘୋଷଣା କରିବେ। ସାମରିକ ପାଣ୍ଠି ବାୟୁ ପ୍ରତିରକ୍ଷା, ଆର୍ଟିଲିରି ଗୋଳା ବାରୁଦ, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ସାମୁଦ୍ରିକ ପ୍ରତିରକ୍ଷାକୁ ଅନ୍ତର୍ଭୁକ୍ତ କରିବ। ସୁନାକ କହିଛନ୍ତି, ମୁଁ ଆଜି ଏକ ବାର୍ତ୍ତା ନେଇ ଏଠାକୁ ଆସିଛି, ଆମେ ସେମାନଙ୍କ ଅନ୍ଧକାର ସମୟରେ ୟୁକ୍ରେନ ସହିତ ଏବଂ ଆଗାମୀ ଭଲ ସମୟରେ ସେମାନଙ୍କ ସହ ଛିଡା ହେବୁ। ବ୍ରିଟେନ ଏଥିରୁ ବିଫଳ ହେବ ନାହିଁ। ପ୍ରଧାନମନ୍ତ୍ରୀ ହେବା ପରେ ସୁନକ ନଭେମ୍ବର ୨୦୨୨ରେ ପ୍ରଥମ ଥର ପାଇଁ ୟୁକ୍ରେନ ଗସ୍ତ କରିଥିଲେ।

# ଡରାଇଲାଣି କରୋନାର ନୂଆ ଭାରିଏଣ୍ଟ ଜେଏନ.୧

## ହଜାରେ ନୂଆ ସଂକ୍ରମିତ ଚିହ୍ନଟ

**ନୂଆଦିଲ୍ଲୀ:** ସମଗ୍ର ଦେଶରେ କରୋନାଙ୍କର ବିପଦ ବଢିବାରେ ଲାଗିଛ। ନୂତନ ଭାରିଆଣ୍ଟ ଜେଏନ.୧ର ମାମଲା ବଢିଚାଲିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଶୁକ୍ରବାର ସମଗ୍ର ଦେଶରେ ୬୦୯ ନୂଆ କୋଭିଡ ରୋଗୀ ପଞ୍ଜିକୃତ ହୋଇଥିବାବେଳେ ସକ୍ରିୟ ସଂକ୍ରମଣ ସଂଖ୍ୟା ୩,୩୬୮ କୁ ହ୍ରାସ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେରଳର ଦୁଇଜଣ ଏବଂ କର୍ଣ୍ଣାଟକର ଜଣେ। ଏହି ସମୟରେ, କୋଭିଡ-୧୯, ଜେଏନ.୧ର ନୂତନ ପ୍ରକାରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏହାର ସଂଖ୍ୟା ୧୦୦୦ ଅତିକ୍ରମ କରିଛି। ସୂଚନାଯୋଗ୍ୟ, କରୋନା ଜେଏନ.୧ର ନୂତନ ପ୍ରକାର ପରେ, ପ୍ରତିଦିନ ଆସୁଥିବା କରୋନା ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଏଥି ସହିତ, ଥଣ୍ଡା ପାଗ ମଧ୍ୟ ବୃଦ୍ଧି ପାଉଥିବା ସଂଖ୍ୟା ଉପରେ ବହୁତ ପ୍ରଭାବ ପକାଉଛି। କରୋନା ବଢୁଥିବା ମାମଲା ମଧ୍ୟରେ ଏକ ଭଲ ଖବର ହେଉଛି ଯେ ଅଧିକାଂଶ ସକ୍ରିୟ ମାମଲା ଘରେ ଆଇସୋଲେଶନ ମାଧ୍ୟମରେ ଠିକ ହେଉଛନ୍ତି। ଏଥିପାଇଁ ଡାକ୍ତରଖାନା ଯିବା କିମ୍ବା ଆଡମିଶନ କରିବାର କୌଣସି ଆବଶ୍ୟକତା ନାହିଁ। ଆହୁରି ମଧ୍ୟ, ଯଦି ବିଶେଷଜ୍ଞମାନଙ୍କୁ ବିଶ୍ୱାସ କରାଯାଏ, ତେବେ କରୋନା ଜେଏନ.୧ର ନୂତନ ପ୍ରକାରରେ ସଂକ୍ରମିତ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଉନାହାଁନ୍ତି କିମ୍ବା ମୃତ୍ୟୁ ହାର ବଢୁନାହିଁ।

# ଦକ୍ଷିଣ ଆଫ୍ରିକାକୁ ନେତାନ୍ୟାହୁଙ୍କ କଡ଼ା ସମାଲୋଚନା

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ମାମଲା ଦାୟର କରିଥିବା ନେଇ ଦକ୍ଷିଣ ଆଫ୍ରିକାକୁ ସମାଲୋଚନା କରିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ଏହା ସହିତ ସେ କହିଛନ୍ତି ଯେ, ଆମେ ଆତଙ୍କବାଦୀଙ୍କ ସହ ଲଢୁଛୁ ଏବଂ ମିଥ୍ୟା ସହ ଲଢୁଛୁ। ଇସ୍ରାଏଲ ବିରୋଧରେ ହୋଇଥିବା ମାମଲାର ଶୁଣାଣି ନେଦରଲ୍ୟାଣ୍ଡର ହେଗରେ ଥିବା ଆନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଆରମ୍ଭ ହୋଇଛି। ଏହି ସମୟରେ, ନେତାନ୍ୟାହୁ ଏକ ବିବୃତ୍ତିରେ କହିଛନ୍ତି ଯେ, ଆଜି ଆମେ ପୁନର୍ବାର ଏକ ଓଲଟା ଦୁନିଆ ଦେଖୁଛୁ ଯେଉଁଥିରେ ଇସ୍ରାଏଲ୍ ଉପରେ ନରସଂହାରର ଅଭିଯୋଗ ଅଣାଯାଇଛି, ଯେତେବେଳେ ଇସ୍ରାଏଲ୍ ନିଜେ ଜନଶୁଣାଣି ସହ ଲଢୁଛି। ହମାସ୍‌କୁ ନେଇ ସେ ଆହୁରି କହିଛନ୍ତି ଯେ, ଇସ୍ରାଏଲ ଆତଙ୍କବାଦୀଙ୍କ ବିରୋଧରେ ଲଢେଇ କରୁଛନ୍ତି। ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣ କରି ପାଲେଷ୍ଟାଇନ ଆତଙ୍କବାଦୀ ମାନେ ମାନବିକତା ବିରୁଦ୍ଧରେ ଏକ ଭୟଙ୍କର ଅପରାଧ କରିଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ କହିଛନ୍ତି, ଅକ୍ଟୋବର ୭ ରେ ହମାସ୍ ମହିଳାଙ୍କୁ ଆକ୍ରମଣ କରି ଦୁଷ୍କର୍ମ କରିଥିଲେ, ପୋଡି ଦେଇଥିଲେ ଏବଂ ଖଣ୍ଡ ଖଣ୍ଡ କରି ଦେଇଥିଲେ। ସେମାନେ ଶିଶୁ, ମହିଳା, ବୃଦ୍ଧ, ଯୁବକ ଏବଂ ଯୁବତୀଙ୍କ ମୁଣ୍ଡ କାଟି ଦେଇଥିଲେ। ଆଇସିଜେ ମାମଲାରେ ଦକ୍ଷିଣ ଆଫ୍ରିକାକୁ ସମାଲୋଚନା କରି ଇସ୍ରାଏଲର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ହୋଲକୋଷ୍ଟ ପର ଠାରୁ ଏକ ଆତଙ୍କବାଦୀ ସଂଗଠନ ଇହୁଦୀ ଲୋକଙ୍କ ବିରୁଦ୍ଧରେ ସବୁଠାରୁ ବଡ଼ ଅପରାଧ କରି ଚାଲିଥିଲା ଏବଂ ବର୍ତ୍ତମାନ କେହି ଏହାକୁ ଜନଶୁଣାଣି ନାମରେ ରକ୍ଷା କରିବାକୁ ଆସିଛନ୍ତି, ଏହା କଣ ଲଜ୍ଜାଜନକ ମୂର୍ଖତା। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ନେତାନ୍ୟାହୁ ତାଙ୍କ ବିବୃତ୍ତିରେ କହିଛନ୍ତି ଯେ, ଆଇଡିଏଫ୍ ହେଉଛି ଦୁନିଆର ସବୁଠାରୁ ନୈତିକ ସୈନ୍ୟ, ଯାହା ସାଧାରଣ ନାଗରିକଙ୍କୁ କ୍ଷତି ନ କରିବା ପାଇଁ ସବୁକିଛି କରିଥାଏ।



# ଶାହାରୁଖଙ୍କୁ ନୋଟିସ୍

**ମୁମ୍ବାଇ:** ଅଭିନେତା ଶାହାରୁଖ ଖାଁଙ୍କ ସମସ୍ୟା ବଢିପାରେ। ବିହାରର ମୁଜାଫରପୁର ଜିଲ୍ଲା ଗ୍ରାହକ ଆୟୋଗ ଅଭିନେତା ଶାହାରୁଖ ଖାଁଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨ରେ ହେବ। ଫୁଟବଲର ଲିଓନେଲ ମେସିଙ୍କୁ ମଧ୍ୟ ନୋଟିସ ଜାରି କରାଯାଇଛି। ଶିକ୍ଷାନୁଷ୍ଠାନର ବିଭ୍ରାନ୍ତିକର ବିଜ୍ଞାପନ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ଅଭିନେତା ଶାହାରୁଖ ଖାଁ ତାଙ୍କ ପ୍ରତିନିଧୀ ଆଡଭୋକେଟଙ୍କ ମାଧ୍ୟମରେ ମୁଜାଫରପୁର ଜିଲ୍ଲା ଗ୍ରାହକ ଫୋରମରେ ହାଜର ହୋଇଥିଲେ। ଶିକ୍ଷାନୁଷ୍ଠାନର ବିଭ୍ରାନ୍ତିକର ବିଜ୍ଞାପନ ସମ୍ପର୍କରେ ଅଭିନେତା ଏବଂ ଫୁଟବଲର ମେସିଙ୍କ ସମେତ ୭ ଜଣଙ୍କ ବିରୋଧରେ ଜିଲ୍ଲା ଉପଭୋକ୍ତା ଫୋରମରେ ଅଭିଯୋଗ କରାଯାଇଥିଲା।

# ପୁଣି ଥରିଲା ଆଫଗାନିସ୍ତାନ

**କାବୁଲ:** ଶୁକ୍ରବାର ଆଫଗାନିସ୍ତାନରେ ପୁଣି ଭୂକମ୍ପ ଅନୁଭୂତ ହୋଇଛି। ୨୪ ଘଣ୍ଟା ମଧ୍ୟରେ ଦୁଇଥର ଭୂକମ୍ପ ଅନୁଭୂତ ହୋଇଛି। ସୂଚନାନୁଯାୟୀ, ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୩ ରହିଥିଲା। ୧୭ କିଲୋମିଟରର ଗଭୀରରେ ଏହି ଭୂକମ୍ପ ଘଟିଛି। ଗତକାଲି ମଧ୍ୟ ଆଫଗାନିସ୍ତାନରେ ଭୂକମ୍ପ ଅନୁଭୂତ ହୋଇଥିଲା ଏବଂ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୨ ରହିଥିଲା। ଏହାର ପ୍ରଭାବ ଭାରତର ଅନେକ ରାଜ୍ୟରେ ମଧ୍ୟ ପଡ଼ିଥିଲା।

# ୨୦୧୬ରେ ନିଖୋଜ ବାୟୁସେନା ବିମାନର ମିଳିଲା ଭଗ୍ନାବଶେଷ

**ନୂଆଦିଲ୍ଲୀ:** ବଙ୍ଗୋପସାଗର ଉପରୁ ୨୦୧୬ ମସିହାରେ ନିଖୋଜ ହୋଇଥିବା ଭାରତୀୟ ବାୟୁ ସେନାର ଏଏନ-୩୨ ବିମାନ (ପଞ୍ଜିକରଣ କେ-୨୭୪୩)ର ଭଗ୍ନାବଶେଷ ମିଳିଛି। ଚେନ୍ନାଇ ଉପକୂଳରୁ ଏହା ପ୍ରାୟ ୧୪୦ ମାଇଲ୍ (ପ୍ରାୟ ୩୧୦ କିଲୋମିଟର) ଦୂରରୁ ମିଳିଛି। ଏହି ବିମାନରେ ପ୍ରାୟ ୨୯ ଜଣ ଯାତ୍ରା କରୁଥିଲେ। ରାଷ୍ଟ୍ରୀୟ ମହାସାଗର ପ୍ରଯୁକ୍ତି ସଂସ୍ଥାନ ନିକଟରେ ନିଖୋଜ ଏଏନ-୩୨ର ଶେଷ ଜଣା ଠିକଣାରେ ଗଭୀର ସମୁଦ୍ରରେ ଆନ୍ୱେଷଣ କରୁଥିବା ଏକ ଅଟୋମେଟିକ୍ ଅଣ୍ଡରୱାଟର ବାହାନ (ଏୟୁଭି)କୁ ମୁତୟନ କରିଥିଲା। ଏହାପରେ ସେଠାରେ ନିଆଯାଇଥିବା ଫଟୋଗୁଡିକ ଅଧ୍ୟୟନ କରାଯାଇଥିଲା ଏବଂ ତାହା ଏଏନ-୩୨ ବିମାନ ବୋଲି ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରାଳୟ କହିଛି ଯେ ସମ୍ପୃକ୍ତ ଦୁର୍ଘଟଣା ସ୍ଥଳରେ ଅନ୍ୟ କୌଣସି ବମାନ ନିଖୋଜ ହେବାର କୌଣସି ସୂଚନା ନାହିଁ। ତେଣୁ ସମ୍ଭବତଃ ଏହି ବିମାନ ଭଗ୍ନାବଶେଷ ଦୁର୍ଘଟଣାଗ୍ରସ୍ତ ଆଇଏଏଫ ଏଏନ-୩୨ ହୋଇପାରେ। ଭାରତୀୟ ବାୟୁ ସେନାର ବିମାନ ଏଏନ-୩୨ ଟ୍ୱିନ୍ ଇଞ୍ଜିନ ଏୟାରକ୍ରାଫ୍ଟ, ୨୦୧୬, ଜୁଲାଇ ୨୨ରେ ସନ୍ଦେହଜନକ ଅବସ୍ଥାନରେ ନିଖୋଜ ହୋଇଥିଲା।

# ଇସ୍ରାଏଲର ଅଲ୍-ଇନ୍-ୱାନ ମିସାଇଲ ସିଷ୍ଟମ ପରୀକ୍ଷଣ

**ନୂଆଦିଲ୍ଲୀ:** ଇସ୍ରାଏଲ ଏବଂ ହମାସ ମଧ୍ୟରେ ଜାରି ରହିଛି ଯୁଦ୍ଧ। ଆଉ ଏହାରି ମଧ୍ୟରେ ଇସ୍ରାଏଲ କରିଛି ଏକ ବଡ଼ ଘୋଷଣା। ଇସ୍ରାଏଲ ଦାବି କରିଛି ଯେ, ସେ ଏକ ନୂଆ ଏୟାର ଡିଫେନ୍ସ ସିଷ୍ଟମର ସଫଳ ପରୀକ୍ଷଣ କରିଛି। ଏଥିରେ ଭୂ-ପୃଷ୍ଠରୁ ଆକାଶକୁ ଟାର୍ଗେଟ୍ କରିପାରୁଥିବା ସ୍ପାଇଡର୍ ମିସାଇଲ୍ ସିଷ୍ଟମ ସାମିଲ୍ ରହିଛି। ନୂଆ ଏୟାର ଡିଫେନ୍ସ ସିଷ୍ଟମ ଏକ ସମୟରେ ଡ୍ରୋନ୍, ହେଲିକପ୍ଟର, କ୍ରୁଜ୍ ଓ ବାଲିଷ୍ଟିକ୍ ମିସାଇଲ୍‌କୁ ମଧ୍ୟ ଖସାଇପାରିବ। ତେବେ ବଡ଼ କଥା ହେଉଛି ଏଭଳି ଏୟାର ଡିଫେନ୍ସ ସିଷ୍ଟମ ଏବେ ସୁଦ୍ଧା କେହି ପ୍ରସ୍ତୁ କରିନଥିବା କହିଛି ଇସ୍ରାଏଲ। ଆହୁରି ମଧ୍ୟ ନୂଆ ଏୟାର ଡିଫେନ୍ସ ପରୀକ୍ଷଣର ଭିଡିଓରେ, ଏହି ଏୟାର ଡିଫେନ୍ସର ମିସାଇଲ କିଭଳି ଏକ ଲାଲ୍ ରଙ୍ଗର ବିମାନକୁ ଟ୍ରାକ୍ କରି ମାରି ଖସାଉଛି ତାହା ମଧ୍ୟ ଦେଖାଯାଉଛି। ଏହି ନୂତନ ଏୟାର ଡିଫେନ୍ସ ସିଷ୍ଟମ ସ୍ପାଇଡର ୮ ଚକ ବିଶିଷ୍ଟ ଟ୍ରକରେ ସହଜରେ ସ୍ଥାନାନ୍ତର ହୋଇପାରୁଛି। ଯେଉଁଥିରେ ମିସାଇଲ୍ ଲଞ୍ଚର ସହ ରାଡାର, କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ ରହିଛି। ଏହା ବ୍ୟତୀତ ସର୍ଭେଲାନ୍ସ ଓ ଆକ୍ୱିଜିସନ୍ ଜ୍ଞାନକୌଶଳ ରହିଛି।

# ଉପରମୁହାଁ ଖୁଚୁରା ମୁଦ୍ରାସ୍ଫୀତି, ୫.୬୯% ଛୁଇଁଲା

ନୂଆଦିଲ୍ଲୀ: ଦେଶର ଖୁଚୁରା ମୁଦ୍ରାସ୍ଫୀତି ଉପର ମୁହାଁ ରହିଛି। ଗତ ଡିସେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯% ରେକର୍ଡ କରାଯାଇଛି। ଏହା ଗତ ୪ ମାସରେ ସର୍ବାଧିକ। ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୫% ରେକର୍ଡ କରାଯାଇଥିଲା। ସେହିପରି ଡିସେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୯.୫୩% ରେକର୍ଡ କରାଯାଇଛି। ନଭେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୮.୭୦% ଥିଲା। ଗତ ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ୪.୮୭% ରହିଥିଲା। ଏହା ଗତ ୪ ମାସ ମଧ୍ୟରେ ସର୍ବନିମ୍ନ ଥିଲା। କିନ୍ତୁ ନଭେମ୍ବରରେ ଏହା ବଢ଼ିଥିଲା ଓ ଡିସେମ୍ବରରେ ଆହୁରି ବଢ଼ିଥିଲା। ତେବେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯%ରେ ପହଞ୍ଚିଥିଲେ ହେଁ ଏହା ଆରବିଆଇର ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ଗ୍ରାହକ ଦର ସୂଚକାଙ୍କ (ସିପିଆଇ) ଦ୍ୱାରା ମପା ଯାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ମେ' ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୨୫% ରହିଥିଲା। ଜୁନ ମାସରେ ଏହା ୪.୮୭% ରହିଥିଲା। ଏହା ପରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ି ଚାଲିଥିଲା। ଜୁଲାଇ ମାସରେ ଏହା ଆରବିଆଇ ଧାର୍ଯ୍ୟ ସୀମା ରେଖା ଡେଇଁ ୭.୪୪% ରହିଥିଲା। ଅଗଷ୍ଟରେ ସାମାନ୍ୟ କମିଥିଲା, କିନ୍ତୁ ଆରବିଆଇ ଧାର୍ଯ୍ୟ ସୀମା ରେଖା ଉପରେ ରହିଥିଲା। ଅଗଷ୍ଟରେ ଏହା ୬.୮୩% ରହିଥିଲା। ସେପ୍ଟେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୦୨% ହ୍ରାସ ପାଇଥିଲା। ଅକ୍ଟୋବର ମାସରେ ଏହା ଆହୁରି ତଳକୁ ଖସି ଥିଲା ଓ ୪.୮୭% ରେକର୍ଡ କରାଯାଇଥିଲା। କିନ୍ତୁ ନଭେମ୍ବର ମାସରୁ ଖୁଚୁରା ମୁଦ୍ରାସ୍ଫୀତି ପୁଣି ଉପର ମୁହାଁ ହୋଇଛି।





# ପିଇବାପାଣି ପାଇଁ  ବ୍ଲକ ସମ୍ମୁଖରେ ବସିଲେ ମହିଳା

**ବାରିପଦା(ଅମୃତ ମିଡିଆ):** ଓଡିଶା ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନା ରେ କୋଟକୋଟି ଟଙ୍କା ଖର୍ଚ କରୁଥିଲେ ମଧ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ଅବହେଳା ପାଇଁ ଲୋକେ ଆଜିବି ଝରଣା ପାଣି ପିଇ ବାକୁ ବାଧ ହେଉଛନ୍ତି । ଅଭିଯୋଗ କେଲ ମଧ ଅଧିକାରୀ ମହଲେର ତତପରତା ଦେଖା ଯାଉନଥିବା ବେଳେ, ଧାରଣା ଦେଲ ଯାଇ ଅଧିକାରୀ ଏବଂ କର୍ମଚାରୀଙ୍କ ନିଦ ଭାଙ୍ଗୁଛି । ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ବନ୍ଧଗାଁରେ । ପାନୀୟଜଳ ପାଇଁ ଲୋକମାନଙ୍କ ହିତେର ଗ୍ରାମେର ଆଠ ଗୋଟି ନଳକୂପ କରାଯାଇଥିଲେ ମଧ ସବୁ ନଳକୂପ ଅଚଳ ହୋଇ ପଡିରହିଛି ସେହିପରି ଗ୍ରାମେର ସୋଲାର ପଏଂଟ ଥିଲେ ମଧ୍ୟ ଅଚଳ



ହୋଇପଡିଛି । ପୁଣି ବସୁଧା ଜଳେଯାଗାଣ ଯୋଜନାେର ପାଇପ ଜଳର ବ୍ୟବସ୍ଥା କରାଯାଇଛି । ହେଲ ତାହା ମଧ ପୂର୍ଣ୍ଣ ମାତ୍ରାେର ଜଳ ଯୋଗାଇ ପାରୁନାହିଁ । କୌଣସି ପ୍ରକାରେର ଅଧ ଘଂଟା ପାଣି ବାହାରିଲେ ପୁଣି ଆଠ ଘଂଟା ଅେପକ୍ଷା କରିବାକୁ ପଡୁଛି । ପୁଣି ପ୍ରତି ଅଂଚଳକୁ ପାଣି ପହଂଚୁନି । ଶୀତ ଦିନେର ମେଗା ପ୍ରକଳ୍ପ ପାଣି ଯୋଗାଇବାେର ଅକ୍ଷମ ହେଉଥିବାରୁ ଖରା ଦିନେ ପାଣିପାଇବା ମୁସ୍କିଲ ହେଉଛି । ପାନୀୟ ଜଳ ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ଗ୍ରାମବାସୀ । ପାନୀୟ ଜଳ ସମସ୍ୟା ନେଇ ବିଜାତଳା ବ୍ଲକ ଅନ୍ତର୍ଗତ ବାନ୍ଧାଗାଁ ର ମହିଳା ମାନେ ବ୍ଲକ ସମ୍ମୁଖେର ହଣ୍ଡା ଗଗରା ନେଇ ବସିଥିବାର ଦେଖିବାକୁ ମିଳିଥିଲା । ଅଭିଯୋଗ ପେର ଗ୍ରାମୀଣ ଜଳ ଯୋଗାଣ ବିଭାଗର ଅଧିକାରୀ ବନ୍ଧ ଗାଁକୁ ପହଂଚି ଅଚଳ ହୋଇପଡିଥିବା ଦୁଇଟି ନଳକୂପକୁ ମରାମତି କରାଯାଉଥିବାର ଦେଖିବାକୁ ମିଳିଥିଲା । ଲୋକେ ଦୈନିକ ବ୍ୟବହାର ପାଣି ପାଇଁ ଦୁଇ କିଲୋମିଟର ଦୂର ରୁ ଝରଣା ପାଣି ଆଣୁଥିବାର ଦେଖିବାକୁ ମିଳିଥିଲା । ବାରମ୍ବାର ଅଭିଯୋଗ ସେତ୍ୱ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଶୁଣୁ ନଥିବା ବେଳ ଧାରଣା ଦେବା ପେର ଯାଇ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ତତ୍ପରତା ଦେଖାଇଥିବାର ପ୍ରକାଶ ।

# ବିବେକାନନ୍ଦ ଜୟନ୍ତୀ ଅବସରରେ ଉଦ୍ୟମତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ରେଣୁକା ମଣ୍ଡପେର ସ୍ୱେଦଶୀ ଜାଗରଣ ମଂଚ ଆନୁକୂଲ୍ୟେର ବବିେକାନନ୍ଦ ଜୟନ୍ତୀ ଅବସରେର ଉଦ୍ୟମତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୟନାନନ୍ଦ ବେହୁରାଙ୍କ ଅଧକ୍ଷତାେର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମେର ମୁଖ୍ୟ ଅତିଥି ଭାବେ ରାଜନଗର ଷ୍ଟେଟବ୍ୟାଙ୍କର ପରିଚାଳକ ପ୍ରଶାନ୍ତ ସାହୁ ଯୋଗେଦଇ ଯୁବ ଉେଦ୍ୟାଗୀମାନଙ୍କୁ କିଭଳି ଭାବେର ଋଣ ମିଳି ପାରିବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପକର୍ରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ମଂଚର ବିଭାଗ ସଙ୍ଗଠକ ସୌଭାଗ୍ୟ ମହାନ୍ତି ଯୋଗେଦଇ ସଫଳ ଉେଦ୍ୟାଗୀ ହେବାକୁ ହେଲ ଆମକୁ ନୂଆ ଚିନ୍ତା କରିବା, ବଡ ଚିନ୍ତା କରିବା ଓ



କିଛି ଅଲଗା କରିବାର ଇଚ୍ଛା ନେଇ ନିଷ୍ଠାର ସହ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ବିଦ୍ୟାର୍ଥୀ ପରିଷଦର ଜିଲ୍ଲା ପ୍ରମୁଖ ତ୍ରୈଲୋଚନ ଦାସ, ବିଜେପି ନେତା ଅଜୟକୁମାର ବେହେରା ଯୋଗେଦଇ ମତବ୍ୟକ୍ତ କରିଥିଲେ । ଏହି ଅବସରେର ଦୁଇ ଉେଦ୍ୟାଗୀ କ୍ଷୀରୋଦକୁମାର ରାଉତରାୟ ଓ ରଶ୍ମିରଂଜନ ଦାସଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ବେହୁରା ଧନ୍ୟବାଦ ଅପର୍ଣ କରିଥିଲେ ।

# ଯୁବ କ୍ରୀଡା ଉତ୍ସବ ଉଦ୍‌ଯାପିତ



**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରେର ନୂଆ - ଓ ଆନୁକୂଲ୍ୟେର ବାରିପଦା ମ୍ୟୁନିସିପାଲିଟି ସ୍ତରୀୟ ଯୁବ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ୧୪ ରୁ ୩୫ ବର୍ଷ ବୟସର ଉଭୟ ପୁରୁଷ ଓ ମହିଳା ଦଳ ଗଠନ କରାଯାଇ କ୍ରିକେଟ, ଫୁଟବଲ, ଭଲିବଲ, କବାଡି ଓ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ, ସେଥି ମଧରୁ ପ୍ରେତ୍ୟକ ଖେଳର ଶ୍ରେଷ୍ଠ ୪ ଟି ଦଳକୁ ପୁରସ୍କୃତ କରାଯାଇଛି । ଚାମ୍ପିୟାନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି, ପ୍ରଥମ ରନସର୍ଅପ ଦଳକୁ ୧୫ ହଜାର, ୨ୟ ରନସର୍ଅପ (୧) ଓ ୨ୟ ରନର୍ସ ଅପ (୨) କୁ ୧୦ ହଜାର ଲେଖାଏଁ ନଗଦ ଅଥର୍ରାଶି ପ୍ରଦାନ କରାଯିବା ସହ ସମସ୍ତ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରାଯାଇଛି । ସମସ୍ତ ଅଫିସିଆଲସ ଓ ସଂଯୋଜକ ମାନଙ୍କୁ ମଧ ପ୍ରଶଂସା ପତ୍ର ଏବଂ ପ୍ରତେଯାଗିତାେର ଅଂଶ ଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅଂଶଗ୍ରହଣକାରି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱେର ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବେର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠି ଓ ସମସ୍ତ କାଉନସିଲ ସଭ୍ୟ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ସୋମନାଥ ସିଂହ ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ପୁରୁଷ ବିଭାଗ କ୍ରିକେଟେର ଫ୍ରେଣ୍ଡସ ଉଇନିୟନ ଡିଆରେକ ଟାଇଗର୍ସ, ମୟୁରଭଞ୍ଜ ରୟାଲସ, ବିଜେଏମସିସି, ମହିଳା ବିଭାଗେର ମୟୁରଭଞ୍ଜ ହିଟ, ଏମେକସି ଗାଲର୍ସ, ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ପୁରୁଷ ବିଭାଗ ଫୁଟବଲେର ପିସି ଆଇଟିଆଇ ଟପ ସ୍କିଲସ, ଏମପିସି ଅଟନମାସ କେଲଜ, ଆଇେମନ କାେଜାଲ ଏଫସି, ଲେଡି ହେମିଲଟନ ୱାରିଅର, ପୁରୁଷ ଭଲିବଲେର ମା କିଚେକଶ୍ୱରୀ ଭଲିବଲ ଏକାେଡମୀ, ମୁସକାନ, ଏମପିସି ଅଟନମାସ କେଲଜ, ବାରିପଦା ହାୟାର ସେକଣ୍ଡାରୀ ସ୍କୁଲ, ମହିଳା ବିଭାଗେର ସରକାରୀ ମହିଳା ମହାବିଦ୍ୟାଳୟ, କ୍ରାଉନ ୱାରିଆର, ବାରିପଦା ହାଇଆର ସେକଣ୍ଡାରୀ ସ୍କୁଲ, ବଲାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପୁରୁଷ କବାଡରେ ଏମ ମହାବୀର, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ, କେଭି ଲେଜିଆନ୍ସ, ବୋଏଜ କବାଡି, ମହିଳା ବିଭାଗେର ଏମପିସି (ଅଟ) ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଏମେକସି ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀ ୱାରିଆର, ପୁରୁଷ ଖୋଖୋ ରେ ପ୍ରତିଭା ହେଷ୍ଟେଲ, ବାରିପଦା ଏମପିଏଲ, ଟିଟିଆଇ ତକତପୁର, ରୁରାଲ ଇେଲଭନ କେେକ ଟିମ, ମହିଳା ବିଭାଗେର ଟିମ ବାରିପଦା, ମୟୁରଭଞ୍ଜ ଟାଇଗର୍ସ, ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗୀ ୱାରିଆର ଯଥାକ୍ରେମ ୧ମ, ୨ୟ, ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

# ପଞ୍ଚାୟତରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ



**ବାସୁଦେବପୁର(ଅମୃତ ମିଡିଆ):** ଜଗନ୍ନାଥ ମନ୍ଦିର ପରିସର ରେ ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ଶ୍ରୀ ଜଗନ୍ନାଥ ଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇ ଯାଇଛି। ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ ,, ସ୍ଥାନୀୟ ଅଧିକାରୀ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଏହି ଅବସର ରେ ଏସ ଡି ପି ଓ ସୌରଭ ଅତା ଓ ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସର ରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ର ସଦସ୍ୟ ମାନେ ଉପସ୍ଥିତ ରହି ଶଙ୍ଖ ହୁଳୁ ହୁଳି ଦେଇ ରଥ ଶୁଭାରମ୍ଭ କାର୍ଯ୍ୟ ରେ ଯୋଗ ଦେଇଥିଲେ। ଜଗନ୍ନାଥ ମନ୍ଦିର ପରିସର ରେ ଏକ ଭକ୍ତି ପୂର୍ଣ୍ଣ ପରିବେଶ ସୃଷ୍ଟି ହେବା ସହ ଜୟ ଜଗନ୍ନାଥ ଧ୍ୱନି ରେ ଚତୃଦିଗ ପ୍ରକମ୍ପିତ ହୋଇଥିଲା। ଏହି ଅବସର ରେ ଏହି ରଥ ସବୁ ୱାର୍ଡ ପ୍ରତି ଘର ଘର କୁ ଯାଇ ଅରୁଆ ଚାଉଳ, ଗୁଆ ସଂଗ୍ରହ ହେବ ବୋଲି ଜଣା ଯାଇଛି।

# ବାବା ବଳିଆଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ କୁନିପୁଅ ଅଚ୍ୟୁତ

**କୁଜଙ୍ଗ(ଅମୃତ ମିଡିଆ):** ଆଜି ଜାତୀୟ ଯୁବ ଦିବସ ବା ଭାରତୀୟ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ! କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଗ୍ରାମ ର ଜ୍ୟୋତିର୍ବିଦ ତଥା ସମାଜ ସୁଧାରକ ଡ଼ ଅରୁଣ କୁମାର ପାଣି ଙ୍କ ଏଗାର ବର୍ଷ ର ପୁଅ ଅଚ୍ୟୁତ ଆଶୁତୋଷ ଜିଦି ଧରିଥିଲା ଯେ ସେ ଆଜି ହିଁ ପୁଜ୍ୟ ପୂଜକ ବାବା ବଳିଆ ଙ୍କ ଶିଷ୍ୟତ୍ୱ ଗ୍ରହଣ କରିବ ! ଅରୁଣ ପୁଅ କଥା ଶୁଣି ଆଶ୍ରମ ସହ ଯୋଗାଯୋଗ କରିଥିଲେ, ସଂଯୋଗ ବଶତଃ ପୁଜ୍ୟ ବାବା ଆଜି ଆଶ୍ରମ ଫେରିଥିଲେ ! ତେଣୁ ଅଚ୍ୟୁତ ଆଜି ଗୁରୁମନ୍ତ୍ର ଗ୍ରହଣ କରିଥିଲେ ! ଏଠାରେ ସୂଚନା ଯୋଗ୍ୟ ଯେ ଅଚ୍ୟୁତ ପୂର୍ବରୁ ରାହାମା ର ଆମ ସମାଜ, ଆମ ପରିବାର କାର୍ଯ୍ୟକ୍ରମ ରେ ବାବା ଙ୍କ ସାନିଧ ରେ ଶିଶୁ ସଂକଳ୍ପ କରିଥିଲେ ! ପିଲା ଦିନ ଠାରୁ ସେ ବାବା ବଳିଆ ଙ୍କ ପ୍ରତି ଶ୍ରଦ୍ଧା ରଖି ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ବୃକ୍ଷ ରୋପଣ, ଜୀବେ ଦୟା, ଆଧାତ୍ମିକ ଚେତନା ରେ ଅନୁପ୍ରାଣିତ ! ତାଙ୍କ ବାପା ଡ଼



ଅରୁଣ ପାଣି ମଧ ବାବା ବଳିଆ ଙ୍କ ଶିଷ୍ୟତ୍ୱ ଲାଭ ପରେ ସମାଜ ସେବା ଓ ସାମାଜିକ ସଂସ୍କାର ରେ ମନୋନିବେଶ କରିଛନ୍ତି ! ଡ଼ ଅରୁଣ କୁହନ୍ତି ବାବା ଙ୍କ ବାସ୍ତବ ବାଦୀ ଶିକ୍ଷା ଓ ସାମାଜିକ ସଂସ୍କାର ର ଆଶ୍ରିବାଦ ତାଙ୍କ ପୁଅ କୁ ଏକ ଭଲ ମଣିଷ କରି ଗଢି ତୋଳିବ ବୋଲି ତାଙ୍କର ବିଶ୍ୱାସ ଓ ଭରଷା ରହିଛି !

# ପୁଷ୍ପ ଗିରି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାହାଙ୍ଗା( ଅମୃତ ମିଡ଼ିଆ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୁଷ୍ପ ଗିରି ମହାବିଦ୍ୟାଳୟ,ଏରକଣା ର ୩୪ ତମ ବାର୍ଷିକ ଉତ୍ସବ ,ସରକାରଙ୍କ ' ନୂଆ - ଓ' ର ଉଦଯାପନୀ ଉତ୍ସବ ରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେହେରା ଅଧକ୍ଷତା କରିଥିଲେ।ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା,ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଓ? ସମବାୟ ବିଭାଗ ,ଓଡ଼ିଶା ଅତନୁ ସବ୍ୟସାଚି ନାୟକ ଯୋଗ ଦେଇ ପ୍ରଥମେ ଐତିହ ସଂପନ୍ନ ମାହାଙ୍ଗା ମାଟି କୁ ସମ୍ମାନ ଜଣାଇ ଏମାଟିର ବରପୁତ୍ର ବିକାଶ ର ସାରଥି ବିଧାୟକ ପ୍ରତାପ ଜେନା ଙ୍କୁ ଖୁବ୍ ପ୍ରଶଂସା କରି ମହାବିଦ୍ୟାଳୟର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ମତପ୍ରଦନ କରିଥିଲେ।ବିଶିଷ୍ଟ ଅତିଥି ମାନ୍ୟବର ବିଧାୟକ ପ୍ରତାପ ଜେନା ଯୋଗ ଦେଇ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ସମସ୍ତ ଅଭାବ ଅସୁବିଧା ବୁଝିବା ପାଇଁ ପ୍ରତିଶ୍ରୁତି ଦେବା ସହ ଛାତ୍ର ଛାତ୍ରୀ ମାନେ ମୋ ପୁଅ ଝିଅ ଭଳି। ସେମାନଙ୍କର ସମସ୍ତ ଅସୁବିଧାକୁ ଅଗ୍ରାଧିକାର




ଦିଆଯିବ ବୋଲି କହିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପରିଳନା ସଭାପତି ରୂିନ୍ଦ୍ର ନାଥ ମଲ୍ଲିକ,ବିଧାୟକ ଙ୍କ ବ୍ୟକ୍ତି ଗତ ସହାୟକ ଉମାଶଙ୍କର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦିପା ମଲ୍ଲିକ,ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି,ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଯୋଗ ଦେଇଥିଲେ।ଓଡ଼ିଆ ସିନେ ଅଭିନେତ୍ରୀ ଶୀତଲ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।ଗିରିଶ ଦ୍ୟାନ୍ସ ଗ୍ରୁପ ର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ ଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା।କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଅଧାପକ ସୁଧାଂଶୁ ଶେଖର ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ଅନ୍ୟମାନଙ୍କ ମଧରେ ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ,ପ୍ରଫୁଲ୍ଲ କୁମାର ସେଠୀ,ଭବାନୀ ଶଙ୍କର ସାମଲ,ତ୍ରିନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ବିଶ୍ୱବିଦ୍ୟାଳୟ କ୍ରିକେଟ ଖେଳ ଚୟନ ଶିବିର



**ବାରିପଦା(ଅମୃତ ମିଡିଆ):** ବାରିପଦା ଷ୍ଟାଡିୟମ ଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କ୍ରିକେଟ ଟିମ ଚୟନ ନିମେନ୍ତ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୨୮ଜଣ ଖେଳାଳି ଏହି ଚୟନ ଶିବିରେର ଯୋଗ ଦେଇଥିଲେ । ୨୮ ଜଣ ମଧରୁ ମୋଟ ୧୬ ଜଣିଆ କ୍ରିକେଟ ଟିମ ଚୟନ କରାଯିବ ବୋଲି ଜଣାଯାଇଛି । ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କାଉନସିଲ ସେକ୍ରଟାରୀ ଡ଼କ୍ଟର ପ୍ରଭଞ୍ଜନ ମଲ୍ଲିକ କ୍ରିକେଟ ଟିମ ଚୟନ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳ, ମୟୂରଭଞ୍ଜ କେଲଜ ଅଫ ଆକାଉଂଟେନସି ଆଣ୍ଡ ମ୍ୟାନେଜମେଂଟର ଅଧ୍ୟକ୍ଷ ତଥା ଅର୍ଗାନାଇଜିଙ୍ଗ ସେକ୍ରଟାରୀ ପ୍ରଦୀପ କୁମାର ନାୟକ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ, ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ ଚୟନ କମିଟି ମେମ୍ବର ରଞ୍ଜିତ ନାୟକ ପ୍ରମୁଖ ଉଦଘାଟନି ଉତ୍ସବେର ଉପସ୍ଥିତ ଥିଲେ

# ଜୟପୁରରେ ଜାତୀୟ ଯୁବ ସମାବେଶ



**ଜୟପୁର(ଅମୃତ ମିଡିଆ):** ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜନ୍ମ ଦିବସ କୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଛି । ଏହି ଅବସର ରେ ଆଜି ଏକ ବାଇକ ଶୋଭାଯାତ୍ରା ସହ ଯୁବ ସମାବେଶ ଅନୁଷ୍ଠିତ ହୋଇଛି । ସୁଧାଂଶୁ ଶେଖର ଜେନାଙ୍କ ଆହ୍ୱାନରେ ଅନୁଷ୍ଠିତ କାଯ୍ୟକ୍ରମରେ ଶହ ଶହ ଯୁବକ ସାମିଲ ହୋଇଥିଲେ । ପ୍ରଥମେ ଶହ ଶହ ଯୁବକ ହାନାଗୁଡା ଠାରେ ଏକତ୍ରିତ ହୋଇ ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରି ଗାନ୍ଧୀ ଛକ ସ୍ଥିତ ଏକ ଫଙ୍କସନ ହଲରେ ପହଞ୍ଚି ଥିଲେ । ସେଠାରେ ଯୁବ ସମା ବେଶ ଅନୁଷ୍ଠିତ ହୋଇଥିଲା । ଏହି ଯୁବ ସମାବେଶରେ ଆବାହକ ସୁଧାଂଶୁ ଶେଖର ଜେନା, ମହାରାଷ୍ଟ୍ର ବିଦର୍ଭ ପ୍ରାନ୍ତର ସଂସ୍କୃତି ଭାରତ ମହାମନ୍ତ୍ରୀ ଭରତ କୁମାର ପଣ୍ଡା ମଞ୍ଚାସିନ ଥିଲେ । ଶତାଧିକ ଯୁବକ ସାମିଲ ହୋଇଥିଲେ । ଆବାହକ ଜେନା ବାଲ୍ୟ ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶାଖାର ମୁଖ୍ୟ ଶିକ୍ଷକ ଦାୟିତ୍ୱ ଠାରୁ ଆରମ୍ଭ କରି ପ୍ରାନ୍ତ ଦାୟିତ୍ୱ ନିବାହ କରିବା ପରେ ୨୦୧୮ ମସିହାରୁ ଭାରତୀୟ ଜନତା ଦଳରେ ସକ୍ରିୟ ହୋଇ ଯୁବ ମୋର୍ଚ୍ଚା ରାଜ୍ୟ କାଯ୍ୟକାରିଣି ସଦସ୍ୟ ଦାୟିତ୍ୱ ତୁଲାଇ ଥିବା ଜଣାଯାଇଛି । ଆଜିର କାଯ୍ୟକ୍ରମରେ କାର ସେବକ ବାବୁ ଭାଇ ବଜରଙ୍ଗି, ଲକ୍ଷ୍?ମୀ କାନ୍ତ ମିଶ୍ର, ଦେବେନ୍ଦ୍ର ବାହିନିପତି, ରାଧା କାନ୍ତ ରଥ, କାହ୍ନୁ ଚରଣ ଗନ୍ତାୟତ, ସତ୍ୟ ନାରାୟଣ ଦାଶ, ହରିଦାଶ ତ୍ରିପାଠି ,ଦେବୀ ପଣ୍ଡା, ଅରୁଣ ରାହା, ରତ୍ନାକର ଭଟ୍ଟ, ମୃତ୍ୟୁଞ୍ଜୟ ପାଢୀ, କିଶୋର ବେହେରା ,ଶତ୍ରୁଘନ ପଣ୍ଡା ଙ୍କୁ ସମ୍ମାନିତ କରାଯାଇଥିଲା

# ଜୟଜଗନ୍ନାଥ ଧ୍ୱନିରେ ରଘୁନାଥପୁର ବଡଦାଣ୍ଡ ପ୍ରକମ୍ପିତ

**ରଘୁନାଥପୁର(ଅମୃତ ମିଡିଆ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ରଘୁନାଥପୁର ପଂଚାୟତରେ ଆଜି ମହା ଆଡମ୍ବରରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଶଙ୍ଖ, ହୁଳହୁଳି,ଭଜନ,କୀର୍ତନ, ଜୟ ଜଗନ୍ନାଥ ଧ୍ୱନିରେ ଏହି ରଥ ପଂଚାୟତର ପଦ୍ମପୁର,ବଡଦାଣ୍ଡ,କୋରକରା,ହୁରାସାହି,ସିଦ୍ଧଭୂଇଁ,ବାମ୍ପିତୋଳା,ଅଯୋଧ୍ୟାପୁର ଗ୍ରାମ ପରିକ୍ରମା କରିଥିଲା। ଏହି ରଥକୁ ରଘୁନାଥପୁର ସରପଂଚ ସୁଚିତ୍ରା ପଣ୍ଡା, ନାଏବ ସରପଂଚ,ସମାଜସେବୀ ଚନ୍ଦ୍ରକାନ୍ତ ପଣ୍ଡା, ପଂଚାୟତ ସ୍ତରୀୟ ମହିଳା ଗ୍ରୁପର ଶତାଧିକ ମହିଳା ସଦସ୍ୟା, ଏମବିକେ,ସିଆରପି,ପଂଚାୟତ ପିଇଓ, ଗ୍ରୁପ ସଭାନେତ୍ରୀ,ସଂପାଦିକା ପ୍ରମୁଖ ସ୍ୱାଗତ କରିବା ସହ ପଂଚାୟତ ପରିକ୍ରମା କରାଇଥିଲେ।

# ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମାଜର ୨୬ତମ ବାର୍ଷିକ ଅଧିବେଶନ

## ପଣ୍ଡିତଶ୍ରୀ ନୀଳମାଧବ ତ୍ରିପାଠୀ ସଭାପତି ମନୋନୀତ



**ବ୍ରହ୍ମପୁର(ଅମୃତ ମିଡିଆ) :** ବ୍ରାହ୍ମଣ ଓ ପୁରୋହିତ ମାନେ ସମାଜକୁ ସଚେତନ ଓ ସଂସ୍କାର କରିବା ସହ ସମଗ୍ର ଜାତି କୁ ସତ୍ ମାର୍ଗରେ ପରିଚାଳିତ କରିବା ସହ ବିଶ୍ବରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ସଦା ସର୍ବଦା କାର୍ଯ୍ୟ କରିଥାନ୍ତି। ଏଣୁ ଉଭୟ ସରକାର ଏମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଗତକାଲି ବାଲ୍ୟ ଠାକୁରାଣୀ ମନ୍ଦିରରେ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମାଜ ର ୨୬ତମ ବାର୍ଷିକ ଅଧିବେଶନ ଉତ୍ସବ ରେ ବକ୍ତା ମାନେ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ଶ୍ରୀ ପ୍ରଫୁଲ୍ଲ ରଥ, ଶ୍ରୀ ହୃଷିକେଶ ପାଣିଗ୍ରାହୀ,ପଣ୍ଡିତ ହରିହର ଦାସ, ପଣ୍ଡିତ ଲଦୁକିଶୋର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧିବେସଣ ରେ ଜିଲ୍ଲାର ସତାଧିକ ସଦସ୍ୟ ଯୋଗଦାନ କରିଥିଲେ। ଏହି ଅବସରରେ ଆଗାମୀ ତିନି ବର୍ଷ ନିମନ୍ତେ ପଣ୍ଡିତଶ୍ରୀ ନୀଳମାଧବ ତ୍ରିପାଠୀ ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିବାବେଳେ କମିଟି ର ସମ୍ପାଦକ ଭାବେ ପଣ୍ଡିତ ଶ୍ରୀ ସନ୍ତୋଷ କର କୋଷାଧକ୍ଷ ପଣ୍ଡିତ ଶ୍ରୀ ସନ୍ତୋଷ ତ୍ରିପାଠୀ, ଉପସଭାପତି ଭାବେ ପଣ୍ଡିତ ଅକ୍ଷୟ ପାଢ଼ୀ, ଶ୍ରୀ କରୁଣାକର ଦାସ,ଶ୍ରୀ ନରସିଂହ ପାଢ଼ୀ, ଆବାହକ ପଣ୍ଡିତ ବାବୁଲା ଷଡଙ୍ଗୀ , ସାଂଗଠନିକ ସମ୍ପାଦକ ପଣ୍ଡିତ ଉମାବଲ୍ଲଭ ରଥ ଓ ଶ୍ରୀ ଅପୂର୍ବ ରଥ , ସହ ସମ୍ପାଦକ ନିରଞ୍ଜନ ନନ୍ଦ ଓ ଟୁଟୁ ରଥ, ମୁଖ୍ୟ ସଂଯୋଜକ ପଣ୍ଡିତ ରବୀନ୍ଦ୍ର ଷଡଙ୍ଗୀ ସହ ସଂଯୋଜକ ପଣ୍ଡିତ ବିଭୁନନ୍ଦନ ପଣ୍ଡା ପଣ୍ଡିତ ଯଜ୍ଞନାରାୟଣ ରଥ, ଉପଦେଷ୍ଟା ଭାବେ ଶ୍ରୀ ନାରାୟଣ ରଥ,ପଣ୍ଡିତ ଶ୍ରୀ ଅଶୋକ ପାଢ଼ୀ, ପଣ୍ଡିତ ଶ୍ରୀ ଉମାବଲ୍ଲଭ ଦାଶ ଓ ଆଇନ ପରାମର୍ଶ ଭାବେ ଶ୍ରୀ ଶରତ ରୁଦ୍ର ଦାସ ଓ ଶ୍ରୀ ଡ ସୁଧାଂଶୁ କର ପ୍ରମୁଖ ମୋନୋନିତ ହୋଇଥିବା ବେଳେ ପରିଚାଳନ କମିଟି ସଦସ୍ୟ କୁ ୧୧ ଜଣ ବରିଷ୍ଠ ସଦସ୍ୟ ମୋନୋନୀତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସମାଜ ତରଫରୁ ବହୁ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେବା ସହ ସ୍ଥାୟୀ କାର୍ଯ୍ୟାଳୟ ସ୍ଥାପନ ଓ ବ୍ରାହ୍ମଣ ପୁରୋହିତ ସମାଜ ର କଲ୍ୟାଣ ନିମନ୍ତେ ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ନବ ନିର୍ବାଚିତ ସଭାପତି ପଣ୍ଡିତ ଶ୍ରୀ ନୀଳମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି।

# ଭାଟଖାଲିରେ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ୪ର୍ଥ ବ୍ଲକସ୍ତରୀୟ ଆଲୋଚନା



**ପୋଲସରା (ଅମୃତ ମିଡିଆ):** ଗଂଜାମ ଜିଲ୍ଲା ପୋଲସରା ବ୍ଲକ ରୁମାଗଡ ଗ୍ରାମପ ାୟତ ସ୍ଥିତ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ଭାଟଖାଲି ଠାରେ ପ୍ରଧାନଶିକ୍ଷକଙ୍କ ୪ର୍ଥ ବ୍ଲକ ସ୍ତରୀୟ ମାସିକ ଆଲୋଚନା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କର୍ତୃପକ୍ଷ (ଓସେପା), ଗଂଜାମ ଜିଲ୍ଲା ଶିକ୍ଷା ବିଭାଗର ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଭାଟଖାଲି ଗ୍ରାମ ସ୍ଥିତ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ବ୍ଲକର ୪ର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଦ୍ଧନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବି.ଇ.ଓ ପି କୁମାର ପ୍ରଧାନ ଏବଂ 'ମୋ ସ୍କୁଲ' ର ରାଜ୍ୟ ସଂଯୋଜିକା ଲିଲା ପଣ୍ଡାଙ୍କ ସମେତ ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟକୁ ମିଶାଇ ସର୍ବମୋଟ ୩୩ ଗୋଟି ଉଚ୍ଚ ବିଦ୍ୟାଳୟ ଗୁଡିକ ମଧ୍ୟରୁ ମୋଟ ୩୦ ଗୋଟି ବିଦ୍ୟାଳୟ (ହାଇସ୍କୁଲ) ଗୁଡିକର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରିମାନେ ଯୋଗ ଦେଇଥିଲେ। ଅତିଥି ଦେବୋ ଭବଃ ନୀତିରେ ବିଦ୍ୟାଳୟର ରେଡ୍ କ୍ରସ୍ ଓ ସ୍କାଉଟ୍ ଗାଇଡର ଛାତ୍ରଛାତ୍ରୀମାନେ ସମସ୍ତ ଅତିଥି ଏବଂ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପାରମ୍ପରିକ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫-ଟି ରେ ରୁପା'ରିତ ସ୍କୁଲ ପରିଚାଳନା ଓ ଶୈକ୍ଷିକ ବାତାବରଣ ସୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର ଯୋଜନାର ସଫଳ ରୂପାୟନ, ହାଇସ୍କୁଲ ଗୁଡିକର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ, ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ହେବାକୁ ଥିବା ଜିଜ୍ଞାସା, କୌଶଳୀ, ସାହିତ୍ୟ ସୃଜନା ଓ କ୍ରୀଡାଙ୍ଗନ, ବିଶ୍ୱ ଓଡିଶା ସମ୍ମିଳନୀ, ବିଦ୍ୟାଳୟ ଏବଂ ହାଉସ୍ ସିଷ୍ଟମ୍ ର କାର୍ଯ୍ୟକାରିତା, ମ୍ୟାଟ୍ରିକ୍ ପରିକ୍ଷାରେ ପ୍ରସ୍ତୁତି, ପରିକ୍ଷା କେନ୍ଦ୍ର, ଛାତ୍ରଛାତ୍ରୀମାନଙ୍କ ନିମନ୍ତେ କ୍ଲବ୍ ସିଷ୍ଟମ୍, ଇ-ଲାଇବ୍ରେରୀରେ ଇ-କ ଟ୍ ର ଉପଲବ୍ଧତା ଓ ବ୍ୟବହାର, ଶୁଦ୍ଧ ପାନୀୟ ଜଳ, ପୃଥକ୍ ଶୌଚାଳୟ ସମେତ ବିଭିନ୍ନ ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏଥି ସହ ବିଦ୍ୟାଳୟର ସମସ୍ତ ରେକର୍ଡ ପତ୍ର ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନଙ୍କ ଦ୍ୱାରା ଟିକିନିଖି ଭାବେ ତଦନ୍ତ ହୋଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଇନ୍ଦ୍ରମଣି ନାହାକ ଅନୁଷ୍ଠାନ ତରଫରୁ ଉପସ୍ଥିତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାହିସାହିରେ ଭକ୍ତିମୟ ପରିବେଶରେ ସ୍ୱାଗତ କରୁଛନ୍ତି ଅର୍ପଣ ରଥ



**ବାଲିଗୁଡ଼ା(ଅମୃତ ମିଡିଆ):** ବାଲିଗୁଡା ଏନଏସି ରେ ଘରେ ଘରେ ଭବ୍ୟ ସ୍ୱାଗତ କରିବା ସହିତ ଗୁଆ ଓ ଚାଉଳ ପ୍ରଦାନ କରିଛନ୍ତି ଅର୍ପଣ ରଥ କୁ। ଜାନୁଆରୀ ୧୭ ତାରିଖ ରେ ଲୋକାର୍ପିତ ହେବା କୁ ଥିବା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଭକ୍ତି ମୟ ସୃଷ୍ଟି ହୋଇଛି ବାଲିଗୁଡା ସହରରେ । ଏଥିରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ,ସାଂସଦ ପ୍ରତିନିଧି ଟୁନା ଦାସ,ଏନଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ, ଉପାଧକ୍ଷା ଶାନ୍ତି କୁମାରୀ ନାୟକ,ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ,ବାଲିଗୁଡା ନିର୍ବାଚନ ମଣ୍ଡଳୀ ର ପର୍ଯ୍ୟବେକ୍ଷକ ଅଜୟ ମହାରଣା ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ ସମେତ କାଉନସିଲର, ଏନଏସି କର୍ମଚାରୀ ବାଇଧରମଲିକ, କମ୍ବୁପାଣି ପାଣିଗ୍ରାହୀ, ସମେତ ଷ୍ଟାଫ୍ ଥିଲେ। ଅର୍ପଣ ରଥ ବାଲିଗୁଡା ଏନଏସି ରୁ ବାହାରି ତିନି, ଆଠ, ଦଶ, ଏଗାର, ବାର ଓ ତେର ନମ୍ବର ୱାର୍ଡ ପରିକ୍ରମା କରିଥିଲା। ରଥ ପରିକ୍ରମା ସମୟରେ ଜୟ ଜଗନ୍ନାଥ, ହୁଳହୁଳି,ସଂକୀର୍ତନ, ଘୁମୁରା, ମହିଳା ସଂକୀର୍ତନ ସହ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସ୍ଥାନୀୟ ବାସିନ୍ଦା, ଏଥିରେ ସାମିଲ ହୋଇଥିଲେ।

# ନାଚୁଣୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା



**ଚିଲିକା (ଅମୃତ ମିଡ଼ିଆ) :** ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ଅବ୍ୟବହିତ ପୂର୍ବରୁ ନାଚୁଣୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସାରସ୍ୱତ ପ୍ରତି ଯୋଗିତା ଆଜି ମହାବିଦ୍ୟାଳୟର ପ୍ରେକ୍ଷାଳୟ ଗୃହରେ ଉଦ୍ ଘାଟିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ବଳିୟାର ସିଂହ ସର୍ବ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧକ୍ଷ ଶ୍ରୀ ବଳିୟାର ସିଂହ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ ଘାଟନୀ ସଭାରେ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଅରୁଣ କୁମାର ଦାଶ, ନୋଡାଲ୍ ଅଧିକାରୀ ପ୍ରଫେସର ରାଜକିଶୋର ସାହୁ, ସାଂସ୍କୃତିକ ପରିଷଦର ଅଧକ୍ଷା ଡଃ ସୁଭଦ୍ରା ଭୋଳ, ଇଂରାଜୀ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧାପିକା ସଂଘମିତ୍ରା ପଟ୍ଟନାୟକ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଧାରା ଉପରେ ସାରଗର୍ଭକ ଉଦ୍ ବୋଧନ ଦେଇଥିଲେ। ଏହାପରେ ପ୍ରତିଯୋଗିତା କ୍ରମରେ ପ୍ରବନ୍ଧ କବିତା ଆବୃତ୍ତି ଯୁକ୍ତ ତିନି ଓ ଯୁକ୍ତ ଦୁଇ ଶ୍ରେଣୀ ର ଛାତ୍ର ଛାତ୍ରୀ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ବିଚାରକ ଭାବେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଅଧାପିକା ସଂଘମିତ୍ରା ପଟ୍ଟନାୟକ, ଅରୁଣ କୁମାର ଦାଶ ଯୋଗ ଦେଇ କୃତୀ ପ୍ରତିଭା ମାନଙ୍କର ମୂଲ୍ୟାଙ୍କନ କରିଥିଲେ।

# ମନ୍ତ୍ର ବେଦଧ୍ୱନୀରେ ଚୌଦ୍ୱାରରେ ଗଡ଼ିଲା ଅର୍ପଣ ରଥ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଆଜି ସକାଳ ୮ଘଟିକା ସମୟରେ ଗାନ୍ଧିଛକ ସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖରେ ହୋମ ଓ ପୂଜାର୍ଚ୍ଚନା କରାଯିବା ପରେ ୨ଟି ଅର୍ପଣ ରଥ ପରିକ୍ରମାର ଶୁଭାରାମ୍ଭ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁଚରଣ ପରିଡ଼ା ଓ କାଉନ୍‌ସିଲର ସୁବ୍ରତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ୨ଟି ଅର୍ପଣ ରଥ ସମ୍ମୁଖରେ ମନ୍ତ୍ରଧ୍ୱନୀ, ବେଦପାଠ, ହୋମଯଜ୍ଞ, ହରିବୋଲ, ହୁଳହୁଳି ଓ ଶଙ୍ଖଧ୍ୱନୀରେ ପୂଜାକାର୍ଯ୍ୟ ସମାପନ କରାଯାଇଥିବା ବେଳେ ବିଧାୟକ ପ୍ରତିନିଧି ଶ୍ରୀ ପରିଡ଼ା କ । ଭାବେ ଉପସ୍ଥିତ ଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ର ଓ ପୌରାଧକ୍ଷା ଶ୍ରୀମତୀ ସାମଲ ଅର୍ପଣ ରଥ ସମ୍ମୁଖରେ ନଡ଼ିଆ ଭାଙ୍ଗି ପରିକ୍ରମାର ଶୁଭାରମ୍ଭ କରିଥିଲେ । ମଂଚରେ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିବା ବେଳେ ୧୨ନଂ. ୱାର୍ଡ଼ କାଉନ୍‌ସିଲର ଶ୍ରୀ ସାମଲ ମଂଚ ପରିଚାଳନା କରିଥିଲେ। ସମସ୍ତେ ଏକମନ, ଏକପ୍ରାଣ ହୋଇ ଭକ୍ତି ଭାବର ସହିତ ରଥ ପରିକ୍ରମାରେ ସାମିଲ ହୋଇ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନିକଟରେ ନିଜକୁ ସମର୍ପଣ କରନ୍ତୁ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିବା ବେଳେ ସଂଧ୍ୟା ୫ଟା ସୁଦ୍ଧା ସମସ୍ତ ୱାର୍ଡ଼ ଯଥା ୧, ୨, ୩, ୪, ୫, ୬, ୭ ଓ ୮ ରେ ଅର୍ପଣ ରଥ ପରିକ୍ରମା କରିବା ସହ ଶିବାଜୀ ନଗର ଠାରେ ଶେଷ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ଜଣାପଡ଼ିଛି ।

# ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍‌ର ସଚେତନତା କାର୍ଯ୍ୟକ୍ରମ



**ଛତ୍ରପୁର(ଅମୃତ ମିଡିଆ):** ଚଳିତ ବର୍ଷ ଅନୁଷ୍ଠିତ ଏକକ ନିର୍ବାଚନ ନିମନ୍ତେ ବ୍ୟବହୃତ ହେବାକୁ ଥିବା ଇଭିଏମ୍ ର ବ୍ୟବହାର କରି କିଭଳି ଭୋଟଦାତାଗଣ ନିଜର ମତ ସାବ୍ୟସ୍ତ କରିବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ଆରମ୍ଭ ହେବ । ଏଥି ନିମନ୍ତେ ଶୁକ୍ରବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହାର ଶୁଭାରମ୍ଭ କରିଛନ୍ତି । ବିଗତ ନିର୍ବାଚନ ଭଳି ଚଳିତ ନିର୍ବାଚନରେ ମଧ୍ୟ ଭୋଟଦାତାଗଣ ନିଜର ମତ ଇଭିଏମ୍ ଜରିଆରେ ଦେବେ । ଏଣୁ ସେହି ଇଭିଏମ୍ ଦ୍ୱାରା ଭୋଟଦାତା କିଭଳି ନିଜ ମତ ଉପସ୍ଥାପନ କରିବେ ତାହାର ସଚେତନ କରିବାକୁ ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଅଛି । ଏହାର ଅନୁପାଳନ କରାଯାଇ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାନଙ୍କରେ ଭୋଟଦାତାଗଣ ଭୋଟ ଦେବାର ପ୍ରକ୍ରିୟା ସମ୍ପର୍କରେ ଏହି କେନ୍ଦ୍ର ମାନଙ୍କରୁ ଅବଗତ ହୋଇ ପାରିବେ । ଏହା ସାଥେ ସାଥେ ଚଳିତ ମାସ ୧୬ ତାରିଖ ଠାରୁ ସମସ୍ତ ବ୍ଲକ୍, ପୌରାଞ୍ଚଳ ଏବଂ ମହାନଗର ନିଗମ ଅଞ୍ଚଳ ଗୁଡିକରେ ଏକ ସ୍ୱତନ୍ତ୍ର ପ୍ରଚାର ଗାଡିରେ ଇଭିଏମ୍ ରହି ୩୨ ଦିନ ପର୍ଯ୍ୟନ୍ତ ଭୋଟଦାତା ମାନଙ୍କୁ ସଚେତନ କରାଇବାର କାର୍ଯ୍ୟକ୍ରମ ରହିଅଛି । ଭୋଟଦାତାଗଣ ଉକ୍ତ ଇଭିଏମ୍ ଦ୍ୱାରା କିଭଳି ଭୋଟ ଦେବେ ତାହା ନିଜେ ଉକ୍ତ ସ୍ଥାନରେ ଭୋଟ ଦେଇ ଭୋଟ ଦେବାର ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇ ପାରିବେ । ବିଶେଷ ଭାବେ ନୂତନ ତଥା ଯୁବ ଭୋଟ ଦାତାଗଣ ଏହି ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ଜାଣି ସଚେତନ ହେବାର ଅପୂର୍ବ ସୁଯୋଗକୁ ହାତଛଡା ନ କରିବାକୁ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡା ଜିଲ୍ଲାର ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଜଣାଇଛନ୍ତି । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଛତ୍ରପୁର ଦେବଦତ୍ତ ମହନ୍ତ, ନିର୍ବାଚନ ଡେପୁଟି କଲେକ୍ଟର ରାଜେଶ କୁମାର ଇକ୍କା, ସହକାରୀ ଜିଲ୍ଲାପାଳ ଓମ୍ ପ୍ରକାଶ ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏବଂ ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ମହାମହିମ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ



**ବ୍ରହ୍ମପୁର(ଅମୃତ ମିଡିଆ):** ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ପ୍ରଦେଶର ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ ଜୀ ଙ୍କୁ ଛତ୍ରପୁର ସରକିଟ୍ ହାଉସ୍ ଠାରେ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ । ଏହା ସହ ଶ୍ରୀ ପତି ବ୍ରହ୍ମପୁର ମହାନଗର ନିଗମରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ବିଷୟରେ ମହାମହିମ ରାଜ୍ୟପାଳଙ୍କୁ ଅବଗତ କରାଇଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ,ଜିଲ୍ଲା ଉପସଭାପତି ସୁନିଲ କୁମାର ସାହୁ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,କୁଞ୍ଜବିହାରୀ ପଣ୍ଡା,କମଳ ପାତ୍ର,ମାଳି ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଭୁଲ୍ ଅସ୍ତ୍ରୋପଚାର ଯୋଗୁଁ ଚାଲିଗଲା ମହିଳାଙ୍କ ଜୀବନ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ଥାନା ଅନ୍ତର୍ଗତ ମହିଷାଲଣ୍ଡା ପଂଚାୟତ ସ୍ଥିତ ଦୁଧିଆନାଳି ଗ୍ରାମର ଜନୈକା ମହିଳାଙ୍କର ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜୀବନ ଚାଲିଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ଦୁଧିଆନାଳି ଗ୍ରାମର ନଖି ଶୁଣ୍ଡି ଫ୍ୟାମିଲି ପ୍ଲାନିଙ୍ଗ୍ ପାଇଁ ଅସ୍ତ୍ରୋପଚାର କରିବାକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇଥିବା ବେଳେ ସେଠାରେ ଭୁଲ୍ ଅସ୍ତ୍ରୋପଚାର ଯୋଗୁଁ ମହିଳା ଜଣକ ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କୁ କଟକ ବଡ଼ମେଡ଼ିକାଲ ପଠାଇ ଦିଆଯାଇଥିଲା । ମାତ୍ର ସେଠାରେ ଚିକିତ୍ସା ଚାଲିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ନଖିଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣାରେ ବସି ରହିଥିବା ବେଳେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଂଚିବା ସହ ତହସିଲଦାର ଚୌଧୁରୀ ପ୍ରଜ୍ଞାରଂଜନ ଦାସ, ଉପଜିଲ୍ଲାପାଳ କମଳଜିତ୍ ଦାସ ପହଂଚି ପରିବାରଲୋକଙ୍କୁ ବୁଝାସୁଝା କରିବା ସହ ସରକାଙ୍କର ତରଫରୁ ରେଡକ୍ରସ୍ ପକ୍ଷରୁ ଶବସତ୍କାର ପାଇଁ ସହଯୋଗ ଦେବା ସହିତ ପିଲା ଜନ୍ମ କିମ୍ବା ଅସ୍ତ୍ରୋପଚାର ସମୟରେ ମୃତ୍ୟୁବରଣ କଲେ ମିଳିବାକୁ ଥିବା ସାହାଯ୍ୟ ରଶି ବାବଦକୁ ୪ଲକ୍ଷ ଟଙ୍କା ୨ମାସ ମଧ୍ୟରେ ମୃତକଙ୍କ ପରିବାରଙ୍କୁ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିବା ଜଣାପଡ଼ିଛି । ଫ୍ୟାମିଲି ପ୍ଲାନିଂ ସମୟରେ କିପରି ମହିଳାଙ୍କର ମୃତ୍ୟୁ ହେଲା ଏହାକୁ ନେଇ ତଦନ୍ତ ଜାରି ରହିବା ସହ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ଜଣାପଡ଼ିବ ବୋଲି ଟାଙ୍ଗୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମଧୁସ୍ମିତା ନାୟକ ପ୍ରକାଶ କରିଛନ୍ତି ।

## ଜାତୀୟ ଯୁବ ଦିବସରେ ଭାରତ ପାଇଁ କ୍ରାନ୍ତିର ସଂକଳ୍ପ

# 'ଯୁବ ସମାଜ ସଚେତନ ହୋଇ ଭାରତକୁ କର୍କଟ ମୁକ୍ତ କରନ୍ତୁ'



**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ୱାମୀ ବିବେକାନନ୍ଦଙ୍କ ୧୬୧ ତମ ଜୟନ୍ତୀ ଯଥା ଜାତୀୟ ଯୁବ ଦିବସ ଅବସରରେ 'ଯୁବ ସମାଜ ସଚେତନ ହୋଇ ଭାରତକୁ କର୍କଟ ମୁକ୍ତ କରନ୍ତୁ' ଏହି ବାର୍ତ୍ତା ଯୁବ ସମାଜକୁ ସଂକଳ୍ପ ନେବା ପାଇଁ ବ୍ରହ୍ମା ନଗର ସ୍ଥିତ କ୍ରାନ୍ତି ଅନୁଷ୍ଠାନ ଉଦ୍ୟମରେ ଏମ. କେ.ସି.ଜି. ମେଡିକାଲ କଲେଜ ଠାରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ବ୍ରହ୍ମପୁର ପର୍ଯ୍ୟନ୍ତ ରାଷ୍ଟ୍ରିୟ ନିର୍ମାଣ ସକାଶେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଯୁବକ ଯୁବତୀ ମାନଙ୍କୁ ନେଇ ଏକ ସୁସଜ୍ଜିତ ସ୍ୱାମୀଜୀଙ୍କ ରଥ ବ୍ରହ୍ମପୁର ସହର ପରିକ୍ରମା କରିବା ସହ ସ୍ୱାମୀଜୀଙ୍କ ବାଣୀ ଯୁବ ସମାଜକୁ ଆହ୍ୱାନ କରିବା ସହ ପ୍ରେରଣା ଯୋଗାଇଥିଲା। ପ୍ରାରମ୍ଭରେ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଏମ. କେ.ସି.ଜି. ମେଡିକାଲ କଲେଜ ପରିସରରେ ଥିବା ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଳ ଅର୍ପଣ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ଲୋକସଭା ସାଂସଦ ଚନ୍ଦ୍ରଶେଖର ସାହୁ, ଗଂଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଓଡିଶା କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ବି. ଏମ. ସି ମେୟର ସଂଘମିତ୍ରା ଦଳେଇ ପ୍ରମୁଖ ଯୋଗଦେଇ ସମାଜରେ ଯୁବକମାନେ ସଚେତନ ହୋଇ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହୋଇ ଉତ୍ତମ ରାଷ୍ଟ୍ର ଗଠନ କରିବା ପାଇଁ ଆହ୍ୱାନ ଦେଇ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ନିଷ୍ଠା ଓ ଦୃଢ଼ ବିଶ୍ୱାସ ଦ୍ୱାରା ଦେଶର ପରିବର୍ତ୍ତନ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ।କ୍ରାନ୍ତିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜୟନ୍ତୀ ଓ ପଦଯାତ୍ରା କାର୍ଯ୍ୟକ୍ରମରେ ଅତିଥି ରୂପେ ଆଇ.ଏସ.ଆର. ଡି ନିର୍ଦ୍ଦେଶକ ସୁଧୀର ସାବତ, ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତ,ଲୋକସେବା ମଣ୍ଡଳର ଆଜୀବନ ସଭ୍ୟ ରାଜେନ୍ଦ୍ର କୁମାର ଜେନା, ଆର. ଏମ. ଆଇ. ଟି ସଭାପତି ଇଂ ଜିତେନ୍ଦ୍ର କୁମାର ପଣ୍ଡା, ଗାୟତ୍ରୀ ପରିବାରର ପ୍ରଫୁଲ୍ଲ କୁମାର ଦାସ, ସଖୀ ସେଣ୍ଟର ର ମହେଶ୍ୱତା ପାଢ଼ୀ ଯୋଗଦେଇ ସମାଜରେ ସଚେତନ ଅଭାବରୁ ଯୁବକ ମାନେ କିପରି ନିଶାଗ୍ରସ୍ତ ହୋଇ , ତମାଖୁ ଜାତୀୟ ଦ୍ରବ୍ୟ ଖାଇ କୁପରିଣାମ ଭୋଗୁ ଅଛନ୍ତି, ଏହାର ଯଥାଶିଘ୍ର ବନ୍ଦ କରି ଯୁବ ସମାଜ ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ସମାଜସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନଙ୍କ ସହ କାଲାମ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ସାମନ୍ତରାୟ ଏକାଡେମୀ, ଆର୍ଯ୍ୟାନ ଗୁରୁକୁଳ, କେ.ସି. ପବ୍ଲିକ ସ୍କୁଲ, ଏସ. ଏମ. ଆଇ. ଟି ଆବାସିକ ବିଦ୍ୟାଳୟ, ସିଦ୍ଧ ଭୈରବୀ ଉଚ୍ଚ ମାଧମିକ ବିଜ୍ଞାନ ବିଦ୍ୟାଳୟ ଏବଂ ସେଣ୍ଟ ଜାଭିୟର୍ସ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୮୦୦ ଯୁବକ ଯୁବତୀ ଯୋଗଦେଇ ଶୋଭାଯାତ୍ରାରେ ସ୍ୱାମୀଜୀଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ। ପରିଶେଷରେ ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ସମ୍ମୁଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସମାରୋହରେ କ୍ରାନ୍ତି ଅନୁଷ୍ଠାନର ଡ.ଦେବାନନ୍ଦ ଦାଶ ଅଧକ୍ଷତାରେ ଏକ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୁପେ ବି. ଏମ. ସି ପୂର୍ବତନ ମେୟର ଶିବ ଶଙ୍କର ଦାସ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ପ୍ରଧାନ ଶିକ୍ଷକ ଅଜିତ କୁମାର ମହାପାତ୍ର ଯୋଗ ଦେଇ ସ୍ୱାମୀଜୀଙ୍କ ଯୁବ ସମାଜ ପ୍ରତି ଗୁରୁତ୍ୱ କୁ ସରଳ ଭାଷାରେ ବୁଝାଇଥିଲେ। କ୍ରାନ୍ତି ଅନୁଷ୍ଠାନର ଡ.ଦାଶ ଉପସ୍ଥିତ ଯୁବକ ଯୁବତୀମାନଙ୍କୁ ସଚେତନ ମାଧମରେ କର୍କଟ ମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କ୍ରାନ୍ତି ଅନୁଷ୍ଠାନର ନିର୍ମଳା ଦାଶ, ଦେବରାଜ ରାଉତ, ସରୋଜ କୁମାର ସାହୁ, ସ୍ନିଗ୍ଧା ମହାରଣା, କଲ୍ୟାଣୀ ଦାସ,ଅରୁଣ ପଟ୍ଟନାୟକ, ବରୁଣ ଚୌଧୁରୀ, ଚିନ୍ମୟାନନ୍ଦ ଦାଶ ଓ ବିନାୟକ ପ୍ରସାଦ ନାୟକ ସମେତ ଆଇ. ଏସ. ଆର. ଡି, ସଖୀ (ୱାନ ଗ୍ରୁପ ସେଣ୍ଟର) ଓ କ୍ରାନ୍ତି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***ନିର୍ବାଚନ...***

ନିର୍ଦ୍ଦେଶ ଲୋଡ଼ାଯାଇଛି।ନୂଆ ଆଇନରେ କୁହାଯାଇଛି, ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟାନ୍ୟ ନିର୍ବାଚନ କମିଶନରଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ଏକ ଚୟନ କମିଟିର ସୁପାରିସ କ୍ରମେ ନିଯୁକ୍ତ କରିବେ। ଏହି କମିଟିର ସଦସ୍ୟଭାବେ ଗୃହରେ ବିରୋଧୀ ଦଳ ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ରହିବେ।ପ୍ରଧାନ ବିଚାରପତିଙ୍କୁ ଚୟନ କମିଟିରୁ ବାଦ୍ ଦେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବମାନନା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

***ରାଷ୍ଟ୍ର ...***

କରାଯାଇଛି, ତାକୁ ନେଇ ବିବାଦ ଦେଖାଯାଇଛି। ଗୋଟିଏ କାର୍ ଏହି ବ୍ରିଜ୍‌ରେ ଥରେ ଅତିକ୍ରମ କଲେ ଟୋଲ ବାବଦକୁ ୨୫୦ ଟଙ୍କା ଦେବ। ଯଦି ଉକ୍ତ କାର ସେହି ବ୍ରିଜ୍‌ରେ ପୁଣି ଫେରିବ ବା ରିଟର୍ଣ୍ଣ ଜର୍ଣ୍ଣି କରିବ, ତା'ହେଲେ ୩୭୫ ଟଙ୍କା ଦେବ। ଏହାକୁ ବିରୋଧୀ ଦଳ ଗୁଡ଼ିକ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନିକ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏହି ସେତୁ ଦେଇ ଯା'ଆସ କଲେ ତେଲ ଖର୍ଚ୍ଚ ବଞ୍ଚିବ। ଗୋଟିଏ ଥର ଏ ସେତୁ ଦେଇ ଗଲେ ୫୦୦ ଟଙ୍କା ବଞ୍ଚିବ।

***କୃଷି ...***

ରାଜ୍ୟରେ ରୂପାନ୍ତରୀତ ହୋଇପାରିଛି। ୧୯୯୯-୨୦୦୦ରେ ବଜେଟ୍‌ରେ କୃଷି ପାଇଁ ମାତ୍ର ୭୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଉଥିଲା। ଏବେ ସରକାର ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରୁଥିବା ବେଳେ ସେଥିପାଇଁ ୨୪ ହଜାର କୋଟି ଟଙ୍କା ଆବଂଟନ କରିଛନ୍ତି। ଏହି ସମୟ ଭିତରେ ବଜେଟ୍‌ରେ କୃଷି କ୍ଷେତ୍ରକୁ ବ୍ୟୟବରାଦ ପରିମାଣ ୪ ପ୍ରତିଶତରୁ ବୃଦ୍ଧି ପାଇ ୧୦ ପ୍ରତିଶତରେ ପହଂଚିପାରିଛି। ଅଧିକ ବ୍ୟୟ କରାଯାଉଥିବାରୁ ଲଗାତାର ଭାବେ ଓଡ଼ିଶାର ଅଭିବୃଦ୍ଧି ଜାତୀୟ ହାରଠାରୁ ଅଧିକ ରହିଛି। କୃଷି କ୍ଷେତ୍ରରେ ମହିଳାମାନଙ୍କ ଭାଗ ୬୦ ପ୍ରତିଶତରୁ ଅଧିକ ରହିଛି।'' ଏହି ଅବସରରେ କୃଷି ବିଭାଗର ପ୍ରମୁଖ ସଚିବ ଶ୍ରୀ ଅରବିନ୍ଦ ପାଢ଼ୀ କହିଛନ୍ତି ଯେ, ନ୍ଆମ ମହିଳା ଚାଷୀମାନଙ୍କ ପ୍ରକୃତ ସଶକ୍ତୀକରଣ ଓ ସଂପୃକ୍ତି ଜରିଆରେ ଆମେ ଓଡ଼ିଶାରେ କଷି କ୍ଷେତ୍ରର ରୂପାନ୍ତରଣ କରିବାକୁ ଲକ୍ଷ୍ୟ ରଖିଛୁ।

***ଶ୍ରୀନଅରରେ...***

ହେବେ। ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ସହ ସିସିଟିଭି ଓ ସର୍ଭେଲାନ୍ସ ଟିମ୍, ବୋମା ନିଷ୍କ୍ରିୟକାରୀ ଟିମ୍, ଫେସ୍ ରିଡିଙ୍ଗ ଟିମ୍ ନିୟୋଜିତ ହେବେ। ଶ୍ରୀମନ୍ଦିର ପରିକ୍ରମା ପାଇଁ ସୁରକ୍ଷା ବ୍ୟବସ୍ଥା ୫ ଭାଗରେ ବିଭକ୍ତ।ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଶ୍ରୀମନ୍ଦିର ପରିକ୍ରମା ମାର୍ଗର ୯ ଟି ଗେଟ୍ ରେ ହେବେ ପୋଲିସ ମୁତୟନ। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଦକ୍ଷ ଅଧିକାରୀ ନିୟୋଜିତ ହେବେ। ଯଜ୍ଞ ସ୍ଥଳର ସୁରକ୍ଷା ଓ ଟ୍ରାଫିକ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ୧୬ ଓ ୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ।ସୂଚନା ଥାଉକି, ଜାନୁଆରୀ ୧୭ ତାରିଖ ପୌଷ ଶୁକ୍ଳ ସପ୍ତମୀ ତିଥିରେ ଲୋକାର୍ପିତ ହେବ ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ । ଏଥିପାଇଁ ଆଜିଠାରୁ ଆରମ୍ଭ ହେଉଛି ପୂଜାକାର୍ଯ୍ୟ । ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ୬ ଦିନବ୍ୟାପୀ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବର କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଉତ୍ସବର ପରିବର୍ତ୍ତିତ ତାରିଖ ଓ ଧାର୍ଯ୍ୟ ଶୁଭବେଳାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଚୂଡ଼ାନ୍ତ ମୋହର ମାରିଛି ।

***ଭିଜିଲାନ୍ସ ...***

ଜିତେନ୍ଦ୍ରଙ୍କ ଗାଡ଼ିକୁ ଭିଜିଲାନ୍ସ ଅଧିକାରୀ ଅଟକାଇଥିଲେ। ପରେ ତାଙ୍କ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୧୧, ୧୫, ୪୭୦ ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ। ତେବେ ଏତେ ଟଙ୍କା ଜିତେନ୍ଦ୍ର କେଉଁଠୁ ଆଣିଲେ, ଏହି ଟଙ୍କା କାହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏନେଇ ଭିଜିଲାନ୍ସ ଅଧିକାରୀଙ୍କର ଜିତେନ୍ଦ୍ରଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ଅସ୍ତରଙ୍ଗରେ ଥିବା ଜିତେନ୍ଦ୍ରଙ୍କ ପୈତୃକ ଘର ଓ ତାଳଚେର ଭଡ଼ା ଘରେ ଚଢ଼ାଉ କରିଥିଲା ଭିଜିଲାନ୍ସ।ତାଳଚେର ଭଡା ଘରୁ ୩ ଲକ୍ଷ ଟଙ୍କା ସହ ୩୩୬ ଗ୍ରାମ ସୁନା ଜବତ ହୋଇଥିବା ବେଳେ ଅସ୍ତରଙ୍ଗ ଘରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଛି। ଅଦ୍ୟାବିଧି ମୋଟ୍ ୨୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ନେଇ ଭିଜିଲାନସ୍ ପକ୍ଷରୁ ସୂଚନା ରହିଛି।

### ଅଲ୍ଟିମେଟ ଖୋ ଖୋ ସିଜନ-୨

# ଆଜି ଫାଇନାଲରେ ଗୁଜରାଟ ଜିଆଂଟ୍ସ- ଚେନ୍ନାଇ କ୍ୱିକ ଗନ୍ସ ମୁହାଁମୁହିଁ




**କଟକ(ବ୍ୟୁରୋ):** ୩୨ଟି ମ୍ୟାଚ ଓ ୧୬ ଦିନର ଉତ୍ସାହଜନକ ଖୋ ଖୋ ପରେ ଅଲ୍ଟିମେଟ ଖୋ ଖୋ ସିଜନ ୨ର ଚାମ୍ପିଅନ ପଦ ପାଇଁ ଆସନ୍ତାକାଲି (ଶନିବାର) କଟକର ଜୱାହାରଲାଲ ନେହେରୁ ଷ୍ଟାଡିୟମରେ ଚେନ୍ନାଇ କ୍ୱିକ ଗନ୍ସ ଓ ଗୁଜରାଟ ଜିଆଂଟ୍ସ ମଧ୍ୟରେ ମହାମୁକାବିଲା ହେବ। ଦର୍ଶକଙ୍କ ପସନ୍ଦର ଦଳ ଭାବେ ଚେନ୍ନାଇ କ୍ୱିକ ଗନ୍ସ ମଇଦାନକୁ ଓହ୍ଲାଇବ। ଏହି ଦଳ ଟୁର୍ଣ୍ଣାମେଂଟ୍ ସମୟରେ ସର୍ବୋତମ ଦଳ ଭାବେ ବିବେଚିତ ହୋଇଛି। ଏହି ଦଳ ନିକଟରେ ସର୍ବାଧିକ ପଏଂଟ୍, ସର୍ବାଧିକ ଆଟାକିଙ୍ଗ୍ ପଏଂଟ୍ ଓ ଡିଫେନ୍ସିଭ ପଏଂଟ ରହିଛି। ଏହାଛଡା ଚେନ୍ନାଇ କ୍ୱିକ ଗନ୍ସର ରାମଜୀ କଶ୍ୟପ ଚଳିତ ସିଜନର ସର୍ବୋତମ ଖେଳାଳି, ଲିଗ୍‌ର ସର୍ବୋତମ ଆଟାକର ଓ ସର୍ବୋତମ ଡିଫେଣ୍ଡର ଅଟନ୍ତି। ଚଳିତ ସିଜନରେ କେବଳ ଗୋଟିଏ ମ୍ୟାଚ ହାରିଥିବା ଏହି ଦଳ ଆତ୍ମବିଶ୍ୱାସ ସହ ପ୍ରତିଯୋଗିତା କରିବ କାରଣ ଗୁଜରାଟ ଜିଆଂଟ୍ସ ବିରୋଧରେ ଚେନ୍ନାଇର ଉଭୟ ବିଜୟ ଖୁବ୍ ସହଜ ଥିଲା। ଫାଇନାଲ ପାଇଁ ପ୍ରସ୍ତୁତି ସମ୍ପର୍କରେ ଚେନ୍ନାଇ କ୍ୱିକ ଗନ୍ସର କ୍ୟାପ୍ଟେନ ଅମିତ ପାଟିଲ କହିଛନ୍ତି, 'ସେମି-ଫାଇନାଲରେ ତେଲୁଗୁ ଯୋଦ୍ଧାସ ବିରୋଧରେ ଜିତିବା ପରେ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ବିଜୟ ସିନ୍ଦେ ଓ ରାମଜୀ କଶ୍ୟପ ଏହି ମ୍ୟାଚର ୨ୟ ଇନିଂସରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏବେ ଆମେ ଗୁଜରାଟ ବିରୋଧରେ ଫାଇନାଲ ମ୍ୟାଚ୍ ପାଇଁ ଅପେକ୍ଷା କରିଛୁ। ଆମେ ଫଳାଫଳ ପାଇଁ ଚିନ୍ତା କରୁନାହୁଁ, ଆମର ଲକ୍ଷ୍ୟ ହେଉଛି ମ୍ୟାଚ୍‌ରେ ଆମର ସର୍ବୋତନ ଦକ୍ଷତା ପ୍ରଦର୍ଶିତ କରିବା।' ଅନ୍ୟପକ୍ଷରେ ସେମି-ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଓଡିଶା ଜଗରନଟ୍ସକୁ ପରାଜିତ କରିବା ପରେ ଗୁଜରାଟ ଜିଆଂଟସ ମଧ ଆତ୍ମବିଶ୍ୱାସର ସହ ଫାଇନାଲ ଖେଳିବ। ଗୁଜରାଟର ସୁୟାଶ ଗାରଗାଟେ ଓ ସଙ୍କେତ କଦମ ଭଲ ଫର୍ମରେ ଅଛନ୍ତି। ଗୁଜରାଟ ଜିଆଂଟ୍ସର କ୍ୟାପ୍ଟେନ ଅକ୍ଷୟ ଭଙ୍ଗାରେ କହିଛନ୍ତି, 'ଆମ ଟିମ୍ ସକାରାତ୍ମକ ରହିଛି ଏବଂ ଫାଇନାଲରେ ଚେନ୍ନାଇ କ୍ୱିକ ଗନ୍ସର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି। ସେମିଫାଇନାଲରେ ଦର୍ଶକମାନେ ଆମକୁ ଖୁବ ଉତ୍ସାହିତ କରିଥିଲେ ଏବଂ ଏହା ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିଛି। ଆମେ ସମାନ ଉତ୍ସାହ ସହିତ ଫାଇନାଲ ଖେଳିବୁ।' ସେହିପରି ଆସନ୍ତାକାଲି ଫାଇନାଲ ବ୍ୟତୀତ ତେଲୁଗୁ ଯୋଦ୍ଧାସ୍ ଓ ଓଡିଶା ଜଗରନଟ୍ସ ମଧ୍ୟରେ ୩ୟ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦିତା ହେବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନ୍‌ଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ ଯୁକେ ସ୍ଥିତ ବିଏନ୍‌ପି ଗ୍ରୁପ୍ ସୌଜନ୍ୟରେ ସିରିଜ୍ ଏ ଫଣ୍ଡିଙ୍ଗ୍ ପ୍ରାପ୍ତ କରିଥିବା ପ୍ରଥମ ଇଣ୍ଡିଆନ୍ ସ୍ପୋର୍ଟସ୍ ଲିଗ୍‌ରେ ପରିଣତ ହୋଇଛି। ସେହିପରି ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚ୍‌ର ଲାଇଭ୍ କଭରେଜ ସହିତ ସିଜନ୍ ୨ର ଉତ୍ସାହଜନକ ଆକ୍ସନ ସୋନି ସ୍ପୋର୍ଟସ୍ ନେଟ୍‌ୱର୍କର ଚ୍ୟାନେଲ ଓ ସୋନି ଲିଭ୍‌ରେ ଟେଲିକାଷ୍ଟ ବା ପ୍ରସାରିତ ହେଉଛି।

## ଉତ୍ସାହିତ ଥିଲେ ବାଣୀ



**ବ**ଲିଉଡ ଅଭିନେତ୍ରୀ ବାଣୀ କପୁର ପ୍ରଥମଥର ପାଇଁ ନାୟକ ଅଜୟ ଦେବଗନଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି। ଅପକମିଂ ଡ୍ରାମା ମୁଭି 'ରେଡ ୨'ରେ ସେ ଅଜୟଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି। ଦ ମଚ ଆୱେଟେଡ ସିକ୍ୱେଲ ମୁଭି 'ରେଡ ୨' ଜାନୁୟାରୀ ୬ରେ ଫ୍ଲୋରକୁ ଆସିଛି। ନିଜର ଉତ୍ସାହକୁ ଶେୟାର କରି ବାଣୀ ଲେଖିଛନ୍ତି, ସବୁବେଳେ ଅନେକ ଲୋକ ଅପେକ୍ଷା କରି ରହିଥାଆନ୍ତି ଏହି ଅଭିନେତାଙ୍କ ସହ ଅଭିନୟ କରିବାକୁ। ମୁଁ ହେଉଛି ଅଜୟଙ୍କ ଜଣେ ବଡ ଫ୍ୟାନ। ସେ ସବୁବେଳେ ଯେମିତି ଢଙ୍ଗରେ କ୍ୟାମେରାକୁ ଫେସ୍ କରନ୍ତି ମୁଁ ତା'ର ଜଣେ ବଡ ଦିୱାନା। ଆଉ ଏହି ନାୟକଙ୍କ ସହ କାମ କରିବା ବା ସ୍କ୍ରିନ ଶେୟାର କରିବା ମୋ ପାଇଁ କୌଣସି ସମ୍ମାନଠାରୁ କମ ନୁହେଁ ବୋଲି କହିଛନ୍ତି ଅଭିନେତ୍ରୀ। ବଲିଉଡ ମୁଭି 'ରେଡ ୨'ର ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା। ତେବେ ଜଣେ ଅଭିନେତ୍ରୀ ଭାବେ ସେଟରେ ତାଙ୍କର ଅଭିନୟକୁ ଅବଜରଭ କରିବା ମୋ ଏକ୍ସପିରିଏନ୍ସରେ ଏକ ବଡ ଫର୍ଦ୍ଦ ଯୋଡି ଦେଇଛି।

## ସିଲି ପଏଣ୍ଟ୍: ଜୋକୋଭିକ ଖେଳିଲେ କ୍ରିକେଟ୍, ସ୍ମିଥ୍ ଖେଳିଲେ ଟେନିସ୍



**ମେଲ୍‌ବର୍ଣ୍ଣ :** ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ପୂର୍ବରୁ ମେଲ୍‌ବର୍ଣ୍ଣର ରଡ୍ ଲାଭର ଏରିନାରେ ପ୍ରଶଂସକମାନେ ଗୁରୁବାର ଟେନିସ କିଂବଦନ୍ତି ନୋଭାକ ଜୋକୋଭିକ ଓ କ୍ରିକେଟ୍ ମହାନ ଷ୍ଟିଭ୍ ସ୍ମିଥ୍‌ଙ୍କ ପରାକ୍ରମ ଦେଖିବାକୁ ପାଇଛନ୍ତି। ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍‌ର ମୁଖ୍ୟ ଡ୍ର' ଆରମ୍ଭ ପୂର୍ବରୁ ଜୋକୋଭିକ ଓ ସ୍ମିଥ୍ ନିଜର ନିୟମିତ ଖେଳ ବଦଳରେ ଯଥାକ୍ରମେ କ୍ରିକେଟ୍ ଓ ଟେନିସ ଖେଳି ପ୍ରଶଂସକଙ୍କ ମନ ଜିଣିଛନ୍ତି। ରେକର୍ଡ ୨୪ ଗ୍ରାଣ୍ଡସ୍ଲାମ୍ ବିଜେତା ଜୋକୋଭିକ ବ୍ୟାଟିଂ କରି ବଲ୍‌କୁ ଷ୍ଟାଣ୍ଡରେ ପକାଇଥିଲା ବେଳେ ସ୍ମିଥ୍ ଫୋର ହ୍ୟାଣ୍ଡ୍ ରିଟର୍ନ ସଟ୍ ଖେଳିଛନ୍ତି।

## ଜାତୀୟ ଦୃଷ୍ଟିହୀନ ମହିଳା ଟି୨୦ : ଫାଇନାଲରେ ଓଡ଼ିଶା



**କଟକ(ବ୍ୟୁରୋ) :** ବେଙ୍ଗାଲୁରୁରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ ମହିଳା ଟି୨୦ କ୍ରିକେଟ ଚମ୍ପିଆନସିପର ଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଗୁରୁବାର ଜିମ୍‌ଖାନ୍ନା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୧୯ରନରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ହରାଇ ୧୮୩ରନ କରିଥିଲା। ଝିଲି ବିରୁଆ ୮୨, ମୁନି ପୂର୍ତ୍ତି ୪୪, ପାର୍ବତୀ ମାଣ୍ଡିଂ ୨୦ରନ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୬ ୱିକେଟରେ ୧୬୪ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ରଚନା ଜେନା ୨ଟି ୱିକେଟ ନେଇଥିଲେ। ଝିଲି ବିରୁଆ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲରେ କର୍ଣ୍ଣାଟକ-ଦିଲ୍ଲୀକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଫାଇନାଲ ଶୁକ୍ରବାର ଖେଳାଯିବ। ଓଡ଼ିଶା କ୍ରମାଗତ ୪ର୍ଥ ଥର ଲାଗି ଫାଇନାଲ ଖେଳିବ।

## ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଭୂଷିତ ହେଲା ଡିଏଭି ଭଞ୍ଜନଗର

**ଭଞ୍ଜନଗର(ଅମୃତ ମିଡିଆ) :** ଡିଏଭି ବିଦ୍ୟାଳୟ ଜାତୀୟ ସ୍ତରୀୟ ପ୍ରତିଯୋଗୀତାରେ ପ୍ରଥମ ଥର ଅଂଶଗ୍ରହଣ କରି ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗରର ଛାତ୍ରମାନେ ଇତିହାସ ସୃଷ୍ଟି କରିଛନ୍ତି। ଡିଏଭି ପାନିପଥ ପରିସରରେ ତା୦୭.୧.୨୦୨୪ରିଖଠ ତା୦୮.୦୧.୨୦୨୪ରିଖରେ ହେଇଥିବା ତୀରନ୍ଦାଜୀ ପ୍ରତିଯୋଗିତାରେ ଡିଏଭି ଭଞ୍ଜନଗର ତରଫରୁ ଏହି ବିଦ୍ୟାଳୟର ନବମ ଶ୍ରେଣୀରେ ପଢୁଥିବା ଛାତ୍ର ହେମନ୍ତ କୁମାର ସେଠୀ ଭାଗନେଇ ତିରିଶ ମିଟର ଓ ପଚାଶ ମିଟର ରେ ଯଥାକ୍ରମେ ବ୍ରୋଞ୍ଜ ଓ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ତାଇକୁଣ୍ଡ୍ ପ୍ରତିଯୋଗିତାରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ର ସୁଦୀପ୍ କୁମାର ବେହେରା, ପ୍ରତ୍ୟୁଷ କୁମାର ପ୍ରଧାନ , ଦ୍ରୁ ପ୍ରସାଦ ପ୍ରଧାନ ଓ ଆୟୁଷ କୁମାର ପଣ୍ଡା ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ ।ପ୍ରତ୍ୟୁଷ କୁମାର ପ୍ରଧାନ ୧୪ବର୍ଷରୁ କମ୍ ୪୫କିଗ୍ରା ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟ ଲାଭ କରିଥିଲେ । ଗାଇଡ୍ ଶିକ୍ଷକ ଭାବରେ ଶ୍ରୀ ଗଣେଶ ବାହାଦୂର ଓ ଶ୍ରୀ ରମାବଲ୍ଲବ ପ୍ରଧାନ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ତରଫରୁ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ବାସୁଦେବ ପାଣିଗ୍ରାହୀ ସମ୍ମାନୀତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।କୃତି ପ୍ରତିଯୋଗୀଙ୍କୁ ଅଭିଭାବକ ମହଲରୁ ବିପୁଳ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା।




## କୋହଲିଙ୍କୁ ଚିହ୍ନିନାହାନ୍ତି ରୋନାଲ୍‌ଡୋ

**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ୍ ତାରକା ବିରାଟ କୋହଲି ବିଶ୍ୱରେ ଜଣେ ବିଶିଷ୍ଟ ବ୍ୟକ୍ତି ବା ଆଇକନ୍ ଭାବେ ପରିଚିତ। ତାଙ୍କର ଚମତ୍କାର ବ୍ୟାଟିଂ ଦକ୍ଷତା ଯୋଗୁଁ ସାରାବିଶ୍ୱରେ କୋହଲିଙ୍କର ଅଗଣିତ ପ୍ରଶଂସକ ରହିଛନ୍ତି। ସେମାନଙ୍କ ହୃଦୟରେ ରାଜୁତି କରୁଛନ୍ତି ବିରାଟ। ସାରାବିଶ୍ୱର ବୋଲରଙ୍କ ବିରୋଧରେ ପ୍ରାଧାନ୍ୟ ବିସ୍ତାରକରି ବ୍ୟାଟିଂ କରିବାର ଦକ୍ଷତା ଯୋଗୁଁ କୋହଲି କୋଟିକୋଟି ପ୍ରଶଂସକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ତାଙ୍କର ଉଚ୍ଚକୋଟୀର ବ୍ୟାଟିଂ ଓ ଦଳକୁ ଜିତାଇବାର ଜିଦ୍ ଯୋଗୁଁ କୋହଲି ବିଶ୍ୱର ଅନ୍ୟତମ ଲୋକପ୍ରିୟ କ୍ରୀଡ଼ାବିତ୍ ପାଲଟି ଯାଇଛନ୍ତି। ହେଲେ ଗତ ଗୁରୁବାର ସାମାଜିକ ଗଣମାଧ୍ୟମ ସ୍ତବ୍ଧ ହୋଇ ଯାଇଥିଲା; ଯେତେବେଳେ ବ୍ରାଜିଲର ଫୁଟ୍‌ବଲ କିମ୍ବଦନ୍ତୀ ରୋନାଲ୍‌ଡୋ ଭାରତର ବିରାଟ କୋହଲିଙ୍କୁ ଚିହ୍ନିନାହାନ୍ତି ବୋଲି ମନା କରି ଦେଇଥିଲେ। ରୋନାଲ୍‌ଡୋଙ୍କୁ ଜଣେ ୟୁଟ୍ୟୁବର ହିଁ ବିରାଟଙ୍କ ବିଷୟରେ ପ୍ରଶ୍ନ କରିଥିଲେ। ସେମାନଙ୍କ ବାର୍ତ୍ତାଳାପ ଏହିପରି ଥିଲା।

ୟୁଟ୍ୟୁବ୍: ତୁମେ ବିରାଟ କୋହଲିଙ୍କୁ ଜାଣିଛ ରୋନାଲ୍‌ଡୋ: ସେ କିଏ

ୟୁଟ୍ୟୁବ୍: ତୁମେ ବିରାଟ କୋହଲିଙ୍କୁ ଜାଣିନାହଁ ?

ରୋନାଲ୍‌ଡୋ: ସେ କ'ଣ କରନ୍ତି ? ଜଣେ ଖେଳାଳି ?

ୟୁଟ୍ୟୁବ୍: ସେ ଜଣେ କ୍ରିକେଟ୍ ଖେଳାଳି।

ରୋନାଲ୍‌ଡୋ: ଆମ ଅଞ୍ଚଳରେ ସେ ସେତେ ଲୋକପ୍ରିୟ ନୁହନ୍ତି।

ୟୁଟ୍ୟୁବ୍: ସେ ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ୍ ଖେଳାଳି। ପାକିସ୍ତାନର ବାବର ଆଜମ୍‌ଙ୍କ ପରି ବିରାଟ କୋହଲି ଚମତ୍କାର କ୍ରିକେଟ୍ ଖେଳିଥାଆନ୍ତି। ବୋଧହୁଏ ତୁମେ ବିରାଟଙ୍କୁ ଦେଖିନାହଁ। (ପରେ ୟୁଟ୍ୟୁବର ଜଣକ ବିରାଟ କୋହଲିଙ୍କ ଫଟୋ କାଢ଼ି ରୋନାଲ୍‌ଡୋଙ୍କୁ ଦେଖାଇଥିଲେ)।

ରୋନାଲ୍‌ଡ: ହଁ, ସତକଥା।

୧୪ ମାସ ପରେ ବିରାଟ କୋହଲି ଭାରତୀୟ ଟ୍ୱେଣ୍ଟି୨୦ ଦଳକୁ ଫେରିଛନ୍ତି। ଫଳରେ ସେ ଜୁନ୍‌ରେ ହେବାକୁ ଥିବା ଟ୍ୱେଣ୍ଟି୨୦ ବିଶ୍ୱକପ୍‌ରେ ଖେଳିବା ସ୍ପଷ୍ଟ ହୋଇଯାଇଛି।

## ହେଲିକପ୍ଟରରେ ପଡ଼ିଆରେ ଓହ୍ଲାଇଲେ ଡେଭିଡ୍ ୱାର୍ଣ୍ଣର୍

**ସିଡନୀ :** ଶୁକ୍ରବାର ସିଡନୀ କ୍ରିକେଟ୍ ଗ୍ରାଉଣ୍ଡରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଥିଲା ଯେତେବେଳେ ଅଷ୍ଟ୍ରେଲିଆର ଓପନର ଡେଭିଡ୍ ୱାର୍ଣ୍ଣର ଫିଲ୍ମି ଷ୍ଟାଇଲରେ ପଡ଼ିଆକୁ ଓହ୍ଲାଇଥିଲେ। ବିଗ୍ ବ୍ୟାସ୍ ଲିଗ୍ ରେ ସିଡନୀ ଥଣ୍ଡର ଓ ସିଡନୀ ସିକ୍ସର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଡେଭିଡ୍ ୱାର୍ଣ୍ଣର ସିଧାସଳଖ ହେଲିକପ୍ଟରରୁ ଓହ୍ଲାଇଥିଲେ। ନିକଟରେ ଟେଷ୍ଟ ଓ ଦିନିକିଆକୁ ବିଦାୟ ଦେଇଥିବା ଡେଭିଡ୍ ୱାର୍ଣ୍ଣର ହଣ୍ଟର ଭ୍ୟାଲିରେ ଥିବା ତାଙ୍କ ଭାଇଙ୍କ ବିବାହକୁ ଯାଇଥିଲେ। ଯେଉଁଠାରୁ ସେ ପଡ଼ିଆକୁ ଉଡ଼ିଥିଲେ। ଡେଭିଡ୍ ୱାର୍ଣ୍ଣରଙ୍କ ହେଲିକପ୍ଟର ଆଉଟଫିଲ୍ଡର ସେହି ସ୍ଥାନରେ ଅବତରଣ କରିଥିଲା ଯେଉଁଠାରେ ତାଙ୍କ ବିଦାୟ ପରୀକ୍ଷଣ ସମୟରେ "ଧନ୍ୟବାଦ ଡେଭ୍" ଲୋଗୋ ପ୍ରଦର୍ଶିତ ହୋଇଥିଲା। ଡେଭିଡ୍ ୱାର୍ଣ୍ଣର ଏଭଳି ଫିଲ୍ମୀ ଶୈଳୀରେ ଷ୍ଟାଡିୟମରେ ପହଞ୍ଚିବା ପରେ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ୱାର୍ଣ୍ଣରଙ୍କ ଏହି ଷ୍ଟାଇଲକୁ ନେଇ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚା ହେଉଛି । ଡେଭିଡ୍ ୱାର୍ଣ୍ଣର ଚ୍ୟାନେଲ-୭କୁ କହିଛନ୍ତି, ମୁଁ ଏଠାକୁ ଆସିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛି ଏବଂ ଆଶା କରୁଛି କିଛି ରନ୍ ସଂଗ୍ରହ କରିବି। ସିଡନୀ ଥଣ୍ଡର ଦ୍ରୁତ ବୋଲର ଗୁରିନ୍ଦର ସାନ୍ଧୁ କହିଛନ୍ତି, ସେ ଟିମକୁ ଆସିବା ଆନନ୍ଦର କଥା । ଗତବର୍ଷ ସେ ଆମ ପାଇଁ ଚମତ୍କାର ଖେଳିଥିଲେ, କିନ୍ତୁ ସେ ଯେତିକି ରନ୍ କରିବାକୁ ଚାହୁଁଥିଲେ, ସେତିକି ରନ୍ କରିନଥିଲେ। କିନ୍ତୁ ଦଳରେ ସେ ରହି ଅଭିଜ୍ଞତା ବାଣ୍ଟିବା ଅଦ୍ଭୁତ ଥିଲା ।



## ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟିର ତୃତୀୟ ଦିବସରେ ଫୁଟ୍‌ବଲ ଖେଳ

**ଦଶପଲ୍ଲା(ଅମୃତ ମିଡିଆ) :** ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ତୃତୀୟ ଦିନ ଲିଗ ପ୍ରତିଯୋଗିତାରେ ଆଜି ମା କାମାକ୍ଷ୍ୟା ସ୍ପୋର୍ଟ୍ସ କ୍ଲବ, ବିହାର ୧ ଟି ଗୋଲ ଦେଇଥିଲା। ପତକା କ୍ଲବ, ଅନୁଗୁଳ କୁଣସି ଗୋଲ ପରିଶୋଧ କରିପାରି ନଥିଲେ । ୧-୦ ଗୋଲ ରେ ବିହାର ଦଳ ବିଜୟ ଲାଭ କଲା। ଆଜିର ଖେଳ ପରିଚାଳନା କରୁଥିଲେ ପ୍ରସନ୍ନ କୁମାର ନାୟକ , ଲାଇନ୍ସ ରେ ପ୍ରତାପ ମୁଦୁଲି ଓ ରବିନ୍ଦ୍ରନାଥ ନାୟକ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ବ୍ଲକ ର ଆକାଉଣ୍ଟ ଅଫିସର ଶ୍ରୀଯୁକ୍ତ ମନୋଜ କୁମାର ବେଉରା ମହୋଦୟ ଉପସ୍ଥିତ ଥିଲେ।



## ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ପ୍ରତିଯୋଗିତା

**ଦଶପଲ୍ଲା(ଅମୃତ ମିଡିଆ) :** ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ଦ୍ୱିତୀୟ ଦିବସରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ପ୍ରତିଯୋଗିତାରେ ଏମ. ଜେ . ବି. ୟୁନାଇଟେଡ଼, ସରୋଜିନୀ ନଗର, ନୂଆଦିଲ୍ଲୀ ୪ ଟି ଗୋଲ ଦେଇଥିଲା। ଭଞ୍ଜନଗର ଫୁଟବଲ ଏକାଡେମୀ, ଭଞ୍ଜନଗର ୩ ଟି ଗୋଲ ପରିଶୋଧ କରିଥିଲା । ଟ୍ରାଇବ୍ରେକାର ସାହାଯ୍ୟରେ ୪-୩ଗୋଲ ରେ ନୂଆଦିଲ୍ଲୀ ବିଜୟଲାଭ କଲା। ଆଜିର ଖେଳ ପରିଚାଳନା କରୁଥିଲେ ସୋପ୍ନେଶ୍ୱର କହର , ଲାଇନ୍ସ ରେ ପ୍ରତାପ ମୁଦୁଲି ଓ ରବୀନ୍ଦ୍ର ନାଥ ନାୟକ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ଥାନା ଅଧିକାରୀ ଶ୍ରୀଯୁକ୍ତ ମୁକେଶ କୁମାର ବେହେରା ମହୋଦୟ ଉପସ୍ଥିତ ଥିଲେ।



### ୪ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

## ମହାବୀର ଏକଦଶକୁ ହରାଇ ସେମିଫାଇନାଲରେ ବସ୍ତର ଏକଦଶ

**ଚନ୍ଦାହାଣ୍ଡି(ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମଠାରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେଉଛି। ପାନାବେଡ଼ା ମାଟିର ବରପୁତ୍ର ତଥା ପୂର୍ବତନ ଶିକ୍ଷରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଉଦେଶ୍ୟରେ ଚାଲିଥିବ। ଏହି ପ୍ରତିଯୋଗିତାରେ ତୃତୀୟ ଦିବସରେ ମହାବୀର ଏକଦଶ ଦଳକୁ ହରାଇ ବସ୍ତର ଏକାଦଶ ସେମି ଫାଇନାଲରେ ପହଞ୍ଚିଛି। ତୃତୀୟ ଦିବସରେ ମହାବୀର ଏକାଦଶ ବନାମ ବସ୍ତର ଏକାଦଶ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ମହାବୀର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ବାସୁଙ୍କ ବିସ୍ଫୋରକ ୩୯ ବଲରେ ୭୬ ରନ ସହାୟତାରେ ୨୪୧ ରନ ସଂଗ୍ରହ କରିଥିଲେ। ୨୪୧ ରନର ବିଶାଳ ବିଜୟ ଲକ୍ଷ୍ୟକୁ ବସ୍ତର ଏକଦଶ ଦଳ ପିଛାକାରୀ ୧୯.୧ ବଲରେ ଅମନଙ୍କ ବିସ୍ଫୋରକ ଶତକ ୫୫ ବଲରେ ୧୪୯ ରନ ସହାୟତାରେ ବସ୍ତର ଏକଦଶ ଦଳ ବିଜୟ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଆଜିର ମ୍ୟାଚରେ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀଯୁକ୍ତ ବିଶିକେଶନ ପାତ୍ରୀ (ପୂର୍ବତନ ଅଧ୍ୟାପକ)ଯୋଗଦେଇ ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ଶତକ ଅର୍ଜନ ଅମନ୍‌କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ମ୍ୟାଚରେ ଭାଷ୍ୟକାର ଭାବେ ସଂଗ୍ରାମ କେଶରୀ ସାହୁ, ସ୍କୋରର ଭାବେ ପ୍ରକାଶ, ରାକେଶ, ତପୁନ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ଜଗଦୀଶ, ପ୍ରତାପ, ଧନେଶ୍ୱର, ପପୁନ, କନ୍ଦର୍ପ, ବଳିଆ, ପରମେଶ୍ୱର, ଗୁପ୍ତେଶ୍ୱର ପ୍ରମୁଖ ସହ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ମ୍ୟାଚ ଦେଖିବାକୁ ଆଖପାଖ ଅଞ୍ଚଳରୁ ବୋହୁ ଦର୍ଶକଙ୍କ ସମାଗମ ହୋଇଥିଲା।




## ବାଲେଶ୍ୱର ଜିଲ୍ଲା କବାଡି ପ୍ରତିଯୋଗୀତା ଉଦ୍‌ଘାଟିତ

**ବାଲେଶ୍ୱର(ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ଆନୁକୁଲ୍ୟରେ ବାର୍ଷିକ କବାଡି ପ୍ରତୀଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ଜିଲ୍ଲା କ୍ରୀଡା ସଂଘର ବରିଷ୍ଟ ସଭ୍ୟ ତଥା ପୁର୍ବତନ ଉପ ସଭାପତି ଶ୍ରୀ ସନ୍ତୋଷ କୁମାର ଦାସ ଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗଦିଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ଅଧୀପ ଦାସ ବିଗତ ଦିନରେ ଥିବା ଜିଲ୍ଲାର କବାଡି ଖେଳର ପ୍ରର୍ଦଶନ କଥା ମନେ ପକାଇ ଥିଲେ ଏବଂ ବର୍ତମାନ କିଭଳି କବାଡିର ଉନ୍ନତି ହୋଇ ପାରିବା ସେ ମତବ୍ୟକ୍ତ କରିଥିଲେ ଓ ପୁର୍ବତନ କ୍ରୀଡା ଶିକ୍ଷକ ଶ୍ରୀ ସନାତନ ଲେଙ୍କା ଙ୍କ କବାଡି ଖେଳର ଉନ୍ନତି ପାଇଁ ଅବଦାନ ସର୍ମ୍ପକରେ ତାଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ । ଏହି ସଭାରେ ଉପ ସଭାପତି-ଅମର କୁମାର ମହାନ୍ତି, ,ନିମାଇଁ ଚରଣ ରାଉତରାୟ,ଜନ୍ମଜୟ ଦେ, ସଂଜୟ ଲେଙ୍କା,ଅଜିତ ପାତ୍ର, ଏବଂ ଖେଳ ପରିଚାଳନା ପାଇଁ ଆସିଥିବା ରେଫେଂରି ମାନେ ଉପସ୍ଥିତ ଥିଲେ । ଯୁଗ୍ମ ସମ୍ପାଦକ ଶ୍ରୀ ବିରେନ୍ଦ୍ର କୁମାର ସ୍ୱାଇଁ ଆଜିଦିନର କବାଡି ଖେଳର ପରିଚାଳନା ଦାଇତ୍ୱ ବହନ କରିଥିଲେ । ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ । ଏହି ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ର ବିଭିନ୍ନ ପ୍ରାନ୍ତରୁ ୬ ଟି ମହିଳା ଦଳ ଏବଂ ୧୨ ଟି ପୁରୁଷ ଦଳ ଅଂଶ ଗ୍ରହଣ କରିଛନ୍ତି । ଜିଲ୍ଲା କ୍ରୀଡା ସଂଘର କବାଡି ଯୁଗ୍ମ ସମ୍ପାଦକ ଶ୍ରୀ କାର୍ତିକ ଚନ୍ଦ୍ର ନାୟକ ଧନ୍ୟବାଦ ଜଣାଇଥିଲେ । ଆଜିର ଖେଳରେ ପୁରୁଷ ବିଭାଗରେ ବାଲେଶ୍ୱର ୟୁଥ ଏ ,ଏସ.ଆର.କ୍ଲବ ,ବାଲିଆପାଳ,ପରିକ୍ଷି ସେଭେନ ଷ୍ଟାର କ୍ଲବ ସେହିପରି ମହିଳା ବିଭାଗରେ ବାଲେଶ୍ୱର ୟୁଥ ଏ ସେମିଫଂାଇନକୁ ଉତିନ୍ନ ହୋଇଛନ୍ତି ବୋଲି ଖେଳପରିଚାଳକ ଯୁଗ୍ମ ସମ୍ପାଦକ ଶ୍ରୀ ବିରେନ୍ଦ୍ର କୁମାର ସ୍ୱାଇଁ ଜଣାଇଛନ୍ତି ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by Niranjan Patra on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra


₹ 5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.